
୬୬ତମ ବର୍ଷ | ୨୪ ନଭେମ୍ବର, ୨୦୨୩ | ଚତୁର୍ଥ ସଂଖ୍ୟା



# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ – ୬୦୫ ୦୦୨



**୨୪ ନଭେମ୍ବର ୨୦୨୩**

ସତାନବେତମ ପବିତ୍ର ସିଦ୍ଧି ଦିବସରେ ପରମ ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟ ଜନନୀ ଶ୍ରୀମାଙ୍କ
ଚରଣ କମଳରେ ଆମର କୃତଜ୍ଞତାପୂର୍ଣ୍ଣ ବିନମ୍ର ପ୍ରଣାମ ।

୬୬ତମ ବର୍ଷ ୨୪ ନଭେମ୍ବର, ୨୦୨୩ ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୨୩]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... | ୫ |
| ମାତୃବାଣୀ | ... | ... | ... | ୬ |
| ଯାହା ଆମର ପ୍ରଥମେ କରଣୀୟ | ... | ଶ୍ରୀଅରବିନ୍ଦ | ... | ୯ |
| ଧମ୍ମପଦ (୪) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ... | ୧୦ |
| ଦିବ୍ୟଲୀଳା | ... | ଶ୍ରୀଅରବିନ୍ଦ | ... | ୧୪ |
| ଶ୍ରୀମା'ଙ୍କର ଏକ ବାର୍ତ୍ତା | ... | ... | ... | ୧୬ |
| ଗୀତାର ଅସାମାନ୍ୟତା | ... | ଶ୍ରୀଅରବିନ୍ଦ | ... | ୧୭ |
| କର୍ମର ଆନନ୍ଦ | ... | ଶ୍ରୀଅରବିନ୍ଦ | ... | ୧୮ |
| ଚେତନାର ବିପୁଳତା ଓ ପ୍ରସାର (ଆଶ୍ରମ ଛାତ୍ରଛାତ୍ରୀମାନଙ୍କ ସହ ଶ୍ରୀମା'ଙ୍କ କଥୋପକଥନ) | ... | ... | ... | ୨୧ |
| ପରିତ୍ୟାଗର ବିଡ଼ମ୍ବନା | ... | ଶ୍ରୀମା | ... | ୨୩ |
| ୧୯୨୬ ମସିହା ନଭେମ୍ବର ମାସ ୨୪ ତାରିଖ | ... | ଶ୍ରୀ ନୀରଦବରଣ | ... | ୨୪ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୭ |
| ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୩୦ |
| ସବୁ ସମୟରେ ସମାଜ ସାହିତ୍ୟଠାରୁ ମହତ୍ତର ନୁହେଁ ! | ... | ଶ୍ରୀ ମନୋଜ ଦାସ | ... | ୩୫ |
| ଯୁଯୁଧାନ (କବିତା) | ... | ଶ୍ରୀଅରବିନ୍ଦ | ... | ୩୯ |
| ନବଯୁଗର ଆହ୍ୱାନ | ... | ଶ୍ରୀ ପ୍ରପତ୍ତି | ... | ୪୦ |
| ଅତିକ୍ରମଣ | ... | ଶ୍ରୀ ଚନ୍ଦ୍ରଶେଖର ରଥ | ... | ୪୩ |
| ଜୀବକୋଷର ଯୋଗ | ... | ମମତା ଦାଶ | ... | ୪୫ |
| ଜୀବନ-ଜିଜ୍ଞାସା | ... | ଶ୍ରୀ ଅନିର୍ବାଣ | ... | ୪୮ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଯୋଗବାଶିଷ୍ଠ ରାମାୟଣ (୩) | ... | ... | ... | ୫୧ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ସୂକ୍ଷ୍ମସ୍ପନ୍ଦନସବୁକୁ ଅନୁଭବ କରିବାର ସାମର୍ଥ୍ୟ | ... | ଶ୍ରୀମା | ... | ୫୫ |

**ଶେଷ ପୃଷ୍ଠା :**

| | | | | |
|---|---|---|---|---|
| ସ୍ୱଧର୍ମ ଓ ପୂର୍ଣ୍ଣଯୋଗ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୯ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ... | ୬୧ |


❖

## ଶ୍ରୀଅରବିନ୍ଦଙ୍କ ବାଣୀ

The ascent of man into heaven is not the key, but rather his ascent here into the spirit and the descent also of the spirit into his normal humanity and the transformation of this earthly nature. For that and not some post mortem salvation is the real new birth for which humanity waits as the crowning movement of its long obscure and painful course.

(CWSA, Vol. 25, p. 265) –Sri Aurobindo

ମଣିଷର ସ୍ୱର୍ଗକୁ ଆରୋହଣ କରିବା ମୁଖ୍ୟ ନୁହେଁ, ବରଂ ଏହା ରହିଛି ଏଇଠି ଆତ୍ମସତ୍ତା ମଧ୍ୟକୁ ଆରୋହଣ କରିବା ତଥା ଆତ୍ମସତ୍ତାର ମଧ୍ୟ ସାଧାରଣ ମାନବତା ମଧ୍ୟକୁ ଅବତରଣ କରିବା ଏବଂ ଏଇ ପାର୍ଥିବ ପ୍ରକୃତିର ରୂପାନ୍ତର ମଧ୍ୟରେ । ଏଇଥି ପାଇଁ ମାନବଜାତି ତା'ର ସୁଦୀର୍ଘ, ଅସ୍ପଷ୍ଟ ଏବଂ ଯନ୍ତ୍ରଣାଦାୟକ ପଥର ଚରମ ପରିଣତି ରୂପେ ଏହି ଯଥାର୍ଥ ନବଜନ୍ମ ଲାଗି ଅପେକ୍ଷା କରି ରହିଛି, ଏକ ମରଣୋତ୍ତର ମୁକ୍ତି ଲାଗି ନୁହେଁ ।

— ଶ୍ରୀଅରବିନ୍ଦ



# ମାତୃବାଣୀ

We must face life as a whole, with all the ugliness, falsehood and cruelty it still contains, but we must take care to discover in ourselves the source of all goodness, all beauty, all light and all truth, in order to bring this source consciously into contact with the world so as to transform it.

This is infinitely more difficult than running away or shutting our eyes so as not to see, but it is the only truly effective way – the way of those who are truly strong and pure and capable of manifesting the Truth.

– The Mother

ଆମକୁ ସମଗ୍ର ଭାବେ ଜୀବନର ସମ୍ମୁଖୀନ ହେବାକୁ ହେବ, ତାହା ଭିତରେ ତଥାପି ଯାହାକିଛି କୁତ୍ସିତତା, ମିଥ୍ୟାଚାର ଓ ନିଷ୍ଠୁରତା ରହିଛି ସେସବୁର ସମ୍ମୁଖୀନ ହେବାକୁ ହେବ, କିନ୍ତୁ ଆମ ନିଜ ଭିତରେ ସମସ୍ତ ମଙ୍ଗଳର, ସମସ୍ତ ସୌନ୍ଦର୍ଯ୍ୟର, ସମସ୍ତ ଆଲୋକ ଓ ସତ୍ୟର ଯେଉଁ ଉତ୍ସ ରହିଛି ତାହାର ଆବିଷ୍କାର ପାଇଁ ଆମକୁ ଯତ୍ନ ନେବାକୁ ହେବ, ଯାହା ଫଳରେ ଆମେ ସଚେତ ଭାବରେ ଏହି ଉତ୍ସଟିକୁ ଜଗତ୍ ସହିତ ସମ୍ବନ୍ଧିତ କରି ରଖିପାରିବା ତା'ର ରୂପାନ୍ତର ନିମନ୍ତେ ।

ପଳାୟନ କରିବା ବା ଏଗୁଡ଼ିକୁ ନ ଦେଖିବା ପାଇଁ ଆଖି ବନ୍ଦ କରିଦେବା ଅପେକ୍ଷା ଏହା ଅନନ୍ତ ଗୁଣରେ ଅଧିକ କଷ୍ଟସାଧ, କିନ୍ତୁ ଏହା ହେଉଛି ଏକମାତ୍ର ଫଳପ୍ରଦ ଉପାୟ — ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଉପାୟ, ଯେଉଁମାନେ ଦୃଢ଼ ଓ ଶୁଦ୍ଧ ଏବଂ ଦିବ୍ୟ ସତ୍ୟକୁ ଅଭିବ୍ୟକ୍ତ କିରବା ପାଇଁ ସମର୍ଥ ।

— ଶ୍ରୀମା

# ଯାହା ଆମର ପ୍ରଥମେ କରଣୀୟ

## ଶ୍ରୀଅରବିନ୍ଦ

ଏକ ଦିବ୍ୟ ଜୀବନ ଭିତରକୁ ଅଭିବୃଦ୍ଧି ପାଇଁ ଆମର ପ୍ରଥମ କରଣୀୟ କର୍ମଟି ହେଉଛି ଅଧ୍ୟାତ୍ମ ସତ୍ତା ଉପରେ ଅଭିନିବେଶ । ଯେପର୍ଯ୍ୟନ୍ତ ଆମେ ଏହି ଅଧ୍ୟାତ୍ମ ସତ୍ତାକୁ ଏହାର ମନୋଗତ, ପ୍ରାଣଗତ ଓ ଦେହଗତ ନାନା ଆଚ୍ଛାଦନ ଓ ଛଦ୍ମବେଶରୁ ବାହାର କରି ଆଣି ଆମର ଆତ୍ମସତ୍ତାରେ ପ୍ରକଟିତ ଓ ବିବର୍ତ୍ତିତ ନ କରିଛୁ, ଉପନିଷଦ୍‌ର କଥାରେ ଯେପର୍ଯ୍ୟନ୍ତ ଆମ ନିଜ ଶରୀର ଭିତରୁ ଧୈର୍ଯ୍ୟର ସହିତ ଏହାକୁ ନିକର୍ଷିତ କରି କାଢ଼ି ନ ଆଣିଛୁ, ଯେପର୍ଯ୍ୟନ୍ତ ଆମ ନିଜ ଭିତରେ ଅଧ୍ୟାତ୍ମ ସତ୍ତାର ଏକ ଆନ୍ତର ଜୀବନ ଗଠନ ନ କରିଛୁ; ଏହା ସ୍ପଷ୍ଟ ଯେ ସେପର୍ଯ୍ୟନ୍ତ ବାହ୍ୟ କ୍ଷେତ୍ରରେ କୌଣସି ଦିବ୍ୟଜୀବନ ଯାପନ କରିବା ଆଦୌ ସମ୍ଭବ ହେବ ନାହିଁ । ... ଏହି ଆନ୍ତର ଜୀବନ ଥରେ ଗଠିତ ହୋଇଗଲେ ତେଣିକି ଆମର ପରବର୍ତ୍ତୀ ଅଭିନିବେଶ ବା କରଣୀୟ କର୍ମ ହେବ ଆମର ଉପରିଭାଗସ୍ଥ ସମଗ୍ର ବାହ୍ୟ ସତ୍ତାଟିକୁ ଆମର ସମସ୍ତ ଚିନ୍ତା, ଅନୁଭବ ଓ ସଂସାରରେ ଆମର ସମସ୍ତ କର୍ମକୁ ସେହି ଆନ୍ତର ଜୀବନର ଏକ ପୂର୍ଣ୍ଣ ସାମର୍ଥ୍ୟ ଓ ଶକ୍ତିରେ ବଦଳାଇ ଦେବା ।

ଯଦି କେବଳ ଆମେ ଆମର ଗତିଶୀଳ, ସକ୍ରିୟ ଅଂଶରେ ସେହି ଗଭୀରତର ଓ ବୃହତ୍ତର ଜୀବନଧାରାରେ ବାସ କରିପାରିବୁ, ତା'ହେଲେ ଯାଇ ଏକ ମହତ୍ତର ଜୀବନର ସୃଷ୍ଟି ଓ ନିର୍ମାଣ ଲାଗି ଏକ ଶକ୍ତି ଓ ପ୍ରବେଗ ସମ୍ଭବ ହୋଇପାରିବ । ସେତେବେଳେ ମନ ଓ ପ୍ରାଣର କୌଣସି ଶକ୍ତି ବା ପୂର୍ଣ୍ଣତାରେ ହେଉ ବା ସେହି ଅଧ୍ୟାତ୍ମ ସତ୍ତାର କୌଣସି ଶକ୍ତି ଓ ପୂର୍ଣ୍ଣତାରେ ହେଉ ଏହି ପୃଥିବୀକୁ ନୂଆ କରି ଗଢ଼ିବା ସମ୍ଭବ ହେବ । ଏକ ନିଖୁଣ ଓ ପୂର୍ଣ୍ଣାଙ୍ଗ ମାନବ ଜଗତ୍ କେବେହେଲେ ସେହି ମନୁଷ୍ୟମାନଙ୍କ ଦ୍ୱାରା ବା ସେହି ମନୁଷ୍ୟମାନଙ୍କୁ ନେଇ ଗଠିତ ହୋଇ ପାରିବ ନାହିଁ, ଯେଉଁମାନେ ସ୍ୱୟଂ ଅପୂର୍ଣ୍ଣ । ଏପରିକି ଯଦିବି ଆମର ସମସ୍ତ କ୍ରିୟା-କର୍ମଗୁଡ଼ିକ ଅତି ଯତ୍ନର ସହିତ ଶିକ୍ଷା, ଆଇନ-କାନୁନ ବା ସାମାଜିକ ଓ ରାଜନୈତିକ କୌଣସି ଯନ୍ତ୍ର ଦ୍ୱାରା ନିୟମିତ ଓ ନିୟନ୍ତ୍ରିତ ହୋଇ ରୁହେ, ତା'ହେଲେ ମଧ୍ୟ ତହିଁରୁ ଯାହା ମିଳିବ ତା' ହେଉଛି ମନସବୁକୁ ଏକ ନିୟମଗତ ଛାଞ୍ଚରେ ଢଳାଇ କରିବା, ଜୀବନସବୁକୁ ଏକ ଯନ୍ତ୍ରବତ୍ ନିର୍ଦ୍ଦିଷ୍ଟ ଢଙ୍ଗରେ ଚାଳିତ କରିବା ଓ ଆଚରଣ ପାଇଁ ଶୃଙ୍ଖଳିତ କୃଷ୍ଟିର ଧରାବନ୍ଧା ନମୁନା ଆଣିଦେବା । କିନ୍ତୁ ଏଇ ଧରଣର ରୀତି ବା ନୀତିନିୟମ ମାନି ଚଳିବା ଦ୍ୱାରା ଭିତରର ମଣିଷଟିକୁ ବଦଳାଇ ହେବ ନାହିଁ କି ତାହାକୁ ଗଢ଼ି ହେବ ନାହିଁ । ଏହିପରି କାଟି ଖୋଦାଇ କରି ଏକ ପୂର୍ଣ୍ଣାତ୍ମା ବା ଏକ ପୂର୍ଣ୍ଣ ମନନଶୀଳ ମଣିଷ ବା ଏକ ପୂର୍ଣ୍ଣ ବର୍ଦ୍ଧିଷ୍ଣୁ ଜୀବନ୍ତ ସତ୍ତାକୁ ରୂପଦେଇ ଗଠନ କରି ହେବ ନାହିଁ । କାରଣ ଅନ୍ତରାତ୍ମା, ମନ ଓ ପ୍ରାଣ ହେଉଛି ସତ୍ତାର ଶକ୍ତିସବୁ; ଏଗୁଡ଼ିକର ବିକାଶ ଓ ଅଭିବୃଦ୍ଧି ସାଧନ କରାଯାଇପାରେ କିନ୍ତୁ କାଟି ଖୋଦାଇ କରି ଏଗୁଡ଼ିକୁ ଗଢ଼ାଯାଇ ପାରିବ ନାହିଁ । କୌଣସି ବାହ୍ୟ ପ୍ରକ୍ରିୟା ବା ଗଠନ ଅନ୍ତରାତ୍ମା, ମନ ଓ ପ୍ରାଣର ଅଭିବୃଦ୍ଧିରେ ସହାୟତା କରିପାରେ, ବ୍ୟକ୍ତ କରିପାରେ କିନ୍ତୁ ସେଗୁଡ଼ିକୁ ସୃଷ୍ଟି କରିପାରେ ନାହିଁ ବା ସେଗୁଡ଼ିକର ଯଥାର୍ଥ ବିକାଶ ସାଧନ କରିପାରେ ନାହିଁ । ଅବଶ୍ୟ ସତ୍ତାକୁ ତା'ର ବିକାଶ ସାଧନରେ ଜଣେ ସାହାଯ୍ୟ କରିପାରେ, କିନ୍ତୁ ତାହା କାରଖାନାରେ ଜିନିଷ ତିଆରି କରିଲା ପରି ପ୍ରଚେଷ୍ଟା ଦ୍ୱାରା ନୁହେଁ, ତାହା କରାଯାଇପାରେ ପ୍ରେରଣାଦାୟୀ ପ୍ରଭାବ ପକାଇବା ଦ୍ୱାରା ବା ନିଜର ଆତ୍ମ-ଶକ୍ତି, ମନ ଓ ପ୍ରାଣର ଶକ୍ତି ଦେଇ ତାହାକୁ ବଳୀୟାନ୍ କରିବା ଦ୍ୱାରା; କିନ୍ତୁ ତଥାପି ମଧ୍ୟ ତାହାର ସମସ୍ତ ବିକାଶ ଓ ଅଭିବୃଦ୍ଧି ବାହାରୁ ନୁହେଁ କେବଳ ଭିତରୁହିଁ ଆସିବା ଆବଶ୍ୟକ । ସେହି ସମସ୍ତ ପ୍ରଭାବ ଓ ଶକ୍ତିର କିପରି ଉପଯୋଗ କରାଯିବ ତାହାର ନିର୍ଦ୍ଧାରଣ ବାହାରୁ ନୁହେଁ, ସେହି ଭିତରୁହିଁ ହେବା ଆବଶ୍ୟକ; ଏହାହିଁ ହେଉଛି ପ୍ରଥମ ସତ୍ୟ ଯାହାକୁ ଆମ ସୃଜନଶୀଳ ଉତ୍ସାହ ଓ ଅଭୀପ୍ସାକୁ ଶିଖିବା ପାଇଁ ହେବ, ତା' ନହେଲେ ଆମର ସମସ୍ତ ମାନବୀୟ ପ୍ରଚେଷ୍ଟାର କପାଳ ଲିଖନ ହେବ କେବଳ ଏକ ବ୍ୟର୍ଥ ଭଉଁରିରେ ଘୂରିବୁଲିବା ଏବଂ ଏପରି ଏକ ତଥାକଥିତ ସଫଳତାରେ ତାହାର ସମାପ୍ତି ଘଟିବ ଯାହା କେବଳ ଏକ ମନୋହାରୀ ବ୍ୟର୍ଥତା ଛଡ଼ା ଅଧିକ କିଛି ନୁହେଁ ।

(Bulletin, Nov. 2005, p. 32)

# ଧମ୍ମପଦ

## (୪)

### (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ । ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି । ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି ।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର) । ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି । ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଝିମ ନିକାୟ, ସଂୟୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ । କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ । ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ । ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି । ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ । ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି । ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଳାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢୁଥିଲେ । ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା) । ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ । ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ "Commentaries surle Dhammapada" ନାମରେ ପ୍ରକାଶିତ ହୋଇଛି । ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ । ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ । ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ । ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ । ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ । – ସଂପାଦନା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

**(୧୬, ୧୭, ୧୮)**

ଇଧ ମୋଦତି ପେଚ୍ଚ ମୋଦତି
କତପୁଞ୍ଞୋ ଉଭୟତ୍ଥ ମୋଦତି ।
ସୋ ମୋଦତି ସୋ ପମୋଦତି
ଦିସ୍ୱା କମ୍ମବିସୁଦ୍ଧିମତ୍ତନୋ ॥

ଇଧ ତପ୍ପତି ପେଚ୍ଚ ତପ୍ପତି
ପାପକାରୀ ଉଭୟତ୍ଥ ତପ୍ପତି ।
ପାପଂ ମେ କତନ୍ତି ତପ୍ପତି
ଭୀୟୋ ତପ୍ପତି ଦୁଗ୍‌ଗତିଙ୍ଗତୋ ॥

ଇଧ ନନ୍ଦତି ପେଚ୍ଚ ନନ୍ଦତି କତପୁଞ୍ଞୋ
ଉଭୟତ୍ଥ ନନ୍ଦତି ।
ପୁଞ୍ଞଂ ମେ କତନ୍ତି ନନ୍ଦତି ଭୀୟୋ ନନ୍ଦତି ସୁଗ୍‌ଗତିଙ୍ଗତୋ ॥

(He rejoices here, he rejoices hereafter. The righteous rejoices in both. He rejoices, he rejoices evermore as he sees the purity of his actions.

He suffers here, he suffers hereafter. In both the wrong-doer suffers. He suffers seeing he has done wrong. He suffers evermore as he goes to the evil world.

He delights here, hereafter he delights. In both the righteous delights. He delights seeing he has done right. He delights evermore as he goes to the happy world.)

ସେ ଇହଲୋକରେ ସୁଖାନୁଭବ କରନ୍ତି, ସେ ପରଲୋକରେ ସୁଖାନୁଭବ କରନ୍ତି । ପୁଣ୍ୟବାନ୍ ଉଭୟତ୍ର ସୁଖାନୁଭବ କରନ୍ତି । ସ୍ୱୀୟ ସୁକୃତି ଦର୍ଶନରେ ସେ ଆମୋଦିତ ଓ ପ୍ରମୋଦିତ ହୁଅନ୍ତି ।

ସେ ଇହଲୋକରେ ଦୁଃଖଭୋଗ କରନ୍ତି, ସେ ପରଲୋକରେ ଦୁଃଖଭୋଗ କରନ୍ତି । କୁକର୍ମୀ ଉଭୟତ୍ର ଦୁଃଖଭୋଗ କରନ୍ତି । ସ୍ୱୀୟ ଅଶୁଭ କର୍ମ ଦର୍ଶନରେ ସେ ଦୁଃଖଭୋଗ କରନ୍ତି । ଅଶୁଭ ଜଗତକୁ ଯିବା ହେତୁ ସେ ତତୋଽଧିକ ଦୁଃଖଭୋଗ କରନ୍ତି ।

ସେ ଇହଲୋକରେ ଆନନ୍ଦ ଅନୁଭବ କରନ୍ତି, ସେ ପରଲୋକରେ ଆନନ୍ଦ ଅନୁଭବ କରନ୍ତି । ପୁଣ୍ୟବାନ୍ ଉଭୟତ୍ର ଆନନ୍ଦ ଅନୁଭବ କରନ୍ତି । ସ୍ୱୀୟ ଶୁଭ କର୍ମ ଦର୍ଶନରେ ସେ ଆନନ୍ଦ ଅନୁଭବ କରନ୍ତି । ଆନନ୍ଦକର ଜଗତକୁ ଯିବା ହେତୁ ସେ ତତୋଽଧିକ ଆନନ୍ଦ ଅନୁଭବ କରନ୍ତି ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏହି ପାଠଗୁଡ଼ିକରୁ ପ୍ରାୟ ବୋଧ ହେବ ଯେ ବୌଦ୍ଧମତ ସ୍ୱର୍ଗ ଓ ନରକର କଥା ସ୍ୱୀକାର କରେ । କିନ୍ତୁ ଏପରି ବିଚାର ଅତ୍ୟନ୍ତ ଉପରଠାଉରିଆ ହେବ । କାରଣ ଗଭୀର ଦୃଷ୍ଟିରୁ ବିଚାର କଲେ ଜଣାଯିବ ଯେ ବୁଦ୍ଧଙ୍କର ଏପରି ଭାବ ନ ଥିଲା । ଯେଉଁ ବିଷୟରେ ସେ ସର୍ବଦା ଦୃଢ଼ସଂକଳ୍ପ ଥିଲେ, ତାହା ହେଲା ଏହି ଯେ ତୁମେ ନିଜର ଆଚରଣ ଓ ଚେତନାର ଅବସ୍ଥା ଦ୍ୱାରା ତୁମର ଜୀବନର ପରିସ୍ଥିତି ସୃଷ୍ଟି କର ଏବଂ ତହିଁରେ ବାସ କର । ପ୍ରତ୍ୟେକ ବ୍ୟକ୍ତି ନିଜେ ଘେନୁଥିବା ନିଜର ପରିସ୍ଥିତିରେ ବାସ କରେ ଏବଂ ଶରୀର ତ୍ୟାଗ କଲା ପରେ ମଧ୍ୟ ତହିଁରେ କ୍ରମାଗତ ବାସ କରେ, କାରଣ ବୁଦ୍ଧଙ୍କର ଶିକ୍ଷାନୁଯାୟୀ ଶରୀର ଅନ୍ତର୍ଗତ ଜୀବନ ଓ ଶରୀର ବହିର୍ଗତ ଜୀବନ ମଧ୍ୟରେ କୌଣସି ପ୍ରଭେଦ ନାହିଁ ।

କେତେକ ଲୋକ ବିଶ୍ୱାସ କରନ୍ତି ଏବଂ ଏପରି କେତେକ ପରମ୍ପରାଗତ ଶିକ୍ଷା ଅଛି ଯେ, ଶରୀର ତ୍ୟାଗ କରିବା ଏକପ୍ରକାର ଆଶୀର୍ବାଦ; ତଦ୍ୱାରା ସକଳପ୍ରକାର ବାଧାବିଘ୍ନ ଅନ୍ତର୍ହିତ ହୁଏ, ଯଦି ତୁମେ କେତେକ ଧର୍ମାନୁମୋଦିତ ଧର୍ମାଚାର ପାଳନ କରିଥାଅ । ଏବଂ ଏହିହେତୁ ଧର୍ମାଚାର ଉପରେ ଏତେ ଅଧିକ ଗୁରୁତ୍ୱ ଦିଆଯାଏ, ଯେପରିକି ତାହା ମୃତ୍ୟୁ ପରେ ସୁଖମୟ ଧାମକୁ ଯିବା ନିମିତ୍ତ ଏକପ୍ରକାର ଛାଡ଼ପତ୍ର ।

ଅନେକେ ମଧ୍ୟ ଏପରି କଳ୍ପନା କରନ୍ତି ଯେ ଶରୀର ତ୍ୟାଗ କରିବା ସଙ୍ଗେ ସଙ୍ଗେ ତୁମେ ସର୍ବବିଧ ଦୁର୍ଦ୍ଦଶା ସେହି ମୁହୂର୍ତ୍ତରେ ତ୍ୟାଗ କର । କିନ୍ତୁ ଏହା ସତ୍ୟ ନୁହେଁ, ଏବଂ ଏହି ବିଷୟ ଏଠାରେ ଧମ୍ମପଦ ନିର୍ଦ୍ଦେଶ କରୁଛନ୍ତି । ତୁମେ ଯେତେବେଳେ କୌଣସି ଅସତ୍ କାର୍ଯ୍ୟ କର ସେତେବେଳେ ଅମଙ୍ଗଳ ଜଗତ୍(ଯେପରି କୁହାଯାଇଛି) ଅନ୍ତର୍ଗତ କେତେକ ମନସ୍ତାତ୍ତ୍ୱିକ ପରିସର ଓ ଚେତନାର କେତେକ ବିଶିଷ୍ଟ ଅବସ୍ଥା ମଧ୍ୟରେ ତୁମେ ପ୍ରବେଶ କର; ଅର୍ଥାତ୍ ତୁମେ ଯେତେବେଳେ ଯାହାକିଛି ସୁନ୍ଦର, ପବିତ୍ର ଓ ଆନନ୍ଦଦାୟକ ତହିଁରୁ ଭ୍ରଷ୍ଟ ହୁଅ, ସେତେବେଳେ ତୁମେ କୁତ୍ସିତ ଓ ପାପାସକ୍ତ ପରିସ୍ଥିତି ମଧ୍ୟରେ ବାସ କର । ପାପାସକ୍ତ ପରିବେଶ ମଧ୍ୟରେ ବାସ କରିବା ଅପେକ୍ଷା ଅଧିକ ହତଚେତନ ଅବସ୍ଥା ଆଉ ନାହିଁ ।

ଧମ୍ମପଦ ଏଠାରେ ଯାହା ଅତି ସରଳ ଭାବରେ ବର୍ଣ୍ଣନା କରୁଛନ୍ତି, ତାହା ଯଥାର୍ଥରେ ସତ୍ୟ । ସ୍ୱରୂପତଃ ଏହା ସେମାନଙ୍କ ବିଷୟରେ କହୁ ନାହାନ୍ତି, ଯେଉଁମାନେ ଭାବନ୍ତି ''ମୁଁ କିପରି ଉତ୍ତମ ସ୍ୱଭାବ, ମୁଁ କିପରି ସୁରୁଚିପୂର୍ଣ୍ଣ'' ଏବଂ ତେଣୁ ନିଜକୁ ସୁଖୀ ମଣନ୍ତି । ଏହା ନିର୍ବୋଧତା । କିନ୍ତୁ ଯେତେବେଳେ ତୁମେ ସୁଶୀଳ, ଉଦାର, ମହତ୍, ନିଃସ୍ୱାର୍ଥପର ଓ ସଦୟ ହୁଅ ସେତେବେଳେ ତୁମେ ନିଜ ମଧ୍ୟରେ, ନିଜର ଚତୁର୍ଦ୍ଦିଗରେ ଏପରି ଏକ ପରିବେଶ ସୃଷ୍ଟି କର ଯାହାକି ଏକପ୍ରକାର ଦୀପ୍ତ ପ୍ରକାଶ । ସୂର୍ଯ୍ୟାଲୋକରେ ଗୋଟିଏ ପୁଷ୍ପ ପରି ତୁମେ ପ୍ରାଣ ଧାରଣ କର ଏବଂ କୁସୁମିତ ହୁଅ; ଆଉ ନିଜ ବିଷୟରେ ଚିନ୍ତା ଯୋଗୁଁ କଷ୍ଟ ଉପଭୋଗ କର ନାହିଁ, ତୁମେ ତିକ୍ତତା, ବିଦ୍ରୋହଭାବ ଓ

ଦୁଃଖଦୁର୍ଦ୍ଦଶାରୁ ମୁକ୍ତ ହୁଅ । ସ୍ୱତଃପ୍ରବୃତ୍ତ ସ୍ୱାଭାବିକ ଭାବରେ ତୁମର ପରିବେଶ ଆଲୋକିତ ହୁଏ ଏବଂ ତୁମେ ସୁଖମୟ ପରିବେଶ ମଧ୍ୟରେ ବାସ କର । ଶରୀର ଥିବା ସମୟରେ ଅଥବା ନ ଥିବା ସମୟରେ, ଜାଗ୍ରତ୍ ଅଥବା ନିଦ୍ରିତ ଅବସ୍ଥାରେ, ଜୀବନ କାଳରେ ଅଥବା ଜୀବନର ବହିର୍ଭୂତ ଅବସ୍ଥାରେ, ନୂତନ ଜୀବନ ଲାଭ ପୂର୍ବରୁ ପରଲୋକରେ ତୁମେ ଏହି ପରିବେଶ ମଧ୍ୟରେ ବାସ କର ।

ଶୁଷ୍କ ବାୟୁ ଯେପରି ଶୁଷ୍କତା ଉତ୍ପାଦନ କରେ, ଶୈତ୍ୟର ପ୍ରଭାବରେ ଜଳ ଯେପରି ଘନୀଭୂତ ହୁଏ, ଜ୍ୱଳନ୍ତ ଅଗ୍ନିଶିଖା ଯେପରି ଦହନ କରେ, ସକଳ ପ୍ରକାର ଦୁଷ୍କର୍ମ ଚେତନାରେ ସେହିପରି ପ୍ରଭାବ ବିସ୍ତାର କରେ ।

ସର୍ବବିଧ ମଙ୍ଗଳ ଓ ସଦୟ କାର୍ଯ୍ୟ ଆଲୋକ, ଶାନ୍ତି ଓ ଆନନ୍ଦ ଆନୟନ କରେ —ଏହି ସୂର୍ଯ୍ୟାଲୋକରେ ପୁଷ୍ପସକଳ କୁସୁମିତ ହୁଅନ୍ତି ।

## (୧୯, ୨୦)

ବହୁମ୍ପି ଚେ ସହିତଂ ଭାସମାନୋ
ନ ତକ୍କରୋ ହୋତି ନରୋ ପମତ୍ତୋ ।
ଗୋପୋ' ବ ଗାବୋ ଗଣୟଂ ପରେସଂ
ନ ଭାଗବା ସାମଞ୍ଞସ୍ସ ହୋତି ॥
ଅପ୍ପମ୍ପି ଚେ ସହିତଂ ଭାସମାନୋ
ଧମ୍ମସ୍ସ ହୋତି ଅନୁଧମ୍ମଚାରୀ ।
ରାଗଞ୍ଚ ଦୋସଞ୍ଚ ପହାୟ ମୋହଂ
ସମ୍ମପ୍ପଜାନୋ ସୁବିମୁତ୍ତଚିତ୍ତୋ ।
ଅନୁପାଦିୟାନୋ ଇଧ ବା ହୁରଂ ବା
ସ ଭାଗବା ସାମଞ୍ଞସ୍ସ ହୋତି ॥

(Many may be the sacred texts he recites, but if in his delusion, he does not act up to them, then he becomes like a cowherd who counts only others' cattle; he does not share in the holy disciplehood.

Very few may be the sacred texts he recites, but if he carries out in practice the Teaching, then abandoning passion and ill-will and delusion, possessing the right knowledge, the consciousness wholly freed, seeking nothing either here or elsewhere, he shares in the holy disciplehood.)

ପବିତ୍ର ସଂହିତାର ଉକ୍ତି ପୁନଃପୁନଃ ଆବୃତ୍ତି କରି ସୁଦ୍ଧା ଯେଉଁ ପ୍ରମାଦଯୁକ୍ତ ମନୁଷ୍ୟ ତାହା କାର୍ଯ୍ୟରେ ପରିଣତ କରେ ନାହିଁ, ସେ ଶ୍ରାମଣ୍ୟର ଫଳଭାଗୀ ହୁଏ ନାହିଁ; ସେ ଅପରର ଗାଭୀ ଗଣନାକାରୀ ଗୋପାଳକର ସହିତ ତୁଳନୀୟ ।

ଅଳ୍ପମାତ୍ରାରେ ପବିତ୍ର ସଂହିତାର ଆବୃତ୍ତି କଲେ ସୁଦ୍ଧା ଯେ ଉକ୍ତ ଶିକ୍ଷାର ଆଚରଣରେ ରତ, ଯେ ରାଗ, ଦୋଷ ଓ ମୋହ ପରିହାରପୂର୍ବକ ସମ୍ୟକ୍ ଜ୍ଞାନପ୍ରାପ୍ତ ଏବଂ ସୁବିମୁକ୍ତ ଚିତ୍ତ, ଯେ ଇହଲୋକ କିଂବା ପରଲୋକରେ ଅଲଗ୍ନଚିତ୍ତ, ସେହିଁ ଶ୍ରାମଣ୍ୟର ଫଳଭାଗୀ ହୁଅନ୍ତି ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏହି ବିଷୟଟି ଏପରି ବାରଂବାର, ପୁନଃପୁନଃ କଥିତ ହୋଇଅଛି ଯେ ପୁନରାୟ ତାହା ଦୃଢ଼ ଭାବରେ ଉଲ୍ଲେଖ କରିବା ନିତାନ୍ତ ଅନାବଶ୍ୟକ ବୋଧ ହୁଏ । ବିଷୟଟି ହେଲା ଏହି ଯେ ଅଧିକ କଥା କହିବା ଅପେକ୍ଷା ଯତ୍‌ସାମାନ୍ୟ ଭାବରେ ଆଚରଣରେ ବ୍ୟକ୍ତ କରିବା ଅଧିକ ମୂଲ୍ୟବାନ୍ । ପ୍ରକୃତରେ କୌଣସି ମତବାଦ ବ୍ୟାଖ୍ୟା କରିବାରେ ବ୍ୟକ୍ତି ଯେଉଁ ପରିମାଣ ଶକ୍ତି ବ୍ୟୟ କରେ ତାହା ଆହୁରି ଉତ୍ତମ ଉପାୟରେ ବ୍ୟବହୃତ ହୁଅନ୍ତା ଯଦି ବ୍ୟକ୍ତି ନିଜର କୌଣସି ଦୁର୍ବଳତା ବା ଅକ୍ଷମତା ଉପରେ ବିଜୟ ଲାଭ ନିମିତ୍ତ ସେହି ଶକ୍ତିର ସଦୁପଯୋଗ କରନ୍ତା ।

ଅତଏବ ଏହି ଶିକ୍ଷାର ବିଜ୍ଞତା ଅନୁସାରେ ନିଜକୁ ପରିଚାଳିତ କରିବାକୁ ହେଲେ, ଆମ୍ଭମାନଙ୍କର ନିର୍ବନ୍ଧ ହେବ ସର୍ବପ୍ରକାର ରାଗ, ଅସତ୍ ଅଭିପ୍ରାୟ, ଭ୍ରାନ୍ତ ବିଶ୍ୱାସ ବର୍ଜନ ନିମିତ୍ତ ଉତ୍କୃଷ୍ଟ ଉପାୟ ବିଷୟରେ ମନୋନିବେଶ କରିବା ।

ଭ୍ରାନ୍ତ ବିଶ୍ୱାସର ଅର୍ଥ ଏହି ଯେ ବହିଃସଂସାରକୁ ସଦ୍‌ବସ୍ତୁ ବୋଲି ଗ୍ରହଣ କରିବା, ଏବଂ ପରିବର୍ତ୍ତନଶୀଳ ବିଷୟଗୁଡ଼ିକୁ ଏକମାତ୍ର ଅନୁସରଣଯୋଗ୍ୟ ଶାଶ୍ୱତ ସତ୍ୟ ବୋଲି ଗ୍ରହଣ କରିବା ।

ଏଠାରେ ବିଶେଷ ଚିତ୍ତାକର୍ଷକ ଉଲ୍ଲେଖଯୋଗ୍ୟ ବିଷୟ ହେଲା ଏହି ଯେ କେବଳ ଏହି ଜଗତର ବନ୍ଧନରୁ ମୁକ୍ତ ହେବା ଯଥେଷ୍ଟ ନୁହେଁ । ସକଳ ଜଗତରୁ ମୁକ୍ତ ହେବାର ଗୁରୁତ୍ୱ ପ୍ରତି ଧମ୍ମପଦ ଆତ୍ମମାନଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରୁ ଅଛନ୍ତି ।

ଆଗ୍ରହବାନ୍ ଓ ନିଷ୍ଠାପର ବୌଦ୍ଧମତାବଲମ୍ବୀ କହନ୍ତି ଯେ ସାଧାରଣ ଧର୍ମସମୂହର ନୀତି ପାଳନ କଲେ ମୃତ୍ୟୁ ପରେ ସେମାନଙ୍କର ସ୍ୱର୍ଗରେ ଯେଉଁସବୁ ସୁବିଧା ସୁଯୋଗ ତୁମେ ପ୍ରାପ୍ତ ହେବ, ସେସବୁ ସମ୍ମୁଖରେ ଦୋହରାଇବା ଦ୍ୱାରା ସାଧାରଣ ଧର୍ମସମୂହ ତୁମକୁ କୌଶଳପୂର୍ବକ ଅଧିକାର କରନ୍ତି । ଅପର ପକ୍ଷେ, ବୌଦ୍ଧମତାନୁସାରେ ସ୍ୱର୍ଗ ନାହିଁ କି ନରକ ନାହିଁ । ଏହା ତୁମକୁ ଚିରକାଳ ଦଣ୍ଡଭୋଗର ଭୟ ଦେଖାଏ ନାହିଁ, କିଂବା ସ୍ୱର୍ଗୀୟ ଆନନ୍ଦ ଉପଭୋଗର ପ୍ରଲୋଭନ ଦେଖାଏ ନାହିଁ ।

ଅବିମିଶ୍ର ସତ୍ୟରେହିଁ ତୁମେ ପରିତୋଷ ଏବଂ ତୁମର ସକଳ ପ୍ରଚେଷ୍ଟାର ପୁରସ୍କାର ଲାଭ କରିବ ।

(*କ୍ରମଶଃ*)

("Mother's Commentary on the Dhammapada"
ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ,
ପୃଷ୍ଠା : ୨୨ - ୨୬)
ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ ✤

## ଆନ୍ତର ଶୁଦ୍ଧି ଓ ଅଭିବ୍ୟକ୍ତି

ନିମ୍ନ ପ୍ରକୃତି ଓ ତା'ର ବାଧାବିଘ୍ନଗୁଡ଼ିକ ଉପରେ ଅତ୍ୟଧିକ ମନ ଦେବା ଏକ ଭୁଲ୍, ଏହା ହେଉଛି ସାଧନାର ନକାରାତ୍ମକ ପାର୍ଶ୍ୱ । ସେଗୁଡ଼ିକୁ ଦେଖିପାରିବା ଓ ଶୁଦ୍ଧ କରିବା ନିଶ୍ଚୟ ଆବଶ୍ୟକ, କିନ୍ତୁ ସେଇଗୁଡ଼ିକହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ବୋଲି ମନେ କରି କେବଳ ସେଇଥିରେ ମନୋନିବେଶ କରି ଲାଗି ରହିଲେ ତାହା ସହାୟକ ହୁଏ ନାହିଁ । ଅବତରଣର ସକାରାତ୍ମକ ଦିଗ ବା ପାର୍ଶ୍ୱଟି ହେଉଛି ଅଧିକ ଗୁରୁତ୍ୱପୂର୍ଣ୍ଣ ଜିନିଷ । ଯଦି ଜଣେ ସକାରାତ୍ମକ ଅନୁଭୂତିର ଜିନିଷଗୁଡ଼ିକୁ ଆବାହନ କରିବା ପୂର୍ବରୁ ତା'ର ନିମ୍ନ-ପ୍ରକୃତି ସମଗ୍ର ଭାବରେ ଓ ସବୁଦିନ ପାଇଁ ଶୁଦ୍ଧ ହେବା ସକାଶେ ଅପେକ୍ଷା କରେ, ତା'ହେଲେ ତାହାକୁ ହୁଏତ ଚିରକାଳ ପାଇଁ ଅପେକ୍ଷା କରିବାକୁ ପଡ଼ିପାରେ । ଏହା ସତ୍ୟ ଯେ ନିମ୍ନତର ପ୍ରକୃତି ଯେତେ ଅଧିକ ଶୁଦ୍ଧ ହୁଏ, ଉଚ୍ଚତର ପ୍ରକୃତିର ଅବତରଣ ସେତେ ଅଧିକ ସହଜ ହୁଏ, କିନ୍ତୁ ଏହା ମଧ୍ୟ ସତ୍ୟ ଓ ଅଧିକତର ସତ୍ୟ ଯେ ଉଚ୍ଚତର ପ୍ରକୃତି ଯେତେ ଅଧିକ ଅବତରଣ କରେ, ନିମ୍ନତର ପ୍ରକୃତି ସେତେ ଅଧିକ ଶୁଦ୍ଧ ହୁଏ । ନା ପୂର୍ଣ୍ଣ ଶୁଦ୍ଧି, ନା ସ୍ଥାୟୀ ବା ପୂର୍ଣ୍ଣ ଅଭିବ୍ୟକ୍ତି, କୌଣସିଟି ମଧ୍ୟ ହଠାତ୍, ତତ୍‌କ୍ଷଣାତ୍ ଭାବରେ ଆସେ ନାହିଁ, ଏଥିପାଇଁ ସମୟ ଓ ଧୈର୍ଯ୍ୟପୂର୍ଣ୍ଣ ଅଗ୍ରଗତି ପ୍ରୟୋଜନ । ଏହି ଦୁଇଟି ଜିନିଷ (ଶୁଦ୍ଧି ଓ ଅଭିବ୍ୟକ୍ତି) ପାଖ ପାଖ ହୋଇ ଆଗେଇ ଚାଲନ୍ତି ଏବଂ ଗୋଟିଏ ଅନ୍ୟଟିର ହାତ ଧରି ଆଗେଇବାର ଖେଳାରେ ଅଧିକରୁ ଅଧିକ ଶକ୍ତିଶାଳୀ ହୋଇ ଉଠୁଥା'ନ୍ତି । – ଏହାହିଁ ସାଧନାର ସାଧାରଣ ମାର୍ଗ ।

– ଶ୍ରୀଅରବିନ୍ଦ

# ଦିବ୍ୟଲୀଳା

## ଶ୍ରୀଅରବିନ୍ଦ

ବଦ୍ଧଜୀବ ଭାବରେ ଆମେ ଲୀଳାଖେଳା କରୁ; କିନ୍ତୁ ପ୍ରକୃତରେ ଆମେ ବଦ୍ଧଜୀବ ନୋହୁଁ । ଭଗବାନ୍ ଇଚ୍ଛା କଲେହିଁ ଆମେ ମୁକ୍ତ ହୋଇ ପାରିବୁ । କାରଣ ସେହିଁ ହେଉଛନ୍ତି ଆମର ପରମାତ୍ମା, ଆମ ଖେଳର ଅଧିନାୟକ । ତାଙ୍କର ଦିବ୍ୟକୃପା ଓ ଅନୁମତି ବିନା କୌଣସି ଆତ୍ମା ଏ ଖେଳକୁ ଛାଡ଼ି ଯାଇ ପାରିବ ନାହିଁ ।

ତାଙ୍କ ଆଜ୍ଞା ମିଳିସାରିଛି । ଭଗବାନ୍ ତାଙ୍କ କାର୍ଯ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ଦେଶକୁ ବାଛନ୍ତି; ଯେଉଁ ଦେଶରେ, ପରମ ଜ୍ଞାନକୁ ସମସ୍ତ ସୁଯୋଗ ଓ ବିପଦ ମଧ୍ୟ ଦେଇ, ଅଳ୍ପସଂଖ୍ୟକ ବା ବହୁସଂଖ୍ୟକ ବ୍ୟକ୍ତିଙ୍କ ଦ୍ୱାରା ବରାବର ରକ୍ଷା କରା ହୋଇଥାଏ; ଅନ୍ତତଃ ଚଳିତ ଚତୁର୍ଯୁଗ ପାଇଁ ସେହି ଦେଶଟି ହେଉଛି ଭାରତବର୍ଷ । ଯେତେବେଳେ ଭଗବାନ୍ ଅଜ୍ଞାନତା, ଦ୍ୱନ୍ଦ୍ୱ, ସଂଘର୍ଷ, ତୀବ୍ର କ୍ରୋଧ, ଅଶ୍ରୁ, ଦୁର୍ବଳତା ଓ ସ୍ୱାର୍ଥପରତା, ତାମସିକ ଓ ରାଜସିକ ଆମୋଦ-ପ୍ରମୋଦ, ସଂକ୍ଷେପରେ କହିଲେ କାଳୀଙ୍କର ଲୀଳା ଉପଭୋଗ କରିବାକୁ ଚାହାନ୍ତି, ସେତେବେଳେ ସେ ଭାରତ ମଧ୍ୟରେ ଜ୍ଞାନର ପ୍ରଦୀପକୁ ସ୍ତିମିତ କରନ୍ତି; ଏବଂ ଭାରତକୁ ଦୁର୍ବଳତା ଓ ଅଧଃପତନ ମଧ୍ୟକୁ ଯିବାକୁ ଛାଡ଼ି ଦିଅନ୍ତି । କାରଣ ତଦ୍ଦ୍ୱାରା ସେ ନିଜର ଅବସର ମଧ୍ୟକୁ ଚାଲିଯିବ ଏବଂ ଭଗବାନଙ୍କ ଲୀଳାରେ ଆଉ ହସ୍ତକ୍ଷେପ କରିବ ନାହିଁ । ପୁଣି ସେ ଯେତେବେଳେ କର୍ଦ୍ଦମ ମଧ୍ୟରୁ ଉଠି ଆସିବାକୁ ଚାହାନ୍ତି, ଯେତେବେଳେ ସର୍ବଘଟସ୍ଥିତ ନାରାୟଣ ହୋଇ ଉଠନ୍ତି ଶକ୍ତିମାନ୍, ପ୍ରବୁଦ୍ଧ ଓ ଆନନ୍ଦମୟ, ସେତେବେଳେ ସେ ଆହୁରି ଥରେ ଭାରତବର୍ଷ ଉପରେ ଜ୍ଞାନ ଢାଳି ଦିଅନ୍ତି ଏବଂ ତାକୁ ଜାଗ୍ରତ୍ କରାନ୍ତି, ଯଦ୍ଦ୍ୱାରା ଭାରତ ସେହି ଜ୍ଞାନକୁ ଏବଂ ଜ୍ଞାନସମ୍ଭୂତ ଶକ୍ତି, ପ୍ରଜ୍ଞା ଓ ଆନନ୍ଦକୁ ସାରା ଜଗତକୁ ପ୍ରଦାନ କରିବ । ଯେତେବେଳେ ଜ୍ଞାନର ଗତିବୃତ୍ତି ବା ପରିସ୍ଫୁରଣ ସଂକୁଚିତ ହୋଇଥାଏ, ଭାରତର ଯୋଗୀମାନେ ସଂସାର-ଜୀବନରୁ ଅପସରି ଯାଇ ଯୋଗସାଧନା ଆରମ୍ଭ କରନ୍ତି । ତାହା ସେମାନେ କରନ୍ତି ନିଜର ମୁକ୍ତି ଓ ଆନନ୍ଦ ପାଇଁ କିଂବା କେତେକ ଶିଷ୍ୟଙ୍କର ମୁକ୍ତି ପାଇଁ । କିନ୍ତୁ ଜ୍ଞାନର ପରିସର ଯେତେବେଳେ ବିସ୍ତାର ଲାଭ କରେ, ଏବଂ ଏହା ସହିତ ମହାନ୍ ଭାରତବର୍ଷର ଆତ୍ମା ମଧ୍ୟ ବିସ୍ତାର ଲାଭ କରେ, ସେତେବେଳେ ସେମାନେ ପୁନଶ୍ଚ ଆଗେଇ ଆସିଥା'ନ୍ତି ଏବଂ ପୃଥିବୀ ପାଇଁ ଓ ପୃଥିବୀରେହିଁ କାର୍ଯ୍ୟ କରନ୍ତି । ଜନକ, ଅଜାତଶତ୍ରୁ ଓ କାର୍ତ୍ତବୀର୍ଯ୍ୟଙ୍କ ପରି ଯୋଗୀମାନେ ପୁନଶ୍ଚ ସିଂହାସନାସୀନ ହୁଅନ୍ତି ଓ ଦେଶସବୁକୁ ଶାସନ କରନ୍ତି ।

ମଣିଷ ମଧ୍ୟରେ ଭଗବାନଙ୍କ ଲୀଳା ବୃତ୍ତାକାରରେ ଗତି କରିଥାଏ – ସତ୍ୟଯୁଗରୁ କଳିଯୁଗକୁ ଏବଂ ପୁଣି କଳିଯୁଗର ମଧ୍ୟଦେଇ ସତ୍ୟଯୁଗକୁ । ସୁବର୍ଣ୍ଣଯୁଗରୁ ଲୌହଯୁଗ ଏବଂ ପୁଣି ଲୌହଯୁଗ ମଧ୍ୟ ଦେଇ ସୁବର୍ଣ୍ଣଯୁଗକୁ । ... କିନ୍ତୁ କଳିଯୁଗ ଯେ କେବଳ ମନ୍ଦରେ ପୂର୍ଣ୍ଣ ତାହା ନୁହେଁ; ବରଂ ଏହା ମଧ୍ୟରେ ଏକ ନୂତନ ସତ୍ୟଯୁଗ ପାଇଁ ଆବଶ୍ୟକ ଅବସ୍ଥାସବୁ, ଆଉ ଏକ ସଂଗତି ଓ ଅଧିକ ଏକ ପୂର୍ଣ୍ଣତା ଅତି କ୍ଷିପ୍ରଗତିରେ ଗଢ଼ି ଉଠିଥାଏ ।

କେବଳ ଭାରତହିଁ ସେହି ସଂଗତିକୁ ଆବିଷ୍କାର କରିପାରେ । କାରଣ ମଣିଷର ବର୍ତ୍ତମାନ ପ୍ରକୃତିର ପରିବର୍ତ୍ତନ ଦ୍ୱାରା କେବଳ ସେହି ସଂଗତି ବିକାଶ ଲାଭ କରିବ, ପ୍ରକୃତିର ପୁନର୍ବ୍ୟବସ୍ଥା ଦ୍ୱାରା ନୁହେଁ; ମଣିଷର ସ୍ୱଭାବରେ ଓ ସବୁକିଛିରେ ଦେଖା ଦେଇଛି ଅମେଳ; ସଂଗତି ହୋଇ ଉଠିଛି ବେସୁରା । ମଣିଷର ସମଗ୍ର ହୃଦୟ, କ୍ରିୟା ଓ ମନର ପରିବର୍ତ୍ତନ ଆବଶ୍ୟକ, କିନ୍ତୁ ତାହା ହେବ ଭିତର ଆଡ଼ୁ, ବାହାର ଆଡ଼ୁ ନୁହେଁ । ରାଜନୈତିକ ଓ ସାମାଜିକ ଅନୁଷ୍ଠାନ ଦ୍ୱାରା ନୁହେଁ, ଏପରିକି ଧାର୍ମିକ ବା ଦାର୍ଶନିକ ପରିପ୍ରେକ୍ଷୀରୁ ମଧ୍ୟ ନୁହେଁ, ଏହା ହେବ ଆମ ମଧ୍ୟରେ ଓ ପୃଥିବୀରେ ଭଗବାନଙ୍କୁ ଉପଲବ୍ଧି କରିବା ଦ୍ୱାରା; ଏବଂ ସେହି ଉପଲବ୍ଧି ମାଧ୍ୟମରେ ଜୀବନକୁ ପୁନର୍ଗଠନ କରିବା ଦ୍ୱାରା । ତାହା କେବଳ ପୂର୍ଣ୍ଣଯୋଗ ଦ୍ୱାରାହିଁ ସମ୍ଭବ । ଏହି ପୂର୍ଣ୍ଣଯୋଗ ଆମ ମଧ୍ୟରେ ଓ ଅନ୍ୟମାନଙ୍କ ମଧ୍ୟରେ, ଏକ ଦିବ୍ୟ ମଣିଷଜାତିର ଉଦ୍ଭବ ସକାଶେହିଁ ଉଦ୍ଦିଷ୍ଟ ।

ଏହି ପୂର୍ଣ୍ଣଯୋଗ ପାଇଁ ସମର୍ପଣ ପୂର୍ଣ୍ଣାଙ୍ଗ ହେବା ଉଚିତ । କୌଣସି କିଛିକୁ ଯେପରି ସମର୍ପଣ ନ କରି ସଂରକ୍ଷିତ ରଖିବ ନାହିଁ । କୌଣସି ଅଭିଳାଷ ନୁହେଁ, କୌଣସି ଦାବି ନୁହେଁ, କୌଣସି ମତ ନୁହେଁ ବା ଏପରି କୌଣସି ଧାରଣା ରଖିବ

ନାହିଁ ଯେ ଏହା ନିଶ୍ଚିତ ଭାବରେ ହେବ ବା ଏହା କେବେ ହେବ ନାହିଁ କିଂବା ଏହା ହେବା ଉଚିତ ବା ଏହା ହେବା ଅନୁଚିତ – ସବୁକିଛିକୁ ସମର୍ପଣ କରି ଦିଆଯିବ ।

ଯେଉଁମାନେ ଭଗବାନଙ୍କ ନିକଟରେ ଦାବି କରନ୍ତି ସେମାନଙ୍କୁ ଭଗବାନ୍ ସେମାନଙ୍କର ବାଞ୍ଛିତ ଫଳ ଦେଇଥା'ନ୍ତି । କିନ୍ତୁ ଯେଉଁମାନେ କିଛି ବି ଦାବି ନ କରି ନିଜକୁ ଭଗବାନଙ୍କ ନିକଟରେ ଉତ୍ସର୍ଗ କରି ଦିଅନ୍ତି, ସେମାନଙ୍କୁ ଭଗବାନ୍ ସେମାନଙ୍କର ଆବଶ୍ୟକ ସବୁକିଛି ଦିଅନ୍ତି ଏବଂ ଉପରନ୍ତୁ ସେମାନଙ୍କୁ ଭଗବାନ୍ ନିଜକୁ ଦେଇ ଦେଇଥା'ନ୍ତି; ଆହୁରି ମଧ ଦେଇଥା'ନ୍ତି ତାଙ୍କ ଗଭୀର ପ୍ରେମର ସ୍ୱତଃସ୍ଫୂର୍ତ୍ତ ଐଶ୍ୱର୍ଯ୍ୟ ।

ତୁମେ କ'ଣ ଚାହଁ ସେ କଥା ଛାଡ଼ି ଦିଅ; ଏବଂ ଜାଣିବାକୁ ଚେଷ୍ଟା କର ଭଗବାନ୍ କ'ଣ ଚାହାନ୍ତି । ତୁମର ହୃଦୟ, ତୁମର ରାଗ-ଅନୁରାଗ ବା ତୁମର ଗତାନୁଗତିକ ମତସବୁ ଯାହାକୁ ନିର୍ଭୁଲ ଓ ଆବଶ୍ୟକ ବୋଲି ଧରି ବସେ ସେସବୁକୁ ଆଦୌ ବିଶ୍ୱାସ କର ନାହିଁ । ... ଯେଉଁ ଶକ୍ତି ସମଗ୍ର ଜଗତକୁ ଶାସନ କରୁଛି, ଅନ୍ତତଃ ସେ ତୁମରି ପରି ବିଜ୍ଞ ହୋଇଥିବ, ଅତଏବ ତାଙ୍କ ପରିଚାଳନା ଓ ବିଧି ବ୍ୟବସ୍ଥାରେ ସେ ସର୍ବଦା ତୁମ ସହିତ ପରାମର୍ଶ କରିବେ ବା ତୁମକୁ ସେଥିରେ ସଂପୃକ୍ତ କରିବା ଯେ ଏକାନ୍ତ ଆବଶ୍ୟକ, ତାହା ନୁହେଁ । ଭଗବାନ୍ ଏସବୁର ଦାୟିତ୍ୱ ସ୍ୱୟଂ ନେଇଛନ୍ତି ।

ତୁମର ଅଭ୍ୟୁତ୍ଥାନ ପାଇଁ ଏକ ସର୍ବଶକ୍ତିମାନ୍ ପ୍ରେମ ଓ ପ୍ରଜ୍ଞା ସର୍ବଦା କାର୍ଯ୍ୟରତ । ତେଣୁ ସମୟ ଯେତେ ଲାଗିଲେ ମଧ, ଏପରିକି ତାହା ଯେତେ ଦୀର୍ଘ ମନେହେଲେ ମଧ ସେ ବିଷୟରେ ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ । କିନ୍ତୁ ଯେତେବେଳେ ଅଶୁଦ୍ଧତା ଓ ନାନା ବାଧାବିଘ୍ନ ଦେଖାଦେବେ ସେତେବେଳେ ତୁମେ ହେବ ଅପ୍ରମତ୍ତ, ଧୀର; ଉତ୍ସାହ ରଖ, ଆଉ ବାକି ସବୁକିଛିକୁ ଭଗବାନଙ୍କ ହାତରେ ଛାଡ଼ି ଦିଅ । ସେଥିପାଇଁ ସମୟ ଲୋଡ଼ା; ତୁମ ମଧ୍ୟରେ ଏକ ମହାନ୍ କାର୍ଯ୍ୟ ସଂପନ୍ନ ହେଉଛି । ତାହା ହେଲା ସମଗ୍ର ମଣିଷପ୍ରକୃତିକୁ ଦିବ୍ୟ ପ୍ରକୃତିରେ ପରିବର୍ତ୍ତନ କରିବା; ମାତ୍ର ଅଳ୍ପ କେତେକ ବର୍ଷ ମଧ୍ୟରେ ସମଗ୍ର ବିବର୍ତ୍ତନର ଶତ ଶତ ବର୍ଷର କାର୍ଯ୍ୟ କରା ହେଉଛି; ତେଣୁ ସମୟ ବିଷୟରେ ତୁମେ କେବେ ହେଲେ ଚିନ୍ତା କର ନାହିଁ । ଆମ ପାଇଁ ଯେଉଁ ଲକ୍ଷ୍ୟ ସ୍ଥିର କରା ଯାଇଛି ଏବଂ ଯେଉଁଥିପାଇଁ ଆମେ ଉଦ୍ଦିଷ୍ଟ, ତାହା ହେଉଛି ଭଗବାନଙ୍କ ସ୍ୱରୂପ ମଧ୍ୟକୁ ଉତ୍ତୀର୍ଣ୍ଣ ହେବା, ତାଙ୍କ ମଧ୍ୟରେ ଓ ତାଙ୍କ ସହିତ ବାସ କରିବା; ତାଙ୍କର ଆନନ୍ଦ ଓ ଶକ୍ତି ପାଇଁ ଆମେ ହୋଇଉଠିବା ଏକ ପ୍ରଣାଳୀ ଓ ତାଙ୍କ କାର୍ଯ୍ୟ ପାଇଁ ଏକ ମାଧ୍ୟମ । ଯାହାକିଛି ଅଶୁଦ୍ଧ ସେସବୁକୁ ବିଶୁଦ୍ଧ କରି, ତାଙ୍କରି ସ୍ପର୍ଶ ଦ୍ୱାରା ଆତ୍ମାର ରୂପାନ୍ତର ସାଧନ କରି, ଆମକୁହିଁ ସାରା ପୃଥିବୀରେ ଭଗବାନଙ୍କର ଦିବ୍ୟ ବିଦ୍ୟୁତ୍‌ଶକ୍ତିର ଏକ କ୍ରିୟାଶୀଳ ଯନ୍ତ୍ର ରୂପେ କାର୍ଯ୍ୟ କରିବାକୁ ହେବ । ତା'ପରେ ଏହି ଶକ୍ତି ଆମରି ମଧ୍ୟରୁ ଉତ୍ସାରିତ ହେବ ସାରା ମାନବଜାତି ମଧ୍ୟକୁ । ତାହା ହେଲେ ଯେତେବେଳେ, ଆମ ମଧ୍ୟରୁ ଜଣେ ଯେଉଁଠି ଥିବ, ତାହାର ଚତୁଃପାର୍ଶ୍ୱରେ ଥିବା ଶତ ଶତ ବ୍ୟକ୍ତି ଭଗବାନଙ୍କ ଆଲୋକ ଓ ଶକ୍ତିରେ ପୂର୍ଣ୍ଣ ହେବେ, ଭଗବତ୍ ଭାବ ଓ ଆନନ୍ଦରେ ପୂର୍ଣ୍ଣ ହେବେ ।

ଗିର୍ଜା ଆଦି ଧର୍ମସଂସ୍ଥା, ଧର୍ମମତ, ଦର୍ଶନତତ୍ତ୍ୱ ପ୍ରଭୃତି ମଣିଷଜାତିକୁ ଯଥାର୍ଥରେ ରକ୍ଷା କରିବା ପାଇଁ ଅସମର୍ଥ ହୋଇଛନ୍ତି । କାରଣ ସେମାନେ ବେଶୀ ଭାଗରେ ବୁଦ୍ଧିଗତ ମତବାଦ, ଧର୍ମମତ, ଧର୍ମଗତ ନିୟମ, ଶୃଙ୍ଖଳା, ଅନୁଷ୍ଠାନ, ଆଚାର, ଶୁଦ୍ଧି ଓ ଦର୍ଶନ ପ୍ରଭୃତି ନେଇ ବ୍ୟସ୍ତ ଥିଲେ; ସତେ ଅବା ଏହିସବୁ ମଣିଷଜାତିକୁ ତ୍ରାଣ କରିବ । ପ୍ରକୃତରେ ଯାହା ଏକାନ୍ତ ଆବଶ୍ୟକ, ତାହା ହେଉଛି ଅନ୍ତରାତ୍ମାର ଶକ୍ତି ଓ ବିଶୁଦ୍ଧୀକରଣ; ତାହାକୁହିଁ ସେମାନେ ଉପେକ୍ଷା କରୁଥିଲେ ।

ଅବତାର ଯେଉଁ କାରଣରୁ ପୃଥିବୀ ଉପରେ ଜନ୍ମ ନେଇଥା'ନ୍ତି, ତାହା ହେଉଛି ମଣିଷଜାତିର ବାରଂବାର ଅଭ୍ୟୁତ୍‌ଥାନ ସକାଶେ; ତାହା ମଧ୍ୟରେ ଏକ ଉଚ୍ଚରୁ ଉଚ୍ଚତର ମାନବ ଚେତନାର ବିକାଶ କରିବା ନିମନ୍ତେ ଏବଂ ଅଧିକରୁ ଅଧିକ ମହାନ୍ ଦିବ୍ୟସତ୍ତାର ବିକାଶ ସକାଶେ । ଯେପର୍ଯ୍ୟନ୍ତ ଆମ ଶ୍ରମ ସାର୍ଥକ ହୋଇ ନାହିଁ, କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନାହିଁ, ଏବଂ ଯେପର୍ଯ୍ୟନ୍ତ ସଚ୍ଚିଦାନନ୍ଦ ସମସ୍ତଙ୍କ ମଧ୍ୟରେ ଏପରିକି ଜଡ଼ ଜଗତରେ ପୂର୍ଣ୍ଣ ପ୍ରକଟିତ ହୋଇ ନାହାନ୍ତି, ସେ ପର୍ଯ୍ୟନ୍ତ ବାରଂବାର ଏହି ପୃଥିବୀ ଉପରକୁ ଅଧିକରୁ ଅଧିକ ମାତ୍ରାରେ ସ୍ୱର୍ଗକୁ ଆନୟନ କରାଯାଉଥିବ ।

('ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ'ରୁ ସଂଗୃହୀତ,
ପୃଷ୍ଠା : ୧୫ - ୨୧) ✤

# ଶ୍ରୀମା'ଙ୍କର ଏକ ବାର୍ତ୍ତା

ମଣିଷ ଜୀବନରେ ସମସ୍ତ ବାଧାବିଘ୍ନ, ସମସ୍ତ କଳହ-ବିବାଦ, ସମସ୍ତ ନୈତିକ ଦୁର୍ଭୋଗର ମୂଳ କାରଣ ହେଲା ପ୍ରତ୍ୟେକଙ୍କ ଭିତରେ ନିଜର କାମନା-ବାସନା ଓ ପସନ୍ଦ-ଅପସନ୍ଦ ନେଇ ଯେଉଁ ଅହଂଟି ରହିଥାଏ । ଏପରିକି ଏକ ନିଃସ୍ୱାର୍ଥପର କର୍ମର କ୍ଷେତ୍ରରେ, ଯେଉଁଠି ଅନ୍ୟମାନଙ୍କୁ ସାହାଯ୍ୟ କରିବାହିଁ ପ୍ରଧାନ କଥା, ସେ କ୍ଷେତ୍ରରେ ମଧ୍ୟ ଯେପର୍ଯ୍ୟନ୍ତ ତୁମେ ନିଜର ଅହଂ ଓ ତା'ର ଦାବିସବୁକୁ ଅତିକ୍ରମ କରିବାକୁ ନ ଶିଖିଛ, ତାହାକୁ ଗୋଟିଏ କୋଣକୁ ଠେଲି ଦେଇ ନୀରବ ଓ ଚୁପ୍‌ଚାପ୍ ରହିବାକୁ ବାଧ୍ୟ ନ କରିଛ, ସେପର୍ଯ୍ୟନ୍ତ ସେହି ଅହଂ ତାକୁ ଭଲ ନ ଲାଗୁଥିବା ପ୍ରତ୍ୟେକଟି ବିଷୟ ଉପରେ ପ୍ରତିକ୍ରିୟା ଆରମ୍ଭ କରିବ ଏବଂ ଭିତରେ ଏକ ତୁମୂଳ ଝଡ଼ ସୃଷ୍ଟି କରିବ ଯାହା ସମ୍ମୁଖ ଭାଗକୁ ଉଠିଆସି ସମସ୍ତ କାମଟିକୁ ନଷ୍ଟ କରିଦେବ ।

ଅହଂ ଉପରେ ବିଜୟ ହାସଲ କରିବାର ଏହି କାମଟି ଦୀର୍ଘ, ମନ୍ଥର ଓ କଷ୍ଟ ସାପେକ୍ଷ, ଏଥିପାଇଁ ଆବଶ୍ୟକ ହେଉଛି ନିରନ୍ତର ସଜାଗ ରହିବା ଏବଂ କ୍ରମାଗତ ଭାବେ ନିଜ ପ୍ରଚେଷ୍ଟାରେ ଲାଗି ରହିବା । କେତେକଙ୍କ କ୍ଷେତ୍ରରେ ଏହି ପ୍ରଚେଷ୍ଟା ସହଜ ଓ ଆଉ କେତେକଙ୍କ କ୍ଷେତ୍ରରେ କଷ୍ଟସାଧ୍ୟ ହୋଇଥାଏ ।

ଶ୍ରୀଅରବିନ୍ଦଙ୍କ ଜ୍ଞାନ ଓ ଶକ୍ତିର ସାହାଯ୍ୟ ନେଇ ଏକତ୍ର ଏହି କାମଟି କରିବା ପାଇଁ ଆମେମାନେ ଆଶ୍ରମରେ ରହିଛୁ । ଆମର ପ୍ରୟାସ ହେଲା ଏପରି ଏକ ସମଷ୍ଟିଗତ ଜୀବନ ଗଢ଼ି ତୋଳିବା ଯାହାକି ଏକ ଅଧିକ ସୁସମଞ୍ଜସ, ଅଧିକ ଏକୀଭୂତ ଏବଂ ପରିଣାମରେ ଜୀବନରେ ଅନେକ ଅଧିକ ଫଳପ୍ରଦ ।

ମୁଁ ଯେପର୍ଯ୍ୟନ୍ତ ଶାରୀରିକ ଭାବରେ ତୁମ ସମସ୍ତଙ୍କ ସଙ୍ଗେ ଏକତ୍ର ରହି କାମ କରୁଥିଲି, ମୋର ସେହି ଉପସ୍ଥିତିହିଁ ତୁମକୁ ସାହାଯ୍ୟ କରୁଥିଲା ଅହଂ ଉପରେ ଏହି କର୍ତ୍ତୃତ୍ୱ ଲାଭ କରିବା ପାଇଁ, ତେଣୁ ମୋ ପାଇଁ ତୁମକୁ ଏ ବିଷୟରେ ବ୍ୟକ୍ତିଗତ ଭାବରେ ବାରଂବାର କହିବାର କୌଣସି ଆବଶ୍ୟକତା ନଥିଲା ।

କିନ୍ତୁ ବର୍ତ୍ତମାନ ଏହି ଦିଗରେ ପ୍ରଚେଷ୍ଟା ପ୍ରତ୍ୟେକ ସାଧକଙ୍କ ପାଇଁ ସାଧନା-ଜୀବନର ମୂଳ ଭିତ୍ତି ହେବା ଉଚିତ, ବିଶେଷ କରି ଯେଉଁମାନଙ୍କୁ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟଭାର ଓ ଅନ୍ୟମାନଙ୍କର ଯତ୍ନ ନେବାକୁ ପଡ଼ୁଛି । ନେତାମାନଙ୍କୁ ସବୁବେଳେ ଆଦର୍ଶ ଦୃଷ୍ଟାନ୍ତ ରଖିବାକୁ ହେବ, ସେମାନଙ୍କ ତତ୍ତ୍ୱାବଧାନରେ ଥିବା କର୍ମୀମାନଙ୍କ ଠାରୁ ସେମାନେ ଯାହା ଦାବି କରନ୍ତି ନିଜର ଆଚରଣରେ ତାହା ଦେଖାଇବାକୁ ହେବ । ସେମାନଙ୍କୁ ସମଝଦାର, ଧୈର୍ଯ୍ୟଶୀଳ, ସହିଷ୍ଣୁ ହେବାକୁ ହେବ ଓ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ଓ ବନ୍ଧୁତ୍ୱପୂର୍ଣ୍ଣ ଗଭୀର ସଦିଚ୍ଛାର ଭାବ ପୋଷଣ କରିବାକୁ ହେବ ଏବଂ ଅହଂଭାବରେ ଚାଳିତ ହୋଇ ନିଜ ପାଇଁ ବନ୍ଧୁ ଯୋଗାଡ଼ କରିବା ଉଦ୍ଦେଶ୍ୟରେ ନୁହେଁ, ଅନ୍ୟମାନଙ୍କୁ ଯଥାର୍ଥରେ ବୁଝିବା ଓ ସାହାଯ୍ୟ କରିବାର ଏକ ଉଦାର ମନୋଭାବରୁହିଁ ଏହା କରିବାକୁ ହେବ ।

ଯଥାର୍ଥ ନେତା ହେବାକୁ ହେଲେ ନିଜକୁ ଭୁଲିଯିବା, ନିଜର ପସନ୍ଦ, ଅପସନ୍ଦକୁ ଭୁଲିଯିବା ଏକାନ୍ତ ଅପରିହାର୍ଯ୍ୟ ।

ଏହାହିଁ ମୁଁ ବର୍ତ୍ତମାନ ତୁମଠାରୁ ଆଶା କରୁଛି, ଯାହା ଫଳରେ ତୁମ ନିଜର ଦାୟିତ୍ୱସବୁର ଠିକ୍ ଭାବରେ ସମ୍ମୁଖୀନ ହୋଇପାରିବ । ସେତେବେଳେ ଦେଖିବ ଯେଉଁଠାରେ ତୁମେ ବିଶୃଙ୍ଖଳା ଓ ଅନୈକ୍ୟ ଦେଖୁଥିଲ, ସେ ସବୁ କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଇଛି ଏବଂ ତା' ସ୍ଥାନରେ ଦେଖାଦେଇଛି ସୌଷମ୍ୟ, ଶାନ୍ତି ଓ ଆନନ୍ଦ ।

ତୁମେ ଜାଣ ମୁଁ ତୁମମାନଙ୍କୁ କିପରି ଭଲପାଏ ଏବଂ ଏହା ମଧ୍ୟ ଜାଣ ଯେ ମୁଁ ସବୁବେଳେ ତୁମ ସଙ୍ଗରେ ରହିଛି ତୁମକୁ ଲାଳନ ଓ ପୁଷ୍ଟ କରିବାକୁ, ସାହାଯ୍ୟ କରିବାକୁ ଏବଂ ପଥ ପ୍ରଦର୍ଶନ କରି ଆଗେଇ ନେବାକୁ ।

୨୬ ଅଗଷ୍ଟ, ୧୯୬୯ (MCW Vol. 13, page 164 - 65)

# ଗୀତାର ଅସାମାନ୍ୟତା

## ଶ୍ରୀଅରବିନ୍ଦ

... ଗୀତା ଅୟୁତରତ୍ନପ୍ରସୂ ଅତଳ ସମୁଦ୍ର । ସମସ୍ତ ଜୀବନକାଳ ସେହି ସମୁଦ୍ରର ନିମ୍ନସ୍ତରକୁ ଅବତରଣ କରି ମଧ୍ୟ ତାହାର ଗଭୀରତାକୁ ଅନୁମାନ କରାଯାଇ ପାରିବ ନାହିଁ, ତା'ର ତଳ ମିଳିବ ନାହିଁ । ଶତ ବର୍ଷ ଖୋଜି ଖୋଜି ସେହି ଅନନ୍ତ ରତ୍ନ ଭଣ୍ଡାରର ସହସ୍ରାଂଶ ଧନ ମଧ୍ୟ ଆହରଣ କରିବା ଦୁଷ୍କର । ଅଥଚ ଗୋଟିଏ ଦୁଇଟି ରତ୍ନ ଉଦ୍ଧାର କରିପାରିଲେ ଦରିଦ୍ର ଧନୀ ହୁଏ, ଗଭୀର ଚିନ୍ତାଶୀଳ ଜ୍ଞାନୀ ହୁଏ, ଭଗବତ୍ ବିଦ୍ୱେଷୀ ପ୍ରେମିକ ହୁଏ, ମହାପରାକ୍ରମୀ ଶକ୍ତିମାନ୍ କର୍ମବୀର ନିଜର ଜୀବନର ଉଦ୍ଦେଶ୍ୟ ସାଧନ ପାଇଁ ସମ୍ପୂର୍ଣ୍ଣ ରୂପେ ସଜ୍ଜିତ ଓ ସନ୍ନଦ୍ଧ ହୋଇ କର୍ମକ୍ଷେତ୍ରକୁ ଫେରି ଆସେ ।

ଗୀତା ଅକ୍ଷୟ ମଣିର ଆକର । ଯୁଗ ଯୁଗ ଧରି ଆକରସ୍ଥ ମଣିକୁ ଯଦି ସଂଗ୍ରହ କରାଯାଏ, ତଥାପି ଭବିଷ୍ୟତ୍ ବଂଶଧରଗଣ ସର୍ବଦା ନୂତନ ନୂତନ ଅମୂଲ୍ୟ ମଣିମାଣିକ୍ୟ ଲାଭ କରି ହୃଷ୍ଟ ଓ ବିସ୍ମିତ ହେବେ ।

ଏହିପରି ଗଭୀର ଗୁପ୍ତଜ୍ଞାନପୂର୍ଣ୍ଣ ପୁସ୍ତକ ଅଥଚ ଭାଷା ଅତିଶୟ ପ୍ରାଞ୍ଜଳ, ରଚନା ସରଳ, ବାହ୍ୟିକ ଅର୍ଥ ସହଜ-ବୋଧଗମ୍ୟ । ଗୀତା ସମୁଦ୍ରର ଅନୁଚ୍ଚ ତରଙ୍ଗର ଉପରେ ଉପରେ ଭାସି ଚାଲିଲେ ଓ ତହିଁରେ ଗଭୀର ଭାବେ ବୁଡ଼ି ନ ଗଲେ ମଧ୍ୟ, କେତେ ଶାନ୍ତି ଓ ଆନନ୍ଦ ବୃଦ୍ଧିପାଏ । ଗୀତାରୂପ ଆକରର ରତ୍ନୋଦ୍ଦୀପିତ ଗଭୀର ଗୁହା ଭିତରେ ପ୍ରବେଶ ନ କରି କେବଳ ତା'ର ଚାରିପାଖରେ ବୁଲିଲେ ମଧ୍ୟ ତୃଣ ମଧ୍ୟରେ ପତିତ ଉଜ୍ଜ୍ୱଳ ମଣି ମିଳିଥାଏ, ଇହଜୀବନ ପାଇଁ ତାହାକୁ ନେଇହିଁ ଜଣେ ଧନୀ ହୋଇପାରେ ।

ଗୀତାର ସହସ୍ର ବ୍ୟାଖ୍ୟା ହେଲେ ମଧ୍ୟ ଏପରି ସମୟ କେବେ ବି ଆସିବ ନାହିଁ, ଯେତେବେଳେ ଆଉ ନୂତନ ବ୍ୟାଖ୍ୟାର ପ୍ରୟୋଜନ ରହିବ ନାହିଁ । ଏପରି କେହି ଜଗତ୍ଶ୍ରେଷ୍ଠ ମହାପଣ୍ଡିତ ବା ଗଭୀର ଜ୍ଞାନୀ ଗୀତାର ଏପରି ବ୍ୟାଖ୍ୟା କରିପାରିବେ ନାହିଁ ଯେ ତାଙ୍କର ବ୍ୟାଖ୍ୟା ହୃଦୟଙ୍ଗମ ହେଲେ କୁହାଯାଇ ପାରିବ, ହୋଇସାରିଛି – ଏହାପରେ ଆଉ ଗୀତାର ବ୍ୟାଖ୍ୟା ନିଷ୍ପ୍ରୟୋଜନ, ସମସ୍ତ ଅର୍ଥ ବୁଝା ହୋଇଯାଇଛି । ସମସ୍ତ ବୁଦ୍ଧି ଖର୍ଚ୍ଚ କରି ଏହି ଜ୍ଞାନର କେତେକ ଦିଗ ମାତ୍ର ବୁଝିବା ଓ ବୁଝାଇ ପାରିବା ସମ୍ଭବ; ବହୁକାଳ ଯୋଗମଗ୍ନ ହୋଇ ବା ନିଷ୍କାମ କର୍ମ ମାର୍ଗରେ ଉଚ୍ଚରୁ ଉଚ୍ଚତର ସ୍ଥାନରେ ଆରୂଢ଼ ହୋଇ ଏହି ପର୍ଯ୍ୟନ୍ତ କହିହେବ ଯେ ଗୀତୋକ୍ତ କେତୋଟି ଗଭୀର ସତ୍ୟ ଉପଲବ୍ଧି କରି ପାରିଲି ବା ଗୀତାର ଗୋଟିଏ ଦୁଇଟି ଶିକ୍ଷା ଇହଜୀବନରେ କାର୍ଯ୍ୟରେ ପରିଣତ କରିପାରିଲି । ... ...

(ଶ୍ରୀଅରବିନ୍ଦଙ୍କ ବଙ୍ଗଳା ରଚନା, ପୃଷ୍ଠା : ୨୪୮)

ଆଗାମୀ କାଲିର ପୂର୍ଣ୍ଣ ସିଦ୍ଧିରେ ପହଞ୍ଚିବା ପର୍ଯ୍ୟନ୍ତ ଆମେ ବିରାମହୀନ ଭାବରେ ଆରୋହଣ କରି ଚାଲିବୁ ସୋପାନରୁ ସୋପାନକୁ, ସତ୍ୟରୁ ସତ୍ୟକୁ ।

– ଶ୍ରୀମା

# କର୍ମର ଆନନ୍ଦ

## ଶ୍ରୀଅରବିନ୍ଦ

ତୁମ କର୍ମରେ ସବୁବେଳେ ଏହି ତିନୋଟି ବିଷୟ ରହିଥାଏ : ପ୍ରଭୁ, କର୍ମୀ ଓ ଯନ୍ତ୍ର । ନିଜ ଭିତରେ ଏଗୁଡ଼ିକର ଯଥାର୍ଥ ସଂଜ୍ଞା ନିର୍ଣ୍ଣୟ କରିବା ଏବଂ ସେଗୁଡ଼ିକୁ ଠିକ୍ ଭାବରେ ଅଧିଗତ କରିବା ହେଉଛି କର୍ମ ତଥା କର୍ମର ଆନନ୍ଦର ଗୋପନ ରହସ୍ୟ ।

ପ୍ରଥମେ ତୁମକୁ ଶିଖିବାକୁ ହେବ ଭଗବାନଙ୍କର ଯନ୍ତ୍ର ହେବା ପାଇଁ ଏବଂ ତୁମ ପ୍ରଭୁଙ୍କୁ ଗ୍ରହଣ କରିନେବା ପାଇଁ । ତୁମେ ଯାହାକୁ ତୁମେ ନିଜେ ବୋଲି କୁହ ସେହି ବାହ୍ୟ ଜିନିଷଟି ହେଉଛି ଯନ୍ତ୍ର, ଏହା ହେଉଛି ମନର ଏକ ଢାଞ୍ଚା, ପ୍ରାଣମୟ ଏକ ଶକ୍ତି-ପ୍ରବେଗ, ଆକାର ଥିବା ଏକ ଯନ୍ତ୍ରପାତି, ସ୍ପ୍ରିଙ୍ଗ୍, ପେଚ, ଚକଦାନ୍ତୀ ଆଦି ନାନା କଳକବ୍ଜା ଓ କାରିଗରୀ କୌଶଳରେ ପୂର୍ଣ୍ଣ ଏକ ବସ୍ତୁ । ଏହାକୁ ଦିବ୍ୟକର୍ମୀ ବା ପ୍ରଭୁ ବୋଲି କୁହ ନାହିଁ, ଏହା କେବେହେଲେ ଦିବ୍ୟକର୍ମୀ ବା ପ୍ରଭୁ ହୋଇ ପାରିବ ନାହିଁ । ନିଜକୁ ବିନୀତ ଭାବରେ ଭଗବାନଙ୍କର ଏକ ଯନ୍ତ୍ର ବୋଲି ମାନିନିଅ, ବିନୀତ ଭାବରେ ତଥାପି ସ୍ୱାଭିମାନ ସହ, ଉତ୍ସର୍ଗ ଓ ଆନୁଗତ୍ୟର ଭାବ ସହ ଏବଂ ଆନନ୍ଦ ମନରେ ନିଜକୁ ତାଙ୍କର ଏକ ଯନ୍ତ୍ର ବୋଲି ଗ୍ରହଣ କର ।

ପ୍ରଭୁଙ୍କର ଏକ ନିଖୁଣ ଯନ୍ତ୍ର ହୋଇ ଉଠିବାଠାରୁ ଆଉ ଅଧିକ ଗର୍ବ ଓ ଗୌରବର କଥା କିଛି ନାହିଁ ।

ପ୍ରଥମେ ଶିଖିବାକୁ ହେବ କିପରି ସର୍ବଦା ପୂରାପୂରି ଆଜ୍ଞାପାଳନ କରିବାକୁ ହୁଏ । ତରବାରି ବାଛେ ନାହିଁ ତାହା କେଉଁଠି ଆଘାତ କରିବ, ତୀର ପଚାରେ ନାହିଁ ତାହା କେଉଁ ଲକ୍ଷ୍ୟ ଦିଗରେ ଚାଳିତ ହେବ, ଯନ୍ତ୍ରର ସ୍ପ୍ରିଙ୍ଗଗୁଡ଼ିକ ଜିଦ୍ କରନ୍ତି ନାହିଁ ସେମାନଙ୍କ କ୍ରିୟା ଫଳରେ କେଉଁ ଧରଣର ବସ୍ତୁର ଉତ୍ପାଦନ ହେବ । ବିଶ୍ୱପ୍ରକୃତିର ଅଭିପ୍ରାୟ ଓ କ୍ରିୟା ଦ୍ୱାରାହିଁ ତାହା ସ୍ଥିରୀକୃତ ହୋଇଥାଏ । ସଚେତ ଯନ୍ତ୍ରଟି ନିଜ ପ୍ରକୃତିର ଶୁଦ୍ଧ ଓ ମୂଳ ସ୍ୱଧର୍ମକୁ ଯେତେ ଅଧିକ ଅନୁଭବ କରିବା ପାଇଁ ଓ ମାନି ଚଳିବା ପାଇଁ ଶିଖିବ, ସେତେ ଅଧିକ ଶୀଘ୍ରହିଁ ତା ଦ୍ୱାରା ସଂପନ୍ନ ହେଉଥିବା କର୍ମ ଆହୁରି ପୂର୍ଣ୍ଣ, ନିଖୁଣ ଓ ତ୍ରୁଟିହୀନ ହୋଇ ଉଠିବ । ସ୍ନାୟବିକ ପ୍ରବୃତ୍ତି-ପ୍ରଣୋଦିତ ପ୍ରାଣଶକ୍ତି ଯଦି ନିଜ ପସନ୍ଦ ଓ ଖିଆଲ ଖୁସି ଅନୁଯାୟୀ କର୍ମ ନିର୍ବାଚନ କରେ, ଯଦି ଶାରୀରିକ ଓ ମାନସିକ ଯନ୍ତ୍ର ବିଦ୍ରୋହ କରେ ତେବେ ତାହା ଦ୍ୱାରା ସମସ୍ତ କର୍ମ ନଷ୍ଟଭ୍ରଷ୍ଟ ହୋଇଯିବାହିଁ ସାର ହେବ ।

ତୁମେ ନିଜକୁ ଭଗବାନଙ୍କ ଶ୍ୱାସ-ପ୍ରଶ୍ୱାସରେ ବହି ଯିବାକୁ ଛାଡ଼ିଦିଅ ଏବଂ ଝଡ଼ରେ ଉଡୁଥିବା ଏକ ପତ୍ର ପରି ହୋଇଯାଅ, ତାଙ୍କ ହାତରେ ନିଜକୁ ଛାଡ଼ିଦିଅ ଏବଂ ଆଘାତ କରିବା ପାଇଁ ଉଦ୍ୟତ ଏକ ଖଡ଼୍ଗ ପରି ଓ ନିଜ ଲକ୍ଷ୍ୟଭେଦ ପାଇଁ ଛୁଟି ଚାଲୁଥିବା ଏକ ତୀର ପରି ହୋଇଉଠ । ତୁମର ମନ ଯନ୍ତ୍ରପାତିର ଏକ ସ୍ପ୍ରିଂ ପରି ହେଉ ଏବଂ ତୁମର ଶକ୍ତି ଏକ ପିଷ୍ଟନ୍ ପରି କ୍ରିୟା କରୁ; ତୁମର କର୍ମ ହୋଇଉଠୁ ସେହିପରି ଇସ୍ପାତଦୃଢ଼ ଯାହା କୌଣସି ଜିନିଷକୁ ଚୂରିପେଷି ନୂତନ ଆକୃତି ଦେବା ପାଇଁ ତାହା ଉପରେ ବାରବାର କ୍ରିୟା କରିଥାଏ । ତୁମର ବାଣୀ ହୋଇଉଠୁ ନେହି ଉପରେ ହାତୁଡ଼ି-ଆଘାତର ଶବ୍ଦ ପରି ଏବଂ ଇଞ୍ଜିନର ଶ୍ରମାର୍ତ୍ତ କ୍ରନ୍ଦନ ପରି ଓ ରଣଭେରୀର ସେହି ତୂର୍ଯ୍ୟ-ନିନାଦ ପରି ଯାହା ସମଗ୍ର ଅଞ୍ଚଳରେ ଭାଗବତ ଶକ୍ତିର ବିଜୟ ଘୋଷଣା କରୁଥାଏ । ଯେକୌଣସି ବାଟରେ ହେଉ ନା କାହିଁକି ଏକ ଯନ୍ତ୍ର ଭଳି ସେହି କର୍ମ କରିଚାଲ ଯାହା ତୁମ ପାଇଁ ସ୍ୱାଭାବିକ ଓ ଯେଉଁ କର୍ମ ପାଇଁ ତୁମେ ନିଯୁକ୍ତ ହୋଇଛ ।

ରଣଭୂମିର ଲୀଳାରେ ହିଁ ତରବାରିର ଆନନ୍ଦ, ତୀରର ଉଲ୍ଲାସ ସାଇଁ ସାଇଁ ଶବ୍ଦ କରି ଛୁଟି ଚାଲିବାରେ, ମହାଶୂନ୍ୟରେ ଚକାଭଉଁରି କାଟି ଘୂରି ବୁଲିବାରେହିଁ ପୃଥିବୀର ଆନନ୍ଦ, ନିଜର ଜ୍ୟୋତିର୍ମୟ ଐଶ୍ୱର୍ଯ୍ୟ, ଦୀପ୍ତି ଓ ଚିରନ୍ତନ ଗତିରୁହିଁ ସୂର୍ଯ୍ୟ ତା'ର ସମ୍ରାଟସୁଲଭ ଆନନ୍ଦର ଉପଭୋଗ କରିଥାଏ । ହେ ଭଗବାନଙ୍କର ଆତ୍ମସଚେତନ ଯନ୍ତ୍ର ! ତୁମେ ନିଜେ ମଧ୍ୟ ନିୟୋଜିତ ହୋଇଥିବା କର୍ମରୁ ଆନନ୍ଦର ରସ ଆସ୍ୱାଦନ କର ।

ତରବାରି ନିଜେ ଗଢ଼ାହେବା ପାଇଁ ଆବେଦନ ଜଣାଇ ନ ଥିଲା କିଂବା ନିଜ ପ୍ରୟୋଗକାରୀକୁ ଏହା ପ୍ରତିରୋଧ କରେ ନାହିଁ ଅଥବା ଯେତେବେଳେ ଏହା ଭାଙ୍ଗି ତୁଟିଯାଏ ସେଥିପାଇଁ ଏହା ବିଳାପ କରେ ନାହିଁ । ଗଢ଼ିହେବାରେ ଏକ ଆନନ୍ଦ ଅଛି, ବ୍ୟବହୃତ ହେବାରେ ଏକ ଆନନ୍ଦ ଅଛି, ଆଡ଼େଇ ରଖା

ହେବାରେ ଏକ ଆନନ୍ଦ ଅଛି ଏବଂ ଭାଙ୍ଗି ଯିବାରେ ମଧ୍ୟ ଏକ ଆନନ୍ଦ ଅଛି । ସମତାର ସେହି ଆନନ୍ଦକୁ ଆବିଷ୍କାର କର ।

ଯେହେତୁ ତୁମେ ଯନ୍ତ୍ରଟିକୁ କର୍ମୀ ଓ ପ୍ରଭୁ ବୋଲି ଭୁଲ୍ କରିଛ ଏବଂ ଯେହେତୁ ନିଜ କାମନାବାସନାର ଅଜ୍ଞାନତାର ବଶବର୍ତ୍ତୀ ହୋଇ, ତୁମ ନିଜର ପସନ୍ଦ ଅନୁଯାୟୀ ଅବସ୍ଥା, ନିଜର ଲାଭାଲାଭ ଓ ଉପଯୋଗିତାକୁ ବାଛି ସ୍ଥିର କରିବାକୁ ବାହାରି ପଡ଼ିଛ, ତେଣୁ ତୁମକୁ ନାନା ଦୁଃଖ, କ୍ଳେଶ ଓ ଯାତନା ଭୋଗ କରିବାକୁ ପଡୁଛି ଏବଂ ବାରବାର ତୁମକୁ ରକ୍ତବର୍ଣ୍ଣ ଉତ୍ତପ୍ତ ନରକର ଅଗ୍ନିକୁଣ୍ଡ ଭିତରେ ପଡ଼ିବାକୁ ହେଉଛି, ବାରବାର ତୁମକୁ ନୂତନ ଜନ୍ମ ନେଇ ନୂତନ ଆକାର ଓ ସ୍ୱଭାବ ଗ୍ରହଣ କରିବାକୁ ପଡୁଛି ଯେପର୍ଯ୍ୟନ୍ତ ତୁମେ ତୁମର ମାନୁଷୀ ଶିକ୍ଷାଲାଭକୁ ପୂରା କରି ନାହଁ । ଏବଂ ଏହା ଏହିପରି ହୋଇ-ଚାଲିଛି କାରଣ ଏହା ତୁମର ଅପରିପକ୍ୱ, ଅସଂପୂର୍ଣ୍ଣ ପ୍ରକୃତି ଭିତରେହିଁ ବିଦ୍ୟମାନ ରହିଛି । ଯେହେତୁ ବିଶ୍ୱ-ପ୍ରକୃତିହିଁ କର୍ମକର୍ତ୍ତ୍ରୀ, ସେ କେଉଁ ଲକ୍ଷ୍ୟ ନେଇ ଏହିପରି କରିଚାଲିଛି ? ତାହାର ସ୍ଥୂଳ ମନ, ପ୍ରାଣ ଓ ଜଡ଼ ଭିତରୁ ଏକ ପୂର୍ଣ୍ଣ ସଚେତ ସତ୍ତାର ଗଠନ ଓ ବିକାଶକୁ ରୂପାୟିତ କରିବାହିଁ ତାହାର ଉଦ୍ଦେଶ୍ୟ ।

*

ପରବର୍ତ୍ତୀ ପଦକ୍ଷେପ ହେଉଛି ନିଜକୁ ଦିବ୍ୟକର୍ମୀ ବୋଲି ଜାଣ । ତୁମର ପ୍ରକୃତିକୁ କର୍ମୀ ବୋଲି ବୁଝ ଏବଂ ନିଜର ପ୍ରକୃତିକୁ ତଥା ସମଗ୍ର ବିଶ୍ୱପ୍ରକୃତିକୁ ନିଜର ସ୍ୱରୂପ ବୋଲି ଜାଣ ।

ଏହି ପ୍ରକୃତି-ସ୍ୱରୂପ(nature-self) କିଛି ବିଶେଷ ଭାବରେ ତୁମର ନୁହଁ ବା ତାହା ଆଦୌ ସୀମିତ ନୁହେଁ । ତୁମରି ପ୍ରକୃତିହିଁ ଏହି ସୂର୍ଯ୍ୟକୁ, ସମସ୍ତ ସୌର ଜଗତକୁ, ପୃଥିବୀକୁ, ତା'ର ପ୍ରାଣୀମାନଙ୍କୁ, ତୁମକୁ, ତୁମର ସବୁକିଛିକୁ, ତୁମେ ଯାହା ହୋଇଛ ଓ ଯାହାସବୁକୁ ପ୍ରତ୍ୟକ୍ଷ କରୁଛ — ସେସମସ୍ତ କିଛିକୁ ରୂପଦେଇ ଗଢ଼ିଛି । ଏହି ପ୍ରକୃତିହିଁ ତୁମର ମିତ୍ର, ତୁମର ଶତ୍ରୁ, ତୁମର ଜନନୀ ଓ ତୁମର ଭକ୍ଷଣକାରୀ, ତୁମର ପ୍ରେମାସ୍ପଦ ଓ ତୁମର ଉତ୍ପୀଡ଼ନକାରୀ, ତୁମ ଆତ୍ମାର ଭଗିନୀ ଓ ସମ୍ପୂର୍ଣ୍ଣ ପର, ଅପରିଚିତ, ବିଦେଶୀ; ଏହାହିଁ ତୁମର ଆନନ୍ଦ ଓ ତୁମର ଦୁଃଖ-ବେଦନା, ତୁମର ପାପ ଓ ତୁମର ପୁଣ୍ୟ, ତୁମର ସାମର୍ଥ୍ୟ ଓ ତୁମର ଦୁର୍ବଳତା, ତୁମର ଜ୍ଞାନ ଓ ତୁମର ଅଜ୍ଞାନ । ଏବଂ ତଥାପି ଏଥିଭିତରୁ କିଛି ବି ନୁହେଁ; ଏହା ଏପରି କିଛି ଯାହାର ଏଗୁଡ଼ିକ ହେଉଛି ପ୍ରଚେଷ୍ଟା ଓ ଅପୂର୍ଣ୍ଣ ଭାବମୂର୍ତ୍ତି । କାରଣ ଏସବୁର ଉର୍ଦ୍ଧ୍ୱରେ, ଏଗୁଡ଼ିକୁ ଅତିକ୍ରମ କରି ଏକ ମୂଳ ଆତ୍ମଜ୍ଞାନ ରହିଛି ଏବଂ ରହିଛି ଏକ ଅନନ୍ତ ଶକ୍ତି ଏବଂ ଅସଂଖ୍ୟ ଅଗଣିତ ଗୁଣରୂପ ।

କିନ୍ତୁ ତୁମ ଭିତରେ ରୂପାୟିତ ହୋଇଛି ତାହାର ଏକ ବିଶେଷ ଗତିବୃତ୍ତି, ଏକ ଯଥୋପଯୋଗୀ ପ୍ରକୃତି ଏବଂ ବ୍ୟକ୍ତିଗତ ଶକ୍ତି । ଏକ ପ୍ରସାରମୟୀ ନଦୀ ପରି ତାହାର ଅନୁସରଣ କର ଯେତେବେଳେ କି ଏହା ଶେଷରେ ତୁମକୁ ପହଞ୍ଚାଇ ଦେବ ତାହାର ଅନନ୍ତ ଆଦିସ୍ରୋତ ଓ ମୂଳ ସ୍ୱରୂପରେ ।

ତେଣୁ ତୁମ ନିଜ ଶରୀରକୁ ଜଡ଼ର ଏକ ଗ୍ରନ୍ଥି ବୋଲି ଓ ତୁମର ମନକୁ ବିଶ୍ୱମନର ଏକ ଘୂର୍ଣ୍ଣି ବୋଲି ଏବଂ ତୁମ ଜୀବନକୁ ଚିରନ୍ତନ ପ୍ରାଣ-ସମୁଦ୍ରର ଏକ ଆବର୍ତ୍ତ ବୋଲି ଜାଣ । ତୁମର ଶକ୍ତିକୁ ଅନ୍ୟ ସମସ୍ତ ସତ୍ତାଙ୍କ ଶକ୍ତି ବୋଲି ଜାଣ, ଏବଂ ତୁମର ଜ୍ଞାନକୁ ସେହି ଆଲୋକର ଏକ ଦ୍ୟୁତି ଓ ଝଲକ ବୋଲି ଜାଣ ଯାହା କୌଣସି ମନୁଷ୍ୟର ଅଧିକାରଭୁକ୍ତ ନୁହେଁ, ଏବଂ ତୁମର କର୍ମକୁ ତୁମ ନିଜ ପାଇଁ ଉଦ୍ଦିଷ୍ଟ ହୋଇଥିବା କର୍ମ ବୋଲି ଜାଣ ତେବେ ନିଜକୁ ଏକ ସ୍ୱତନ୍ତ୍ର ପୃଥକ୍ ବ୍ୟକ୍ତିସତ୍ତା ବୋଲି ମନେ କରିବାର ଭ୍ରାନ୍ତିରୁ ମୁକ୍ତ ହୁଅ ।

ଯେତେବେଳେ ତାହା ସଂପନ୍ନ ହୋଇଯିବ ସେତେବେଳେ ତୁମେ ତୁମ ବ୍ୟକ୍ତିସତ୍ତାର ସତ୍ୟରେ, ତୁମର ସାମର୍ଥ୍ୟରେ, ତୁମର ମହିମାରେ, ତୁମର ସୌନ୍ଦର୍ଯ୍ୟରେ ଓ ତୁମର ଜ୍ଞାନରେ ଏକ ମୁକ୍ତ ଆନନ୍ଦ ଅନୁଭବ କରିବ ଏବଂ ଯଦି ଏଗୁଡ଼ିକରୁ ତୁମେ ବଞ୍ଚିତ ହୁଅ, ତେବେ ମଧ୍ୟ ତହିଁରେ ଆନନ୍ଦ ଅନୁଭବ କରିବ । କାରଣ ଏସବୁଗୁଡ଼ିକ ହେଉଛି ସେହି ଦିବ୍ୟପୁରୁଷଙ୍କର ନାଟକୀୟ ମୁଖା ଓ ବେଶଭୂଷା ଏବଂ ସେହି ଆତ୍ମଶିଳ୍ପୀଙ୍କର ଆତ୍ମ ଭାବମୂର୍ତ୍ତି ।

ତୁମେ ନିଜକୁ କାହିଁକି ସୀମିତ କରିବ ? ତୁମକୁ ଆଘାତ କରୁଥିବା ଖଡ଼୍ଗ ଭିତରେ ତଥା ଆଲିଙ୍ଗନ କରୁଥିବା ବାହୁ ଭିତରେ ନିଜକୁ ଅନୁଭବ କର, ସୂର୍ଯ୍ୟଙ୍କର ଜାଜ୍ୱଲ୍ୟମାନ ଦୀପ୍ତି ଭିତରେ ଓ ପୃଥିବୀର ଲାସ୍ୟ ଭିତରେ, ଈଗଲର ଉଡ଼ିବା ଭିତରେ ଓ ନାଇଟିଙ୍ଗେଲ୍‌ର ଗାନ ଭିତରେ ନିଜକୁ ଅନୁଭବ କର । ଯାହାକିଛି ଅତୀତ ହୋଇଯାଇଛି ଓ ଯାହାକିଛି ବର୍ତ୍ତମାନ ବିଦ୍ୟମାନ ହୋଇ ରହିଛି ଓ ଯାହାକିଛି ଭବିଷ୍ୟତରେ ରୂପ ନେବାକୁ ଯାଉଛି ସେସବୁ ଭିତରେ ନିଜକୁ ଅନୁଭବ କର ।

କାରଣ ତୁମେ ହେଉଛ ଅସୀମ ଏବଂ ଏ ସମସ୍ତ ଆନନ୍ଦ ତୁମ ପାଇଁ ସମ୍ଭବପର ।

ଦିବ୍ୟ କର୍ମକର୍ତ୍ତ୍ରୀଙ୍କର ନିଜ କର୍ମର ଆନନ୍ଦ ଥାଏ ଏବଂ ଯାହାଙ୍କ ପାଇଁ ସେ କର୍ମ କରୁ ଥାଆନ୍ତି ତାଙ୍କର ସେହି ପରମ ପ୍ରେମିକଙ୍କ ଆନନ୍ଦ ହୋଇଉଠେ ତାଙ୍କ ନିଜର ଆନନ୍ଦ । ସେହି ଦେବୀ ନିଜକୁ ଜାଣନ୍ତି ସେହି ପରମ ପୁରୁଷଙ୍କ ଚେତନା ଓ ଶକ୍ତି ରୂପେ, ତାଙ୍କର ଜ୍ଞାନ ଓ ଜ୍ଞାନର ସଂଯମ ରୂପେ, ତାଙ୍କର ଐକ୍ୟ ଓ ତାଙ୍କର ଆତ୍ମ-ବିଭାଜନ ରୂପେ, ତାଙ୍କ ସତ୍ତାର ଅସୀମତା ଓ ସସୀମତା ରୂପେ । ତୁମେ ନିଜକୁ ଏ ସମସ୍ତ କିଛି ବୋଲି ଜାଣ; ତୁମେ ମଧ୍ୟ ତୁମ ଦିବ୍ୟପ୍ରେମିକଙ୍କ ଆନନ୍ଦକୁ ଉପଭୋଗ କର ।

ଅନେକେ ଅଛନ୍ତି ଯେଉଁମାନେ ନିଜକୁ ଏକ କର୍ମଶାଳା ବୋଲି ବା ଏକ ଯନ୍ତ୍ର ବୋଲି ବା ତହିଁରେ ତିଆରି ହୋଇଥିବା ଏକ ବସ୍ତୁ ବୋଲି ଜାଣନ୍ତି । କିନ୍ତୁ ସେମାନେ କର୍ମକର୍ତ୍ତାଙ୍କୁ ଭୁଲ୍ କରନ୍ତି ପ୍ରଭୁ ବୋଲି, ଏହା ମଧ୍ୟ ଏକ ଭୁଲ୍ । ଯେଉଁମାନେ ଏହି ଭୁଲ୍‌ରେ ପଡ଼ନ୍ତି ସେମାନେ ପ୍ରକୃତିର ସେହି ସମୁଚ୍ଚ, ଶୁଦ୍ଧ ଓ ନିଖୁଣ କର୍ମଧାରାକୁ କ୍ୱଚିତ୍ ବୁଝିଥାଆନ୍ତି ।

ଯନ୍ତ୍ର ହେଉଛି ବ୍ୟକ୍ତିରୂପ ନେଇଥିବା ଏକ ସୀମିତ ବସ୍ତୁ, କର୍ମୀ ହେଉଛି ବ୍ୟକ୍ତିଭାବସଂପନ୍ନ ଏକ ବିଶ୍ୱଗତ ସତ୍ୟ, କିନ୍ତୁ ଏଥି ଭିତରୁ କେହି ମଧ୍ୟ ପ୍ରଭୁ ନୁହନ୍ତି, କାରଣ କେହି ମଧ୍ୟ ସେହି ଯଥାର୍ଥ ଦିବ୍ୟପୁରୁଷ ନୁହନ୍ତି ।

*

ଶେଷରେ ନିଜକୁ ଜାଣ ସେହି ପ୍ରଭୁଙ୍କ ସ୍ୱରୂପ ବୋଲି, କିନ୍ତୁ ନିଜର ସେହି ଦିବ୍ୟ-ଆତ୍ମାକୁ କୌଣସି ଆକୃତି ପ୍ରଦାନ କର ନାହିଁ ଏବଂ ତାହା ପାଇଁ ଗୁଣର କୌଣସି ସଂଜ୍ଞାର ସନ୍ଧାନ କର ନାହିଁ । ସେହି ଦିବ୍ୟ-ତତ୍‌ଙ୍କ ସଙ୍ଗେ ତୁମ ନିଜ ସତ୍ତାରେ ଏକ ହୋଇଯାଅ, ତୁମ ନିଜ ଚେତନାରେ ତାଙ୍କ ସଙ୍ଗେ ସଂପର୍କଯୁକ୍ତ ହୋଇଯାଅ, ତୁମ ନିଜର ସମସ୍ତ ଶକ୍ତି ଦେଇ ତାଙ୍କର ଆଜ୍ଞା ପାଳନ କର, ତୁମ ନିଜର ଆନନ୍ଦରେ ତାଙ୍କର ଅଧୀନ ଓ ବଶୀଭୂତ ହୋଇଯାଅ ଏବଂ ତାଙ୍କର ଆଲିଙ୍ଗନରେ ଆବଦ୍ଧ ହୁଅ – ନିଜ ଜୀବନରେ, ଶରୀରରେ ଓ ମନରେ ତାଙ୍କୁହିଁ ସାର୍ଥକ ଓ ପରିପୂର୍ଣ୍ଣ କର । ସେତେବେଳେ ଯାଇ ତୁମ ଅନ୍ତରର ଏକ ଉନ୍ମୀଳିତ ଦୃଷ୍ଟି ଆଗରେ ସେହି ଏକମାତ୍ର ଯଥାର୍ଥ ଦିବ୍ୟପୁରୁଷ ଆବିର୍ଭୂତ ହେବେ, ଯେକି ସ୍ୱୟଂ ତୁମେ, ପୁଣି ତୁମେ ନୁହଁ, ଯେକି ବାକି ଅନ୍ୟ ସମସ୍ତ ପୁଣି ଅନ୍ୟ ସମସ୍ତଙ୍କଠାରୁ ଅଧିକ, ଯେକି ତୁମ ସମସ୍ତ କର୍ମର ନିୟନ୍ତା, ନିର୍ଦ୍ଦେଶକ ଓ ତା'ର ଉପଭୋକ୍ତା, ସମସ୍ତ କର୍ମୀ ଓ ଯନ୍ତ୍ରମାନଙ୍କର ପ୍ରଭୁ; ଏହି ବିଶ୍ୱଲୀଳାର ତାଣ୍ଡବ ନୃତ୍ୟରେ କ୍ଷିପ୍ର ପଦସଞ୍ଚାଳନ କରି ତା'ର ଆନନ୍ଦ-ଉଚ୍ଛ୍ୱାସରେ ସେ ମତ୍ତ ରହିଥିଲେ ମଧ୍ୟ ତଥାପି ତୁମ ଆତ୍ମାର ନିଭୃତ ଆନ୍ତର ପ୍ରକୋଷ୍ଠରେ ତୁମ ସଙ୍ଗେ ନୀରବ, ନିଶ୍ଚୁପ ଓ ଏକଲା ହୋଇ ରହିଛନ୍ତି ।

ସେହି ଦିବ୍ୟପ୍ରଭୁଙ୍କ ଆନନ୍ଦର ଅଧିକାର ଲାଭ କରିବା ପରେ ତୁମ ପାଇଁ ଆଉ ଜୟ କରିବାର କିଛି ନାହିଁ । କାରଣ ସେ ତୁମ ହାତରେ ଦେଇ ଦେବେ ସ୍ୱୟଂ ନିଜକୁ ତଥା ବସ୍ତୁସକଳକୁ ଏବଂ ସମସ୍ତ ପ୍ରାଣିକୁଳର ଯାହା କିଛି ପାଇବାର, ରଖିବାର, କାର୍ଯ୍ୟକରିବାର ବା ଭୋଗ କରିବାର ରହିଛି; ତହିଁରେ ତୁମର ନିଜର ଯେତିକି ଯଥାର୍ଥ ଅଂଶ ଓ ଭାଗ ରହିଛି ତାହା ସେ ତୁମକୁ ଦେଇ ଦେବା ସଙ୍ଗେ ସଙ୍ଗେ ଯାହାକୁ ଭାଗ କରାଯାଇ ପାରିବ ନାହିଁ ତାହା ମଧ୍ୟ ତୁମକୁ ଦେଇ ଦେବେ । ତୁମେ ତୁମ ସତ୍ତାରେ ଧାରଣ ଓ ଅନ୍ତର୍ଗତ କରି ରଖିବ ନିଜକୁ ଓ ବାକି ଅନ୍ୟ ସକଳଙ୍କୁ ଏବଂ ତୁମେ ଯାହା ହୋଇଉଠିବ ତାହା କେବଳ ତୁମେ ନୁହଁ ବା ଅନ୍ୟ ସକଳ ନୁହନ୍ତି । କର୍ମର ଏହାହିଁ ହେଉଛି ପରମ ପୂର୍ଣ୍ଣତାଲାଭ ଓ ଚୂଡ଼ାନ୍ତ ପରାକାଷ୍ଠା ।

(*Essays in Philosophy and Yoga,*
The Delight of Works, pp. 163 - 166)

In the Ashram, negligence in work is treachery.

(MCW. Vol. 13, p. 163) – The Mother

ଆଶ୍ରମରେ କର୍ମର ଅବହେଳାକୁ ବିଶ୍ୱାସଘାତକତା କୁହାଯିବ ।

୧୫ ମାର୍ଚ୍ଚ, ୧୯୬୯ – ଶ୍ରୀମା

# ଚେତନାର ବିପୁଳତା ଓ ପ୍ରସାର

**(ଆଶ୍ରମ ଛାତ୍ରଛାତ୍ରୀମାନଙ୍କ ସହ ଶ୍ରୀମା'ଙ୍କ କଥୋପକଥନ)**

*ପ୍ରଶ୍ନ : ମା', ଆମର ଚେତନାର ବିପୁଳତା ଓ ପ୍ରସାର ଲାଭ ହେବ କିପରି ?*

ଶ୍ରୀମା : ବିପୁଳ ? ଏହା କରିବା ପାଇଁ ବହୁପ୍ରକାର ବାଟ ରହିଛି । ସବୁଠୁ ସହଜ ବାଟ ହେଲା ନିଜକୁ ଏପରି କିଛି ସହ ଏକାତ୍ମ କରିବା ଯାହା ସ୍ୱୟଂ ବିପୁଳ । ଉଦାହରଣସ୍ୱରୂପ ତୁମେ ଯେତେବେଳେ ଅନୁଭବ କର ଯେ ତୁମେ ସମ୍ପୂର୍ଣ୍ଣ ଏକ ସଂକୀର୍ଣ୍ଣ ଓ ସୀମିତ ଚିନ୍ତା, ସଂକଳ୍ପ ବା ଚେତନାରେ ଆବଦ୍ଧ ହୋଇ ପଡ଼ୁଛ, ତୁମକୁ ଯେତେବେଳେ ଲାଗେ ଏକ ଛୋଟ ଖୋଳ ଭିତରେ ରୁଦ୍ଧ ହୋଇ ରହିଛ, ସେତେବେଳେ ତୁମେ ଯଦି ଏପରି କୌଣସି ଜିନିଷ ବିଷୟରେ ଚିନ୍ତା କରିବାକୁ ଆରମ୍ଭ କରିବ ଯାହା ଖୁବ୍ ବିରାଟ ଓ ବିପୁଳ ତେବେ ଏହା ବେଶ୍ ଫଳପ୍ରଦ ହୁଏ । ଉଦାହରଣସ୍ୱରୂପ ତୁମେ ଏକ ମହାସାଗରର ବିପୁଳ ଜଳରାଶି ଉପରେ ଚିନ୍ତା କରିପାର । ଯଦି ପ୍ରକୃତରେ ତୁମେ ମହାସମୁଦ୍ର ସମ୍ପର୍କରେ ଏହିପରି ଚିନ୍ତା କରିବ, ଏହା କିପରି ଭାବରେ ଦୂରକୁ, ଦୂରକୁ ବହୁ ଦୂରକୁ ସବୁ ଦିଗରେ ବିସ୍ତାରିତ ହୋଇଯାଇଛି, ଏହିପରି ଭାବରେ (ମା' ନିଜର ବାହୁ ବିସ୍ତାର କରି ଦେଖାଇ ଦେଲେ), ତୁମ ନିଜ ତୁଳନାରେ ଏହା ଏତେ ସୁଦୂରକୁ ବିସ୍ତାରିତ ଯେ ତୁମେ ଏହାର ଅନ୍ୟ କୂଳଟି ଦେଖିପାରୁ ନାହଁ, କୌଣସିଠାରେ ତୁମେ ଏହାର ସୀମା ଶେଷକୁ ପ୍ରତ୍ୟକ୍ଷ କରିପାରୁ ନାହଁ, ଏହାର ପଛ ବା ଆଗ, ବାମ ବା ଦକ୍ଷିଣ କୌଣସି ସୀମାକୁ ଛୁଇଁପାରୁ ନାହଁ । ଏହା ସବୁଆଡ଼େ ପ୍ରସାରିତ, ସବୁ ଦିଗରେ ବିସ୍ତାରିତ, ଚତୁର୍ଦିଗରେ କେବଳ ବିସ୍ତାର, ବିପୁଳ ବିସ୍ତାର, – ତୁମେ ଏହାରି ଉପରେ ଚିନ୍ତା କର ଏବଂ ତା'ପରେ ଭାବ ଓ ଅନୁଭବ କର ଯେ ତୁମେ ଏହି ମହାସମୁଦ୍ରରେ ଭାସୁଛ, ଏବଂ କୌଣସିଠାରେ କେଉଁଠି ସୀମା ନାହିଁ । ... ଏହା ବେଶ୍ ସହଜ; ତା'ହେଲେ ତୁମ ଚେତନାକୁ ଟିକେ ପ୍ରସାରିତ କରିପାରିବ ।

ଅନ୍ୟମାନେ, ଉଦାହରଣସ୍ୱରୂପ, ଆକାଶ ଦିଗରେ ଚାହିଁବାକୁ ଆରମ୍ଭ କରନ୍ତି ଏବଂ ତା'ପରେ ସେମାନେ ନକ୍ଷତ୍ରମାନଙ୍କ ଭିତରେ ମହାଶୂନ୍ୟର ଯେଉଁ ବିରାଟ ବ୍ୟବଧାନସବୁ ରହିଛି ସେଗୁଡ଼ିକର କଳ୍ପନା କରନ୍ତି ... ... ଏବଂ ସେହି ଅସୀମ ଅନନ୍ତ ମହାଶୂନ୍ୟ ଭିତରେ ପୃଥିବୀ କେଡ଼େ କ୍ଷୁଦ୍ର ଏବଂ ତା' ଭିତରେ ତୁମେ କେଡ଼େ କ୍ଷୁଦ୍ରାଦପି କ୍ଷୁଦ୍ର, ପୃଥିବୀ ଉପରେ ସେହି ତୁଳନାରେ ତୁମେ ଅତି ଛୋଟ ଗୋଟିଏ ବିନ୍ଦୁ ମାତ୍ର, ପିମ୍ପୁଡ଼ିଠାରୁ ବି ଆହୁରି ସାନ । ଏହିପରି ତୁମେ ଆକାଶ ଆଡ଼େ ଅନାଇ ଅନୁଭବ କରିପାର ଯେ ଗ୍ରହ-ନକ୍ଷତ୍ରମାନଙ୍କ ଭିତରେ ଥିବା ସେହି ଅନନ୍ତ ମହାଶୂନ୍ୟରେ ତୁମେ ଭାସୁଛ ଓ ତାହା ସହ ଏକାକାର ହୋଇ କ୍ରମଶଃ ବିପୁଳରୁ ବିପୁଳତର ହୋଇଉଠୁଛ, ଦୂରରୁ ଆହୁରି ଦୂରକୁ ବ୍ୟାପୀ ଯାଉଛ । କେତେକ ଲୋକ ଏହି ଭାବରେ ନିଜର ଚେତନାକୁ ବିସ୍ତାରିତ କରିବାରେ ସଫଳ ହୁଅନ୍ତି ।

ଆଉ ଏକ ବାଟ ମଧ୍ୟ ଅଛି, ତା'ହେଲା ପୃଥିବୀପୃଷ୍ଠରେ ଥିବା ସମସ୍ତ ବସ୍ତୁ, ସମସ୍ତ ବିଷୟ ସଙ୍ଗେ ନିଜର ଏକାତ୍ମତା ସ୍ଥାପନ କରିବା ପାଇଁ ଚେଷ୍ଟା କରିବା । ଉଦାହରଣସ୍ୱରୂପ କୌଣସି ବିଷୟ ସମ୍ପର୍କରେ ତୁମର ଏକ କ୍ଷୁଦ୍ର, ସଂକୀର୍ଣ୍ଣ ଦୃଷ୍ଟିକୋଣ ଅଛି, ସେତେବେଳେ ସେହି ବିଷୟଟି ସମ୍ପର୍କରେ ଅନ୍ୟର ଯେଉଁ ଭିନ୍ନ ଦୃଷ୍ଟିକୋଣ ରହିଥାଏ ତା' ଦ୍ୱାରା ତୁମେ କୌଣସି ଆଘାତ ନପାଇ ନିଜକୁ ତା' ସ୍ଥାନରେ ରଖି, ନିଜର ଚେତନାର ସ୍ଥାନ ବଦଳାଇ ତା' ସହ ନିଜକୁ ଏକ କରି ଜିନିଷଟିକୁ ଦେଖିବାକୁ ଚେଷ୍ଟା କର; ଏହିପରି ଭାବରେ କ୍ରମଶଃ ଅନ୍ୟ ସମସ୍ତଙ୍କ ଦୃଷ୍ଟିକୋଣ ଓ ବିଚାର ଧାରା ସହ ନିଜର ଏକାତ୍ମତା ସ୍ଥାପନ କରାଯାଇପାରେ । ଅବଶ୍ୟ ଏହା – ମୁଁ ଠିକ୍ କେମିତି କହିବି – ଟିକେ ଅଧିକ ବିପଜ୍ଜନକ । କାରଣ ଅନ୍ୟମାନଙ୍କ ଚିନ୍ତାଧାରା ଓ ଇଚ୍ଛା ସଙ୍ଗେ ନିଜକୁ ଏକାତ୍ମ କରିବା ଅର୍ଥ ହେଉଛି ଗଦା ଗଦା ନିର୍ବୋଧତା ଓ ଅସଦିଚ୍ଛା ସଙ୍ଗେ ନିଜକୁ ଏକାତ୍ମ କରିବା ଓ ଏହା ଏପରି ପରିଣାମ ସୃଷ୍ଟି କରିପାରେ ଯାହା ବିଶେଷ ମଙ୍ଗଳପ୍ରଦ ନୁହେଁ । କିନ୍ତୁ, ତଥାପି କେତେକ ଲୋକ ଏହା ଅଧିକ ସହଜରେ କରିପାରନ୍ତି । ଉଦାହରଣସ୍ୱରୂପ, ଯେତେବେଳେ କାହା ସହିତ ସେମାନଙ୍କର ମତ ପାର୍ଥକ୍ୟ ଘଟିଥାଏ, ନିଜର ଚେତନାକୁ ପ୍ରସାରିତ କରିବା ପାଇଁ ସେମାନେ ଅନ୍ୟର ସ୍ଥାନରେ ନିଜକୁ ରଖନ୍ତି ଓ ନିଜ ଦୃଷ୍ଟିକୋଣରୁ ନଦେଖି

ଅନ୍ୟର ଦୃଷ୍ଟିକୋଣରୁ ଜିନିଷଟିକୁ ଦେଖିବାକୁ ଚେଷ୍ଟା କରନ୍ତି । ଏହା ଚେତନାକୁ ପ୍ରସାରିତ କରିଥାଏ, ଯଦିଓ ପ୍ରଥମେ ମୁଁ ଯେଉଁ ଉପାୟ କଥା କହିଥିଲି ସେଗୁଡ଼ିକ ପରି ଏହା ସେତେ ଫଳପ୍ରଦ ହୁଏ ନାହିଁ । ସେହି ଉପାୟଗୁଡ଼ିକ ଖୁବ୍ ନିରାପଦ ଓ ନିରୀହ । ତହିଁରୁ କୌଣସି ବିପଦର ଆଶଙ୍କା ନାହିଁ, ବରଂ ତାହା ତୁମର ଅନେକ ମଙ୍ଗଳ କରେ, ତାହା ଦ୍ୱାରା ତୁମକୁ ଯଥେଷ୍ଟ ଶାନ୍ତି ମିଳେ ।

ଚେତନାର ପ୍ରସାର ପାଇଁ ଅନେକ ବୁଦ୍ଧିଗତ ଉପାୟ ମଧ୍ୟ ରହିଛି । ମୋ ବହିରେ ଏଗୁଡ଼ିକ ସମ୍ପର୍କରେ ବିଶଦ ଆଲୋଚନା କରିଛି । ସେ ଯାହାହେଉ, ତୁମେ ଯେତେବେଳେ କୌଣସି ବିଷୟରେ ବିରକ୍ତ ବା ଅବସନ୍ନ ହୁଅ, କୌଣସି ବିଷୟ ଯେତେବେଳେ ତୁମ ପାଇଁ ଯନ୍ତ୍ରଣାଦାୟକ ବା ଖୁବ୍ ଅପ୍ରୀତିକର ହୁଏ, ସେତେବେଳେ ଯଦି ତୁମେ କାଳର ଚିରନ୍ତନତା ବା ସ୍ଥାନର ଅନନ୍ତ ଅସୀମତା କଥା ଚିନ୍ତାକର, ଯଦି ତୁମେ ଭାବ ଯେ ଏହା ପୂର୍ବରୁ କେତେ କ'ଣ ଘଟିଯାଇଛି ଓ ପରେ ମଧ୍ୟ କେତେ କ'ଣ ଘଟିବ ଏବଂ ଚିରନ୍ତନ ମହାକାଳ ଭିତରେ ଏହି ମୁହୂର୍ତ୍ତଟି ମାତ୍ର ଗୋଟିଏ ନିଃଶ୍ୱାସ ପରି କ୍ଷଣସ୍ଥାୟୀ, ତା'ହେଲେ ସେ କ୍ଷେତ୍ରରେ କୌଣସି ବିଷୟରେ ବ୍ୟସ୍ତବିବ୍ରତ ହେବା ନିତାନ୍ତ ହାସ୍ୟାସ୍ପଦ ନୁହେଁ କି ? କାରଣ ଶାଶ୍ୱତ ମହାକାଳ ଭିତରେ ତୁମକୁ ବିବ୍ରତ କରୁଥିବା ସେହି ବିଷୟଟିର ଆଦୌ କୌଣସି ସ୍ଥାନ, ଆଦୌ କୌଣସି ଗୁରୁତ୍ୱ ଅଛି କି ? ସେ ସମ୍ପର୍କରେ ଏପରିକି ସଚେତ ହେବାକୁ କାହାର ସମୟ ନାହିଁ ।

ଅନନ୍ତ କାଳ ଭିତରେ ଗୋଟିଏ ସେକେଣ୍ଡର କ'ଣ ବା ମୂଲ୍ୟ ? ଯଦି ଜଣେ ଏହି ବିଷୟ ଉପଲବ୍ଧି କରିବ, — କିପରି କହିବି — ଯଦି ଜଣେ ଆଖି ଆଗରେ ଚିତ୍ରଟିଏ ଭଳି ଦେଖିପାରିବ ଏହି ଛୋଟ ପୃଥିବୀଟିରେ ସେ କେତେ ଛୋଟ ମଣିଷଟିଏ, ଏବଂ ଯେଉଁ ଜିନିଷଟି ତାକୁ ଏଇ ମୁହୂର୍ତ୍ତରେ ବ୍ୟସ୍ତ ବିବ୍ରତ କରୁଛି, ଆଘାତ ଦେଉଛି, ଅପ୍ରୀତିକର ଲାଗୁଛି ତାହା ତା'ର ଚେତନାର ଗୋଟିଏ ସେକେଣ୍ଡ, ଗୋଟିଏ ଛୋଟ ମୁହୂର୍ତ୍ତ ମାତ୍ର, ତା'ର ସମଗ୍ର ଜୀବଦ୍ଦଶାର ସମୟ ବିଚାର କଲେ ତାହା ମାତ୍ର ଗୋଟିଏ ସେକେଣ୍ଡ ଏବଂ ସେ ନିଜେ ଏହା ପୂର୍ବରୁ ଏହିପରି କେତେ କେତେ ଘଟଣା ଭିତର ଦେଇ ଯାଇଛି ଓ ପରେ ମଧ୍ୟ କେତେକେତେ ଘଟଣା ଭିତର ଦେଇ ଯିବ, ଏବଂ ଆଜି ଯାହା ତାକୁ ଏତେ କଷ୍ଟକର ମନେ ହେଉଛି ହୁଏତ ଦଶ ବର୍ଷ ଭିତରେ ସେ ତାହା ସମ୍ପୂର୍ଣ୍ଣ ଭୁଲିଯିବ । କିଂବା ତୁମେ ଯଦି ତାହା ମନେ ପକାଅ ତେବେ ଭାବିବ, ''ଏହି ତୁଚ୍ଛ ଘଟଣାଟି ଉପରେ ମୁଁ ଏତେ ଗୁରୁତ୍ୱ ଦେଉଥିଲି କିପରି ?''... ଯଦି ତୁମେ ପ୍ରଥମେ ତାହା ଉପଲବ୍ଧି କର ଏବଂ ପରେ ଏହା ଉପଲବ୍ଧି କର ଯେ ତୁମର ବ୍ୟକ୍ତିତ୍ୱ ଅନନ୍ତ ମହାକାଳ ଭିତରେ ଗୋଟିଏ ସେକେଣ୍ଡ ମାତ୍ର, ଏପରିକି ଗୋଟିଏ ସେକେଣ୍ଡ ମଧ୍ୟ ନୁହେଁ, ମହାକାଳ ଭିତରେ ହଜି ଯାଉଥିବା ଗୋଟିଏ ସେକେଣ୍ଡର ଭଗ୍ନାଂଶ ମାତ୍ର — ଏହା ପୂର୍ବରୁ ସମଗ୍ର ପୃଥିବୀ କାଳର ପ୍ରବାହରେ ଭାସି ଚାଲିଥିଲା ଓ ପରେ ମଧ୍ୟ ଭାସି ଚାଲିଥିବ ଓ ନାନା ଘଟଣାକୁ ରୂପ ଦେଉଥିବ — ଅନିର୍ଦ୍ଦିଷ୍ଟ ଭାବରେ ପୂର୍ବରୁ ଓ ପଶ୍ଚାତରେ ନାନା ଘଟଣା ଘଟୁଥିବ । ଯଦି ଏହିପରି ଚିନ୍ତା କରିପାର ତା'ହେଲେ ଦେଖିବ ତୁମେ ଯେଉଁ ଘଟଣାକୁ ଏତେ ଗୁରୁତ୍ୱ ଦେଉଥିଲ ତାହା ହଠାତ୍ କିପରି ହାସ୍ୟାସ୍ପଦ ଭାବରେ ତୁଚ୍ଛ ଓ ନଗଣ୍ୟ ମନେ ହେଉଛି । ଯଥାର୍ଥରେ ତୁମେ ଅନୁଭବ କରିବ ନିଜର ଜୀବନ ଉପରେ, ନିଜ ଉପରେ, ତୁମ ପାଇଁ କ'ଣ ଘଟିଲା ତା' ଉପରେ ଯେଉଁ ଗୁରୁତ୍ୱ ଦେଉଥିଲ ତାହା କେଡ଼େ ଅର୍ଥହୀନ । ଏବଂ ମାତ୍ର ତିନି ମିନିଟ ଭିତରେ, ତୁମେ ଯଦି ଏହା ଠିକ୍ ଭାବରେ କରିପାର, ତା'ହେଲେ ଦେଖିବ ସମସ୍ତ ଅପ୍ରୀତିକର ଗ୍ଲାନି ଭାବ କେଉଁଆଡ଼େ ଧୋଇ ହୋଇ ଯାଇଛି । ଏପରିକି ଖୁବ୍ ଗଭୀର ଯନ୍ତ୍ରଣା ମଧ୍ୟ ଏହିପରି ଭାବରେ ଧୋଇ ହୋଇ କେଉଁଆଡ଼େ ଭାସି ଚାଲିଯିବ । କେବଳ ଏଇ ଧରଣର ଏକ ଏକାଗ୍ରତା ଏବଂ ନିଜକୁ ଅସୀମ ଓ ଅନନ୍ତ ସହ ଏକ କରି ରଖି ଭାବିବା ଦରକାର । ଏହିପରି ସବୁକିଛି ଦୁଃଖକଷ୍ଟ କେଉଁଆଡ଼େ ନିଶ୍ଚିହ୍ନ ହୋଇଯାଏ । ଏବଂ ଏହି ଅନୁଭୂତିରୁ ତୁମେ ଆହୁରି ଶୁଦ୍ଧ ଓ ସ୍ୱଚ୍ଛ ହୋଇ ବାହାରି ଆସ । ଏହି ଭାବରେ ସମସ୍ତ ଆସକ୍ତିରୁ ତୁମେ ମୁକ୍ତ ହୋଇପାର ଏବଂ ଏପରିକି ମୁଁ କହିବି ଗଭୀରତମ ଦୁଃଖରୁ ମଧ୍ୟ ମୁକ୍ତ ହୋଇପାର ... ଯଦି ତୁମେ ଠିକ୍ ଭାବରେ ଏହା କିପରି କରିବାକୁ ହୁଏ ତା' ଜାଣ । ସଙ୍ଗେ ସଙ୍ଗେ ଏହା ମଧ୍ୟ ତୁମକୁ ତୁମର ଛୋଟ ଅହଂଟିରୁ ବାହାରକୁ କାଢ଼ିଆଣେ ।

(MCW, Vol. 6, pp. 344 - 346)

# ପରିତ୍ୟାଗର ବିଡ଼ମ୍ବନା

## ଶ୍ରୀମା

ଶାସ୍ତ୍ରମାନଙ୍କରେ ପରିତ୍ୟାଗ ସମ୍ପର୍କରେ ବହୁତ କଥା କୁହାଯାଇଛି – ତୁମକୁ ଅଧିକାର ପରିତ୍ୟାଗ କରିବାକୁ ହେବ, ଆସକ୍ତି ପରିତ୍ୟାଗ କରିବାକୁ ହେବ, କାମନା-ବାସନା ପରିତ୍ୟାଗ କରିବାକୁ ହେବ । କିନ୍ତୁ ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଛି ଯେ ତୁମକୁ ଯେପର୍ଯ୍ୟନ୍ତ କିଛି ପରିତ୍ୟାଗ କରିବାକୁ ହୁଏ, ସେପର୍ଯ୍ୟନ୍ତ ତୁମେ ଆମର ଏହି ମାର୍ଗରେ ପହଞ୍ଚ୍ ନାହିଁ । କାରଣ ଯେପର୍ଯ୍ୟନ୍ତ ଜିନିଷଗୁଡ଼ିକ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି ସେଥିପ୍ରତି ତୁମର ଏକ ସ୍ୱତଃସ୍ଫୂର୍ତ୍ତ ବିରକ୍ତି ଆସି ନାହିଁ, ସେଗୁଡ଼ିକୁ ପରିତ୍ୟାଗ କରିବା ପାଇଁ ତୁମକୁ ଚେଷ୍ଟା କରିବାକୁ ପଡୁଛି, ସେପର୍ଯ୍ୟନ୍ତ ତୁମେ ଅତିମାନସ ଉପଲବ୍ଧି ପାଇଁ ପ୍ରସ୍ତୁତ ହୋଇ ନାହଁ । ଯଦି ଅଧିମାନସର ଗଠନଗୁଡ଼ିକ – ଏହା ଯେଉଁ ଜଗତ୍ ସୃଷ୍ଟି କରିଛି ଏବଂ ବର୍ତ୍ତମାନର ଏହି ଯେଉଁ ଜଗତକୁ ପୋଷଣ କରୁଛି – ତାହା ତୁମକୁ ସନ୍ତୁଷ୍ଟ କରୁଥାଏ, ତା'ହେଲେ ତୁମେ ଅତିମାନସ ଉପଲବ୍ଧିରେ ଅଂଶ ଗ୍ରହଣ କରିବା ପାଇଁ ଆଶା କରିବ ନାହିଁ । ଯେତେବେଳେ କେବଳ ଏପରି ଜଗତ୍ ତୁମକୁ ବିସ୍ୱାଦକର, ଅସହ୍ୟ ଓ ଅଗ୍ରହଣୀୟ ଲାଗେ ସେତେବେଳେ ଯାଇ ତୁମେ ଚେତନାର ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହୋଇଥାଅ । ସେଥିପାଇଁ ମୁଁ ପରିତ୍ୟାଗର ଧାରଣାକୁ ଆଦୌ କୌଣସି ଗୁରୁତ୍ୱ ଦିଏ ନାହିଁ । ପରିତ୍ୟାଗର ଅର୍ଥ ହେଲା ତୁମେ ଯେଉଁସବୁ ଜିନିଷକୁ ମୂଲ୍ୟ ଦେଉଛ ସେଗୁଡ଼ିକୁ ପରିତ୍ୟାଗ କରିବା; ସେହିସବୁ ଜିନିଷକୁ ଛାଡ଼ିବା ଯାହାକୁ ତୁମେ ରଖିବା ପାଇଁ ଇଚ୍ଛା କରୁଛ । ବିପରୀତ ପକ୍ଷରେ ତୁମର ଯାହା ଅନୁଭବ କରିବା କଥା ତାହା ହେଉଛି ବର୍ତ୍ତମାନର ଏହି ଜଗତ୍ କୁତ୍ସିତ, ନିର୍ବୋଧ, ପାଶବିକ, ଏବଂ ଅସହ୍ୟ ଦୁଃଖଭୋଗରେ ଭରପୂର, ଏବଂ ଥରେ ତୁମେ ଏପରି ଅନୁଭବ କଲେ, ସମସ୍ତ ଦୈହିକ ଚେତନା, ସମସ୍ତ ଭୌତିକ ଚେତନା ଯାହା ସେପରି ହେବାକୁ ଚାହେଁ ନାହିଁ ତାହା ସେଗୁଡ଼ିକର ପରିବର୍ତ୍ତନ ଚାହିଁବ ଏବଂ କହିବ, ''ମୁଁ ଆଉ କିଛି ଚାହେଁ, ଆଉ କିଛି, ଯାହାକି ସତ୍ୟ, ସୁନ୍ଦର, ଆନନ୍ଦ, ଜ୍ଞାନ ଓ ଚେତନାରେ ପରିପୂର୍ଣ୍ଣ ।'' ଏଠାରେ ସବୁକିଛି ନିଶ୍ଚେତନାର ଏକ ସମୁଦ୍ର ଉପରେ ଭାସମାନ; କିନ୍ତୁ ତୁମେ ଯେତେବେଳେ ତୁମର ସମସ୍ତ ଇଚ୍ଛା, ତୁମର ସମସ୍ତ ସଂକଳ୍ପ, ତୁମର ସମସ୍ତ ଅଭୀପ୍ସା ଓ ନିବିଡ଼ତା ଦେଇ ଭଗବାନଙ୍କୁ ଚାହଁ, ଦିବ୍ୟତାକୁ ଚାହଁ, ତା'ହେଲେ ତାହା ଆସିବା ସୁନିଶ୍ଚିତ । କିନ୍ତୁ ଏହା କେବଳ ଜଗତକୁ ଖାଲି ଟିକେ ସୁଧାରି ଦେବା ନୁହେଁ । ଲୋକମାନେ ସରକାରର ପରିବର୍ତ୍ତନ, ସାମାଜିକ ସଂସ୍କାର, ଜନସେବାମୂଳକ କର୍ମ କଥା କହିଥାଆନ୍ତି ଓ ସେହି ବାଟରେ ଜଗତର ଉନ୍ନତି ସାଧନ କରିବାରେ ବିଶ୍ୱାସ ରଖନ୍ତି । କିନ୍ତୁ ଆମେ ଏକ ନୂତନ ଜଗତ୍ ଚାହୁଁ, ଏକ ସତ୍ୟର ଜଗତ୍ ଚାହୁଁ, ସତ୍ୟ-ଚେତନାକୁ ପ୍ରକାଶ କରୁଥିବା ଏକ ଜଗତ୍ ଚାହୁଁ । ଏବଂ ଏହା ହେବ, ନିଶ୍ଚୟ ହେବ – ଏବଂ ଯେତେ ଶୀଘ୍ର ହୁଏ, ସେତେ ଉତ୍ତମ ।

ଏହା କେବଳ ଏକ ଆଶୟଗତ ବା କର୍ତ୍ତାବାଚକ ପରିବର୍ତ୍ତନ ହେଲେ ଚଳିବ ନାହିଁ । ସମଗ୍ର ସ୍ଥୂଳ ଜୀବନର ପରିବର୍ତ୍ତନ ଆବଶ୍ୟକ । ଭୌତିକ ଜଗତ୍ ପାଇଁ କେବଳ ଆମ ଭିତରେ ଏକ ପରିବର୍ତ୍ତନ ହେଲେ ଯଥେଷ୍ଟ ହେବ ନାହିଁ । ବାସ୍ତବରେ ଏହା କହେ, ''ତୁମେ ଆନନ୍ଦ ଭିତରକୁ ଅପସରି ଗଲ, ଆଲୋକିତ ହେଲ, ଦିବ୍ୟଜ୍ଞାନ ଲାଭ କରିଲ, କିନ୍ତୁ ତାହା ତ ମୋତେ ବଦଳାଇ ଦେଲା ନାହିଁ । ମୁଁ ତଥାପି ସେହି ନରକହିଁ ହୋଇ ରହିଛି, ଯାହା ବାସ୍ତବରେ ବରାବର ସେପରି ହୋଇ ରହିଆସିଛି !'' ତାହାହିଁ ହେଉଛି ଯଥାର୍ଥରେ ଚେତନାର ପରିବର୍ତ୍ତନ ଯାହା ଜଗତର ବାସ୍ତବ ସ୍ଥୂଳ ଅବସ୍ଥାକୁ ବଦଳାଇ ଦେଇପାରିବ ଏବଂ ଏହାକୁ ଏକ ସମ୍ପୂର୍ଣ୍ଣ ନୂତନ ସୃଷ୍ଟିରେ ପରିଣତ କରିବ ।

(Bulletin, August 2009, p. 56)

# ୧୯୨୬ ମସିହା ନଭେମ୍ବର ମାସ ୨୪ ତାରିଖ

## ଶ୍ରୀ ନୀରଦବରଣ

୧୯୨୬ ମସିହା ବେଳକୁ ଆଶ୍ରମବାସୀଙ୍କ ସଂଖ୍ୟା ବଢ଼ିଯାଇ ପଚିଶି ଜଣ ପାଖାପାଖି ହୋଇ ଯାଇଥିଲା । ସେମାନଙ୍କ ମଧ୍ୟରୁ ଅଧିକାଂଶ ବଙ୍ଗଳା, ଗୁଜରାଟ ଏବଂ ଦକ୍ଷିଣ ଭାରତରୁ ଆସିଥିଲେ, କେବଳ ଦତ୍ତା ଓ ପବିତ୍ର ଏଇ ଦୁଇଜଣ ଆମ ଦେଶ ବାହାରୁ ଅର୍ଥାତ୍ ସମୁଦ୍ର ସେପାରିରୁ ଆସି ଯୋଗ ଦେଇ ଥିଲେ । ଆଶ୍ରମର ଭିତ୍ତିପ୍ରସ୍ତର ସ୍ଥାପନ ହେବାର ସମୟ ଉପଗତ ହୋଇ ଯାଇଥିଲା ।

ଆମେମାନେ ଏବେ ସେଇ ମହାନ୍ ଦିବସର ସନ୍ନିକଟକୁ ଆସିଯିବା ଯାହାକୁ ୧୯୨୬ ମସିହା ନଭେମ୍ବର ୨୪ ତାରିଖ ବୋଲି ଆମେ ଜାଣିଛେ – ସେଇ ଦିବ୍ୟ ସିଦ୍ଧିଦିବସ । କିଛି ଦିନ ଧରି ଶିଷ୍ୟଗଣ ଲକ୍ଷ୍ୟ କରୁଥିଲେ ଯେ ଶ୍ରୀଅରବିନ୍ଦ ଅଧିକାଧିକ କାଳ ତାଙ୍କ ସାଧନାରେ ମଗ୍ନ ରହୁଛନ୍ତି । ଅନେକ ସମୟରେ ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଯିବା ପରେ ବିଳମ୍ବରେ ସାନ୍ଧ୍ୟବୈଠକ ନିମନ୍ତେ ଆସୁଥିଲେ । ଦିନକର କଥା, ସେଇ ଆଳାପ-ଆଲୋଚନାରେ ଯୋଗଦେବାକୁ ସେ ଭୋର ଦୁଇଟାବେଳେ ଆସିଥିଲେ ! ଆଶ୍ରମିକମାନେ ବି ଅନୁଭବ କରୁଥିଲେ କିଛି ଏକ ଉଚ୍ଚତର ଶକ୍ତି ଯେପରି ଅବତରଣ କରିବାକୁ ଯାଉଛି; ଏବଂ ଏଇ ନିଶ୍ଚିତ ସମ୍ଭାବନାର ଇଙ୍ଗିତ ଶ୍ରୀଅରବିନ୍ଦଙ୍କର ବିଭିନ୍ନ କଥାବାର୍ତ୍ତାରୁ, ଆଲୋଚନା ପ୍ରସଙ୍ଗରୁ ମିଳୁଥିଲା ଯାହା ସେମାନଙ୍କର ପ୍ରତ୍ୟାଶାକୁ ଦୃଢ଼ କରୁଥିଲା । ୧୯୨୫ ମସିହାରେ ଶ୍ରୀଅରବିନ୍ଦଙ୍କ ଜନ୍ମ-ଦିବସରେ ଶ୍ରୀଅରବିନ୍ଦ କହିଥିଲେ ଯେ ବିଶ୍ୱର ବାତାବରଣ ଓ ଅବସ୍ଥା ଏବେ ଅତିମାନସର ଅବତରଣ ଦିଗରେ ଅନେକ ବେଶୀ ଅନୁକୂଳ ହୋଇ ଉଠୁଛି । ସେଦିନର ଆଲୋଚନାରେ ସେ ବ୍ୟକ୍ତ କରିଥିଲେ :

''ପ୍ରଥମତଃ : ଏଇ ପାର୍ଥିବ ଜଗତ୍ ସଂପର୍କୀୟ ଜ୍ଞାନର ଭଣ୍ଡାର ଏପରି ଏକ ବିଶାଳ ସ୍ତରକୁ ଆସିଗଲାଣି ଯେପରି ଏହା ତା'ର ସୀମାରେଖାକୁ ଭାଙ୍ଗି ଦେବାକୁ ବାହାରିଛି ।

''ଦ୍ୱିତୀୟତଃ : ସାରା ପୃଥିବୀରେ ଏବେ ଏକ ପ୍ରୟାସ ଚାଲିଛି ଯେ ବହିରଙ୍ଗ ଓ ଅନ୍ତରଙ୍ଗ ମନ ଭିତରେ, ପ୍ରାଣର ବହିଃପ୍ରଦେଶ ଓ ଆନ୍ତର ପ୍ରଦେଶ ମଧ୍ୟରେ ତଥା ଏପରିକି ଭୌତିକ ଶରୀରର ବାହାର ଓ ଅନ୍ତର ମଧ୍ୟରେ ଥିବା ପରଦା ଦୀର୍ଣ୍ଣ ହୋଇ ଛିନ୍ନ ହୋଇଯିବାକୁ ବାହାରିଲାଣି । ମନୁଷ୍ୟ ବର୍ତ୍ତମାନ କ୍ରମଶଃ ଚୈତ୍ୟଧର୍ମ-ସମ୍ପନ୍ନ ହେବାକୁ ପ୍ରଯତ୍ନ କଲାଣି ।

''ତୃତୀୟତଃ : ପ୍ରାଣ ଦେହସତ୍ତା ଉପରେ ଏପରି ପ୍ରଭୁତ୍ୱ ବିସ୍ତାର କରିବାକୁ ବସିଲାଣି, ଯାହା ଆଗରୁ କେବେ ଦେଖାଯାଉ ନ ଥିଲା । ... ଆଧୁନିକ ବିଜ୍ଞାନର ଆବିଷ୍କାରାଦି ଫଳରେ ପୃଥିବୀ ଏକତ୍ୱର ବନ୍ଧନରେ ଯୁକ୍ତ ହୋଇ ଉଠୁଛି । ... ଏଇ ଯେଉଁ ଉଚ୍ଚତର ସତ୍ୟର ଏକତା, ତାହା ଓହ୍ଲାଇ ଆସିବା ନିମନ୍ତେ ଏକ ଅନୁକୂଳ ପରିବେଶ ସୃଷ୍ଟି କରୁଛି; ଏବଂ ଅବଶ୍ୟ, ଏହା ଫଳରେ କିଛି ଅସୁବିଧା ମଧ୍ୟ ଦେଖା ଦେଇପାରେ ।

''ଚତୁର୍ଥତଃ : ଏପରି ଲୋକସବୁ ଆସିବେ ଯେଉଁମାନେ ନିଜର ପ୍ରାଣ-ପ୍ରାଚୁର୍ଯ୍ୟ ବଳରେ ବହୁ ବ୍ୟକ୍ତିଙ୍କ ଉପରେ ପ୍ରବଳ ପ୍ରଭାବ ବିସ୍ତାର କରିବେ ।

''ଏଇସବୁ ଲକ୍ଷଣରୁ ଇଙ୍ଗିତ ମିଳୁଛି ଯେ ବିଶ୍ୱଜନୀନ ପରିସ୍ଥିତି ଆଗ ଅପେକ୍ଷା ଏବେ ଅଧିକ ମାତ୍ରାରେ ପ୍ରସ୍ତୁତ ହୋଇ ଉଠୁଛି ଉଚ୍ଚତର ଶକ୍ତିର ଅବତରଣ ଲାଗି ।''

ଏକଥା ବ୍ୟକ୍ତ କରିବା ପରେ ମଧ୍ୟ ସେ ବେଶ୍ ଜୋର୍ ଦେଇ କହୁଥିଲେ ଯେ ସେ ସମୟରେ ଜାଗତିକ ବାୟୁ-ମଣ୍ଡଳରେ ସତ୍ୟର ଅବତରଣ ଲାଗି ପ୍ରଭୂତ ବାଧା ଉପସ୍ଥିତ ହେଉଥିଲା । ସେ କହିଛନ୍ତି ସେ ସମୟରେ, ''ଯେତେ ଯେତେ ଉଚ୍ଚତର ଆଲୋକ ଓ ଶକ୍ତି ଓହ୍ଲାଇ ଆସୁଛି, ସେତେ ସେତେ ଅଧିକ ପ୍ରତିରୋଧ ନିମ୍ନରୁ ଉଠୁଛି । ତୁମେ ନିଜେ ଅନୁଭବ କରୁଥିବ ଯେ କିଛି ଏକ ଜିନିଷ ପ୍ରବଳ ଚାପ ଦେଇ ପ୍ରବେଶ କରିବାକୁ ଯାଉଛି ଏବଂ ଏହା ସହିତ କିଛି ଏକ ପ୍ରତିବନ୍ଧକ ଶକ୍ତ ବେଗରେ ତାହାର ଅନୁପ୍ରବେଶକୁ ଠେଲି ଦେଉଛି ତଳଆଡୁ – ଏକଥା ବି ଅନୁଭବ କରୁଥିବ । ... ମୁଁ ତ ଆଉ ଏକାକୀ ନିଜ ପାଇଁ ଯୋଗ-ସାଧନା କରୁ ନାହିଁ; ... ଯଦି ମୋର ନିଜର ମୁକ୍ତି ପାଇଁ, ସିଦ୍ଧି ପାଇଁ ସେପରି ଯୋଗ କରୁଥା'ନ୍ତି, ତେବେ କେଉଁଦିନଠାରୁ ମୋର ସାଧନା ଶେଷ ହୋଇ ସାରନ୍ତାଣି ।''

ଏବେ ଆମେ ନଭେମ୍ବର ୨୪ ତାରିଖ, ୧୯୨୬ ମସିହାକୁ ଫେରିଯିବା । ସେଦିନ ଚବିଶ ଜଣ ଶିଷ୍ୟଙ୍କର ସୌଭାଗ୍ୟ ଥିଲା ସେଇ ଯୁଗାନ୍ତକାରୀ ମୁହୂର୍ତ୍ତରେ ଉପସ୍ଥିତ ରହିବାର । ସେମାନଙ୍କ ମଧ୍ୟରୁ ପୁରାଣୀ ଅନ୍ୟତମ, ଆଉ ଏଠି ମୁଁ ତାଙ୍କର 'Life of

Sri Aurobindo' ଗ୍ରନ୍ଥରୁ ଉଦ୍ଧୃତି ସହ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କର ବିବରଣୀ ଦେବାକୁ ଯାଉଛି । ତାହା ଏଇପରି :

''୧୯୨୬ ମସିହା ନଭେମ୍ବର ମାସର ଆରମ୍ଭରୁ ହିଁ ଏକ ଉଚ୍ଚତର ଶକ୍ତିର ଚାପ ଅନୁଭବ କରାଯାଉଥିଲା, ସେ ଶକ୍ତିର ଚାପ ଅସହ୍ୟ ଭଳି ବୋଧ ହେଉଥିଲା । ଅବଶେଷରେ ସେଇ ମହତୀ ଦିବସ ଉପସ୍ଥିତ ହେଲା : ଯେଉଁଦିନଟିର ଆଗମନକୁ ଶ୍ରୀମା ଅନେକ ବର୍ଷ ଧରି ପ୍ରତୀକ୍ଷା କରିଥିଲେ, ଯାହା ନଭେମ୍ବର ୨୪ ତାରିଖରେ ଉପନୀତ ହେଲା । ସୂର୍ଯ୍ୟ ଅସ୍ତ ପ୍ରାୟ । ପ୍ରତ୍ୟେକ ଆଶ୍ରମିକ ନିଜ ନିଜ କାମ ନେଇ ବ୍ୟସ୍ତ, କେହି କେହି ସମୁଦ୍ରକୂଳକୁ ଭ୍ରମଣ ଉଦ୍ଦେଶ୍ୟରେ ଯାଇଥିଲେ । ଏପରି ସମୟରେ ମା'ଙ୍କ ପାଖରୁ ଡାକରା ଆସିଲା – ଉପର ମହଲା ବାରଣ୍ଡାରେ, ପ୍ରତ୍ୟହ ଯେଉଁଠି ସାଧାରଣତଃ ଧ୍ୟାନ କରାହୁଏ, ସେଠାରେ ଯେତେ ଶୀଘ୍ର ସମ୍ଭବ ସମସ୍ତେ ଆସି ରୁଣ୍ଡ ହେବା ପାଇଁ ମା କହି ପଠାଇଲେ । ସମ୍ବାଦଟି ପହଞ୍ଚିବା ପାଇଁ ଅଧିକ ସମୟ ଲାଗିଲା ନାହିଁ । ତୁରନ୍ତ ସଂଧ୍ୟା ୬ଟା ସୁଦ୍ଧା ସମସ୍ତ ଶିଷ୍ୟ ଏକତ୍ର ହୋଇଗଲେ । ତମସା ଘନୀଭୂତ ହେବାକୁ ଆରମ୍ଭ କଲା । ବାରଣ୍ଡାର କାନ୍ଥରେ ଶ୍ରୀଅରବିନ୍ଦଙ୍କର ଦରଜା ପାଖରେ ଠିକ୍ ତାଙ୍କ ଚୌକିର ପଛରେ ଏକ ରେଶମୀ କଳା ପରଦା ଟଙ୍ଗା ହୋଇଥିଲା, ସେଥିରେ ଚୀନଦେଶୀୟ ତିନୋଟି ଡ୍ରାଗନ୍‌ର ଚିତ୍ର ଅଙ୍କନ କରାଯାଇଥିଲା – ପରଦାର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏଁ ସମୁଦାୟ ଅଂଶ ସେଇ ଚିତ୍ରାଙ୍କନରେ ଭରିଥିଲା, ଯେଉଁଥିରେ ଗୋଟିକର ଲାଞ୍ଜ ଅନ୍ୟଟିର ମୁଖ-ଗହ୍ୱରରେ ପ୍ରବେଶ କରିଛି । ଆମେ ପରେ ଜାଣିବାକୁ ପାଇଲୁ ଯେ ଚୀନଦେଶରେ ଏକ କିଂବଦନ୍ତୀ ଅଛି ଯେ ଯେଉଁ ସମୟରେ ତିନୋଟି ଡ୍ରାଗନ୍‌ଙ୍କର (ଅର୍ଥାତ୍, ପୃଥ୍ୱୀଲୋକର ଡ୍ରାଗନ୍, ମଧ୍ୟବର୍ତ୍ତୀ ଅନ୍ତରୀକ୍ଷର ଡ୍ରାଗନ୍ ଏବଂ ସ୍ୱର୍ଲୋକର ଡ୍ରାଗନ୍) ସମାବେଶ ଘଟିବ, ସେଇ ଶୁଭକ୍ଷଣରେ ଦିବ୍ୟ ସତ୍ୟର ପ୍ରକାଶ ଘଟିବ ଏଇ ମର୍ତ୍ତ୍ୟଭୂମିରେ । ଆଜି ଏଇ ୨୪ ନଭେମ୍ବରରେ ସେଇ ଶୁଭକ୍ଷଣ ଉପସ୍ଥିତ, ଯେତେବେଳେ ପରମ ସତ୍ୟର ଅବତରଣ ସମ୍ଭବ ହୋଇଛି – ଚିତ୍ରାଙ୍କିତ ପରଦାର ଏଇ ପ୍ରତୀକାର୍ଥ ସାର୍ଥକ ହୋଇଛି ।

''ସମସ୍ତ ଶିଷ୍ୟମଣ୍ଡଳୀ ସେ ସ୍ଥାନରେ ଏକତ୍ରିତ ହେଲେ, ବାତାବରଣରେ ବିମଳ ପ୍ରଶାନ୍ତି ବିରାଜମାନ କରୁଥିଲା; ଆମମାନଙ୍କ ମଧ୍ୟରୁ ଅନେକେହିଁ ଆଲୋକର ବନ୍ୟା ଯେପରି ଊର୍ଦ୍ଧ୍ୱରୁ ନିମ୍ନ ଆଡ଼କୁ ବହି ଆସୁଛି – ସେଇପରି ପ୍ରତ୍ୟକ୍ଷ ଅନୁଭବ କରୁଥିଲେ; ପ୍ରତ୍ୟେକଟି ଶିଷ୍ୟ ଆପଣା ମସ୍ତକ ଉପରେ ଏକ ଚାପ ଅନୁଭବ କରୁଥିଲେ । ସଂପୂର୍ଣ୍ଣ ବାୟୁମଣ୍ଡଳରେ ଯେପରି ବିଦ୍ୟୁତ୍-ତରଙ୍ଗ ସଂଚାଳିତ ହେଉଥିଲା । ସେଇ ନିସ୍ତବ୍ଧତା ମଧ୍ୟରେ, ସଂହତ ପ୍ରତ୍ୟାଶାର ଓ ଅଭୀପ୍ସାର ବାତାବରଣ ମଧ୍ୟରେ ସେଇ ବିଦ୍ୟୁତାୟିତ ପରିବେଶ ଭିତରକୁ ଦରଜାର ଆରପଟୁ ଏକ ଅସ୍ୱାଭାବିକ ଠକ୍-ଠକ୍ ଶବ୍ଦ ଶୁଣାଗଲା । ବାଞ୍ଛିତ ମୁହୂର୍ତ୍ତ ଲାଗୁଥିଲା ବନ୍ଧ ଭାଙ୍ଗିବା ଭଳି । ମା'ଙ୍କୁ ଓ ଶ୍ରୀଅରବିନ୍ଦଙ୍କୁ ଅର୍ଦ୍ଧ-ଉନ୍ମୀଳିତ ଦୁଆର ଭିତର ଦେଇ ଦେଖିବାକୁ ମିଳିଲା । ଶ୍ରୀଅରବିନ୍ଦଙ୍କୁ ପ୍ରଥମେ ବାହାରିବା ଲାଗି ମା' ଇଙ୍ଗିତ ଦ୍ୱାରା ଅନୁରୋଧ କରୁଥିଲେ ଆଉ ଶ୍ରୀଅରବିନ୍ଦ ମଧ୍ୟ ମା'ଙ୍କୁ ସେଇଭଳି ପ୍ରଥମେ ପ୍ରବେଶ କରିବା ପାଇଁ ସୂଚିତ କରୁଥିଲେ । ଶ୍ରୀମା ତାଙ୍କର ମହିମମୟ ପଦକ୍ଷେପରେ ଆଗେଇ ଆସିଲେ ଆଉ ଶ୍ରୀଅରବିନ୍ଦ ତାଙ୍କ ପଛରେ ରାଜକୀୟ ଗରିମା ସହ ବାରଣ୍ଡାକୁ ପ୍ରବେଶ କଲେ । ସେଦିନ ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ରହୁଥିବା ଟେବୁଲଟିକୁ ସେଠାରୁ ଉଠାଇ ଦିଆଯାଇଥିଲା । ଶ୍ରୀଅରବିନ୍ଦ ବସିବା ପରେ ମା ତାଙ୍କର ଦକ୍ଷିଣ ପାର୍ଶ୍ୱରେ ଏକ ଛୋଟ ଷ୍ଟୁଲ୍ ଉପରେ ଆସନ ଗ୍ରହଣ କଲେ ।

''ପରିପୂର୍ଣ୍ଣ ନୀରବତା – ଜୀବନ୍ତ ନୀରବତା, ଖାଲି ସଜୀବ ନୁହେଁ, ବରଂ ସେଇଟି ଯେପରି ଦିବ୍ୟ ସୁଷମାମଣ୍ଡିତ ଥିଲା । ଧ୍ୟାନରେ ସମସ୍ତେ ବସିଲେ, ପ୍ରାୟ ପଞ୍ଚଚାଳିଶ ମିନିଟ ହେବ; ତତ୍ପରେ ସମବେତ ଶିଷ୍ୟ ଜଣକ ପରେ ଜଣେ ଶ୍ରୀମାଙ୍କ ପାଦ ନିକଟରେ ପ୍ରଣିପାତ ହେଲେ । ପ୍ରତିଟି ପ୍ରଣାମ ପରେ ଶ୍ରୀଅରବିନ୍ଦଙ୍କର ଦକ୍ଷିଣହସ୍ତ ପ୍ରସାରିତ ହୋଇ ଆସୁଥିଲା ମା'ଙ୍କର ପଶ୍ଚାତରୁ – ସତେ ଯେପରି ସିଏ ମା'ଙ୍କ ମଧ୍ୟ ଦେଇ ଆଶିଷ ଢାଳି ଦେଉଛନ୍ତି । ଏଇ ପ୍ରଣାମ ଓ ଆଶୀର୍ବାଦ ଶେଷ ହେବା ପରେ ଅଳ୍ପ ସମୟ ଲାଗି ସେଇ ପୂର୍ଣ୍ଣ ନୀରବତା ଭିତରେ ଧ୍ୟାନ ହେଲା ।

''ଏଇ ଶାନ୍ତ ଧ୍ୟାନ ଓ ଆଶିଷ ପର୍ବ ଚାଲୁଥିଲା ବେଳେ ଆମ ଭିତରୁ ଅନେକଙ୍କର ସୁସ୍ପଷ୍ଟ ଧରଣର କିଛି ନା କିଛି ଅଭିଜ୍ଞତା ହୋଇଥିଲା । ସବୁ ଅନୁଷ୍ଠାନ ସରିବା ପରେ ସମସ୍ତେ ପ୍ରାୟ ଅନୁଭବ କଲେ ଯେପରି ଏକ ଦିବ୍ୟସ୍ୱପ୍ନରୁ ଉତ୍ଥିତ ହୋଇଛନ୍ତି – ସେତେବେଳ ଯାଏଁ ଯାହା ଘଟିଗଲା, ସେଇ ସଂଘଟନର ମହିମା, ସ୍ୱର୍ଗୀୟ କାବ୍ୟମୟତା ତଥା ପରମ ସୌନ୍ଦର୍ଯ୍ୟର ସୁଧା ସମସ୍ତଙ୍କର ନିଜ ନିଜ ଅନ୍ତରରେ ପ୍ରତ୍ୟକ୍ଷ ଅନୁଭୂତିରେ ଆସିଗଲା । କେବଳ ପୃଥିବୀର ଗୋଟିଏ

କୋଣରେ କତିପୟ ମୁଷ୍ଟିମେୟ ଶିଷ୍ୟ ଯେ ପରମୋଚ୍ଚ ପ୍ରଭୁଙ୍କର ତଥା ଜଗଜ୍ଜନନୀଙ୍କର ଆଶିଷ ଲାଭ କରିଥିଲେ, ଏଇ ଅବତରଣର ମହତ୍ତ୍ୱ ସେତିକିରେ ଶେଷ ହୋଇଗଲା ନାହିଁ – ତା' ଅପେକ୍ଷା ବହୁଗୁଣରେ ଥିଲା ଏହାର ତାତ୍ପର୍ଯ୍ୟ । ଏହା ନିଶ୍ଚିତ ଯେ ଉଚ୍ଚତର ଏକ ଚେତନଶକ୍ତି ଧରାଧାମ ଉପରକୁ ଓହ୍ଲାଇ ଆସିଲା, ଏକ ମହତୀ ଆଧ୍ୟାତ୍ମିକ କର୍ମର ପ୍ରାରମ୍ଭିକ ପର୍ବର ସୂତ୍ରପାତ ହେଲା – ସେଇ ଗଭୀର ନିସ୍ତବ୍ଧତା ଭିତରେ ଏକ ସବୁଜ ଚାରାବୃକ୍ଷର ରୋପଣ ହେଲା – ଏକ ବିପୁଳ ବଟବୃକ୍ଷର ଅଙ୍କୁରୋଦ୍‌ଗମ ଘଟିଲା । ଏଇ ଯୁଗାନ୍ତକାରୀ ସଂଘଟନର ତାତ୍ପର୍ଯ୍ୟ ଦୈବ-ପ୍ରେରଣାବଶତଃ ନିଃଶବ୍ଦରେ ପୃଥିବୀର ସର୍ବତ୍ର ସର୍ବଲୋକରେ ସଂଚାରିତ ହୋଇଗଲା ତାହାର ଅପାର୍ଥିବ ଗରିମା ଓ ମର୍ଯ୍ୟାଦାର ପ୍ରାଚୁର୍ଯ୍ୟ ନେଇ ଏବଂ ଧରାର ଛୋଟ ବଡ଼ କର୍ମ ଓ ପଦକ୍ଷେପର ସୌନ୍ଦର୍ଯ୍ୟରେ ତାହା ଖେଳିଗଲା । ସେଦିନ ସେଠାରେ ଥିବା ପ୍ରତ୍ୟେକଟି ଶିଷ୍ୟର ହୃଦୟ ଗହ୍ୱରରେ ସେଇ ଦିବ୍ୟତାର ଗଭୀର ଛାପ ଅମୂଲ୍ୟ ସମ୍ପଦ ହୋଇ ରହିଗଲା ।

''ଶ୍ରୀମା ଓ ଶ୍ରୀଅରବିନ୍ଦ ଭିତରକୁ ଚାଲିଗଲେ । ତତ୍‌କ୍ଷଣାତ୍ ଦତ୍ତା ଅନୁପ୍ରେରିତ ହେବା ଭଳି ନୈଶବ୍ଦ୍ୟକୁ ଭଙ୍ଗ କରି କହି ଉଠିଲେ – 'ଆଜି ଭଗବାନ୍ ପାର୍ଥିବ ଜଗତ୍ ମଧ୍ୟକୁ ଓହ୍ଲାଇ ଆସିଲେ !' ''

ତୁମ୍ଭେମାନେ ପଚାରିପାର – ଯେଉଁ 'ସିଦ୍ଧି ଦିବସ'କୁ ମା 'ବିଜୟର ଦିବସ' ବୋଲି ଘୋଷଣା କରିଛନ୍ତି ତା'ର ଅର୍ଥ ବା ତାତ୍ପର୍ଯ୍ୟ କ'ଣ ? ଏହି ଭଳି ଏକ ଅଧ୍ୟାତ୍ମ ସଂଘଟନର, ବିଶେଷ କରି ଏ ପ୍ରକାର ବିପୁଳ ବୈଶିଷ୍ଟ୍ୟ ରଖୁଥିବା ଅନୁଷ୍ଠାନଟିର ଖାଲି ମନୋଗତ ବିଶ୍ଳେଷଣ ଯଥେଷ୍ଟ ହେବ ନାହିଁ, ବରଂ ଶ୍ରୀଅରବିନ୍ଦଙ୍କର ନିଜସ୍ୱ ଭାଷାରେ ଏହାର ବିଶେଷତ୍ୱ ଶୁଣିବା । ଗୋଟିଏ ପତ୍ରରେ ସେ ଏଇ ଲେଖକକୁ ଜଣାଇଥିଲେ : ''୧୯୨୬ ମସିହା ନଭେମ୍ବର ୨୪ ତାରିଖ ହେଉଛି ସେଇଦିନଟି ଯେଉଁଦିନ ଶରୀରସତ୍ତା ମଧ୍ୟକୁ ଶ୍ରୀକୃଷ୍ଣଙ୍କର ଆବିର୍ଭାବ ଘଟିଥିଲା । ଏଇ ଆବିର୍ଭାବର ଅର୍ଥ ଅଧିମାନସ ଈଶ୍ୱରଙ୍କର ଅବତରଣ – ଯାହା ଅତିମାନସ ଚେତନାର ଅବତରଣ ଲାଗି କ୍ଷେତ୍ର ପ୍ରସ୍ତୁତ କରିବ ।'' ଶ୍ରୀଅରବିନ୍ଦ ଆଉ ଜଣେ ଶିଷ୍ୟକୁ ମଧ୍ୟ ପତ୍ରରେ ଜଣାଇଥିଲେ : ''ଶ୍ରୀକୃଷ୍ଣ ପୃଥିବୀର ଏଇ ଭୌତିକ ଆଧାର ମଧ୍ୟକୁ ଅବତରଣ କଲେ ଏଇ ନଭେମ୍ବର ୨୪ ତାରିଖରେ । ଶ୍ରୀକୃଷ୍ଣ ଅତିମାନସ ଚେତନାର ଆଲୋକ ନୁହନ୍ତି; ଶ୍ରୀକୃଷ୍ଣ-ଚେତନାର ଅବତରଣ ଅର୍ଥ ଅଧିମାନସ-ଦିବ୍ୟତା ଉପଲବ୍ଧିର ପରିପୂର୍ଣ୍ଣ ପ୍ରକାଶ ଯାହା ଅତିମାନସ ଏବଂ ଆନନ୍ଦର ଅବତରଣ ସକାଶେ ଦ୍ୱାରୋନ୍ମୋଚନ କରିବ, ପଥ ପ୍ରସ୍ତୁତ କରିବ, ନିଜେ ତାହା ନ ଆଣିଲେ ମଧ୍ୟ । ଶ୍ରୀକୃଷ୍ଣ ହେଉଛନ୍ତି ଆନନ୍ଦମୟ, ସେ ବିବର୍ତ୍ତନକୁ ଅଧିମାନସର ପଥ ଦେଇ ଅଗ୍ରସର କରାଇ ନେଉଛନ୍ତି ଆନନ୍ଦ ଦିଗରେ ।''

ଶ୍ରୀଅରବିନ୍ଦ ଆମକୁ କହିଥିଲେ ଯେ ମାନସ ଭୂମି ଓ ଅତିମାନସ ଭୂମି ମଧ୍ୟରେ ଅନେକଗୁଡ଼ିଏ ସ୍ତରଭେଦ ବା ମଧ୍ୟବର୍ତ୍ତୀ ଚେତନାର ଭୂମି ରହିଛି ଏବଂ ପ୍ରତ୍ୟେକଟି ଚେତନାର ସ୍ତରରେ ଅନୁରୂପ ସ୍ୱତନ୍ତ୍ର ଜ୍ୟୋତିଃ, ଶକ୍ତି ଓ ଜ୍ଞାନ ରହିଛି; ଏଗୁଡ଼ିକ ମଧ୍ୟରେ ଅଧିମାନସ ଚେତନାର ସ୍ତରଟି ଉଚ୍ଚତମ ପର୍ଯ୍ୟାୟର । ଏକଥା ମଧ୍ୟ ସେ କହିଥିଲେ ଯେ ଅଧିମାନସ ସ୍ତରରେ ଉପନୀତ ହେବା ଓ ତାକୁ ଓହ୍ଲାଇ ଆଣିବା ଏକାନ୍ତ ପ୍ରୟୋଜନ ଥିଲା, ଏହା ବ୍ୟତୀତ ଏବଂ ଏହା ପୂର୍ବରୁ ଅତିମାନସ ଚେତନାର ଅବତରଣ ଘଟିବା ସମ୍ଭବ ନୁହେଁ । 'ଶ୍ରୀକୃଷ୍ଣ-ଚେତନାର ଅବତରଣ' ଅଧିମାନସ ଉପଲବ୍ଧିର ସାର୍ଥକ ପରିପୂର୍ଣ୍ଣ ପ୍ରକାଶ – ତା'ର ଅର୍ଥ ଶ୍ରୀଅରବିନ୍ଦଙ୍କ ଏକାନ୍ତ ଭୌତିକ ଚେତନା ମଧ୍ୟକୁ ଦିବ୍ୟଶକ୍ତି ଅବତରଣ କରି ଆସିଲା; ଫଳରେ ତାଙ୍କର ଏଥିପୂର୍ବରୁ ହୋଇଥିବା ସମସ୍ତ ସାଧନା ଓ ଉପଲବ୍ଧି ଏଇ ଚରମ ସିଦ୍ଧିରେ ସମ୍ମିଳିତ ହେଲା । ଏଇ ସିଦ୍ଧି ଶ୍ରୀଅରବିନ୍ଦଙ୍କ ଯୋଗ-ସାଧନାର କ୍ଷେତ୍ରରେ ଏକ ଚୂଡ଼ାନ୍ତ ପର୍ଯ୍ୟାୟ ଥିଲା, ଏବଂ ଏହା ଥିଲା ଅତିମାନସ ଶକ୍ତିର ଅବତରଣ ସକାଶେ ପଥ ପ୍ରସ୍ତୁତି, ଯାହା ଶ୍ରୀଅରବିନ୍ଦଙ୍କ ଯୋଗର ଚରମ ଲକ୍ଷ୍ୟ ।

ବାହାର ଜଗତରେ ମଧ୍ୟ ବିରାଟ ପରିବର୍ତ୍ତନ ଦେଖାଗଲା । ଶ୍ରୀଅରବିନ୍ଦ ଜଣାଇ ଦେଲେ ଯେ ଏହାର ପରବର୍ତ୍ତୀ ସମୟ ଗଭୀର ସାଧନାରେ ମଗ୍ନ ହେବା ପାଇଁ ସେ ପୂର୍ଣ୍ଣ ଏକାନ୍ତବାସ ଗ୍ରହଣ କରିବେ । ଏବେଠାରୁ ଶ୍ରୀମାହିଁ ପ୍ରତ୍ୟକ୍ଷ ଭାବରେ ସାଧକ ଶିଷ୍ୟ-ମଣ୍ଡଳୀଙ୍କ ସାଧନାର ଦାୟିତ୍ୱ ଗ୍ରହଣ କଲେ – ସେମାନଙ୍କର ଆନ୍ତର ସାଧନା ଓ ଆଶ୍ରମ ପରିଚାଳନାର ଭାର । ଏଇ ସମସ୍ତ କାରଣରୁ ୧୯୨୬ ମସିହା ନଭେମ୍ବର ୨୪ ତାରିଖକୁ ଶ୍ରୀଅରବିନ୍ଦ ଆଶ୍ରମର ପ୍ରତିଷ୍ଠା ଦିବସ ଭାବରେ ମାନ୍ୟତା ଦିଆଯାଉଛି ।

(ନୀରଦବରଣଙ୍କର *'Sri Aurobindo for All Ages'* ପୁସ୍ତକର 'Beginning of the Ashram' ଅଧ୍ୟାୟରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ ✤

# ବନ୍ଦେ ମାତରମ୍

ଶ୍ରୀଅରବିନ୍ଦ

## ଗର୍ଜନକାରୀଙ୍କ ଆହ୍ୱାନ

ଲଜପତ୍‌ଙ୍କ ନିର୍ବାସନ ଆଉ ତା' ସାଙ୍ଗକୁ କ୍ରମାଗତ ଯେତେସବୁ ଦମନଲୀଳା ଏପର୍ଯ୍ୟନ୍ତ ସଂଘଟିତ ହୋଇଛି କିଂବା ସେ ବିଷୟରେ ମନୋନିବେଶ କରାଯାଇଛି, ତା' ଅପେକ୍ଷା ଆହୁରି ଅଧିକ ବ୍ୟାପକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଆହ୍ୱାନ ଆମ ଆଡ଼କୁ ନିକ୍ଷେପ କରିଛି ''ଲଣ୍ଡନ ଟାଇମ୍‌ସ୍''। ଏହି ଗର୍ଜନକାରୀ ଜଣକ କ୍ରମବର୍ଦ୍ଧମାନ ସନ୍ତାପରେ ଜର୍ଜରିତ ହୋଇ ପ୍ରାଚ୍ୟ ଭୂଖଣ୍ଡରେ ଜାତୀୟ ଭାବପ୍ରବଣତାର ବିକାଶକୁ ଏତେ ସମୟ ଧରି ନିରୀକ୍ଷଣ କରି ଚାଲିଛନ୍ତି ଆଉ ଶେଷରେ ଉତ୍ତାଳ ଉର୍ମିମାଳାକୁ ଆହ୍ୱାନ କରିଛନ୍ତି : ''ଏତିକି ଦୂର ଥାଉ ଆଉ ତେଣିକି ଆଗାଅନି।''

ମହାରାଜା ଆର୍ଥରଙ୍କ ଆଇରିସ୍ କିଂବଦନ୍ତୀର ତରବାରି (King Arthur's Excalibur) ପରି ଯେଉଁ ବ୍ରିଟିଶ ତରବାରିକୁ ଏଇ ତରଙ୍ଗ ମଧ୍ୟକୁ ନିକ୍ଷେପ କରିଥିଲେ ଭଲ ହୋଇଥା'ନ୍ତା, କାରଣ ଭାରତ ବର୍ଷରେ ଏହାର କାର୍ଯ୍ୟ ଯଦି କିଛି ବାକୀ ରହି ଯାଇଥିଲା ତାହା ସମ୍ପୂର୍ଣ୍ଣ ହୋଇ ଯାଇଛି ଆଉ ତା'ର ଉପଯୋଗିତା ମଧ୍ୟ ଶେଷ ହୋଇ ସାରିଛି, ମାତ୍ର ସେକଥା ନକରି ଓଲଟା ତାକୁ ଜୋର୍‌ସୋରରେ ଚାଳନା କରାଯାଉଛି ସତେ ଯେମିତି ସେଇ ତରବାରିର ତୁଚ୍ଛା ଚମକରେ ମହାସାଗର ହଟିଯିବ ପଛକୁ ଆଉ ତା'ର ସୀମା ଭିତରେ ଆବଦ୍ଧ ହୋଇ ରହିବ। ଆନ୍ଦୋଳନକାରୀମାନେ ଭୟଭୀତ ହୋଇ ପଡ଼ିଛନ୍ତି ଏବଂ ପାଶ୍ଚାତ୍ୟର ପ୍ରଭୁତ୍ୱରେ ଅସନ୍ତୋଷ ପ୍ରକଟ କରିଥିବା ସମଗ୍ର ପ୍ରାଚ୍ୟ ଭୂଖଣ୍ଡକୁ ସତର୍କ କରି ଦିଆଯାଇଛି। ପ୍ରାଚ୍ୟରେ ଘଟଣାଗୁଡ଼ିକର ଧାରା ତା'ର ସଠିକ ସମ୍ଭାବନା ଦିଗରେ ଆଗେଇ ଚାଲିଛି ବୋଲି ଲକ୍ଷ୍ୟ କରି 'ଟାଇମ୍‌ସ୍' ଭଲ କାମଟିଏ କରିଛି ଆଉ ସାମୟିକ କିଂବା ଆକସ୍ମିକ ଗଣ୍ଡଗୋଳ ବୋଲି ଭାବି ଏହି ଘଟଣାଗୁଡ଼ିକର ଗୁରୁତ୍ୱକୁ ସେ ଊଣା କରି ଦେଇନି। ତଥାପି ଆହୁରି ଭଲ କାମ ସେ କରିଥା'ନ୍ତା ଯଦି ଉତ୍ତେଜନାକୁ ଦମନ ଦ୍ୱାରା କିଂବା ଫ୍ଲିଟ୍ ଷ୍ଟ୍ରିଟ୍‌ରେ ତରବାରୀ ଉତ୍ତୋଳନ କରିବା ଦ୍ୱାରା ବିଶ୍ୱ ଆନ୍ଦୋଳନକୁ ପଛକୁ ହଟେଇ ଦେବା ସମ୍ପର୍କରେ ଆଲୋଚନା କରି ନଥା'ନ୍ତା। ଏଭଳି ଏକ ଆନ୍ଦୋଳନକୁ ତା'ର ଶୀର୍ଷରେ ପହଞ୍ଚେଇବାରେ ଆନ୍ଦୋଳନକାରୀମାନଙ୍କର କୃତିତ୍ୱରେ 'ଟାଇମ୍‌ସ୍'ର ହୃଦ୍‌ବୋଧ ହେବା କଥା ଯେ ସେମାନଙ୍କୁ ଉପରୁ ଏପରି ଗୋଟିଏ ଶକ୍ତି ଆସି ସାହାଯ୍ୟ କରୁଛି ଯାହାକୁ ଲାଲା ଲଜପତ୍ ରାୟ କିଂବା ଅଜିତ୍ ସିଂ କେହି ହେଲେ ସମ୍ଭାଳି ରଖି ପାରିବେ ନାହିଁ। ତା'ର ତରବାରୀ ଉପରେ ଟାଇମ୍‌ସ୍‌ର ଭରପୂର ବିଶ୍ୱାସ ରହିଛି। କିନ୍ତୁ ବିଶେଷ ଭାବରେ ସଞ୍ଚାଳିତ ଏଇ ଅସ୍ତ୍ରଟିକୁ ଭାରତୀୟ ପ୍ରଗତି ବିରୋଧରେ ଏକ ନିରାପତ୍ତା ବୋଲି ଯଦି ସେ ଭାବୁଥାଏ ତା'ହେଲେ ଅସ୍ତ୍ରଟିକୁ ଖୋଳ ଭିତରେ ରଖି ତାକୁ କିଛି ସମୟ ଅପେକ୍ଷା କରିବାକୁ ହେବ ତା'ର ପ୍ରୟୋଗ ପୂର୍ବରୁ। ଅତି ଘନିଷ୍ଠତା ଜମି ଗଲେ ଅବଜ୍ଞାର ଭାବ ସୃଷ୍ଟି ହୁଏ ଏବଂ ଗୋଟିଏ କ୍ଷମତା ପକ୍ଷରେ ଅନୁକୂଳ ବା ପ୍ରତିକୂଳ ସମୟରେ ତା' ନିଜ ଶକ୍ତିର ଏପରି ବାଳସୁଲଭ ଆସ୍ଫାଳନକୁ ପ୍ରଶ୍ରୟ ଦେବାକୁ ଯାଇ ସମଗ୍ର ଜଗତର ଦୃଷ୍ଟିରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପୂରଣ କରି ବସିବା ଖୁବ୍ କ୍ୱଚିତ୍ ମର୍ଯ୍ୟାଦାଜନକ। ଯଦି ସେଇ ଆୟୁଧରୁ କିଛି ଉପକୃତ ହେବାର ଅଛି ତା'ହେଲେ ସଠିକ୍ ମୁହୂର୍ତ୍ତରେ ତା'ର ପ୍ରୟୋଗ କରାଯାଉ। କିନ୍ତୁ ଅସମୟରେ ତା'ର ସଞ୍ଚାଳନ କିଂବା ହାତରେ ଧରି ତାକୁ କେଞ୍ଚାକେଞ୍ଚି କଲେ ଆନ୍ଦୋଳନଟିର ଶକ୍ତି ଏବଂ ବେଗ ବରଂ ପ୍ରଖର ହୋଇ ଉଠିବ ଯାହା ଇଂରେଜମାନଙ୍କର ସ୍ୱାର୍ଥକୁ ମ୍ରିୟମାଣ କରି ଦେବ।

କିନ୍ତୁ ଇଂଲଣ୍ଡର ମୂର୍ଖାମିରେ ଭାରତର ଫାଇଦା। ଗୋଟିଏ ରାଷ୍ଟ୍ର ପକ୍ଷରେ ଅପରିଣାମଦର୍ଶିତା ଓ ଜିଦ୍‌ଖୋର ମନୋବୃତ୍ତି ଅପରପକ୍ଷ ପାଇଁ ସାହସ ଓ ପୌରୁଷର ଉନ୍ମାଦନା ସୃଷ୍ଟି କରେ। ଏଇ ସକଳ ଆହ୍ୱାନ ଭିତରେହିଁ ଆମର ତୁରନ୍ତ ମୁକ୍ତିର ପ୍ରତ୍ୟାଶା ନିହିତ। ଜାତୀୟ ପୁନରୁତ୍ଥାନ ଆମ ପାଇଁ ନିହାତି ଏକ କଠିନ ଆୟାସସାଧ୍ୟ କାର୍ଯ୍ୟ ହୋଇ ଯାଇଥାଆନ୍ତା ଯଦି ବିଦେଶୀ ପ୍ରଶାସକମାନେ ସେମାନଙ୍କ ବୃତ୍ତିରେ ଅବିଚଳିତ ରହି ସହାନୁଭୂତିର ଯଥାର୍ଥ ଆଚରଣଟିକୁ ଆରମ୍ଭ କରି ଦେଇ ଥାଆନ୍ତେ। କିନ୍ତୁ ସେମାନଙ୍କର କ୍ରମେ ବୃଦ୍ଧି ପାଉଥିବା ଯୁଦ୍ଧଖୋର ମନୋବୃତ୍ତି ସାହାଯ୍ୟ କରି ଚାଲିଛି ସେଇ ସଂହତିର ପ୍ରାପ୍ତି ନିମନ୍ତେ ଯାହାକୁ ବାହ୍ୟ ଶକ୍ତିର ଚାପ ବିନା କଦାଚିତ୍ ହାସଲ କରାଯାଇ ପାରି ନଥା'ନ୍ତା। ଯେଉଁ ଜାତୀୟତାବାଦର ମୂଳମନ୍ତ୍ର ହେଉଛି ବିଶ୍ୱାସ, ପ୍ରେମ ଓ ଜ୍ଞାନ ତାକୁ ଆଉ ଯୁକ୍ତି ଓ ପ୍ରରୋଚନା ପାଖରେ ଆଶ୍ରୟ ନେବାକୁ ପଡ଼ିବ ନାହିଁ ବରଂ ତାହା ଦ୍ରୁତ

ପାହୁଣ୍ଡ ପକେଇ ଆଗେଇ ଚାଲିଛି ଜନସମୁଦାୟର ସ୍ୱୀକୃତି ଅଭିମୁଖେ, ତଥା ପ୍ରତିକ୍ରିୟାର ଏକ ଆଚ୍ଛନ୍ନ ଆବେଶ ଭିତରେ ଯାହା ପାଇଁ ଟାଇମ୍‌ସ୍ ପରି ଦୈନିକ ସମ୍ବାଦପତ୍ରମାନଙ୍କ ଦ୍ୱାରା ବର୍ତ୍ତମାନର ଧମକ ଚମକ ଏବଂ ପଞ୍ଜାବରେ ସଂଘଟିତ ହୋଇ ଯାଇଥିବା ସେଇସବୁ ଦମନଲୀଳା ପରି ତୁରନ୍ତ କାର୍ଯ୍ୟାନୁଷ୍ଠାନଗୁଡ଼ିକ ଦାୟୀ । ଅନୁଭୂତିର କ୍ଷିପ୍ର ଆବର୍ତ୍ତନ ଭିତରେ ସମଗ୍ର ଭାରତବର୍ଷ ଜାତୀୟତାବାଦୀ ପାଲଟି ଯାଉଛି । ଯେତେବେଳେ ବଙ୍ଗ-ଭଙ୍ଗ ଆନ୍ଦୋଳନ ଭାରତବର୍ଷ ବ୍ୟାପୀ ଗୋଟିଏ ସାର୍ବଜନୀନ ଅସ୍ଥିରତା ସୃଷ୍ଟି କରି ଦେଇଛି, ବଙ୍ଗଳାରେ ଦିନାଜପୁର ଜିଲ୍ଲାସ୍ଥ ଏକ କ୍ଷୁଦ୍ର ସହରରୁ ମୁକ୍ତି ଲାଭ କରିଥିବା ପ୍ରତିରୋଧର ଡାକରାକୁ ଯେତେବେଳେ ସମଗ୍ର ଭାରତବର୍ଷ ଗ୍ରହଣ କରି ନେଇଛି ସେତେବେଳେ ଐକ୍ୟବଦ୍ଧ ଭାରତ ଆଉ ଏଣିକି ଅସମ୍ଭବ ବସ୍ତୁ ବୋଲି କୁହାଯାଇ ପାରିବ ନାହିଁ । ଆମର ଯୋଗ୍ୟତା ପ୍ରତି ସଂଶୟ, ରାଜନୀତି ଭିତରେ ପରୋପକାର ସମ୍ପର୍କରେ କୁସଂସ୍କାର କ୍ଷିପ୍ର ଗତିରେ ଅପସରି ଯାଉଛି ଜାତୀୟ ଚେତନାର ପ୍ରତ୍ୟୁଷ ଲଗ୍ନରେ । ଶାସକ ଗୋଷ୍ଠୀର ଔଦ୍ଧତ୍ୟ ଆଉ ଆମର ଅପାରଗତା ସମ୍ପର୍କରେ ସେମାନଙ୍କର ନିରବଚ୍ଛିନ୍ନ ଆଲୋଚନା ଆଲୋଡ଼ିତ କରିଛି ଆମର ଜୀବନକୁ, ଏପରିକି ନିଷ୍ପ୍ରଭ ସ୍ୱାଭିମାନ (amour-propre)କୁ ମଧ୍ୟ । ସ୍ୱଦେଶୀ-ବର୍ଜନ ଆନ୍ଦୋଳନ ପ୍ରତି ଗୋପନ ଓ ପ୍ରକାଶ୍ୟ ପ୍ରତିରୋଧ ଆମ ସମ୍ମୁଖରେ ବିଦେଶୀ ସହାନୁଭୂତିର ଅସଲ ସ୍ୱରୂପକୁ ଉନ୍ମୋଚିତ କରି ଦେଇଛି । ବିଗତ ଦୁଇଟି ବର୍ଷରେ ଯେଉଁ ଘଟଣାମାନ ଘଟିଗଲା ତାହା ଆମର ରାଜନୈତିକ ଶିକ୍ଷାକୁ ସମ୍ପୂର୍ଣ୍ଣ କରି ଦେଇଛି ।

ଯେଉଁ ସଂଗ୍ରାମରେ ଗୋଟିଏ ପରାଧୀନ ଜାତି ଭିତରେ ଥିବା ଶରୀର ଓ ଆତ୍ମାର ସକଳ ଊର୍ଜା ନିୟୋଜିତ ହୁଏ ତାକୁ କିପରି ସୃଷ୍ଟି କରାଯିବ ସେଇ ସାଧନାରେ ଆମେ ଅଭ୍ୟସ୍ତ ହୋଇ ଗଲୁଣି । କାରଣ ଆମେ ଯେହେତୁ ଏମିତି ଏକ ଅବସ୍ଥା ଚକ୍ରରେ ଆସି ପଡ଼ି ଯାଇଛୁ, ଆକ୍ରମଣାତ୍ମକ କାର୍ଯ୍ୟପନ୍ଥାକୁ ଆମେ ଆଉ ଗ୍ରହଣ କରି ପାରିବୁନି । କିନ୍ତୁ ଅନ୍ୟମାନେ ଯଦି କେହି ଆସି ଆମକୁ ଅଙ୍କୁଶରେ ଆଘାତ କରନ୍ତି ତା'ହେଲେ ଯାଇ ଏଇ ଅଧଃପତିତ ଜାତି ରକ୍ଷା ପାଇ ପାରିବ । ବିପଥଗାମୀ ପ୍ରଶାସକଗଣ ଏବଂ କ୍ରୁର ସାମ୍ବାଦିକମାନେ ଆମ ପାଇଁ ସୁଯୋଗ ଆଣି ଦେଇଛନ୍ତି । ଆମକୁ କେବଳ କ୍ରମାଗତ ଭାବେ ଶୀଘ୍ର ମାଡ଼ି ଆସୁଥିବା ଆହ୍ୱାନଗୁଡ଼ିକର ସଦୁପଯୋଗ କରିବାକୁ ପଡ଼ିବ ଏବଂ ଆଉ ଅଳ୍ପ କିଛି ବର୍ଷ ଭିତରେ ଆମେ ଗୋଟିଏ କାର୍ଯ୍ୟ ସମ୍ପନ୍ନ କରିବାକୁ ସମର୍ଥ ହେବା ଅନ୍ୟଥା ଯାହାକୁ ସାରିବା ପାଇଁ ଏମିତି ଆମକୁ କେତେଶହ ବର୍ଷ ଆହୁରି ଲାଗିଯିବ ।

**ଆୟର୍ଲାଣ୍ଡବାସୀର ଏକ ଦୃଷ୍ଟାନ୍ତ**

ସ୍ୱରାଜ (Home rule) ପରିବର୍ତ୍ତେ ଉଦାରବାଦୀ ସରକାର ଯେଉଁ କପଟପଶାର ଖେଳ ପ୍ରଦର୍ଶନ କଲେ ତା' ସହିତ କୌଣସି ପ୍ରକାର କାରବାରକୁ ମି. ରେଡ୍‌ମଣ୍ଡଙ୍କର ନେତୃତ୍ୱାଧୀନ ଆଇରିସ୍ ସଂସଦୀୟ ଦଳ ଅସ୍ୱୀକାର କରିବା ଦ୍ୱାରା ଏପରି ଗୋଟିଏ ପଦକ୍ଷେପ ନେଲେ ଯାହାକୁ ଆଧାର କରି ଆମେ ଆୟର୍ଲାଣ୍ଡର ଜନସାଧାରଣଙ୍କୁ ଅଭିନନ୍ଦନ ଜ୍ଞାପନ କରି ପାରିବା । ମି. ବିରେଲ୍‌ଙ୍କର ସିଏ ଥିଲା ଗୋଟିଏ ବିଚାରଶୂନ୍ୟ କାରସାଦି, ସେମାନଙ୍କ ପାଇଁ ସେ ଥୋପଟିଏ ସଜାଡ଼ି ରଖିଥିଲେ ଯାହାକୁ ସେମାନେ ଯଦି ଉଦରସାତ୍ କରିବାରେ ମଜ୍ଜି ଯାଇଥା'ନ୍ତେ ତା'ହେଲେ ସେମାନଙ୍କ ପକ୍ଷରେ ଏଇଟା ସବୁଠୁ କଦର୍ଯ୍ୟ ଧରଣର ଗୋଟିଏ ଭ୍ରାନ୍ତ ପଦକ୍ଷେପ ହୋଇ ଥାଆନ୍ତା ଆଉ ସ୍ୱରାଜ ପାଇଁ ତେଜି ଉଠୁଥିବା ଆନ୍ଦୋଳନକୁ ବିପଦ ମୁହଁକୁ ଠେଲି ନେଇ ଥାଆନ୍ତେ । ମି. ବିରେଲ୍‌ଙ୍କ ଇସ୍ତାହାରକୁ ମାନି ନେଇ ରାଜନୈତିକ ଦୃଷ୍ଟିକୋଣରୁ ଆତ୍ମଘାତୀ ହୋଇ ଉଠିବା ଅପେକ୍ଷା ଆୟର୍ଲାଣ୍ଡ ନିମନ୍ତେ ଯଥେଷ୍ଟ ଅଧିକ ଶ୍ରେୟସ୍କର ହେବ ଯଦି ସ୍ୱରାଜ ନିମନ୍ତେ କୌଣସି ରକମର ପ୍ରତିକାର ପାଇଁ ଦୀର୍ଘ ସମୟ ଧରି ପ୍ରତୀକ୍ଷା କରିବାକୁ ପଡ଼େ । ଆମେ ସିନା କହୁଛୁ ବିରେଲ୍‌ଙ୍କର ଇସ୍ତାହାର, କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା ହେଉଛି ଆଣ୍ଟୋନି ମ୍ୟାକ୍‌ଡୋନେଲ୍‌ଙ୍କର ଆଉ ଏଇ ଇସ୍ତାହାର ଯାହା ଉପରେ ଆଙ୍ଗ୍ଲୋ-ଭାରତୀୟ 'ଉଦାର' ମୋହର ଲଗା ଯାଇଛି । ସ୍ପଷ୍ଟ ରୂପେ ଦେଖିବାକୁ ଗଲେ ଏହାର ଲକ୍ଷ୍ୟ ହେଉଛି ଏପଟେ ଦୟା ପ୍ରଦର୍ଶନ କରି ସେପଟେ ସ୍ୱରାଜ ଆନ୍ଦୋଳନକୁ ଶେଷ କରିଦେବା, ଆୟର୍ଲାଣ୍ଡର ଏକତାକୁ ଖଣ୍ଡ ଖଣ୍ଡ କରି ପକେଇବା, କିଛି ସୁବିଧା ପ୍ରଦାନପୂର୍ବକ ଜନସାଧାରଣଙ୍କର ସହଜାତ ନେତୃବର୍ଗଙ୍କୁ ଦୁର୍ନୀତିର ପଙ୍କ ଭିତରେ ନିକ୍ଷେପ କରିବା ପାଇଁ କୌଶଳ କ୍ରମେ ଆଗପଛ ବିଚାର ସାଙ୍ଗକୁ ସୁଚିନ୍ତିତ ଏକ ଚଞ୍ଚକତାପୂର୍ଣ୍ଣ ସୁବିଧା ପ୍ରଦାନ କରି ଆୟର୍ଲାଣ୍ଡବାସୀର ଜାତୀୟତାବାଦ ଭିତରୁ ବିଷାକ୍ତ କଣ୍ଟାଟିକୁ କାଢ଼ି ନେବା ।

ପ୍ରସ୍ତାବିତ ପଦକ୍ଷେପଟି ହେଲା ଔପନିବେଶିକ ପାର୍ଲାମେଣ୍ଟ ଏବଂ ଭାରତୀୟ ବିଧାନ ପରିଷଦ ମଧ୍ୟରେ ବର୍ଣ୍ଣସଙ୍କରଯୁକ୍ତ ଅବୈଧ ସଂଯୋଗ । ଏହାକୁ ଗ୍ରହଣ କରି ନେଇଥିଲେ ଆୟର୍ଲାଣ୍ଡର ରାଜନୀତିଜ୍ଞମାନଙ୍କୁ ପାର୍ଣ୍ଣେଲ୍ (Parnell)ଙ୍କ ନୀତିଟିକୁ ଜଳାଞ୍ଜଳି ଦେବା ସାଙ୍ଗକୁ ଭବିଷ୍ୟତରେ ବ୍ରିଟିଶ ସରକାରଙ୍କ ସହିତ ସହଯୋଗ ରକ୍ଷା କରିବାକୁ ପଡ଼ିଥା'ନ୍ତା । ଆଇରିସ୍ ଜନସାଧାରଣଙ୍କୁ ଖୋଲାଖୋଲି ଭାବେ କୁହାଗଲା ଯେ ଯେଉଁଭଳି ରୀତିରେ ସେମାନେ ଏହି ମୂଲ୍ୟବାନ୍ ସୁଯୋଗର ସଦୁପଯୋଗ କରିବେ ତା' ଉପରେ, ଅନ୍ୟ ଭାଷାରେ କହିଲେ, ଶାନ୍ତିପୂର୍ଣ୍ଣ ପ୍ରତିରୋଧକୁ ସେମାନେ ପରିତ୍ୟାଗ କରିବା ଉପରେ, ଏବଂ ସରକାର ଓ ସରକାରଙ୍କଠାରୁ ସେମାନଙ୍କ ଦୂରତ୍ୱ ରକ୍ଷା କରିବାର ନୀତି ଉପରେ, ଆଉ ସ୍ୱାୟତ୍ତ ଶାସନର ଏକ ବିକଳାଙ୍ଗ ତଥା ନିରର୍ଥକ କାର୍ଯ୍ୟକ୍ରମ ଭିତର ଦେଇ ସରକାରଙ୍କୁ ସହଯୋଗ କରିବା ଉପରେ ଅଧିକତର ସ୍ୱାୟତ୍ତ ଶାସନର ସୁବିଧାଟିକକ ନିର୍ଭର କରୁଛି । ଏହି ଧରଣର ଏକ ବାଜେ ଚୁକ୍ତିକୁ ମାନି ନେଇ ଆୟର୍ଲାଣ୍ଡର ସର୍ବସାଧାରଣ ସେମାନଙ୍କ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ ପରିଣାମ କ'ଣ ହୋଇଥା'ନ୍ତା ? ସେମାନଙ୍କୁ ତ ସ୍ୱରାଜ ମିଳି ନଥା'ନ୍ତା ଯାହାକୁ ଇଂଲଣ୍ଡ କୌଣସି ମତେ ନ ଦେବାକୁ ବଦ୍ଧପରିକର ଥିଲା ତା'ର ମନ ମୁତାବକ ଅନ୍ୟ କିଛି ବିକଳ୍ପ ହସ୍ତଗତ ହେଲା ପର୍ଯ୍ୟନ୍ତ । ଆୟର୍ଲାଣ୍ଡକୁ ପ୍ରସ୍ତାବିତ ସ୍ଥାନୀୟ ସ୍ୱାୟତ୍ତ ଶାସନ ହୁଏତ ସ୍କଟ୍‌ଲ୍ୟାଣ୍ଡ ଏବଂ ୱେଲସ୍‌କୁ ପ୍ରସାରିତ ହୋଇ ଥାଆନ୍ତା ଆଉ ଆୟର୍ଲାଣ୍ଡ ଯେତେବେଳେ ସ୍ୱରାଜ ପାଇଁ ଅଡ଼ି ବସିଲା ତାକୁ କୁହା ଯାଇଥା'ନ୍ତା ଏକ ନିର୍ଦ୍ଦିଷ୍ଟ ପରିମାଣର ସ୍ୱାୟତ୍ତ ଶାସନରେ ସନ୍ତୁଷ୍ଟ ରହିବାକୁ ଯାହାକି ଯୁକ୍ତରାଜ୍ୟ (UK)ର ଅନ୍ୟ ଅଞ୍ଚଳମାନଙ୍କୁ ସନ୍ତୁଷ୍ଟ କରି ଦେଇଥିଲା । ସେଇ ସମୟ ମଧ୍ୟରେ ବ୍ରିଟିଶ ସରକାର ଆଇରିସ୍ ଜାତୀୟତାବାଦର ମଜଭୂତ ଚକ୍ରବ୍ୟୂହକୁ ଭାଙ୍ଗି ଛାରଖାର କରି ପକେଇଥା'ନ୍ତେ ଆଉ ଚାକିରି, ପଦପଦବୀ ଓ ପ୍ରତିପତ୍ତିର ଉତ୍କୋଚ ଦ୍ୱାରା ମୂଳ ଲକ୍ଷ୍ୟରୁ ଏକ ବିଶାଳ ସଂଖ୍ୟକ ପ୍ରକୃତ ବୁଦ୍ଧିମାନ୍, ଦକ୍ଷତାସମ୍ପନ୍ନ ଓ ଉଚ୍ଚାଭିଳାଷୀ ମଣିଷମାନଙ୍କୁ ବିଚ୍ଛିନ୍ନ କରି ରଖିବା ଦିଗରେ ସଫଳକାମ ହୋଇ ଥାଆନ୍ତେ,– ଯେଉଁମାନଙ୍କର ଧୀମତ୍ତାକୁ ବର୍ତ୍ତମାନ ଇଂଲଣ୍ଡ ବ୍ୟବହାର କରିବ ଜନସାଧାରଣଙ୍କୁ ସନ୍ତୁଷ୍ଟ କରି ରଖିବା ପାଇଁ ଆଉ ଜାତୀୟତାବାଦ ବିରୋଧରେ ଲଢ଼ିବା ପାଇଁ । ଏପରି ଭାବେ ଯେଉଁଥି ପାଇଁ ଇମ୍ମେଟ୍ (Emmett) ପ୍ରାଣତ୍ୟାଗ କରିଥିଲେ, ଯେଉଁଥି ପାଇଁ ଓ' କନେଲ୍ (O' Connell) ଏବଂ ପାର୍ଣ୍ଣେଲ୍ (Parnell) ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ଏବଂ ସିନ୍ ଫେନ୍ (Sinn Fein) ଆନ୍ଦୋଳନ ଯାହାକୁ ଅଧିକରୁ ଅଧିକ ସହଜସାଧ୍ୟ କରି ଚାଲିଛି,– ଆଇରିସ୍ ଜାତିର ସେଇ ମହାନ୍ ଆଦର୍ଶ ହୁଏତ ସମ୍ପୂର୍ଣ୍ଣ ରୂପେ ନିଷ୍ଫଳ ହୋଇଥା'ନ୍ତା କିଂବା ଆହୁରି ଗୋଟିଏ ଶତାବ୍ଦୀ ପାଇଁ ମୁଲତବୀ ହୋଇ ଯାଇ ଥାଆନ୍ତା । ନିଜର ସଂସ୍କୃତି, ଭାଷା, ପ୍ରଶାସନକୁ ଧରି ଏକ ସ୍ୱତନ୍ତ୍ର ଜାତୀୟତାର ପରିଚୟ ବଜାୟ ରଖିବା ପରିବର୍ତ୍ତେ ଆଇରିସ୍ ଜାତି ଗୋଟିଏ ବହୁ ଆଡ଼ମ୍ବରପୂର୍ଣ୍ଣ ଓ ଗୌରବ ମଣ୍ଡିତ ଧର୍ମଯାଜକମାନଙ୍କର ଜିଲ୍ଲା ପରିଷଦ ଦ୍ୱାରା ଶାସିତ ବିରାଟ ଏକ ଇଂରେଜ ପ୍ରଦେଶରେ ପରିଣତ ହୋଇ ବିଲୟ ପ୍ରାପ୍ତ ହୋଇ ଥାଆନ୍ତା । ବୋର୍ (Boers)ମାନଙ୍କୁ ସେହିପରି ଏକ ପ୍ରଲୋଭନ ଦିଆ ଯାଇଥିଲା, କିନ୍ତୁ ସେଇ ଚତୁର ଜାତି ସ୍ୱେଚ୍ଛାଚାରୀ ଔପନିବେଶିକ ସ୍ୱାୟତ୍ତ ଶାସନଠାରୁ ଊଣା କୌଣସି ପ୍ରକାରର ସ୍ୱାୟତ୍ତ ଶାସନ ସହିତ ନିଜକୁ ସାମିଲ କରେଇବା ପାଇଁ ରୋକଠୋକ ମନା କରି ଦେଇଥିଲେ । ନିଷ୍କପଟ ଜନ୍ (Honest John) ଏବଂ ନିଷ୍କପଟ ଷ୍ଟେଟ୍‌ସ୍‌ମ୍ୟାନ୍ ଦ୍ୱାରା ଭାରତବର୍ଷରେ ନରମପନ୍ଥୀମାନଙ୍କୁ ସେହିପରି ପ୍ରଲୋଭନର ପ୍ରତିଶ୍ରୁତି ମିଳିଛି, କେବଳ ଯଦି ସେମାନେ ନୂତନ ଜାଗରଣରୁ ଏବଂ ତତ୍ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟକ୍ରମରୁ ନିଜକୁ ଅଲଗା କରି ରଖିବାକୁ ସମ୍ମତି ପ୍ରକାଶ ସହ ନିଜ ଦେଶକୁ ପ୍ରତାରିତ କରିବେ । ଷ୍ଟେଟ୍‌ସ୍‌ମ୍ୟାନ୍‌ର କହିବା କଥା ଯେ ଆୟର୍ଲାଣ୍ଡର ସିନ୍ ଫେନ୍ ଦଳ ନିକଟରେ ହାର ମାନିବା ଅବସ୍ଥା ଉପୁଜିବାରୁ ମି. ରେଡ୍‌ମଣ୍ଡଙ୍କୁ ବାଧ୍ୟ କରାଯାଇଛି ଏହି ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଆଉ ଆଶା କରି ବସିଛି ଯେ ଭାରତୀୟ ନରମପନ୍ଥୀମାନେ ସେଭଳି ଭୁଲ୍ କରିବେ ନାହିଁ । ଆମର ଏଇ ବିଜ୍ଞ ବନ୍ଧୁ ଜଣକ ମତବ୍ୟକ୍ତ କରି କହିଛନ୍ତି ଯେ ଯଦି ନରମପନ୍ଥୀମାନେ ନିଜ ଦେଶ ସହିତ ବିଶ୍ୱାସଘାତକତା କରିବା ପାଇଁ ଚାହାଁନ୍ତି ତାହା କରି ପାରନ୍ତି, ସେଥିପାଇଁ କୌଣସି ରକମର ଦଣ୍ଡବିଧି ଲାଗୁ ହେବ ନାହିଁ, ସେମାନଙ୍କ ପ୍ରତିପତ୍ତି ଓ ସାମାଜିକ ପ୍ରତିଷ୍ଠାକୁ ନ ହରେଇ ।

[ବନ୍ଦେ ମାତରମ୍, ମେ ୨୪, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ*

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ବର୍ତ୍ତମାନର ଯୁଦ୍ଧ ସମ୍ପର୍କରେ ଅଧ୍ୟାତ୍ମ-ସାଧକଗଣ ବି ଉଦାସୀନ ହୋଇ ରହିପାରିବେ ନାହିଁ । ଅବଶ୍ୟ କୌଣସି କୌଣସି ଅଧ୍ୟାତ୍ମ-ସାଧନା ଉପଦେଶ ଦେଉଛନ୍ତି ଯେ ଭଗବାନଙ୍କ ଜିନିଷ ଭଗବାନଙ୍କୁ ଦିଆଯାଉ ଓ ସଇତାନର ଜିନିଷ ସଇତାନକୁ ଦିଆଯାଉ, ଅର୍ଥାତ୍ ଆଧ୍ୟାତ୍ମିକ ଓ ଐହିକ, ଏଇ ଦୁଇଟିକୁ ପୃଥକ୍ – ପୂରା ବିଚ୍ଛିନ୍ନ କରି ରଖାଯିବା ଉଚିତ । କଥାରେ କହିଲେ – ଯେଉଁମାନେ ଐହିକ ନେଇ ଅଛନ୍ତି, ସେମାନେ ସେଇଥିରେହିଁ ରୁହନ୍ତୁ, ସେମାନଙ୍କର ଆଧ୍ୟାତ୍ମିକତାରେ କିଛି ଦରକାର ନାହିଁ; ଏବଂ ଯେଉଁମାନେ ଆଧ୍ୟାତ୍ମିକ; ସେମାନେ ସେଇ ଅଧ୍ୟାତ୍ମ-ସାଧନା ନେଇ ରୁହନ୍ତୁ, ସେମାନଙ୍କର ଐହିକ ଜିନିଷରେ ମୁଣ୍ଡ ଖେଳାଇବା ଜମା ଦରକାର ନାହିଁ । ଏଇ କାରଣରୁହିଁ, ଏଇ ବିଚ୍ଛିନ୍ନ ମନୋଭାବରୁହିଁ ଐହିକ ଐହିକର ସୀମାରେ ରହିଗଲା – ଅନାତ୍ମାର, ଅଜ୍ଞାନର, ଦୁଃଖ ଦୈନ୍ୟର ଚିରସ୍ଥାୟୀ ସାମ୍ରାଜ୍ୟ ମଧ୍ୟରେ ତାହା ଆବଦ୍ଧ ଏବଂ ଆଧ୍ୟାତ୍ମିକତା ବି ମାନବ ଜୀବନକୁ ସଜୀବ, ଜାଗ୍ରତ୍ କରି ଠିଆ କରି ପାରିଲା ନାହିଁ ।

ସାଧୁସନ୍ଥମାନେ 'ଜଗତ୍ ହିତାୟ' କିଛି କରି ନାହାନ୍ତି, ଏକଥା ଆମେ କହୁ ନାହୁଁ । କିନ୍ତୁ ସେମାନଙ୍କ ପ୍ରୟାସ ପୂର୍ଣ୍ଣ ଫଳପ୍ରସୂ ହୋଇପାରି ନାହିଁ, ତାହାର ଫଳ ମିଶ୍ରିତ, ଅର୍ଦ୍ଧ ପଙ୍ଗୁ ଓ ସାମୟିକ ହୋଇ ରହିଯାଏ । କାରଣ ସେ ପ୍ରୟାସ ନିମ୍ନତର ଓ କ୍ଷୀଣତର ଧାରାକୁ ଆଶ୍ରୟ କରି ଚାଲିଥାଏ, ପ୍ରଥମତଃ ଏକ ଗୌଣ ପ୍ରଭାବ ବିସ୍ତାର ଛଡ଼ା ସେଗୁଡ଼ିକ ଦ୍ୱାରା ବିଶେଷ କିଛି ଅଧିକ ହେବାର ବାଟ ନାହିଁ । ଐହିକର ପରିମଣ୍ଡଳରେ ଅନ୍ୟ ଜଣକର, ସେ ଯେତେ ଉଦାର ପ୍ରାଣ ହୋଇଥାଉ ନା କାହିଁକି, ତାଙ୍କର ସ୍ମୃତି ଓ ସ୍ପର୍ଶ କେବଳ ତାଙ୍କର ସିଦ୍ଧି ଓ ସାଧନାହିଁ ପ୍ରଚାର କରିଥାଏ, ସେଥିରେ ଅଧିକ କିଛି ହୁଏ ନାହିଁ । ଦ୍ୱିତୀୟରେ : ସେଇ ମହତ୍ ବ୍ୟକ୍ତି ଯେବେ ଜାଗତିକ କର୍ମରେ ଉପକାର ଆଣିବାକୁ ଚେଷ୍ଟା କରନ୍ତି, ସେଥିରେ ଦେଖାଯାଇଛି ଐହିକ ଧର୍ମହିଁ ମୁଖ୍ୟ, ବିଶେଷ ଉପରକୁ ତାହା ଉଠିପାରି ନାହିଁ; ଅର୍ଥାତ୍, ଦାନ, ସେବା ଇତ୍ୟାଦି, ଖୁବ୍ ବେଶୀ ହେଲେ ଅଳ୍ପ କେତେକ ବ୍ୟକ୍ତିଙ୍କ ମଧ୍ୟରେ ନୈତିକ ନିଷ୍ଠା ଆଣିବାର ଚେଷ୍ଟା କରିଛି । ଏବଂ ବହୁ ସ୍ଥଳରେ ଏଇ ନୈତିକତାକୁ ଆଧ୍ୟାତ୍ମିକତା ବୋଲି ଭୁଲ୍ କରାହୋଇଛି । ଯଥାର୍ଥ ଆଧ୍ୟାତ୍ମିକତା ମାନସୋତ୍ତର, ତହିଁରେ ଲୋକୋତ୍ତର ଶକ୍ତି ଦେଇ ଜାଗତିକ ବ୍ୟାପାରକୁ ପରିଚାଳନା କରିବାର ଆଦର୍ଶ ରହିଛି, ମାତ୍ର ତାହାର ପ୍ରକାର ବିରଳ । ଏମିତିକି ଆଦର୍ଶ ଥିଲେ ବି ଯେଉଁ ଉପାୟ ଓ ପଦ୍ଧତି ଗ୍ରହଣ କରାହୋଇଛି, ତାହା ପ୍ରକୃଷ୍ଟ ହୋଇ ନାହିଁ । ଅଥଚ ଜଗତରେ ସ୍ଥାୟୀ କଲ୍ୟାଣର, ମଣିଷର ଭାଗ୍ୟ ପରିବର୍ତ୍ତନର ଏକମାତ୍ର ଉପାୟ ଓ କୌଶଳଟି ରହିଛି ଆଧ୍ୟାତ୍ମିକ ଓ ଭାଗବତ ଶକ୍ତିର ଚିନ୍ମୟ ପ୍ରେରଣାର ଆବିଷ୍କାର ଓ ପ୍ରୟୋଗରେ ।

ହିଉମ୍ୟାନିଷ୍ଟ (Humanist)ଗଣ କହିଥା'ନ୍ତି ମଣିଷର ଯାବତୀୟ ସଂଶ୍ଳିଷ୍ଟ ଜିନିଷ – ଯାହାକିଛି ତା'ର ରହିଛି, ସେଗୁଡ଼ିକ ସେମାନଙ୍କ ଲାଗି ପର ନୁହେଁ, ସେଗୁଡ଼ିକ ସେମାନଙ୍କର ନିଜସ୍ୱ ରାଜ୍ୟର ଅନ୍ତର୍ଗତ । ଅଧ୍ୟାତ୍ମବାଦୀମାନେ ବି ଏଇକଥା ଅନୁରୂପ ଭାବେ କହନ୍ତି ଯେ ସମଗ୍ର ମନୁଷ୍ୟକୁ, ମନୁଷ୍ୟର ଯାବତୀୟ ଅଙ୍ଗ, ଯାବତୀୟ କର୍ମ ଆୟତନକୁ ଅଧ୍ୟାତ୍ମ ସତ୍ୟରେ ଓ ପ୍ରେରଣାରେ ଗଠିତ ଓ ଚାଳିତ କରିବାକୁ ହେବ । ଶ୍ରେଷ୍ଠତମ ତଥା ବୃହତ୍ତମ ଆଧ୍ୟାତ୍ମିକତାର ଲକ୍ଷ୍ୟ ତାହାହିଁ । ଏଇ ଆଦର୍ଶକୁ ପରବର୍ତ୍ତୀ ଯୁଗରେ ସ୍ୱୀକୃତି ମିଳିଛି ଅତି କମ୍, ଅଧିକାଂଶ କ୍ଷେତ୍ରରେ ଅସମ୍ଭବ ବୋଲି ବିବେଚନା କରାହୋଇଛି, ସେଇ କାରଣରୁ ଜଗତର ଦଶା ଏମିତି ହୋଇଛି ।

* ୧୯୪୩ ମସିହାରେ ୨ୟ ମହାଯୁଦ୍ଧ କାଳରେ ନଳିନୀକାନ୍ତ ଗୁପ୍ତ **'ଶ୍ରୀଅରବିନ୍ଦ ଓ ବର୍ତ୍ତମାନ ଯୁଦ୍ଧ'** ଏବଂ **'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ'** ନାମରେ ଦୁଇଟି ପ୍ରବନ୍ଧ ରଚନା କରିଥିଲେ ଶ୍ରୀଅରବିନ୍ଦଙ୍କ ଏଇ ଯୁଦ୍ଧ ସମ୍ପର୍କୀୟ ମତାମତକୁ ଭିତ୍ତି କରି । ଶ୍ରୀଅରବିନ୍ଦ ମିତ୍ରପକ୍ଷକୁ ସମର୍ଥନ କରୁଥିଲେ, ଏପରିକି ଅନ୍ତରାଳରୁ ଆପଣାର ଆଧ୍ୟାତ୍ମିକ ଶକ୍ତି ଦେଇ ସହାୟତା ବି କରିଥିଲେ । କାହିଁକି ଏପରି କରିଥିଲେ ଏକଥା ଏ ଦୁଇଟି ପ୍ରବନ୍ଧରୁ ବୁଝିହୁଏ; ଜର୍ମାନୀର 'ନାଜି' ଶକ୍ତି ଓ ତା' ବିପକ୍ଷରେ ଥିବା ମିତ୍ରଶକ୍ତିର ସ୍ୱରୂପ କ'ଣ ଏବଂ ସେ ଦୁହେଁ କେଉଁ କେଉଁ ଭାବ ଓ ଗୁଣର ପ୍ରତିନିଧିତ୍ୱ କରୁଥିଲେ ତାହା ଆମେ ହୃଦୟଙ୍ଗମ କରିଥାଉ । ଶ୍ରୀଅରବିନ୍ଦ ଓ ଶ୍ରୀମା ଆମଠାରୁ, ଭାରତବାସୀଙ୍କ ପାଖରୁ କ'ଣ ଆଶା କରୁଥିଲେ ତାହାର ମର୍ମ ବୁଝିବାକୁ ସକ୍ଷମ ହେଉ ।

ଏଇ ସମସ୍ତ କଥା କୁହାଗଲା ଆମ ସଂପୃକ୍ତ ବିଷୟର କୈଫିୟତ ହିସାବରେ । ଆମେ ଯଦି ଅଧ୍ୟାତ୍ମ ମନୋଭାବାପନ୍ନ ହେଲୁ, ତେବେ କାହିଁକି ଏବେକାର ଯୁଦ୍ଧର ବ୍ୟାପାରରେ, ଜାଗତିକ ବ୍ୟବହାରିକ ଜିନିଷରେ ମୁଣ୍ଡ ଖେଳାଉଛୁ ? ଅବା ସେଥିରେ ନିଜର ମନ୍ତବ୍ୟ ଦେଉଛୁ ? 'ଯୁଦ୍ଧବିଗ୍ରହର ବିପୁଳ ତରଙ୍ଗ ସଂଘାତ ଆଧ୍ୟାତ୍ମିକ ବ୍ୟକ୍ତିର ମୁଣ୍ଡ ଉପର ଦେଇ ଚାଲିଯିବ, ସେ ଉଦାସୀନ ଥାଇ ବି ଖାଲି କ୍ଷଣକ ଲାଗି ଚାହିଁ ଦେଖିବ, ପୁଣି ଡୁବିଯିବ ଧ୍ୟାନର ଗଭୀରତା ଭିତରେ' – ପ୍ରାଚ୍ୟ ଦେଶର ଏ ପ୍ରକାର ଖ୍ୟାତି ରହିଛି; ଏଇ ଯଶ ସୁଲଭ, ଅଥଚ ଆମେ ଏ ଖ୍ୟାତିର ଅଂଶୀଦାର ହେବାକୁ ଚାହୁଁ ନାହୁଁ ।* ମାତ୍ର ଅଧ୍ୟାତ୍ମ ଓ ଐହିକ, ଧ୍ୟାନ ଓ ପ୍ରବଳ କର୍ମ ମଧ୍ୟରେ ଯେ ଅହି-ନକୁଳ ସମ୍ବନ୍ଧ, ଏ ସିଦ୍ଧାନ୍ତକୁ ତଥା ସଂସ୍କାରକୁ ଶ୍ରୀକୃଷ୍ଣ ବହୁଦିନ ଆଗରୁ ଅପ୍ରମାଣ କରି ଦେଇଛନ୍ତି । ଫଳତଃ ଆମେ ଦେଖି ଆସିଛେ ଯେ ଯୁଦ୍ଧ-ବିଗ୍ରହ କେବଳ ଯୋଦ୍ଧା ବା ସେନାଙ୍କର କାମ ନୁହେଁ, ଅବତାରମାନେ ବି ଏହାଛଡ଼ା ଆଉ କିଛି କରି ନାହାନ୍ତି, ଏକଥା କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ – ଆଉ ମହାମାୟା ନିଜେ କ'ଣ ? ଦୁଷ୍ଟର ଦମନ ଅବତାରଙ୍କର ପ୍ରଧାନ କାର୍ଯ୍ୟ; ସଚ୍ଚିଦାନନ୍ଦମୟୀ ହେଉଛନ୍ତି ପୁଣି ଅସୁରଦଳିନୀ ମଧ୍ୟ ।

ବସ୍ତୁତଃ, ବର୍ତ୍ତମାନ ଯେଉଁ ଯୁଦ୍ଧଟି (ଦ୍ୱିତୀୟ ମହାଯୁଦ୍ଧ) ଚାଲିଛି, ତାହା ତ ଅସୁରଶକ୍ତିକୁ ନେଇ ଯୁଦ୍ଧ । ଏ ଯୁଦ୍ଧ ଅନ୍ୟାନ୍ୟ ଯୁଦ୍ଧ ଭଳି ନୁହେଁ; ଗୋଟିଏ ଦେଶ ସହିତ ଆଉ ଗୋଟିଏ ଦେଶର କିଂବା ଦଳେ ସାମ୍ରାଜ୍ୟ-ପ୍ରୟାସୀଙ୍କ ସଙ୍ଗେ ଅନ୍ୟ ଦଳେ ସାମ୍ରାଜ୍ୟ ପ୍ରୟାସୀଙ୍କର ଯେଉଁ ଯୁଦ୍ଧ – କୌଣସି ଏକ ବିଶେଷ ରାଷ୍ଟ୍ରର ସାର୍ବଭୌମ ପ୍ରଭୁତ୍ୱ ପାଇବା ସକାଶେ ଯେଉଁ ସଂଘର୍ଷ – ସେ ପ୍ରକାର ନୁହେଁ ଏଇ ମହାଯୁଦ୍ଧ । ଏହାର ଗଭୀରତର, ଗମ୍ଭୀରତର, ଭୀଷଣତର ବ୍ୟଞ୍ଜନା ରହିଛି । ଇଉରୋପର ଅନେକ ମନୀଷୀ, ଯେଉଁମାନେ କେବଳ ରାଷ୍ଟ୍ରନୀତିକ ନେତା ବା ପଲିଟିସିୟାନ୍ ମାତ୍ର ନୁହନ୍ତି, ଯେଉଁ ବିରଳ କେତେଜଣ ଭାବର, ଚିନ୍ତାର, ଆଦର୍ଶର ଜଗତରେ ବସବାସ କରନ୍ତି ଏବଂ ସେ ଜଗତର ସତ୍ୟ, ଯାହାଙ୍କର କିଛି ପରିମାଣରେ ଗୋଚର – ସେମାନେ ବି ଏ ଯୁଦ୍ଧର ସ୍ୱରୂପ ହୃଦୟଙ୍ଗମ କରିଛନ୍ତି ଓ ପରିଷ୍କାର ଭାବେ ଜଣାଇ ସାରିଲେଣି । ଆଧୁନିକ ଯୁଗର ଶ୍ରେଷ୍ଠ ଫରାସୀ ମନୀଷୀ ଓ ଔପନ୍ୟାସିକ (Jules Romains) ଏ ବିଷୟକୁ ନେଇ କ'ଣ କହୁଛନ୍ତି, ଦେଖିବା :

''ମଧ୍ୟଯୁଗର ଶେଷ ଆଡ଼ୁ ଆରମ୍ଭ କରି ଆଜି ଯାଏ ବିଜିଗୀଷୁଗଣ ମାନବ-ସଭ୍ୟତା ଓ ଶିକ୍ଷାଦୀକ୍ଷାର କ୍ଷେତ୍ରରେ ନିଶ୍ଚିତ ଭାବେ କ୍ଷତି କରିଛନ୍ତି, ମାତ୍ର ଶିକ୍ଷାଦୀକ୍ଷା ଓ ସଭ୍ୟତା-ସଂସ୍କୃତିକୁ ସନ୍ଦେହର ବିଷୟ କରି ଦେଖାଇବାକୁ ସାହସ କରି ନାହାନ୍ତି । ଅନାଚାର, ଅତ୍ୟାଚାରକୁ ସେମାନେ ସମର୍ଥନ କରିଛନ୍ତି ପ୍ରୟୋଜନର ତାଗିଦାରେ – ସେମାନଙ୍କ ଦୃଷ୍ଟିରେ ଏସବୁ ହେଉଛି ଆଦର୍ଶୋଚିତ ବ୍ୟବହାର । ବିଜିତ ଦେଶ ଯେ ତାହାର ରୀତି-ନୀତିର ଶାସ୍ତ୍ର ଏଇ ଛାଞ୍ଚରେ ଗଢ଼ିବ, ଏଭଳି ଆଦେଶ ଓ ଶିକ୍ଷା ଦେବାକୁ ପଡ଼ିବ – ଏ ପ୍ରକାର କଳ୍ପନା ସେମାନେ କରି ନାହାନ୍ତି । ଅନ୍ତତଃ ବିଜିତ ଦେଶ ସେମାନଙ୍କର ଉଚ୍ଚତର ନୈତିକବୋଧକୁ ସ୍ୱୀକାର ନ କରି ନିମ୍ନତରକୁ ବରଣ କରୁ ବୋଲି କହିବାକୁ, କରିବାକୁ ସେମାନେ ସାହସ କରି ନାହାନ୍ତି ।

''ଅତୀତର ଇତିହାସରେ ଅନେକ ଘଟଣା ଭିତରେ ଯୁଦ୍ଧବିଗ୍ରହ ଗୋଟିଏ ଘଟଣାମାତ୍ର ଥିଲା; ପୁନରାୟ ଇଉରୋପୀୟ ଇତିହାସରେ ବର୍ତ୍ତମାନ ଅବଧି କୌଣସି ଜାଗାରେ ଯୁଦ୍ଧ-ବିଗ୍ରହ ଅର୍ଥ ଏମିତି ନ ଥିଲା ଯେ ମନୁଷ୍ୟର ଶ୍ରେଷ୍ଠତମ ଆଧ୍ୟାତ୍ମିକ ଓ ନୈତିକ ସମ୍ପଦସବୁ ଲୋପ ପାଇଯିବ; ପୁରୁଷାନୁକ୍ରମେ ମାନବ-ଜାତିର ସ୍ୱାତନ୍ତ୍ର୍ୟ, ସାମ୍ୟ ଓ ମୈତ୍ରୀ ଦିଗରେ ଯେଉଁ ସାଧନାର ଗତି ଏବେଯାଏଁ ଚାଲିଆସିଛି, ହଠାତ୍ ସେ ସମସ୍ତ ନାସ୍ତି ହୋଇଯିବ – ଅର୍ଥାତ୍, ମନୁଷ୍ୟତ୍ୱର ମୂଲ୍ୟ ବୋଲି ଆଉ କିଛି ରହିବ ନାହିଁ ।''

ଆମେ ଯେମିତି ଅସୁର ଓ ଅସୁରତ୍ୱ ବିଷୟ ଜାଣିଛୁ, ପାଶ୍ଚାତ୍ୟ ମନୀଷିଗଣ ସେବିଷୟ କିଛି ଜାଣନ୍ତି ନାହିଁ । ସେମାନଙ୍କ ଐତିହ୍ୟରେ Titan ଓ Anti Christ ବିଷୟକ କିଛି କଥା ରହିଥିଲା, ତାହା ବି ଆଧୁନିକ ମନ ସ୍ୱୀକାର କରେ ନାହିଁ, କହେ ଏ ସମସ୍ତ କବି-କଳ୍ପନା, ଖୁବ୍ ବେଶୀ ହେଲେ ପ୍ରତୀକ ଭାବରେ ନିଆଯାଇପାରେ । ତା' ସତ୍ତ୍ୱେ ବି ଅସୁର ବା ଟାଇଟାନ୍‌ର ବାହ୍ୟ ପ୍ରକାଶ ବା ବ୍ୟବହାର ସମ୍ପର୍କରେ ସେମାନେ ଯେତେ ଟିକିଏ ଉପଲବ୍ଧି କରିଛନ୍ତି ଏବଂ ସେ ବିଷୟରେ ଉଲ୍ଲେଖ କରିଛନ୍ତି, ସେତିକିହିଁ ସାଧାରଣ ଲୋକଙ୍କର ଚକ୍ଷୁ ଖୋଲିଦେବା ପାଇଁ ଯଥେଷ୍ଟ । ଏଇ କଥା କହୁଛନ୍ତି ଯେ ଏଇ ଯୁଦ୍ଧ ଦୁଇଟି

* The East bow'd low before the blast, In patient deep disdain
She let the legions thunder past, And plunged in thought again. (Mathew Arnold - 'Obermann Once More')

ଭିନ୍ନ ଭିନ୍ନ ଆଦର୍ଶ ମଧ୍ୟରେ ତ ଘଟୁଛି, ତା' ବି ସମାନ ସ୍ତର ବା ପର୍ଯ୍ୟାୟର ଆଦର୍ଶକୁ ନେଇ ସଂଘଟିତ ହେବାକୁ ଯାଉଛି । କ୍ରମ ବିବର୍ତ୍ତନର ଧାରାରେ ଆସି ମଣିଷ ଯେଉଁ ପଦବୀରେ ପହଞ୍ଚିଛି, ସେଇ ପଦବୀରୁ ତାକୁ ଟାଣି ଆଣି ଜୋର୍ କରି ତା'ର ପୂର୍ବ ପଦବୀ ଭଳି ଏକ ଅବସ୍ଥାରେ ବାନ୍ଧି ରଖିବା ହେବ ଏଇ ଯୁଦ୍ଧର ଉଦ୍ଦେଶ୍ୟର ମୁଖ୍ୟ ପ୍ରଚେଷ୍ଟା । ଏ ପ୍ରୟାସର ସ୍ୱରୂପ ଯେ ଠିକ୍ ଏଇ ରକମ, ସେକଥା ବି ଏମାନେ ନିଜ ମୁହଁରେ ଜୋର୍ କଣ୍ଠରେ କହୁଛନ୍ତି – କିଛି ଲୁଚେଇ ଛପେଇ ବ୍ୟକ୍ତ କରୁ ନାହାନ୍ତି । ହିଟ୍‌ଲରର 'Mein Kamf' – ବେଦ, ବାଇବେଲ, କୋରାନ ଅପେକ୍ଷା ବି ଉଚ୍ଚସ୍ତରୀୟ ଧର୍ମଶାସ୍ତ୍ର ହୋଇଛି ଯେଉଁଥିରେ ଅଭ୍ରାନ୍ତ ଅକପଟ ବେପରଦା ଦେଇ ଏଇ ଘୋଷଣା (New Order) ଶୁଣାଇ ଦିଆଯାଇଛି ।

ମଣିଷ ଦିନେ ଯେବେ ବଣ-ମଣିଷ ଥିଲା, ସେତେବେଳେ ତା'ର ଯେଉଁସବୁ ପ୍ରବୃତ୍ତି ଥିଲା ଏବଂ ଯେଉଁ ଧରଣର ପ୍ରବୃତ୍ତି ଥିଲା – ଉଗ୍ର ଅଶୁଦ୍ଧ ଅହଂସର୍ବସ୍ୱ ତୀବ୍ର ପ୍ରାଣ-ଶକ୍ତି ଭିତରକୁ ଯେଉଁଠି ଧୀର ବୁଦ୍ଧିର ଆଲୋକ ପ୍ରବେଶ କରି ନ ଥିଲା – ସେଇ ସ୍ଥିତି, ସେଇ ସ୍ତରକୁ ମନୁଷ୍ୟମାତ୍ରକୁ ନିଃକ୍ଷେପ କରିବାକୁ ଏହି ଅଧଃଶକ୍ତି ଆଜି ଲାଗି ପଡ଼ିଛନ୍ତି । ଏହାହିଁ ନବତନ୍ତ୍ର, ଯେଉଁଥିରେ ମନୁଷ୍ୟ ହେବ ବୀର୍ଯ୍ୟବାନ୍, କେବଳ ବୀର୍ଯ୍ୟବାନ୍ ଅର୍ଥାତ୍, ନିର୍ମମ କ୍ରୂର ବଳବାନ୍, ପୁଣି ଯୂଥବଦ୍ଧ ଭାବେ । ଯୂଥବଦ୍ଧ ହେବାହିଁ ଏଇ ତନ୍ତ୍ରର ବୈଶିଷ୍ଟ୍ୟ, ଯେମିତି ବନ୍ୟ କୁକୁର ବା ହେଟାବାଘର ଦଳ । ଗୋଟିଏ ବିଶେଷ ରାଷ୍ଟ୍ର ବା ଗୋଷ୍ଠୀ ହେବ ପ୍ରଭୁ ବା କର୍ତ୍ତାର ଜାତି, ଯାହାକୁ ସେମାନେ କହୁଥିଲେ Herren Volk; ୟୁରୋପରେ ଜର୍ମାନୀ ରାଷ୍ଟ୍ର ଓ ଏସିଆରେ ତା'ର ଅନୁକରଣରେ ଜାପାନ-ଭୂଖଣ୍ଡ ହେବେ ସେଇଭଳି ସର୍ବ-ସମର୍ଥ କର୍ତ୍ତା ଆଉ ପୃଥିବୀର ଅନ୍ୟ ସମସ୍ତ ରାଷ୍ଟ୍ର ହେବେ ସେମାନଙ୍କର ଗୋଲାମ – ସେମାନଙ୍କର କାମ ହେବ ଦାସବୃତ୍ତି ମାତ୍ର । ପ୍ରାଚୀନ ଯୁଗରେ Helotମାନଙ୍କର (ବେଠି ଖଟୁଥିବା ଲୋକଙ୍କର) ଯେଉଁ ଅବସ୍ଥା, ମଧ୍ୟଯୁଗରେ କ୍ରୀତଦାସମାନଙ୍କର ଦଶା ଯେମିତି ଥିଲା, ସାମ୍ରାଜ୍ୟତନ୍ତ୍ରରେ ପରାଧୀନ ଜାତିର ଯେଉଁ ଶୋଚନୀୟ ସ୍ଥିତି ରହିଛି ବର୍ତ୍ତମାନ ଜର୍ମାନୀ ଓ ଜାପାନର ଅଧୀନରେ ସମଗ୍ର ମାନବଜାତିର ସେଇ ପ୍ରକାର କି ତା'ଠାରୁ ବି ହୀନତର ଅବସ୍ଥା ଘଟିବ । ... ବର୍ତ୍ତମାନର ନବତନ୍ତ୍ରରେ ଦାସମାନଙ୍କ ଅବସ୍ଥା ଯେ ହେୟ, ସେତିକି ନୁହେଁ, ପ୍ରଭୁଗଣଙ୍କ ଅବସ୍ଥା ମଧ୍ୟ ବ୍ୟକ୍ତି ହିସାବରେ କମ୍ ହୀନ ହେବ ନାହିଁ । ଏଥିରେ ବ୍ୟକ୍ତିର ମହିମା ବା ସ୍ୱାତନ୍ତ୍ର୍ୟ ବୋଲି କିଛି ରହିବ ନାହିଁ, ସମସ୍ତେ ଏକତ୍ର – ସମାଜ ବା ଗୋଷ୍ଠୀ ହେବ ମହୁମାଛିର ଚକା ଅବା ପିପୀଲିକାର ବଲ୍ମୀକ । ମଣିଷମାନେ ହେବେ ଅବଶ କର୍ମୀ ମାତ୍ର – ଗୋଟିଏ ବିରାଟ, ବିପୁଳକାୟ ଯନ୍ତ୍ରର ସେମାନେ ହେବେ ଚକ, ନଟ୍-ବୋଲ୍‌ଟ୍, ଛୋଟ-ବଡ଼ କଣ୍ଟା ଇତ୍ୟାଦି । ସ୍ୱାଧୀନ ମଣିଷର ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ଯେଉଁ ଊର୍ଦ୍ଧ୍ୱରୁ ମାନବ ଲାଗି ଜଗତ୍ ଗଢ଼ିତୋଳେ, ଯେଉଁଥିରେ ଅନ୍ତରର ଜଗତ୍, ଶିଳ୍ପକଳା, ସାହିତ୍ୟ-କାବ୍ୟ, ସୁନ୍ଦର-ସୁକୁମାର, ଶ୍ରୀମୟ, ହ୍ରୀମୟ ଚାରୁକଳା, ସେସବୁର – ଏଇ ତନ୍ତ୍ରରୁ ନିର୍ବାସନ ଘଟିବ, କୁହାଯିବ ସେଗୁଡ଼ିକୁ ଅଦରକାରୀ ସୌଖୀନ ଜିନିଷ, ଚିତ୍ତ ଦୁର୍ବଳକର ବସ୍ତୁ । ମନୁଷ୍ୟ ହେବ ବିଜ୍ଞାନର ସାଧକ, ଅର୍ଥାତ୍ ସେଇ ବିଜ୍ଞାନ, ଯାହାର ଉଦ୍ଦେଶ୍ୟ କେବଳ ଜଡ଼-ପ୍ରକୃତି ଉପରେ କର୍ତ୍ତୃତ୍ୱ ଅର୍ଜନ – ଯନ୍ତ୍ରର ଅସ୍ତ୍ରଶସ୍ତ୍ରର ସମାରୋହ, ବ୍ୟାବହାରିକ ଜୀବନର କଠୋର, ନିଦା ସୌଷ୍ଠବ ଓ ସାଫଲ୍ୟ ଲାଭ ପାଇଁ ଯାହା ଆବଶ୍ୟକ । ଏଇ ପ୍ରାପ୍ତି ପୁଣି ସର୍ବସାଧାରଣଙ୍କ ଲାଗି ନୁହେଁ, ସମଗ୍ର ମାନବଜାତିର ବ୍ୟକ୍ତିଙ୍କ ଲାଗି ନୁହେଁ, ବରଂ ଭାଗ୍ୟବାନ୍ ଗୋଷ୍ଠୀ ବିଶେଷ ସକାଶେ ଏଇ ଉଦ୍‌ଯୋଗ ।

ବର୍ତ୍ତମାନ, ଏଇ ଆସୁରିକ ଶକ୍ତିଙ୍କ ବିରୋଧରେ ଠିଆ ହୋଇଛନ୍ତି ଯେଉଁମାନେ, ସେମାନଙ୍କ ମଧ୍ୟରୁ ଅନେକେ ସ୍ୱେଚ୍ଛାରେ ଏଥିରେ ପ୍ରତିପକ୍ଷ ହୋଇ ଠିଆ ହୋଇ ନ ଥିଲେ ବି, ସେମାନେ ଆଜି ମାନବଜାତିର ଭାଗ୍ୟ, ସାରା ବିଶ୍ୱ-ସଂସାରର ଭବିଷ୍ୟତକୁ ନିଜ କାନ୍ଧରେ ନେଇଛନ୍ତି । ଯେଉଁମାନେ ସାହସର ସହ ଅସୁରର ବିପକ୍ଷରେ ଦଣ୍ଡାୟମାନ, ସେମାନେ ହୋଇ ଉଠିଛନ୍ତି ସୁର ବା ଦେବତା, ଏକଥା ଆମେ ଘୋଷଣା କଲେ ବି ସେମାନେ ଦେବତା ନୁହନ୍ତି କି ଅସୁର ବି ନୁହନ୍ତି, ସେମାନେ ଯେ ମନୁଷ୍ୟ, ଏହାହିଁ ଯଥେଷ୍ଟ । ଅସୁର କହିଲେ ଆମେ ବୁଝୁଛୁ : ବିବର୍ତ୍ତନର, ଉନ୍ନତିର ଶେଷ – କ୍ରମଗତିର ଅନ୍ତ । ଅସୁର କହିଲେ ବୁଝାଏ ଏପରି ଏକ ନିରାଟ ଦୃଢ଼ ଛାଞ୍ଚ, ଯାହା ପରିବର୍ତ୍ତିତ ହୋଇପାରିବ ନାହିଁ । ଗୋଟିଏ ବିଶେଷ ଗୁଣକର୍ମର ଅଚଳାୟତନ – ସ୍ୱୈରତା, ଅହଂସର୍ବସ୍ୱତା, ଆତ୍ମମ୍ଭରିତାର ଦୁର୍ଭେଦ୍ୟ ଦୁର୍ଗ । ଅଥଚ ମଣିଷଠାରେ ଅଛି ପରିବର୍ତ୍ତନର କ୍ଷମତା; ସେ ଉପରକୁ ଉଠିପାରେ ଯେମିତି, ତଳକୁ ବି ସେମିତି ଖସିପାରେ । ପୁରାଣରେ କର୍ମଭୂମି ଓ ଭୋଗଭୂମିର କଥା ରହିଛି, ମନୁଷ୍ୟକୁ ନିମିତ୍ତ କରି, ଆଧାର କରି ନବ ନବ କର୍ମ ହୋଇଥାଏ, ସେଇ କର୍ମଫଳରେ କେବେ ସେ ଉନ୍ନତ ହୁଏ, ପୁଣି କେବେ ଅବନତ ହୁଏ । ଅସୁରମାନେ

ହେଉଛନ୍ତି ଭୋଗମୟ ପୁରୁଷ । ସେମାନେ ନୂତନ କର୍ମ ଅର୍ଥାତ୍ ଯେଉଁଥିରେ ଚେତନାର ରୂପାନ୍ତର ଘଟିବ, ସେମିତି କିଛି କରିପାରନ୍ତି ନାହିଁ; ଏବଂ ଭୋଗଭୂମି ହେଉଛି ସଞ୍ଚିତ କର୍ମର ଫଳ ଯେଉଁଠି ଭୋଗମାତ୍ର ହୋଇଥାଏ, ସେଠାରେ ନୂଆ କିଛି କର୍ମ କରାଯାଏ ନାହିଁ କି ଚେତନା ପରିବର୍ତ୍ତନର କୌଣସି ସୁଯୋଗ ନାହିଁ । ସେମାନଙ୍କର ଚେତନା ନିଦା, ସ୍ଥାଣୁ, ଅସୁରମାନଙ୍କର ଚେତନାରେ କ୍ରମପରିଣାମ ନାହିଁ, ଅଛି କେବଳ ଧ୍ୱଂସ । ସେଥିପାଇଁ ଧ୍ୱଂସ ସେମାନଙ୍କର ପ୍ରାପ୍ୟ ।

ମଣିଷ ଭିତରେ ଆସୁରିକ ଭାବ ଯେ ନାହିଁ ବା ଆସୁରିକ ବୃତ୍ତି ବା ଗୁଣ ଯେ ନାହିଁ, ତା' ନୁହେଁ, କିନ୍ତୁ ତା' ସଙ୍ଗେ ଆଉ ଗୋଟିଏ ଜିନିଷ ରହିଛି, ଯାହାର ପ୍ରେରଣାରେ ସେ ଆସୁରିକ ଭାବକୁ କାଟି ତା' ଉପରକୁ ଉଠିଯାଇପାରେ । ବାହ୍ୟ ବ୍ୟବହାରରେ ଅସୁର ଓ ଆସୁରିକ ଗୁଣଥିବା ମଣିଷର ସାଦୃଶ୍ୟ ରହିଥିଲେ ବି ଅନ୍ତରରେ ରହିଛି ବିଶେଷ ବୈସାଦୃଶ୍ୟ – ଉଭୟର କାଇଦା-ଛନ୍ଦ ଓ ସ୍ପନ୍ଦ (timibre, vibration) ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ମଣିଷ କାର୍ଯ୍ୟତଃ ଯେତେ ନିର୍ମମ, ନିର୍ଦ୍ଦୟ ହେଲେ ମଧ୍ୟ, ଯେତେ ସ୍ୱାର୍ଥପର ହେଲେ ମଧ୍ୟ, ସେ ଜାଣେ ଓ ସ୍ୱୀକାର କରେ ଯେ ଏ ପ୍ରକାର ଆଚରଣ ଆଦର୍ଶୋଚିତ ନୁହେଁ, ସେସବୁ ପରିତ୍ୟାଜ୍ୟ ଓ ହେୟ, ହୁଏତ ବାହାରେ ବାହାଦୁରୀ ଦେଖାଇ ସ୍ୱୀକାର କରେନା, କିନ୍ତୁ ଭିତରେ ଜାଣେ, ବୋଧ କରେ । କିନ୍ତୁ ଅସୁର ଧର୍ମରେ ଅନ୍ତର ଓ ବାହାରରେ କିଛି ତଫାତ ନାହିଁ । ସେ ଯେ ନିଷ୍ଠୁର, ବର୍ବର, ତାହାହିଁ ତା'ର ଆଦର୍ଶ, ସ୍ୱଭାବ ଓ ସ୍ୱଧର୍ମ, ତା'ର ଇଷ୍ଟ ମୂଳରୁହିଁ ସେଇଭଳି । ବଳାତ୍କାର ତା'ର ସ୍ୱଭାବର ଶୋଭା, ପରପୀଡ଼ନ ତା'ର ଆନନ୍ଦର ଖୋରାକ ।

ସ୍ପେନୀୟମାନଙ୍କ ଦ୍ୱାରା ଆମେରିକାରେ ଯେଉଁ ଅତ୍ୟାଚାର ହୋଇଛି, ରୋମାନ୍ ଖ୍ରୀଷ୍ଟିଆନମାନଙ୍କୁ ଏବଂ ଖ୍ରୀଷ୍ଟିଆନମାନେ ଅଣଖ୍ରୀଷ୍ଟିଆନଙ୍କୁ ଯେଉଁ ଧରଣର ଉତ୍ପୀଡ଼ନ କରିଛନ୍ତି, ଏମିତିକି ଭାରତରେ ଓ ଆୟର୍ଲାଣ୍ଡରେ ବି ଅତ୍ୟାଚାର କରାଯାଇଛି, ସାମ୍ରାଜ୍ୟ ସ୍ଥାପକଙ୍କ ଦ୍ୱାରା ଆଫ୍ରିକାରେ ବି ଏହା ହୋଇଛି । ଅନେକ ସମୟରେ ମନେ ହୁଏ ସେସବୁ ଅତି ମାତ୍ରାରେ ଅମାନୁଷିକ ଥିଲା; ମାତ୍ର ଅଧୁନା ଜର୍ମାନୀର 'ନାଜି' ଯାହା କରିଛି ପୋଲାଣ୍ଡରେ ଏବଂ ଜଗତ୍ ଭରି ରାଷ୍ଟ୍ରସବୁରେ ଯାହା ସେ କରିବାକୁ ଚାହେଁ, ସେଇ ଉତ୍ପୀଡ଼ନ କେବଳ ମାତ୍ରା ଦୃଷ୍ଟିରୁ ନୁହେଁ, ଗୁଣ ଦୃଷ୍ଟିରୁ ବି ହୀନତମ । ପ୍ରଥମଟିରେ ମିଳେ ମଣିଷର ଦୁର୍ବଳତାର ପରିଚୟ, ଅନ୍ୟଟିରେ ମିଳେ ଅସୁରର ପ୍ରବଳତାର ପରିଚୟ – ଦୁଇଟି ମଧ୍ୟରେ ପାର୍ଥକ୍ୟ ଧର୍ମଗତ, ଗୁଣଗତ । ହୁଏତ ଏଇ ପାର୍ଥକ୍ୟ ଅନେକଙ୍କ ଆଖିରେ ଧରାପଡୁ ନାହିଁ । ସେମାନଙ୍କୁ ଆମେ ବର୍ଣ୍ଣାନ୍ଧ କହିପାରୁ, ଏପରି ଅନେକେ ଅଛନ୍ତି ଯେଉଁମାନେ ଗାଢ଼ା ରଙ୍ଗ ଦେଖିଲେ କହିବେ କଳା, ଆଉ ଫିକା ରଙ୍ଗ ଦେଖିଲେ କହିବେ ସାଦା ଧଳା, ଅନ୍ୟ କିଛି ରଙ୍ଗ ସେମାନଙ୍କୁ ଦେଖାଯାଏ ନାହିଁ । ଆପାତ ଦୃଷ୍ଟିରେ ଦେଖିବାକୁ ମିଳେ ଅସୁରର ବିଜୟ ସର୍ବତ୍ର, କାହିଁକି ନା ସେମାନେ ସୁଗଠିତ, ସୁବ୍ୟବସ୍ଥିତ, ସେମାନଙ୍କ ଶକ୍ତିପୁଞ୍ଜରେ ଛେଦ ନାହିଁ, ତାହା ନିରନ୍ଧ୍ର, ମଣିଷ ସେପରି ହୋଇପାରିବେ ନାହିଁ । ମଣିଷ ଏକ ସ୍ୱଗତ-ବିରୋଧ ସତ୍ତା – ତାହାର ରହିଛି କ୍ରମଗତି, କ୍ରମସଂସ୍କାର, କ୍ରମବୃଦ୍ଧି । ସେ ଦେବଶକ୍ତିର ଚେତନାଧାରାରେ ଯେତେ ଅଭିସିଞ୍ଚିତ ହେଉଥାଏ, ସେତିକି ପରିମାଣରେ ସେ ଅସୁର ଶକ୍ତି ଉପରେ ବଳ ପ୍ରୟୋଗ କରିପାରେ । କିନ୍ତୁ ଦେବକୁଳ ସର୍ବଦା ପଛରେ ଥାଆନ୍ତି ଓ ଅସୁର ଦଳ ରହିଥା'ନ୍ତି ସବୁବେଳେ ସମ୍ମୁଖରେ – ସେଇ ବାସ୍ତବ କ୍ଷେତ୍ରଟି ସେଇମାନଙ୍କ ଦଖଲରେ । ମଣିଷ ପାଖରେ ବି ତା'ର ସ୍ଥୂଳ ଦେହ ଆଧାର, ପ୍ରାଣ, ମନ ଗଢ଼ା ଅଜ୍ଞାନର ପ୍ରଭାବ ଦେଇ,– ସେଥିପାଇଁ ଅସୁର ସେଇ ଜାଗାଗୁଡ଼ିକରେ ନିଜର ପ୍ରତିପତ୍ତି ଜମାଇବାକୁ ଚେଷ୍ଟା କରେ ଓ ସେଥିରେ ସଫଳ ହୁଏ, ଅଥଚ ଦେବତା ପକ୍ଷରେ ପୃଥିବୀ ଅଧିକାର କରିବା ଆୟାସସାଧ; ସାଧନାସାପେକ୍ଷ ଏବଂ ସମୟସାପେକ୍ଷ ମଧ୍ୟ ।

ଆମେ ବୁଝିପାରୁଛେ, ଏଇ ଯେଉଁ ମହାସମର, ତାହାର ଫଳାଫଳ ଉପରେ ନିର୍ଭର କରୁଛି ସମଗ୍ର ମନୁଷ୍ୟଜାତିର ଭବିଷ୍ୟତ୍, ପାର୍ଥିବ ଜୀବନର ଯାବତୀୟ ମୂଲ୍ୟ । ଯେତେ ଧୀର ପଦକ୍ଷେପରେ ହେଲେ ମଧ୍ୟ, ଯେତେ ସନ୍ଦେହଜନକ ଭାବରେ ହେଲେ ମଧ୍ୟ ମଣିଷର ପାଦ ପ୍ରଗତି ପଥରେ, ଅବ୍ୟର୍ଥ ସିଦ୍ଧି ଦିଗରେ – ଜ୍ୟୋତିର୍ମୟ ମୁକ୍ତତର ଜୀବନ ସେ ଦିନେ ନା ଦିନେ ଲାଭ କରିବ; ଅଥଚ ଏ ଯୁଦ୍ଧରେ ଅସୁରର ଜୟ ହେଲେ ସେ ପଥ ତା'ର ରୁଦ୍ଧ ହେବ, ମନୁଷ୍ୟ ପଛେଇ ଯିବ, ଫେରିଯିବ ସିଏ ପୂର୍ବତନ ପାଶବ ଅବସ୍ଥା ଦିଗରେ, ଶେଷରେ ଆହୁରି ନିକୃଷ୍ଟ ଅବସ୍ଥାରେ ପତିତ ହେବ, ଅସୁରର କବଳିତ ହେବ, ନିଜତ୍ୱ ହରାଇ ସେ ହୋଇ ଉଠିବ ଛିନ୍ନ ମସ୍ତକ ଏକ କବନ୍ଧ । ଆମ ସମ୍ମୁଖରେ ଏଇ ସମସ୍ୟା ଆସନ୍ନ, କେଉଁ ପଥ ବରଣୀୟ ତାହା ଚିନ୍ତାର ବିଷୟ ।

ଏଇ ଯେଉଁ ମହାଯୁଦ୍ଧ, ସେଥିରେ ଏକ ପକ୍ଷରେ ଅସୁର, ଅନ୍ୟ ପକ୍ଷରେ ଦେବତାର ଯନ୍ତ୍ର ରୂପେ ମନୁଷ୍ୟ। ମଣିଷ ଯେ ଅସୁର ତୁଳନାରେ ଦୁର୍ବଳ, ଏଥିରେ ସନ୍ଦେହ ନାହିଁ। ବାସ୍ତବ ପାର୍ଥିବ କ୍ଷେତ୍ରରେ ଏହା ହେଲେ ମଧ୍ୟ, ତା' ଅନ୍ତରରେ ବିରାଜିତ ଭଗବାନ୍ – ଏଇ ଭାଗବତୀ ଶକ୍ତି ଓ ତାଙ୍କ ବୀର୍ଯ୍ୟ ନିକଟରେ କୌଣସି ଅସୁର ଶେଷ ପର୍ଯ୍ୟନ୍ତ ଠିଆ ହୋଇପାରିବ ନାହିଁ। ଯେଉଁ ବ୍ୟକ୍ତି ଅସୁରର ବିପକ୍ଷରେ ଠିଆ ହୋଇଛି, ସେ ଦେବତାର ପକ୍ଷ ଗ୍ରହଣ କରିଛି। ଦେବତାର ଆଶିଷ, ଭାଗବତ ପ୍ରସାଦ ବି ଲାଭ କରିଛି। ମହାଯୁଦ୍ଧର ଏଇ ସ୍ୱରୂପ ବିଷୟରେ ଆମେ ଯେତେ ସଜ୍ଞାନ ହେବା, ଯେତେ ସଜ୍ଞାନରେ କ୍ରମୋନ୍ନତିଶୀଳ ଶକ୍ତିର ସପକ୍ଷରେ ଠିଆ ହେବା, ମଣିଷ ଭିତରେ ଦେବତାର ବିଜୟ ସେତେ ଅବଶ୍ୟମ୍ଭାବୀ ଓ ଆସନ୍ନ ହୋଇଉଠିବ ଏବଂ ଆସୁରିକ ଶକ୍ତି ସେତେ କ୍ଷୀଣବଳ ହୋଇ ପଛକୁ ହଟିଯିବ। ମାତ୍ର ଅଜ୍ଞାନବଶତଃ ଅନ୍ଧ-ରିପୁର ବଶବର୍ତ୍ତୀ ହୋଇ ସଂକୀର୍ଣ୍ଣ ଦୃଷ୍ଟି ଆଉ ନିରନ୍ଧ୍ର ସଂସ୍କାରର ବଶରେ ଯଦି ପକ୍ଷ ଓ ବିପକ୍ଷ ମଧ୍ୟରେ କିଛି ଭେଦ ନ କରିପାରୁ, ତା'ହେଲେ ମନୁଷ୍ୟଜାତି ଲାଗି ଆମେ ଦାରୁଣ ଦୁର୍ଦ୍ଦଶା ଡାକି ଆଣିବୁ।

ଏଇ ଯୁଗ ସଂକଟରେ ଭାରତର ଭାଗ୍ୟ ପରୀକ୍ଷା ବି ହୋଇ ଚାଲିଛି। ... ସେ ଯେତେ ସଜ୍ଞାନବଶତଃ ଦେବଶକ୍ତିର ପକ୍ଷ ଅବଲମ୍ବନ କରିବ, ସେତିକି ପରିମାଣରେ ସେ ଭାଗବତୀ ଶକ୍ତିର ଯନ୍ତ୍ର ହୋଇଉଠିବ, ଆଉ ସେ ଯନ୍ତ୍ର ଯେତେ ବି ଦୋଷତ୍ରୁଟିପୂର୍ଣ୍ଣ ହୋଇଥାଉ ନା କାହିଁକି, ତହିଁରେ ଭାଗବତ ପ୍ରସାଦର, ଦିବ୍ୟ ଆଶୀର୍ବାଦର ସ୍ପର୍ଶ ଲାଗିବ ଏବଂ ସବୁ ବାଧାବିପତ୍ତି ଉତ୍ତୀର୍ଣ୍ଣ ହୋଇ ସେ ଅଜେୟ ବିଜୟୀ ହୋଇ ଉଠିବ – ଏଇଟିକୁ ତ କୁହନ୍ତି 'ପଙ୍ଗୁ ଲଙ୍ଘୟତେ ଗିରିଂ'। ଭାରତର ଭାଗ୍ୟ ଏବେ ଏଇ ପନ୍ଥା ନିର୍ବାଚନ ଉପରେ ନିର୍ଭର କରୁଛି। ଭାରତର ଅନ୍ତଃପୁରୁଷର ସମ୍ମୁଖରେ ଆସି ପହଞ୍ଚିଛି ଏକ ମହାସୁଯୋଗ, ଏକ ମାହେନ୍ଦ୍ର ମୁହୂର୍ତ୍ତ। ଯଦି ସେ ଠିକ୍ ପଥଟି ବାଛି ନେଇପାରିବ ତେବେ ସେ ପାଇବ ତା'ର ଯୁଗଯୁଗାନ୍ତ ବ୍ୟାପୀ ସାଧନାର ପୂର୍ଣ୍ଣ ସାର୍ଥକତା। ଯେଉଁ ଅମୂଲ୍ୟ ସମ୍ପଦ, ଅଧ୍ୟାତ୍ମର ଯେଉଁ ସଞ୍ଜୀବନୀ-ଶକ୍ତି ତା'ର ସାଧୁସନ୍ଥ-ମଣ୍ଡଳୀର ସାଧନା-ପରମ୍ପରାରେ ବହି ଆସିଛି, ତାହାକୁ ଭାରତ ବଞ୍ଚାଇ ରଖିଛି, ପୁଷ୍ଟ କରିଛି – ମାନବଜାତିର ମୁକ୍ତି ନିମନ୍ତେ, ପୃଥିବୀର ରୂପାନ୍ତର ନିମନ୍ତେ, ଯେଉଁ ଜିନିଷଟି ପାଇଁ ଭାରତର ଅସ୍ତିତ୍ୱ ଏବଂ ଯାହାକୁ ହରାଇଲେ ଭାରତର ଅସ୍ତିତ୍ୱର ମୂଲ୍ୟ ରହିବ ନାହିଁ; ପୃଥିବୀ ଓ ମାନବଜାତିର ସବୁ ସାର୍ଥକତା ବି ଚାଲିଯିବ – ଆଜି ସମୟ ଆସିଛି ସେସବୁ ଜିନିଷକୁ ଆମେ ମୂଲ୍ୟ ଦେଇ ପାରୁଛୁ କି ନାହିଁ, ସବୁ କଥା ଚିହ୍ନିପାରୁଛୁ କି ନାହିଁ ତାହା ପରୀକ୍ଷା କରିବାର – ଗୋଟାଏ ପକ୍ଷର ଜୟ ହେଲେ ଯେଉଁ ପଥଟି ଖୋଲା ରହିବ ତାହା ପ୍ରଶସ୍ତ ହେବ, ନିର୍ବିଘ୍ନ ହେବ, ଏବଂ ଅପରପକ୍ଷର ଜୟ ହେଲେ ସେଇ ପଥଟି ଚିରକାଳ ପାଇଁ ରୁଦ୍ଧ ହୋଇଯିବ କିଂବା ଅନ୍ତତଃ ଦୀର୍ଘକାଳ ପାଇଁ ପ୍ରଗତି, ଉନ୍ନତି ବନ୍ଦ ହୋଇଯିବ ମାନବଜାତିର। କେବଳ ବାହ୍ୟ ଦୃଷ୍ଟିରୁ – ଆପଣା ରାଷ୍ଟ୍ରର ବା ଜାତିର ସୁବିଧା ଦୃଷ୍ଟିରୁ ବା କୂଟନୀତି ବା ଛଳକପଟରୁ ଏହା ନିର୍ଣ୍ଣୀତ ହେବ ନାହିଁ, ବରଂ ଅନ୍ତରର ନିର୍ନିମେଷ ଚେତନାରେ ରହି ଦେଖିବାକୁ ହେବ ପକ୍ଷାପକ୍ଷ ଏବଂ ଥରେ ବାଛି ନେଲେ ଏହାକୁ ବରଣ କରିବାକୁ ହେବ ସର୍ବସତ୍ତା ଦେଇ। ଯେଉଁ ପକ୍ଷକୁ ଆମେ ମିତ୍ରପକ୍ଷ କହୁଛେ, ତାହା ସତରେହିଁ ମିତ୍ରପକ୍ଷ, ଯଦିବା ତା'ର ଦୋଷତ୍ରୁଟି ଅନେକ। ଆମେ ଯେଉଁ ସତ୍ୟର ସ୍ଫୁରଣ ଓ ପ୍ରତିଷ୍ଠା ଚାହୁଁ, ସେ ପକ୍ଷ ତାହାରି ପାଇଁ ହୋଇ ଠିଆହୋଇଛି – ସୁତରାଂ ଆମର କରଣୀୟ କାୟମନୋବାକ୍ୟରେ ତାହାକୁ ସମର୍ଥନ କରିବା, ଆମେ ଯଦି ମହତୀ ବିନଷ୍ଟିରୁ ରକ୍ଷା ପାଇବାକୁ ଚାହୁଁ, ସେଥିରୁ ମୁକ୍ତ ହୋଇ ସ୍ୱଚ୍ଛନ୍ଦରେ ନିଃଶ୍ୱାସ ନେବାକୁ ଚାହୁଁ, ତେବେ ସେଇ ମିତ୍ରପକ୍ଷର ସଙ୍ଗୀ-ସାଥୀ ହୋଇ ଠିଆ ହେବାକୁ ପଡ଼ିବ ଆମକୁ।

ଦୁର୍ଯ୍ୟୋଧନର ପକ୍ଷରେ ଥିଲେ ଶତଭ୍ରାତା। ଆଉ ଥିଲେ ଭୀଷ୍ମ, ଦ୍ରୋଣ, କର୍ଣ୍ଣଙ୍କ ପରି ମହାବୀର ମହାରଥିଗଣ; ତା' ସତ୍ତ୍ୱେ ବି, ଯେତେ ଦୁଃଖକଷ୍ଟ ପରେ ହେଉ ଅବା ଯେତେ ସୁଦୀର୍ଘ କାଳ ପରେ ହେଉ ନା କାହିଁକି ପରିଶେଷରେ ଜୟ ହେଲା ପଞ୍ଚପାଣ୍ଡବଙ୍କର, କାହିଁକି ନା ସେମାନଙ୍କ ପକ୍ଷରେ ଥିଲେ ଶ୍ରୀକୃଷ୍ଣ। ଯେଉଁଠାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ଧନୁର୍ଦ୍ଧର ପାର୍ଥ, ଅର୍ଥାତ୍ ଯେଉଁଠି ଭଗବାନ୍ ସ୍ୱୟଂ ଏବଂ ତାଙ୍କ ଯନ୍ତ୍ରଭୂତ ଆଦର୍ଶ ମନୁଷ୍ୟ, ସେଇ ସ୍ଥାନରେହିଁ ଅବ୍ୟର୍ଥ ବିଜୟ, ପୂର୍ଣ୍ଣସିଦ୍ଧି ଶ୍ରୀ।

ଆମେ କେଉଁ ପଥଟି ଧରିଛୁ, ଆମେ ଏବେ କେଉଁ ପଥ ଅନୁସରଣ କରିବୁ, ଆମ ବିଧିଲିପିରେ ଏଇ ପ୍ରଶ୍ନ ଫୁଟି ଉଠିଛି ଅଗ୍ନିବର୍ଣ୍ଣରେ, ଆମର କର୍ମ ସେଇ ପ୍ରଶ୍ନର କି ଉତ୍ତର ଦେବ ଆଜି ?

(ବଙ୍ଗଳା ରଚନାବଳୀ, ୬ଷ୍ଠ ଖଣ୍ଡ)

ଅନୁବାଦ : କୃଷ୍ଣାଦେବୀ ❖

# ସବୁ ସମୟରେ ସମାଜ ସାହିତ୍ୟଠାରୁ ମହତ୍ତର ନୁହେଁ !

**ଶ୍ରୀ ମନୋଜ ଦାସ**

**ପ୍ରଶ୍ନ :** *ସାହିତ୍ୟ ମୁଖ୍ୟତଃ ସମାଜରୁ ଉପାଦାନ ସଂଗ୍ରହ କରେ । ତେଣୁ କୁହାଯାଏ ସମାଜ ସାହିତ୍ୟଠାରୁ ବୃହତ୍ତର । କିନ୍ତୁ କିଛି କ୍ଷେତ୍ରରେ ଆମ ସମାଜ ଯେଉଁମାନଙ୍କୁ ଛି-ଛାକର କରି, ଇତର ମଣି ପାଦରେ ଏଡ଼ାଇ ଦେଇଥାଏ, ସାହିତ୍ୟ ସେମାନଙ୍କୁ ଏତେ ଉଚ୍ଚ ସ୍ଥାନକୁ ଉନ୍ନୀତ କରିନିଏ ଯେ ଆମକୁ ଅଭିଭୂତ ହେବାକୁ ପଡ଼େ । ସେହିଭଳି ଚରିତ୍ର ହେଉଛନ୍ତି – ହାରିଏଟ୍ ବିଚର୍ ଷ୍ଟୋ'ଙ୍କ 'ଅଙ୍କଲ୍ ଟମ୍‌ସ୍ କ୍ୟାବିନ୍'ର ଟମ୍, ଗୋପୀନାଥ ମହାନ୍ତିଙ୍କ 'ହରିଜନ' ଉପନ୍ୟାସର ସନେଇ ଓ ଚେନା ଏବଂ 'ଲକ୍ଷ୍ମୀ ପୁରାଣ'ର ଚଣ୍ଡାଳୁଣୀ ଶ୍ରୀୟା । ସାହିତ୍ୟ ନିମନ୍ତେ ଏହି ଶକ୍ତି ଓ ପ୍ରେରଣାର ଉତ୍ସ କ'ଣ ?*

**ଉତ୍ତର** : ସମାଜ, ସାହିତ୍ୟ ତଥା ମଣିଷର ଯାବତୀୟ ବିକାଶ, ସଂଗଠନ ଏବଂ କାର୍ଯ୍ୟକଳାପ ପଶ୍ଚାତରେ ଏକ ଅଦୃଶ୍ୟ ବିବର୍ତ୍ତନୀ ଶକ୍ତି ସର୍ବଦା କର୍ମରତ । ସେ ଶକ୍ତିର ବିଭୂତି ବିନା ପ୍ରାଗୈତିହାସିକ କାଳରେ ସମାଜ ବୋଲି ଯଦି କିଛି ଥିଲା, ସେହି ଅବସ୍ଥାହିଁ ବଜାୟ ରହିଥା'ନ୍ତା ।

ସେ ବିବର୍ତ୍ତନୀ ଶକ୍ତି କାହା ମାଧ୍ୟମରେ କର୍ମରତ ? ମଣିଷର ଚେତନା ମାଧ୍ୟମରେ । ସେହି ଶକ୍ତି ପ୍ରେରଣା ରୂପେ ଆମ ଦ୍ୱାରା ନୃତ୍ୟ, ସଂଗୀତ, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ସଂସ୍କୃତିର ବିଭିନ୍ନ ବିଭବକୁ ରୂପଦାନ ଦେଇଛି । କେତେବେଳେ ପୁଣି ଆମକୁ ସାହିତ୍ୟ, ଦର୍ଶନ ଓ ବିଜ୍ଞାନର ଚର୍ଚ୍ଚା ନିମନ୍ତେ ଉଦ୍‌ବୁଦ୍ଧ କରିଛି । ତାହା ପୁଣି ମଣିଷର ହୃଦୟରେ ଦୁଃସାହସିକ କୌତୂହଳ ଜାଗରିତ କରି ତାକୁ ଅଜଣାକୁ ଜାଣିବା ନିମନ୍ତେ ଅରଣ୍ୟ, ସମୁଦ୍ର ଓ ଦୂରଦିଗନ୍ତ-ଅଭିମୁଖୀ କରିଛି ।

ସର୍ବୋପରି ସେହି ଶକ୍ତି ଆମ ଚେତନାରେ ଜୀବନର ଲକ୍ଷ୍ୟ ସମ୍ପର୍କରେ ପ୍ରଶ୍ନ ଜାଗରୂକ କରିଛି; ଆମ ଭିତରେ ଭଲ ମନ୍ଦର ପାର୍ଥକ୍ୟ ଜ୍ଞାନ ସଞ୍ଚାର କରିଛି ।

ଏହିସବୁ ସାର୍ବଜନୀନ ବିକାଶର, ସାର୍ବଜନୀନ ଅଭିବ୍ୟକ୍ତିର ମାଧ୍ୟମ ହେଲା ଭାଷା । ଅଭିବ୍ୟକ୍ତିର ବହୁ ସ୍ତର । ଏକହିଁ ଭାଷାକୁ ମଣିଷର ଅଜ୍ଞାନତା ବେଶ୍ ନିମ୍ନସ୍ତରରେ ବ୍ୟବହାର କରିପାରେ, ତା'ର ସଜ୍ଞାନ ଚେତନା ପୁଣି ବିକାଶମୁଖୀ ସମାଜର ଭୁଲ୍‌ଭ୍ରାନ୍ତି ଦର୍ଶାଇବାରେ, ମଣିଷ ଭିତରେ ସଦ୍‌ବୁଦ୍ଧିର ଉଦ୍ରେକ କରିବାରେ, ତାକୁ ଆନନ୍ଦ ଦେବାରେ, ଜୀବନର ମହତ୍ତର ସମ୍ଭାବନା ସମ୍ପର୍କରେ ସଜାଗ କରିବାରେ ତାହାକୁ ବ୍ୟବହାର କରିପାରେ । ଯେତେବେଳେ ଏକ ଜୀବନମୁଖୀ, ଶୁଭଙ୍କର ଆଭିମୁଖ୍ୟ ଗ୍ରହଣ କରି କଳାତ୍ମକ ରୀତିରେ ଭାଷା ଅଭିବ୍ୟକ୍ତ ହୁଏ ସେତେବେଳେ ତାହା ହୁଏ ସାହିତ୍ୟ ।

ଆପଣଙ୍କ କହିବା ଅନୁସାରେ ସମାଜ ସାହିତ୍ୟଠାରୁ ବୃହତ୍ତର ନିଶ୍ଚୟ – କାରଣ ସମାଜହିଁ ସାହିତ୍ୟର ଭିତ୍ତି – କିନ୍ତୁ ସବୁ ସମୟରେ ସମାଜ ସାହିତ୍ୟଠାରୁ ମହତ୍ତର ବୋଲି କହିହେବ ନାହିଁ । ଉଭୟ ସମାଜ ଏବଂ ସାହିତ୍ୟର ଉତ୍ସ ଉପରୋକ୍ତ ବିବର୍ତ୍ତନୀ ଶକ୍ତି । ସମାଜର ବହୁଳାଂଶ ଅଜ୍ଞାନ-ଅଧ୍ୟୁଷିତ ଥାଇପାରେ, ସଚ୍ଚା ସାହିତ୍ୟ ସେ ଅଜ୍ଞାନ ଅତିକ୍ରମ କରିବା ନିମନ୍ତେ ଆହ୍ୱାନ ନଦେଲେ ମଧ୍ୟ ସେ ଦିଗରେ ଇଙ୍ଗିତ ଦିଏ ବହୁ ଧାରାରେ । ଆପଣ ଉଲ୍ଲେଖ କରିଥିବା ତିନୋଟି ବହି ସେହି ଭୂମିକାହିଁ ତୁଲାଇଛନ୍ତି ।

**ପ୍ରଶ୍ନ :** *ରବୀନ୍ଦ୍ରନାଥଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବକ୍ତୃତାରେ କାଳର ଆଧାରରେ ଆପଣ ସାହିତ୍ୟକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି; କାଳ ଦ୍ୱାରା ପ୍ରଭାବିତ ସାହିତ୍ୟ, କାଳକୁ ପ୍ରଭାବିତ କରୁଥିବା ସାହିତ୍ୟ ଏବଂ କାଳକୁ ନୂତନ ରୂପାୟନ ଦେଉଥିବା ସାହିତ୍ୟ । ଆପଣ କହିଥିଲେ, ପ୍ରଥମ ଗୋଷ୍ଠୀରେ ଅଛନ୍ତି ବହୁସଂଖ୍ୟକ ଲେଖକ, ଦ୍ୱିତୀୟଙ୍କ ସଂଖ୍ୟା କମ୍ ଏବଂ ତୃତୀୟ ବିରଳ । ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ 'ସାବିତ୍ରୀ' ତୃତୀୟ ପର୍ଯ୍ୟାୟର ଅନ୍ତର୍ଭୁକ୍ତ*

*ବୋଲି ଆପଣ ସ୍ପଷ୍ଟ କରିଦେଇଛନ୍ତି । ତେବେ ଆମେ ସାଂପ୍ରତିକ ସାହିତ୍ୟ ନାମରେ କ'ଣ ପଢ଼ିବା ? ଯଦି ସାଂପ୍ରତିକ ସମୟର ଅଧିକାଂଶ ପୁସ୍ତକ ଆମ ଚେତନାର ଦିଗ୍‌ବଳୟକୁ ସଂପ୍ରସାରିତ ନ କରେ, ତାହା ଅଧ୍ୟୟନ କରିବାର ଆବଶ୍ୟକତା କ'ଣ ଅଛି ? ଆମେ ଯୁବ ପିଢ଼ିକୁ କ'ଣ ପଢ଼ିବା ପାଇଁ ପରାମର୍ଶ ଦେବା ?*

**ଉତ୍ତର :** ବିଷମ ପ୍ରଶ୍ନ । ଆଜି ମାନବ ସଭ୍ୟତା କୁହନ୍ତୁ, ମାନବଜାତି କୁହନ୍ତୁ — ଆମେ ଏକ ବିବର୍ତ୍ତନଗତ ସଂକଟ ଭିତର ଦେଇ ଗତି କରୁଛୁଁ । ଏହି ବିଭ୍ରାନ୍ତିମୟ ଯୁଗରେ ସବୁ କ୍ଷେତ୍ରରେ ଭଲର ନୁହେଁ, ଭେଲରହିଁ ପ୍ରାଧାନ୍ୟ । କିନ୍ତୁ ଆପଣଙ୍କ ଭିତରେ, ମୋ ଭିତରେ, ସ୍ୱାଭାବିକଭାବେ ସଚେତନ ଅସଂଖ୍ୟ ମଣିଷ ଭିତରେ, ପୂର୍ବ-କଥିତ ବିବର୍ତ୍ତନୀ ଶକ୍ତିର ଆଶୀର୍ବାଦ ବଳରେ ଭଲ-ମନ୍ଦର ପାର୍ଥକ୍ୟ-ଜ୍ଞାନ ସ୍ୱତଃସ୍ଫୂର୍ତ୍ତ ଭାବେ ବଳବତ୍ତର ରହିଛି । ଜୀବନରେ ଆପଣଙ୍କୁ ବହୁ ସାହିତ୍ୟ ହତାଶ କରିଥିବ, କିଛି ସାହିତ୍ୟ ଅନୁପ୍ରାଣିତ କରିଥିବ; ବୋଧଶକ୍ତିରେ ଆଣି ଦେଇଥିବ ଶୁଭଙ୍କର ଚମକ । ଆପଣ ଯୁବ ପିଢ଼ିକୁ ସେହି ସାହିତ୍ୟ ପାଠ କରିବାର ପରାମର୍ଶ ଦେବେ । ଆପଣଙ୍କ ଅନୁଭବହିଁ ସେ ଦିଗରେ ପରାମର୍ଶ ଦେବାର ଅଧିକାର ଆପଣଙ୍କୁ ଦେବ ।

**ପ୍ରଶ୍ନ :** *ଆପଣଙ୍କ ରଚିତ 'ଅମୃତ ଫଳ' ଉପନ୍ୟାସ ଆମ ସମୟର କାଳୋତ୍ତୀର୍ଣ୍ଣ ଗ୍ରନ୍ଥ । ରାଜା ଭର୍ତ୍ତୃହରି ନର୍ତ୍ତକୀ ନିକଟରୁ ଫଳଟି ପାଇବା ପରେ ଉତ୍ତେଜନାର ବଶବର୍ତ୍ତୀ ହୋଇ ରାଜ୍ୟ ପରିତ୍ୟାଗ କରିଛନ୍ତି । କିନ୍ତୁ ସେ ଥିଲେ ଜ୍ଞାନୀ ଓ ବିଚାରବନ୍ତ । ସେହି ଫଳ ସମ୍ପର୍କରେ ସେ ଅନ୍ତତଃ ସେହି ସମୟରେ ରାଣୀଙ୍କୁ ସବୁ କଥା ପଚାରି ପାରିଥା'ନ୍ତେ । ଯଦି ସେଭଳି ଜ୍ଞାନୀ ବ୍ୟକ୍ତି ତାହା କଲେ ନାହିଁ, ତେବେ ଆମ ଜୀବନରେ ଜ୍ଞାନର ଆବଶ୍ୟକତା କ'ଣ ?*

**ଉତ୍ତର :** ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନଟିଏ । କଥା ହେଲା, ଆମର ଆବଶ୍ୟକତାବୋଧ ଉପରେ ଆମ ଭିତରେ ଜ୍ଞାନର ସଞ୍ଚାର ହେବା ନ ହେବା ନିର୍ଭର କରେନା । ଯୁକ୍ତି ଦୃଷ୍ଟିରୁ ଜ୍ଞାନର ଆବଶ୍ୟକତା ଥାଉ ବା ନଥାଉ, ପ୍ରତ୍ୟେକ ବିକାଶଶୀଳ ଚେତନା ଜ୍ଞାନ ଆହରଣ କରି ଚାଲିବା ଅନିବାର୍ଯ୍ୟ । ଜ୍ଞାନାର୍ଜନର ଆବଶ୍ୟକତା ସମ୍ପର୍କରେ ପ୍ରଶ୍ନଟିଏ ମଧ୍ୟ ସେହି ଆହରଣ ପ୍ରକ୍ରିୟାର ଅନ୍ତର୍ଭୁକ୍ତ ।

ତେବେ ଜ୍ଞାନ ସମୃଦ୍ଧ ହେବା ଏବଂ ପ୍ରତ୍ୟକ୍ଷ ଭାବେ ଜୀବନରେ ସେ ଜ୍ଞାନର ପ୍ରୟୋଗ ଦିଗରେ ବ୍ରତୀ ହେବା ଏକା କଥା ନୁହେଁ । ଜଣେ ସଫଳ ଖେଳାଳିଠାରୁ ଖେଳର କୌଶଳ ସମ୍ପର୍କରେ ଅଧିକ ଜ୍ଞାନର ଅଧିକାରୀ ତା'ର ତାଲିମଦାତା (Coach); କିନ୍ତୁ ତାଲିମଦାତା ସେ କୌଶଳର ଯଥାର୍ଥ ଉପଯୋଗ କରିବାରେ ଅକ୍ଷମ ଥାଏ । ନିଜ ଅର୍ଜିତ ଜ୍ଞାନ ଯେତେବେଳେ ଜଣେ ନିଜ ଜୀବନରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିପାରେ, ସେତେବେଳେ ସେ ପ୍ରକୃତ ଜ୍ଞାନୀ । ସେମାନଙ୍କ ସଂଖ୍ୟା ବିରଳ । ଜ୍ଞାନ ରୂପକ ସୂର୍ଯ୍ୟଙ୍କୁ ଢାଙ୍କି ରଖିପାରେ ଉତ୍ତେଜନାର କଳାମେଘ । କୁହାଯାଇଛି, ''ସ୍ୱର୍ଣ୍ଣ ମୃଗ ଅସମ୍ଭବ । ତଥାପି ସ୍ୱୟଂ ରାମ ହେଲେ ତା' ପଶ୍ଚାତରେ ଧାବମାନ । ଯେତେବେଳେ ସଙ୍କଟକାଳ ସମାଗତ ହୁଏ, ସେତେବେଳେ ମଣିଷର ଧୀଶକ୍ତି ମ୍ଳାନ ହୋଇଯାଏ ପରା !''

ବିଡ଼ମ୍ବନା ହେଲା, କ୍ରମବିକାଶରେ ଅଦ୍ୟାବଧି ମଣିଷ ଯେଉଁ ପର୍ଯ୍ୟାୟରେ ଉପନୀତ ହୋଇଛି, ସେ ପର୍ଯ୍ୟାୟରେ ତା'ର ଚେତନା ବହୁ ପରସ୍ପର ବିରୋଧୀ ଆବେଗ ପ୍ରବେଗର ଏକ ମେଳା । ବିବେକ ବା ଜ୍ଞାନକୁ ଇନ୍ଦ୍ରିୟଭିତ୍ତିକ ପ୍ରବେଗ ବହୁ ସମୟରେ ସ୍ଥାଣୁ କରିଦିଏ ।

ରାଜା ଭର୍ତ୍ତୃହରିଙ୍କ ବିଶ୍ୱାସରେ ଆସିଛି ଆକସ୍ମିକ ଆଘାତ । ସ୍ଥୂଳ ଆଘାତରେ ଯେପରି ଆମ ଅଙ୍ଗପ୍ରତ୍ୟଙ୍ଗ ସାମୟିକ ଭାବେ ଅସାଡ଼ ହୋଇଯାଇପାରେ, ମାନସିକ ଓ ଆବେଗଜନିତ ଆଘାତରେ ଜଣକର ବିଚାର ଶକ୍ତି ମଧ୍ୟ ସାମୟିକ ଭାବେ ନିଷ୍ପନ୍ଦ ହୋଇଯାଇପାରେ । ଦୂରନ୍ତ ଅଭିମାନ ତାଙ୍କୁ ଦିଗହରା କରିଛି ।

କିନ୍ତୁ ଏଇଠି ରହିଛି ଅନ୍ୟ ଏକ ରହସ୍ୟର ଇଙ୍ଗିତ । ସେ ଦିଗହରା ହେଲେ ବୋଲି ଆମେ କହିପାରିବା କି ? ସେ ନୂତନ ଦିଗନ୍ତର ସନ୍ଧାନରେ ବ୍ରତୀ ହେଲେ ନାହିଁ କି ? ଜୀବନରେ ସେ ପ୍ରଚଣ୍ଡ ଧକ୍କା,— ମୋହମୁକ୍ତି, ବୃହତ୍ତର ମୁକ୍ତିର ସନ୍ଧାନରେ ତାଙ୍କୁ ବ୍ରତୀ କରିଛି । ସେ ଯେଉଁ ଧରଣର ଧକ୍କା ପାଇଲେ, ସେଭଳି ଧକ୍କା ଅସଂଖ୍ୟ ନରନାରୀ ପାଇଥା'ନ୍ତି । କିନ୍ତୁ ଭର୍ତ୍ତୃହରିଙ୍କ ସଂଗୁପ୍ତ ନିୟତି ତାଙ୍କ ଅନୁଭୂତ ଧକ୍କାକୁ ଏକ ମହତ୍ ଆଶୀର୍ବାଦରେ ପରିଣତ କଲା ।

'ଅମୃତ ଫଳ' ପରିବେଷିତ ଏହି ସତ୍ୟ ଏକ

ସର୍ବକାଳୀନ ସତ୍ୟ । ଆଉ କାହାରି ଜୀବନରେ ମଧ୍ୟ ସେପରି ଘଟିପାରେ । ତାହାରି ଆଲେଖ୍ୟ ଏ ଲେଖକର ଅନ୍ୟ ଏକ ଉପନ୍ୟାସ 'ଆକାଶର ଇସାରା': ସାମାଜିକ ଦୃଷ୍ଟିରୁ ଅତି ସାଧାରଣ ସ୍ତରର ତରୁଣ ପଦ୍ମଲୋଚନର ଅସାଧାରଣ ଆତ୍ମ-ଆବିଷ୍କାରର କାହାଣୀ । ଧକ୍କା ଆମକୁ ଭୂତଳଶାୟୀ କରିପାରେ; ପୁଣି କ୍ଷିପ୍ରଗତିରେ ଆଗକୁ ଆଗକୁ ଠେଲି ଦେଇପାରେ ।

**ପ୍ରଶ୍ନ :** *'ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରେ ଆପଣ ଜୀବନର ବହୁ ନିଗୂଢ଼ ତତ୍ତ୍ୱ ଅତି ସରଳ ଶୈଳୀରେ ଉପସ୍ଥାପନ କରିଛନ୍ତି । ଯଥା : ''ମଣିଷର ଅହଂକାରବୋଧ ତା'ର ହେତୁବୋଧ ଉପରେ ନିର୍ଭରଶୀଳ ନୁହେଁ । ମୁଁ ଯଦି ମୋର ନବ-ନିର୍ମିତ ଦୂରବୀକ୍ଷଣ ଯନ୍ତ୍ର ଯାହାଯ୍ୟରେ ବ୍ୟୋମମଣ୍ଡଳରେ ଏକ ନୂତନ ଗ୍ରହର ସ୍ଥିତି ନିରୂପଣ କରିପାରିବି, ମୁଁ ଏଭଳି ଗର୍ବ ସହକାରେ ସେ ଆବିଷ୍କାର ଘୋଷଣା କରିବି, ସତେ ଅବା ସେ ଗ୍ରହଟି ମୋ ଦ୍ୱାରା ସୃଷ୍ଟି ହେଲା !''*

କିନ୍ତୁ ଜଣେ ସାଧାରଣ ବ୍ୟକ୍ତି ପକ୍ଷରେ ଜୀବନରୁ ଅହଂକାରବୋଧ ସମ୍ପୂର୍ଣ୍ଣ ବିଲୋପ କରିବା ସମ୍ଭବ କି ? ଯଦି ତା'ର କିଛି ଅଂଶ ରହିଥାଏ, ସେ କେତେବେଳେ ଯେ ବିରାଟ ରୂପ ନ ନେବ, ତାହା କହିହେବ କି ?

**ଉତ୍ତର :** ସାଧାରଣ କାହିଁକି, ଜଣେ ଅସାଧାରଣ ବ୍ୟକ୍ତି ପକ୍ଷରେ ମଧ୍ୟ ତାହା ପ୍ରାୟ ଅସମ୍ଭବ ।

ତଥାପି ଅହଂରୁ ମୁକ୍ତିହିଁ ପ୍ରକୃତ ମୁକ୍ତି । ସାଧନା ଦ୍ୱାରା ଜଣେ ଅନେକ ଧରଣର ସିଦ୍ଧି ଅର୍ଜନ କରିପାରେ, କିନ୍ତୁ ସୁପ୍ରଚ୍ଛନ୍ନ ଭାବେ ତା' ଭିତରେ ରହିପାରେ ଅହଂ । ଆପଣା ବଂଶ-ଗରିମା ବା ଆଭିଜାତ୍ୟର ଅହଂ, ବ୍ୟକ୍ତିଗତ ବିକାଶ ବା ପ୍ରସିଦ୍ଧି-ଭିତ୍ତିକ ମୋହ, ସାମାଜିକ ପ୍ରଭାବ ପ୍ରତିପତ୍ତିଜନିତ ମୋହ – ଏସବୁ ଉପରେ କ୍ରମାଗତ ଅଭୀପ୍ସା ମାଧ୍ୟମରେ ଜୟଲାଭ କରିବା ଅନ୍ତେ ମଧ୍ୟ ସେହି ଜୟଲାଭଜନିତ ଅହଂ ହଠାତ୍ ଦିନେ ଆତ୍ମପ୍ରକାଶ କରିପାରେ ।

ନା, ସାଧ୍ୟାନୁସାରେ ପ୍ରଚେଷ୍ଟା ସତ୍ତ୍ୱେ ଅହଂ ଉପରେ ବିଜୟଲାଭ କାଠିକର ବ୍ୟାପାର । ଜଣେ ସମାଜଠାରୁ ଦୂରେଇ ଯାଇ ମଠ ବା ଆଶ୍ରମ ବା ଅରଣ୍ୟରେ ଏକାକୀ ରହି ତପସ୍ୟା କଲେ କ'ଣ ଅହଂରୁ ନିଷ୍କୃତି ପାଇବ ? ତାହା ମଧ୍ୟ ନୁହେଁ । ନିଷ୍କୃତିର ଏକମାତ୍ର ଉପାୟ ଦିବ୍ୟ କରୁଣା ପାଖରେ କ୍ରମାଗତ ଆତ୍ମ-ସମର୍ପଣର ବିନମ୍ର ସାଧନା । ସେ ସାଧନା ପାଇଁ ଆପଣ ସାଧାରଣ ବା ସାମାଜିକ ଜୀବନରୁ ଦୂରେଇ ଯିବାର ଆବଶ୍ୟକତା ନାହିଁ । ସେ ସାଧନାରେ ଜଣେ ଯେକୌଣସି ପରିସ୍ଥିତିରେ ଅହରହ ବ୍ୟାପୃତ ରହିପାରେ । ସଂଘର୍ଷମୟ ସମାଜ-ଜୀବନ ଅରଣ୍ୟ-ଜୀବନ ତୁଳନାରେ ସେ ପାଇଁ ଅଧିକ ଉପଯୁକ୍ତ । କାରଣ, ସମାଜ-ବିଚ୍ୟୁତ ହୋଇ ରହିଲେ ଆମ ଅହଂକୁ କାହାରି ସହ ମୁକାବିଲାରେ ଅବତୀର୍ଣ୍ଣ ହେବାକୁ ପଡ଼େ ନାହିଁ । ସେ ନିଜକୁ ଜାହିର ନ କରି ଆମ ଅଜ୍ଞାତରେ ସୁରୁଖୁରୁରେ ରହିଥାଏ । ସଂଗ୍ରାମ ଓ ସଂଘର୍ଷ ଭିତରେ ସାଧାରଣ ମଣିଷଟିଏ ନିଜ ଅହଂର ତୃପ୍ତି କାମନା କରୁଥାଏ; ଯିଏ ଅଭୀପ୍ସୁ, ଯିଏ ଜ୍ଞାନାକାଂକ୍ଷୀ, ସିଏ ନିଜ ଅହଂକୁ ସେହି ସୁଯୋଗରେ ମଣ କରିବାର, ତାକୁ ହଟେଇ ଦେବାର ପ୍ରୟାସ କରେ । ଜୀବନ-ନାଟକର ସର୍ବାଧିକ ଭୟାବହ ଅଙ୍କ ଯେଉଁ ଯୁଦ୍ଧକ୍ଷେତ୍ର, ସେହିଠାରେହିଁ ଅର୍ଜୁନଙ୍କୁ ଅହଂ-ମୁକ୍ତିର ଶିକ୍ଷା ପ୍ରଦାନ କରିଥିଲେ ଶ୍ରୀକୃଷ୍ଣ । ଅର୍ଥାତ୍, ନିଜର ସାମାଜିକ କର୍ମ ବଜାୟ ରଖି ମଧ୍ୟ ଜଣେ ନିଜ ଆନ୍ତର ସତ୍ତାରେ ଅହଂମୁକ୍ତ ରହିପାରେ ।

ଅବଶ୍ୟ ସଂଗୁପ୍ତ ବା ଅବଦମିତ ଅହଂ ଯେକୌଣସି ମୁହୂର୍ତ୍ତରେ ତା'ର ବିଭୀଷିକା ପ୍ରକଟ କରିପାରେ, କିନ୍ତୁ ତାହାହିଁ ଶେଷ କଥା ନୁହେଁ । ଦିବ୍ୟ କରୁଣାହିଁ ଶେଷ ସତ୍ୟ । ତାହା ଆମକୁ ସେଭଳି ସଙ୍କଟରୁ ଉତ୍ତୀର୍ଣ୍ଣ ମଧ୍ୟ କରାଇପାରେ ।

**ପ୍ରଶ୍ନ :** *ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଆପଣଙ୍କର ଅଗଣିତ ପାଠକ ଓ ପ୍ରଶଂସକ ଅଛନ୍ତି । ସମସ୍ତଙ୍କ ଅଭିଯୋଗ – ଆଉ ନୂଆ ଉପନ୍ୟାସ ନାହିଁ, ନୂଆ ଗଳ୍ପ ନାହିଁ । ସେମାନଙ୍କୁ ଆପଣ କେମିତି ସନ୍ତୁଷ୍ଟ କରିବେ ?*

**ଉତ୍ତର :** 'ମନୋଜ ସୃଜନୀ ସମଗ୍ର'ର ତୃତୀୟ ଏବଂ ଚତୁର୍ଥ ଖଣ୍ଡ ମୋ ଗଳ୍ପସବୁର ସମାହାର । ଦେଖୁଛି, ସେଥିରେ ସର୍ବମୋଟ ଦେଢ଼ଶହ ଗଳ୍ପ ରହିଛି । ତା'ଛଡ଼ା ରହିଛି ମୋର ପାଞ୍ଚଗୋଟି ପୂର୍ଣ୍ଣାଙ୍ଗ ଉପନ୍ୟାସ । ତାହା ବାହାରେ ରହିଛି କେତୋଟି ଔପନ୍ୟାସିକା, ଅନେକ ପ୍ରବନ୍ଧ, ନିବନ୍ଧ, ସର୍ବୋପରି କବିତା ଏବଂ ଶତାଧିକ ଶିଶୁ ଓ କିଶୋର କାହାଣୀ । ଏତେ ଲେଖି ଯଦି ସନ୍ତୁଷ୍ଟ କରିପାରି ନାହିଁ, ଆଉ କିଛି ଅଧିକ ଲେଖିଲେ ମୋର ପ୍ରିୟ ପାଠକ ସମାଜ ସନ୍ତୁଷ୍ଟ ହୋଇ ମୋତେ ନୀରବ

ହେବାର ସଦୟ ଅନୁମତି ଦେବେ — ଏ ପ୍ରଶ୍ନ ଉପରେ ଆପଣ ମୋତେ ଭରସାପୂର୍ଣ୍ଣ ଉତ୍ତର ବା ପ୍ରତିଶ୍ରୁତି ଦେଇ ପାରିବେ କି ?

ଜାଣେନା । ଆପଣଙ୍କ ମାଧ୍ୟମରେ କ୍ଷମା ମାଗିନେଉଛି ।

**ପ୍ରଶ୍ନ :** *ଇଂରାଜୀ ମାସିକ ପତ୍ରିକା 'ମଦର ଇଣ୍ଡିଆ'ରେ ଆପଣ ଧାରାବାହିକଭାବେ ଶ୍ରୀଅରବିନ୍ଦଙ୍କ ଜୀବନୀ ଲେଖୁଛନ୍ତି । 'ନବପ୍ରକାଶ'ରେ ତାହା ଓଡ଼ିଆରେ ପ୍ରକାଶ ପାଉଛି । ସେଥିରେ ଆପଣ ଶ୍ରୀଅରବିନ୍ଦଙ୍କ ଜୀବନର ବହୁ ଅନାଲୋଚିତ ତଥ୍ୟ ପ୍ରଦାନ କରୁଛନ୍ତି । ସେ ସମ୍ପର୍କରେ ବିସ୍ତୃତ ଭାବେ କୁହନ୍ତୁ ।*

**ଉତ୍ତର :** ଶ୍ରୀଅରବିନ୍ଦଙ୍କ ଜୀବନୀ ଏକ ଅନନ୍ୟ ଇତିହାସ । ତାଙ୍କ ଜୀବନର ଦୁଇଟି ପର୍ଯ୍ୟାୟ । ପ୍ରଥମ ପର୍ଯ୍ୟାୟରେ ସେ ଭାରତବର୍ଷର ରାଜନୈତିକ ମୁକ୍ତି ନିମନ୍ତେ ଏକ ପ୍ରବଳ ସାମ୍ରାଜ୍ୟବାଦୀ ଶକ୍ତି ସହିତ ସ୍ଥୂଳ କ୍ଷେତ୍ରରେ ସଂଗ୍ରାମରତ ଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ସେ ମାନବ ଚେତନାକୁ କାବୁ କରି ରଖିଥିବା ଦୂରନ୍ତ ଅଜ୍ଞାନତା କବଳରୁ ତାକୁ ମୁକ୍ତ କରିବା ନିମନ୍ତେ ସୂକ୍ଷ୍ମ ସ୍ତରରେ ପ୍ରଚଣ୍ଡ ନିଶ୍ଚେତନା ଶକ୍ତି ସହିତ ସଂଗ୍ରାମରତ ଥିଲେ । ଏ ପର୍ଯ୍ୟାୟର ବୃତ୍ତାନ୍ତ ଅଧିକାଂଶ ଲୋକଙ୍କୁ ପରୀ କାହାଣୀ ଭଳି ମନେ ହେବ ।

ଶ୍ରୀଅରବିନ୍ଦ ପ୍ରଥମରୁହିଁ ତାଙ୍କ ଜୀବନୀ-ଲେଖକମାନଙ୍କୁ ହତୋତ୍ସାହ କରୁଥିଲେ । ସେ ସ୍ପଷ୍ଟ କହି ଦେଇଥିଲେ ତାଙ୍କ ଜୀବନୀ କେହି ଲେଖିପାରିବେ ନାହିଁ । କାରଣ, ତାଙ୍କ ପ୍ରକୃତ ଜୀବନ ବାହାରକୁ ଦୃଶ୍ୟମାନ ନୁହେଁ । ସେ ନ କହିଲେ ମଧ୍ୟ ବୁଝି ହୁଏ ଯେ ବିବର୍ତ୍ତନରେ ମାନବ ଚେତନାକୁ ତା'ର ବର୍ତ୍ତମାନର ଅପୂର୍ଣ୍ଣ, ଅର୍ଦ୍ଧାଲୋକିତ ଅବସ୍ଥାରୁ ଉତ୍ତୀର୍ଣ୍ଣ କରାଇବା ନିମନ୍ତେ ସେ ଯେଉଁ ମହାଶକ୍ତି ଅତିମାନସକୁ ଅବତରଣ କରାଇବା ଯୋଗରେ ନିମଗ୍ନ ଥିଲେ, ସେ ସମ୍ପର୍କରେ ବିଶେଷ ଧାରଣା ଅର୍ଜନ କରିବାର ଦକ୍ଷତା ଆମମାନଙ୍କର ନାହିଁ; ଏପରିକି ତାଙ୍କ ନିକଟତମ ସାଧକମାନଙ୍କର ମଧ୍ୟ ନଥିଲା ।

ସେହି ସଂଗ୍ରାମରତ ଯୋଗ-ଜୀବନ ହିଁ ତାଙ୍କର ପ୍ରକୃତ ଜୀବନ ବୋଲି ସେ ଗ୍ରହଣ କରୁଥିଲେ; ତାହା ହିଁ ତାଙ୍କ ଜନ୍ମ ଓ ଜୀବନର ହେତୁ ।

କିନ୍ତୁ ତାଙ୍କର ବହିଃଦୃଶ୍ୟମାନ ଜୀବନ ମଧ୍ୟ ଏଡ଼େ ଚିତ୍ତାକର୍ଷକ ଏବଂ ଚମତ୍କାର ଯେ ତାକୁ ବିବୃତ କରିବାର ଲୋଭ ଅନ୍ୟ ଜୀବନୀକାରମାନଙ୍କ ଭଳି ମୁଁ ମଧ୍ୟ ସମ୍ବରଣ କରିପାରି ନାହିଁ । ତାଙ୍କ ସ୍ଥୂଳ କର୍ମମୟ ରାଜନୈତିକ ଜୀବନ ମାତ୍ର ଅର୍ଦ୍ଧ-ଦଶନ୍ଧି, ୧୯୦୫ ରୁ ୧୯୧୦ ବୋଲି କୁହାଯାଇପାରେ । କିନ୍ତୁ ନାଟକୀୟ ଘଟଣା ବହୁଳତାରେ ତା'ର ପଟାନ୍ତର ନାହିଁ ।

୧୯୭୧ ମସିହାରେ କେତେକ ଅପ୍ରତ୍ୟାଶିତ ଯୋଗାଯୋଗରେ ମୁଁ ଲଣ୍ଡନ ଯାଇ ସେଠାକାର ସଂରକ୍ଷଣାଗାରରେ ତାଙ୍କ ରାଜନୈତିକ ଜୀବନ ସମ୍ପର୍କରେ କିଛି କିଛି ପ୍ରାୟତଃ ଅଜଣା ଦଲିଲ ପାଇ ଅଭିଭୂତ ଅନୁଭବ କରିଥିଲି । ସେବେଠାରୁ ସେ ଦିଗରେ ମୋର କୌତୂହଳ ଥିଲା ଅଦମ୍ୟ । ମଧ୍ୟେ ମଧ୍ୟେ ମୁଁ ଭାରତର ଜାତୀୟ ସଂରକ୍ଷଣାଗାର, ପୁରୁଣା ପାଠାଗାର ଏବଂ କେତେକଙ୍କ ବ୍ୟକ୍ତିଗତ ହେପାଜତରେ ଥିବା ବିଂଶ ଶତାବ୍ଦୀର ପ୍ରଥମ ଦଶକର ବହିପତ୍ର ତଥା ବ୍ରିଟିଶ ଯୁଗର ଗୋପନ ରିପୋର୍ଟମାନଙ୍କରୁ ବହୁ ଅଭାବନୀୟ ବିବରଣୀ ସଂଗ୍ରହ କରିଛି । ଦୁଇଟି କଥା ମୋତେ ଚମତ୍କୃତ କରିଛି । ପ୍ରଥମ : ଭାରତର ରାଜନୈତିକ ବାତାବରଣରେ ସେ ଯେଉଁ ବୈପ୍ଲବିକ ସ୍ପନ୍ଦନ ସୃଷ୍ଟି କରିଥିଲେ, ତା' ବିନା ପରବର୍ତ୍ତୀ ସମୟର ସ୍ୱାଧୀନତା ସଂଗ୍ରାମ ଅଗ୍ରସର ହୋଇପାରି ନଥା'ନ୍ତା — ଯଦିଓ ତାଙ୍କ ଭାବଧାରା ଅନୁସରଣ କରି ତାହା ହୋଇ ନାହିଁ ।

ଦ୍ୱିତୀୟରେ, ତାଙ୍କ ବ୍ୟକ୍ତିତ୍ୱର ଦିବ୍ୟତ୍ୱ, ତାଙ୍କ ଅବତାରତ୍ୱ ଯେତେବେଳେ ସମ୍ପୂର୍ଣ୍ଣ ଅଜ୍ଞାତ, ସେତେବେଳେ ମଧ୍ୟ ବ୍ୟକ୍ତିଟିଏ ଭାବରେ ତାଙ୍କ ଆଚରଣ ଏଡ଼େ ଅତୁଳନୀୟ, ସ୍ନିଗ୍ଧ, କରୁଣାପ୍ଳୁତ ଏବଂ ପ୍ରଭାବଶାଳୀ ଥିଲା ଯେ, ସେଭଳି 'ମାନବ ଜୀବନ'ର ଦ୍ୱିତୀୟ ଆଲେଖ୍ୟ ମୋତେ ଜଣା ନାହିଁ । ...

(ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର, ପୃ. ୧୦୪-୧୧୧)

ସଂକଳ୍ପରେ ଆନ୍ତରିକତା ଓ ଅଭୀପ୍ସା ଦ୍ୱାରା ଉନ୍ମୋଚନ ଆପଣା ଛାଏଁ ଘଟିଥାଏ । ଏହାର ଅର୍ଥ ହେଉଛି ମା'ଙ୍କଠାରୁ ଆସୁଥିବା ଉଚ୍ଚତର ଶକ୍ତିକୁ ଗ୍ରହଣ କରିବା ପାଇଁ ସକ୍ଷମ ହେବା ।

— ଶ୍ରୀଅରବିନ୍ଦ

# ଯୁଯୁଧାନ

## ଶ୍ରୀଅରବିନ୍ଦ

ମନ୍ଥରଗତି ଯୁଗନିଚୟର ପଛେ ଫେରିବାର ସୁଦୀର୍ଘ ପଥଧାରେ
କାଳର ବିପୁଳ ସାଗରେ ମଗ୍ନ ପାହାଡ଼ିଆ ସରୁ ପଥପରେ ଜୀବନର,
ବାରଂବାର ମୁଁ ବରିଛି ମୃତ୍ୟୁ ଓ ପରାଜୟକୁ ବି ସହି ମୁଁ ନେଇଛି, କାଳେ
ମୋ ପତନ ଦେବ ଆଣି ତୁମ ଲାଗି ସୁଯୋଗର ଉପଚାର ।

ଅନ୍ଧାରୀ ଅଧିକାର ତ ଦେଇଛ ନିଶ୍ଚେତନାକୁ ଆପେ
ମୋ ଆତ୍ମାର ବର୍ଣ୍ଣୋଜ୍ଜ୍ୱଳ ଅଭିଗମନର ବିରୋଧ କରିବ ବୋଲି
ଲଢିବାକୁ କାଳ ରାତ୍ରିର କର ପ୍ରତି ପଦ-ବିକ୍ଷେପେ :
ପାଞ୍ଜିଆ ତା'ର, ମନ୍ଦ ନିୟତି, ସାଇତି ରଖିଛି ସବୁତକ ଦଲିଲ ।

ଚାରିଆଡୁ ମୋର ଆସନ୍ତି ଘେରି ଅସୁର ସୈନ୍ୟଦଳ;
ସେଇମାନଙ୍କୁ ଏବେ ଏ ପୃଥିବୀ, ଦିଅନ୍ତି ତୋଳି ଦିଗମ୍ବର ମାହାସୁଲ;
କ୍ଷତବିକ୍ଷତ ଅଙ୍ଗ ମୋ ଆଉ ଏ ସମର ନିଷ୍ଠୁର ।
ଏବେ ବି କି ତୁମ ଶୁଭ ବିଜୟର ଲଗ୍ନ ରହିଛି ଦୂର ?

ଶୋକାତୁର ତୁମେ ଏବେ ବି ! ତା'ହେଲେ ନିୟତି ପାଖରେ
ତଥାପି ତୁମର କେତେ ବାକି ଅଛି ଋଣ,
ଭୁବନରାଜିର ହେ ପ୍ରାଚୀନତମ, ସେକଥା କେବଳ ତୁମେ ଜାଣ, ତୁମେ ଜାଣ ।

[ଶ୍ରୀଅରବିନ୍ଦଙ୍କ ରଚିତ '**In the Battle**'
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ✥

ବିଶ୍ୱରେ ବିସ୍ମୟସବୁର କୌଣସି ଅନ୍ତ ନାହିଁ ।

ଆମେ ଯେତେ ଅଧିକ ଆମ କ୍ଷୁଦ୍ର ଅହଂର ସୀମାରୁ ମୁକ୍ତି ଲାଭ କରିବୁ, ଏହି ବିପୁଳ ବିସ୍ମୟସବୁ ସେତେ ଅଧିକ ଭାବରେ ଆମ ଆଗରେ ନିଜକୁ ଉଦ୍‌ଘାଟିତ କରିଦେବେ ।

— ଶ୍ରୀମା

# ନବଯୁଗର ଆହ୍ୱାନ

## ଶ୍ରୀ ପ୍ରପତ୍ତି

### ନବଯୁଗର ସଂକେତ :

ଯେତେଯେତେ ସମୟ ବ୍ୟତୀତ ହୋଇଯାଉଛି, ସେତେସେତେ ଅଧିକରୁ ଅଧିକ ସ୍ପଷ୍ଟଭାବେ ମନେ ହେଉଛି ଯେ କାଳ ସ୍ରୋତର ଏକ ନୂତନ ଅଧ୍ୟାୟ, ନୂତନ ପ୍ରଷ୍ଠ, ନୂତନ ଧାରା ଖୋଲି ଯାଉଛି । ଯାହା ପୂର୍ବେ କେବେ ଦୃଷ୍ଟିପଥାରୂଢ଼ ହୋଇ ନଥିଲା, ଧୀରେ ଧୀରେ ତାହା ଏକ ବେଗ ଓ ତୀବ୍ରତା ସହ ଉପରକୁ ଉଠି ଆସୁଛି । ଯାହା ଆଚ୍ଛାଦିତ, ଗୁହ୍ୟ, ରହସ୍ୟମୟ, ପୁଣି ଯାହା ନାନା କାରଣରୁ ଅବଦମିତ, ଦଳିତ, ଅବହେଳିତ, ବ୍ୟଥିତ ଓ ଅନାଦୃତ ତାହା ମଧ୍ୟ ଉପରକୁ ମୁଣ୍ଡ ଟେକି ଉଠୁଛି ଏବଂ ନିଜର ସ୍ଥାୟିତ୍ୱ ନିମିତ୍ତ ଆଧିପତ୍ୟ ବିସ୍ତାର କରୁଛି । ଏପରି ଏକ ଉଦ୍‌ବେଳନ ସୃଷ୍ଟି ହୋଇଛି ଏବଂ ଏପରି ଏକ ଅବତରଣ ଘଟିଛି, ଯାହା ଫଳରେ ସାଧାରଣ ଜୀବନଧାରା, ସମସ୍ତ ପୃଥିବୀର ଗତିଧାରାରେ ଗୋଟାଏ ଚୂଡ଼ାନ୍ତ ଓଲଟପାଲଟ ନିଶ୍ଚୟ ହୋଇଯିବ – ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

ପରିବର୍ତ୍ତନର ଧାରା, ଗତିଶୀଳତା, ଅବନତି ବା ଉନ୍ନତି ବରାବର ଚାଲିଛି । କୌଣସି ବସ୍ତୁ ସଂସାରରେ ସ୍ଥିର ହୋଇ ରହିପାରି ନାହିଁ – ପରିବର୍ତ୍ତନକୁ ସର୍ବଗ୍ରାସୀ ବୋଲି କହିବାକୁ ଯାଇ ଦାର୍ଶନିକ ହିରାକ୍ଲିଟ୍‌ସ କହିଥିଲେ, “You cannot dive into the same river twice.” ଅର୍ଥାତ୍, ଦୁଇଥର କରି ସେହି ଗୋଟିଏ ନଦୀରେ ବୁଡ଼ ଦେଇପାରିବ ନାହିଁ । କାରଣ ନଦୀ ସ୍ରୋତ ପ୍ରତିକ୍ଷଣରେ ବଦଳି ଯାଉଛି । ସେହିପରି ଯେଉଁ ପ୍ରଦୀପ ଜଳୁଛି ତାହାର ଶିଖା ପ୍ରତିକ୍ଷଣରେ ଭିନ୍ନ ଭିନ୍ନ । ଏହି ଦାର୍ଶନିକମାନେ ଜଗତର ଗତିଶୀଳତାକୁ ଓ ପରିବର୍ତ୍ତନକୁ ବିଶେଷ ପ୍ରାଧାନ୍ୟ ଦେଇଛନ୍ତି । ଅନ୍ୟ ଦିଗରେ ଏ ଜଗତରେ ଯେ କିଛି ସ୍ଥାୟୀ, ଚିରନ୍ତନ, ଅବ୍ୟୟ ଓ ଶାଶ୍ୱତ ନାହିଁ ତାହା ନୁହେଁ । ପ୍ରତି ମୁହୂର୍ତ୍ତରେ ନଦୀର ସ୍ରୋତ ବଦଳି ଗଲେ ମଧ୍ୟ ଜଳର ଗୁଣ ଓ ଧର୍ମ ସମାନ ରହିଛି । ପ୍ରତି ମୁହୂର୍ତ୍ତରେ ଜଳୁଥିବା ଅଗ୍ନିଶିଖା ବଦଳିଗଲେ ମଧ୍ୟ ଅଗ୍ନିର ଗୁଣଧର୍ମ (Quality) ଓ ସତ୍ତାନ୍ତର ଘଟି ନାହିଁ । ଜଗତ୍ ପରିବର୍ତ୍ତନର, ଗତିଶୀଳତାର ପଶ୍ଚାତରେ ଏକ ଚିରନ୍ତନ, ସାର୍ବକାଳିକ ମହାସତ୍ୟ ଓ ତତ୍ତ୍ୱ ରହିଛି । ଏହି ସତ୍ୟ ସମଗ୍ର ସତ୍ତା ଓ ଶକ୍ତିର ଖେଳାକୁ ଧାରଣ କରି ରହିଛି ।

କିନ୍ତୁ ଆମେମାନେ ଯେଉଁ ପରିବର୍ତ୍ତନର ସୂଚନା ଦେଉଛୁ ତାହା ହେଲା ଏହି ଦୃଶ୍ୟମାନ ପରିବର୍ତ୍ତନର ପଶ୍ଚାତରେ ଯେଉଁ ପରମ ସତ୍ୟ, ଅନନ୍ତ, ମହାନ୍, ବିଶାଳ ତତ୍ତ୍ୱ ରହିଛି ତାହାର ଏକ ନୂତନ ପର୍ଯ୍ୟାୟ (Layer), ନୂତନ ଅଭିବ୍ୟକ୍ତି ଘଟୁଛି । ଏହି ପର୍ଯ୍ୟାୟ ପୂର୍ବେ ପ୍ରସ୍ଫୁଟିତ, ବିକଶିତ ବା ବ୍ୟକ୍ତ ହୋଇ ନଥିଲା । ଏହା ସେହି ଅନନ୍ତଙ୍କ ହିରଣ୍ୟଗର୍ଭ ମଧ୍ୟରୁ ଏକ ନୂତନ ତତ୍ତ୍ୱ, ନୂତନ ଶକ୍ତି, ନୂତନ ଜ୍ଞାନ, ନୂତନ ଜ୍ୟୋତିଃର ପ୍ରସ୍ଫୁରଣ । ଏହିପରି ସତ୍ୟ, ଜ୍ଞାନ ଓ ଜ୍ୟୋତିଃର ଯେବେ ପ୍ରକାଶ ଘଟେ ତେବେ ସମଗ୍ର ସଂସାରରେ ଏକ ଆମୂଳଚୂଳ ପରିବର୍ତ୍ତନ ଦେଖାଦିଏ । କାରଣ ଏହି ସତ୍ୟହିଁ ନିମ୍ନ ଜଗତର ସକଳ ବସ୍ତୁକୁ ନିଜ ଆୟତ୍ତରେ ଆଣି ତାହାର ରୂପାନ୍ତର ଘଟାଇ ନିଜ ଧର୍ମରେ ପରିଣତ କରେ ।

### ସମସ୍ୟାର ଦୁଇଟି ଦିଗ :

ଏହି ସମସ୍ୟାର ଦୁଇଟି ଦିଗ ଅଛି – ଉର୍ଦ୍ଧ୍ୱରୁ ଏକ ନୂତନ ଚେତନା, ଶକ୍ତି ଓ ଜ୍ୟୋତିଃର ଅବତରଣ ଏବଂ ନିମ୍ନରୁ ଜଡ଼-ପ୍ରାଣ-ମନ ଚେତନାର ଉର୍ଦ୍ଧ୍ୱ ଭୂମିରେ ଆରୋହଣ । ଉପରୁ ଉତରି ଆସେ ଏକ ସାମର୍ଥ୍ୟ ଓ ଜ୍ଞାନ, ନିମ୍ନରୁ ଉର୍ଦ୍ଧ୍ୱକୁ ଉଠିଯାଏ ଏକ ଅଭୀପ୍ସା ଓ ସଂକଳ୍ପ । ଏହି ଦୁଇର ସଂଯୋଗରେ ଯେଉଁ ପରିଣାମ ଦେଖାଦିଏ ତାହା ସମ୍ପୂର୍ଣ୍ଣଭାବେ ରୂପାନ୍ତର ଘଟାଏ । କଥାଟି ଆମେମାନେ ଆହୁରି ପରିଷ୍କାରଭାବେ ବୁଝିବାକୁ ଚେଷ୍ଟା କରିବା । ପ୍ରଥମେ ଦ୍ୱିତୀୟ କଥାଟି ବୁଝିବା ଏବଂ ଦ୍ୱିତୀୟରେ ପ୍ରଥମ କଥାଟି ବୁଝିବା ।

ବିବର୍ତ୍ତନ ଧାରାରେ ପ୍ରଥମେ ଜଡ଼, ତା'ପରେ ପ୍ରାଣ ଓ ତାହାପରେ ମନର ଉଦ୍ଭବ ଘଟିଲା । ଜଡ଼, ପ୍ରାଣ, ମନ ଏକହିଁ ଚେତନା-ଶକ୍ତିର ତିନୋଟି ପାହାଚ । ଯେଉଁ ଶକ୍ତି, ସାମର୍ଥ୍ୟ, ବଳ ଜଡ଼ ମଧ୍ୟରେ ନିଥର, ନିର୍ଜୀବ, ନିସ୍ପନ୍ଦ ରୂପେ ନିହିତ, ସେ ଶକ୍ତି ଓ ସାମର୍ଥ୍ୟ ବିବର୍ତ୍ତନର ଅନ୍ୟ ଏକ ଭୂମିରେ ପ୍ରାଣବନ୍ତ, ସ୍ପନ୍ଦନଯୁକ୍ତ, ସବୁଜ ଓ ପ୍ରବୃତ୍ତିଯୁକ୍ତ । ଜଡ଼ ମଧ୍ୟରେ କିପରି ଯେ ଏହି ପ୍ରସ୍ଫୁରଣ ହେଲା ଜୀବତତ୍ତ୍ୱବିତ୍‌ମାନେ ଯଦିଓ ବୈଜ୍ଞାନିକ ଗବେଷଣା ମଧ୍ୟରେ ଏହା ଏବେ ବି ଧରିପାରି ନାହାନ୍ତି, ତଥାପି ଜଡ଼ ମଧ୍ୟରେ ଏହି ଶକ୍ତି ଅନ୍ୟ ଏକ ରୂପରେ ବିଦ୍ୟମାନ ଥିଲା

ଏବଂ ପ୍ରାଣଲୋକରୁ ପ୍ରାଣ ଶକ୍ତିର ଅବତରଣ ଫଳରେ ଏବଂ ଏହି ଜଡ଼ ଶକ୍ତିକୁ ସ୍ପର୍ଶ କରି ଏକ ରୂପାନ୍ତର ଘଟାଇଲା । ପ୍ରାଣ ଭୂମିର ପ୍ରାଣଶକ୍ତି ଜଡ଼, ନିଷ୍ପ୍ରାଣ ଶକ୍ତିକୁ ସ୍ପର୍ଶ କରି ତନ୍ମଧ୍ୟସ୍ଥ ସୁପ୍ତ, ନିଦ୍ରିତ ପ୍ରାଣଶକ୍ତିକୁ ଉତ୍ସାରିତ କଲା । ଊର୍ଦ୍ଧ୍ୱଲୋକର ପ୍ରାଣଶକ୍ତିର କର ସ୍ପର୍ଶରେ ଏବଂ ଜଡ଼ ମଧ୍ୟସ୍ଥ ଚେତନାର ଊର୍ଦ୍ଧ୍ୱ-ଗମନ ଫଳରେ ପ୍ରାଣଜଗତର ଆବିର୍ଭାବ ଘଟିଲା । ପ୍ରଥମେ ଏକକୋଷୀ ଜୀବଗଣ, ତା'ପରେ ବହୁକୋଷୀ ଜୀବ ଏବଂ ତା'ପରେ ଉଦ୍ଭିଦ ଜଗତ୍, ତା'ପରେ ପଶୁ ଜଗତର ଉଦ୍ଭବ । କିନ୍ତୁ ବିବର୍ତ୍ତନର ଧାରା ଏହିଠାରେ ବନ୍ଦ ନହୋଇ ଆହୁରି ଊର୍ଦ୍ଧ୍ୱଗମନର ପଥ ଖୋଜିଲା । ଜୀବଜନ୍ତୁ ଓ ପଶୁପକ୍ଷୀ ସୃଷ୍ଟ ହେବାର ବହୁବର୍ଷ ପରେ, କେତେ କୋଟି ବର୍ଷ ପରେ ସେହି ବିବର୍ତ୍ତନ ଧାରାରେ ଅନ୍ୟ ଏକ ଚେତନାର ବିକାଶ ଘଟିଲା । ତାହା ହେଲା ମନଃ-ଚେତନା । ଏହି ମନଃ-ଚେତନାକୁ ଧାରଣ କରିଥିବା ଜୀବଙ୍କୁ ମନୁଷ୍ୟ ବୋଲି କୁହାଯାଏ । ମନ, ବୁଦ୍ଧି, ବିଚାର, ପ୍ରଜ୍ଞା, ଯୁକ୍ତି ଓ ତର୍କ ଏସବୁ ପ୍ରବୃତ୍ତିଯୁକ୍ତ ପ୍ରାଣଠାରୁ ଗୁଣ ଧର୍ମରେ ଭିନ୍ନ । ଜଡ଼ର ଯେପରି ପ୍ରାଣଭୂମିରେ ଉତ୍ଥାନ ଏବଂ ପ୍ରାଣର ଯେପରି ଜଡ଼ ଭୂମିରେ ଅବତରଣ ଘଟିଲା; ଠିକ୍ ସେହିପରି ପ୍ରାଣ ମଧ୍ୟରେ ଚେତନାର ଊର୍ଦ୍ଧ୍ୱଗତି ଫଳରେ ତାହା ମନୋଭୂମିକୁ ଉଠିଗଲା ଏବଂ ଏହି ସନ୍ଧିକ୍ଷଣରେ ଊର୍ଦ୍ଧ୍ୱଭୂମିର ମନଃଶକ୍ତିର ଅବତରଣ ଫଳରେ ମନୋଲୋକ ତଥା ମନୋମୟ ଜଗତର ପ୍ରତିଷ୍ଠା ହେଲା । ଏହି ମନଃଶକ୍ତି ଯଦିଓ ପ୍ରାଣ ମଧ୍ୟରେ ସୁପ୍ତ ଓ ଗୋପନରେ ନିହିତ ଥିଲା, ତଥାପି ଊର୍ଦ୍ଧ୍ୱତନ ମନଃଶକ୍ତିର କ୍ରିୟା ଫଳରେ ତାହା ବିକଶିତ ହୋଇ ଉଠିଲା । ଏହି ମନଃଶକ୍ତିର ବିକାଶ ଓ ପ୍ରତିଷ୍ଠା ଫଳରେ ମନୋମୟ ଜୀବଗଣଙ୍କର ଆବିର୍ଭାବ ହେଲା – ମନୁଷ୍ୟଜୀବନ ଓ ସମାଜ ଜନ୍ମ ଲାଭ କଲା । ବିବର୍ତ୍ତନର ସନ୍ଧିକ୍ଷଣରେ ଦୁଇ ଶକ୍ତିର ସଂଯୋଗ ଘଟେ – ନିମ୍ନରୁ ଊର୍ଦ୍ଧ୍ୱକୁ ଉଠୁଥିବା ଶକ୍ତି ଏବଂ ତାକୁ ସହାୟତା ଓ ପ୍ରକାଶ କରିବା ପାଇଁ ଊର୍ଦ୍ଧ୍ୱରୁ ଅବତରି ଆସୁଥିବା ଶକ୍ତିର ସଂଯୋଗ ଘଟେ । ବିବର୍ତ୍ତନର ଅର୍ଥହିଁ ସୁପ୍ତ, ଗୁପ୍ତ, ପ୍ରଚ୍ଛନ୍ନ ଓ ଗୁହ୍ୟତମ ଶକ୍ତିରାଜିର ଧୀରେ ଧୀରେ ଊର୍ଦ୍ଧ୍ୱଗତି, ନିଜର ଉନ୍ମୋଚନ ଓ ପ୍ରକାଶ । ଯାହା ଅଭ୍ୟନ୍ତରରେ ନିବର୍ତ୍ତିତ, ନିଗୂଢ଼ ଓ ଅଜ୍ଞାତ ହୋଇ ରହିଛି ତାହା କ୍ରମଶଃ ବିବର୍ତ୍ତିତ, ବିକଶିତ ଓ ବ୍ୟକ୍ତ ହୁଏ । ସୃଷ୍ଟି ପ୍ରକ୍ରିୟାରେ ଏହି ଦୁଇଟି ଧାରା – ନିବର୍ତ୍ତନ (involution) ଏବଂ ବିବର୍ତ୍ତନ (evolution) ବରାବର କାର୍ଯ୍ୟ କରେ । ଏଠାରେ ଯେଉଁ ଯେଉଁ ଶକ୍ତିରାଜି ବିବର୍ତ୍ତିତ ହୋଇଛନ୍ତି, ସେହି ସେହି ଶକ୍ତିଗଣ ଊର୍ଦ୍ଧ୍ୱଲୋକରେ ସେମାନଙ୍କ ଯଥାର୍ଥ ସ୍ୱରୂପରେ ମଧ୍ୟ ବିରାଜିତ । ସୃଷ୍ଟି ପ୍ରକ୍ରିୟାରେ ସେଥିପାଇଁ ଏହି ଉଭୟ ଧାରା ଆରୋହଣ ଓ ଅବତରଣ ରହିଛି ।

## ନୂତନ ଶକ୍ତିର ଆବିର୍ଭାବ :

ଏହି ବିକାଶର ଧାରା ମନ ସ୍ତରରେ ସମାପ୍ତ ନହୋଇ ମନର ଊର୍ଦ୍ଧ୍ୱ ଏକ ପ୍ରଶସ୍ତ, ବିଶାଳ, ମହାନ୍ ଅଧ୍ୟାତ୍ମ ସ୍ତରକୁ ଖୋଲି ଯିବାକୁ ଚାହେଁ । ଏହିଠାରେ ମନୁଷ୍ୟର ଅନ୍ତର୍ନିହିତ ଚିରନ୍ତନ ଆଶା ଓ ଅଭୀପ୍ସାସକଳ ଯଥାର୍ଥ ରୂପ ଗ୍ରହଣ କରିପାରେ । ମନୁଷ୍ୟ ଚିରକାଳ ଅମୃତ, ସତ୍ୟ, ଜ୍ୟୋତିଃ, ଶକ୍ତି ଓ ଅବିମିଶ୍ର ଆନନ୍ଦ ଚାହିଁଛି । ଏଗୁଡ଼ିକ ମର୍ତ୍ତ୍ୟଭୂମିରେ ପ୍ରାପ୍ତ ହେବା ଏପର୍ଯ୍ୟନ୍ତ ସମ୍ଭବ ହୋଇ ନାହିଁ । ମନୁଷ୍ୟର ଚେତନା ବିକଶିତ ହେବା ଫଳରେ ଏପରି ଏକ ନୂତନ ପୃଷ୍ଠ ଖୋଲିଯିବ, ଯେତେବେଳେ ମନୁଷ୍ୟର ବିକାଶଧାରାରେ, ଏପରିକି ସମଗ୍ର ସୃଷ୍ଟିରେ ଏକ ଚରମ ଓ ଚୂଡ଼ାନ୍ତ ରୂପାନ୍ତର ଦେଖାଦେବ ଏବଂ ମନୁଷ୍ୟୋତ୍ତର ଏକ ନୂତନ ଜୀବନ ମଧ୍ୟ ଦେଖାଦେବ ।

କିନ୍ତୁ ଏହା ସମ୍ଭବ ହେବ କିପରି ? ଊର୍ଦ୍ଧ୍ୱରୁ ଏକ ନୂତନ ଶକ୍ତି ଓ ଚେତନାର ଅବତରଣ ଫଳରେ । ବସ୍ତୁତଃ ଶ୍ରୀଅରବିନ୍ଦଙ୍କ ସାଧନାର ଏହାହିଁ ମୁଖ୍ୟ ବିଷୟ ।

ନୂତନ ସୃଷ୍ଟିର ଆବିର୍ଭାବର ବେଳ ଜାଣିପାରି ଶ୍ରୀଅରବିନ୍ଦ କଠୋର ସାଧନାରତ ହେଲେ । ବର୍ତ୍ତମାନ ପ୍ରାୟ ମାନସିକ ବିକାଶ ସମାପ୍ତ ହୋଇଯାଇଛି ଏବଂ ଏହାପରେ ଏକ ନୂତନ ଶକ୍ତି, ଜ୍ୟୋତିଃ ଓ ଜ୍ଞାନର ଆବିର୍ଭାବ ଘଟିବ । ଶ୍ରୀଅରବିନ୍ଦ ସ୍ୱୀୟ ସାଧନା ବଳରେ ଏହି ନୂତନ ଶକ୍ତିର ସାକ୍ଷାତ୍କାର କଲେ ଏବଂ ନିଜ ଚେତନା ସହ ତାହାକୁ ସଂଯୋଜିତ କରି, ନିଜ ମାଧ୍ୟମରେ, ମାନବଜାତିର ପ୍ରତିନିଧି ରୂପେ ତାହାକୁ ଏହି ମର୍ତ୍ତ୍ୟମଣ୍ଡଳରେ ଅବତରଣ କରାଇ କାର୍ଯ୍ୟକାରୀ କଲେ । ଏହି ବିଶାଳ ଦିବ୍ୟ-ଅଧ୍ୟାତ୍ମ ଶକ୍ତିର ନାମ ସେ ଅତିମାନସ ଶକ୍ତି ଦେଇଛନ୍ତି । ଏହି ଅଧ୍ୟାତ୍ମ ଶକ୍ତିକୁ କେନ୍ଦ୍ର କରି ତାଙ୍କର ସମସ୍ତ ଯୋଗ-ଦର୍ଶନ, କାବ୍ୟକିତା ରଚିତ ହୋଇଛି । ଏହି ନୂତନ ଶକ୍ତିର ଆବିର୍ଭାବ ଫଳରେ କିପରି ଏକ ନୂତନ ଚେତନାର ଆବିର୍ଭାବ ଘଟିବ ଏବଂ ମନୁଷ୍ୟର ସକଳ କାର୍ଯ୍ୟରେ ଏକ ଅଧ୍ୟାତ୍ମ ବିକାଶ ଘଟିବ ତାହା ମଧ୍ୟ ଶ୍ରୀଅରବିନ୍ଦ ସ୍ପଷ୍ଟ ରୂପେ ଘୋଷଣା କରିଛନ୍ତି । ଆମେମାନେ ଯେଉଁ ନୂତନ ଯୁଗ ଓ ନୂତନ ପୃଥିବୀ, ନୂତନ ସମାଜ, ନୂତନ ମନୁଷ୍ୟର କଥା ବାରଂବାର ଶୁଣୁଛୁ ତାହା ଏହି ଶକ୍ତି ଓ ଚେତନା ଉପରେ

ପ୍ରତିଷ୍ଠିତ । କୌଣସି ବାହ୍ୟ ପରିବର୍ତ୍ତନ ଦ୍ୱାରା ନୂତନ ଯୁଗ ଓ ନୂତନ ସମାଜ ପ୍ରତିଷ୍ଠିତ ହେବ ନାହିଁ, ବରଂ ଏକ ନୂତନ ଅଧ୍ୟାତ୍ମ ଚେତନାର ଉନ୍ମେଷ ଦ୍ୱାରା ଏହି କାର୍ଯ୍ୟ ସାଧିତ ହେବ ।

## ନୂତନ ଶକ୍ତିର କ୍ରିୟାହିଁ ରୂପାନ୍ତର :

ବର୍ତ୍ତମାନ ସର୍ବୋଚ୍ଚ ଦାବି ହେଲା ମନୁଷ୍ୟର ଏକ ଆମୂଳଚୂଳ ପରିବର୍ତ୍ତନ; ତା'ର ସ୍ୱଭାବ, ପ୍ରକୃତି, ଅଭ୍ୟାସ ଓ କର୍ମଧାରାର ଏକ ନିଶ୍ଚିତ ରୂପାନ୍ତର । ସେହି ପୁରାତନ ମନୁଷ୍ୟର ଜୀବନଧାରା, ଅଭ୍ୟାସ ଓ ପ୍ରକୃତିକୁ ଧରି ନୂତନ ସମାଜ ଓ ନୂତନ ଯୁଗ ସୃଷ୍ଟି ହୋଇ ନପାରେ । ଶ୍ରୀଅରବିନ୍ଦଙ୍କ ଭାଷାରେ :

"What we propose in our Yoga is nothing less than to break up the whole formation of our past and present which makes up the ordinary material and mental man and to create a new centre of vision and a new universe of activities in ourselves which shall constitute a divine humanity or a superhuman nature."

(*The Synthesis of Yoga,* p. 72)

ଅର୍ଥାତ୍, ଆମମାନଙ୍କର ଲକ୍ଷ୍ୟ ହେଲା ସାଧାରଣ ମନୁଷ୍ୟର ବର୍ତ୍ତମାନ ଓ ଅତୀତର ରୂପ ଓ ମୂର୍ତ୍ତିକୁ ଭାଙ୍ଗି ଦେଇ ତାହା ସ୍ଥାନରେ ଏକ ନୂତନ ଦୃଷ୍ଟି ଏବଂ ନୂତନ କର୍ମଧାରା ସୃଷ୍ଟି କରିବା ଯାହା ଏକ ଦିବ୍ୟ-ମାନବତ୍ୱ ବା ଅତିମାନବ ପ୍ରକୃତି ସୃଷ୍ଟି କରିବାରେ ସକ୍ଷମ ହେବ ।

ସୁତରାଂ ବର୍ତ୍ତମାନ ମୁହୂର୍ତ୍ତରେ ସମଗ୍ର ବିଶ୍ୱରେ ଯେଉଁ ଅଧ୍ୟାତ୍ମ ଧାରା ପ୍ରକାଶ୍ୟରେ ବା ଅପ୍ରକାଶ୍ୟରେ କାମ କରୁଛି ତାହା ମନୁଷ୍ୟ ଜୀବନକୁ ରୂପାନ୍ତରିତ କରିବା ନିମିତ୍ତ ଉଦ୍ଦିଷ୍ଟ । ବିବର୍ତ୍ତନର ଊର୍ଦ୍ଧ୍ୱଗତିରେ ମନୁଷ୍ୟ ଆଉ ଗୋଟିଏ ପାହାଚ ଉପରକୁ ଉଠିବ । କିନ୍ତୁ ଯେପର୍ଯ୍ୟନ୍ତ ମନୁଷ୍ୟ ନିମ୍ନ ସ୍ତରର ବିଭିନ୍ନ ଶକ୍ତି ଓ ଚେତନା ଦ୍ୱାରା ପରିଚାଳିତ ହେଉଛି, ସେପର୍ଯ୍ୟନ୍ତ ସେ ଊର୍ଦ୍ଧ୍ୱଶକ୍ତି ଦ୍ୱାରା ପରିଚାଳିତ ହୋଇ ପାରିବ ନାହିଁ । ଊର୍ଦ୍ଧ୍ୱଶକ୍ତିରାଜି କୌଣସି ନିମ୍ନ ସ୍ତରରେ, ନିମ୍ନ ଭୂମିରେ ପ୍ରତିଷ୍ଠିତ ହେବା ସମ୍ଭବ ନୁହେଁ । ନିମ୍ନଭୂମିର ସେଥିପାଇଁ ବିଶୁଦ୍ଧୀକରଣ ଓ ରୂପାନ୍ତର ଆବଶ୍ୟକ । ମନୁଷ୍ୟ ଯାହା ଥିଲା ସେଇୟା ରହିବ ଅଥଚ ଊର୍ଦ୍ଧ୍ୱଭୂମିକୁ ଉଠିଯିବ, ତାହା ସମ୍ଭବ ନୁହେଁ । ମନୁଷ୍ୟର ଏହି ଊର୍ଦ୍ଧ୍ୱଗତି ତାହାଠାରୁ ବହୁମୂଲ୍ୟ ଦାବି କରୁଛି । ଏପରିକି ଯେଉଁମାନେ ଏହି ମୂଲ୍ୟ ଦେବାକୁ ପ୍ରସ୍ତୁତ ନୁହନ୍ତି ସେମାନେ ହୁଏତ ଗୋଟାଏ ଗୁରୁତର ଅସୁବିଧାର ସମ୍ମୁଖୀନ ହେବେ । ଏହି ସମ୍ପର୍କରେ ଶ୍ରୀଅରବିନ୍ଦ ଘୋଷଣା କରିଛନ୍ତି :

"All life must be taken up but all life must be transformed; all must become a part, a form, an adequate expression of a spiritual being in the supramental nature. ... ... All forms of life activity that cannot bear the change must disappear, all that can bear it will survive and enter into the kingdom of the spirit. ..."

(*The Synthesis of Yoga,* p. 186)

ଅର୍ଥାତ୍, ସମଗ୍ର ଜୀବନକୁ ଗ୍ରହଣ କରିବାକୁ ହେବ କିନ୍ତୁ ସମଗ୍ର ଜୀବନକୁ ରୂପାନ୍ତରିତ କରିବାକୁ ହେବ । ସବୁକିଛି ସେହି ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ଜୀବନ ବା ଅତିମାନସ-ଦିବ୍ୟ-ଜୀବନର ଅଂଶ, ରୂପ ଏବଂ ପର୍ଯ୍ୟାପ୍ତ ଅଭିବ୍ୟକ୍ତିରେ ପରିଣତ ହେବା ଉଚିତ । ... ଯେଉଁସବୁ ଜୀବନଧାରା ଏହି ପରିବର୍ତ୍ତନକୁ ସହ୍ୟ କରିପାରିବ ନାହିଁ ତାହା ପ୍ରାୟହିଁ ଉଭେଇ ଯିବ । ଯେଉଁମାନେ ଏହି ରୂପାନ୍ତରକୁ ବରଦାସ୍ତ କରି ପାରିବେ ସେମାନେ ରକ୍ଷା ପାଇବେ ଏବଂ ଅଧ୍ୟାତ୍ମ ରାଜ୍ୟ ମଧ୍ୟରେ ପ୍ରବେଶ କରିବେ । ...

ଏହି ଉକ୍ତିରୁ ସ୍ପଷ୍ଟ ଅନୁମିତ ହେଉଛି ଯେ ପ୍ରତ୍ୟେକ ନୂତନ ଆବିର୍ଭାବର ବେଳ ଏକ ଘୋର ସନ୍ଧିକ୍ଷଣ । ଏକ ଦିଗରେ ନୂତନ ଆବିର୍ଭାବ, ଅନ୍ୟ ଦିଗରେ ଚରମ 'ଗ୍ଲାନି', ଧ୍ୱଂସ ଓ ବିଲୁପ୍ତି । କିନ୍ତୁ ଏହି ସନ୍ଧିକ୍ଷଣରେ ଭଗବାନ୍ ସ୍ୱୟଂ ଉପସ୍ଥିତ ହୋଇ ମୁହ୍ୟମାନ ମନୁଷ୍ୟକୁ ପଥ ଦେଖାନ୍ତି ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି । ଏହି ନୂତନ ଯୁଗର ଅବତାରଣା ସେ ସ୍ୱୟଂ କରନ୍ତି । ଅତଏବ ନୂତନ ଯୁଗର ଯେଉଁ ଆହ୍ୱାନ ତାହା ଏକ ଭଗବତ୍ ଆହ୍ୱାନ । ମନୁଷ୍ୟ ଇଚ୍ଛା କଲେ ତାହାର ମାନବିକ ପରିଧାନକୁ ଛାଡ଼ି ଦିବ୍ୟ-ଚେତନା ଓ ଦିବ୍ୟ-ଶକ୍ତିରେ ଅଭିଷିକ୍ତ ହୋଇପାରେ । ଏହା ଯେ କେବଳ ଏକ ଆଶା ତାହା ନୁହେଁ, ଏହା ନିଶ୍ଚୟ ସଂଘଟିତ ହେବ । ଶ୍ରୀଅରବିନ୍ଦ ଅଭ୍ରାନ୍ତ କଣ୍ଠରେ ଘୋଷଣା କରିଛନ୍ତି :

"It is not a hope but a certitude that the complete transformation of the nature will take place." (*Letters on Yoga II,* p. 404)

ଅର୍ଥାତ୍, "ଏହା କେବଳ ଆଶାର ବିଷୟ ନୁହେଁ ବରଂ ଏହା ନିଶ୍ଚିତ ଯେ ମନୁଷ୍ୟ ପ୍ରକୃତିର ଚରମ ରୂପାନ୍ତର ଘଟିବ ।" ❖

# ଅତିକ୍ରମଣ

## ଶ୍ରୀ ଚନ୍ଦ୍ରଶେଖର ରଥ

କୌଣସି ଘଟନା, ବ୍ୟକ୍ତି ବା ବସ୍ତୁ ସହିତ ଅବିକଳ ଏକା ପରି ଦୁଇଥର ସମ୍ପର୍କ ରଖି ହୁଏ ନାହିଁ; କାରଣ ସମୟର ପ୍ରବାହରେ କୌଣସି ଗୋଟିଏ ଘାଟରେ ଦୁଇଥର ପ୍ରବେଶ କରିହୁଏ ନାହିଁ, ଅର୍ଥାତ୍ ଯେଉଁ ଘଟନାଟି ବର୍ତ୍ତମାନ ଘଟୁଛି ବା ଯେଉଁ ବ୍ୟକ୍ତିଟିକୁ ନିକଟରେ ପାଇ ଆମେ ତା' ସହିତ ଏବେ ଆଳାପ କରୁଛୁ, ଆଉ ଥରେ ଠିକ୍ ସେହିପରି ହୋଇପାରିବ ନାହିଁ । ଚଳଚ୍ଚିତ୍ର ପରି ବଦଳି ଚାଲିଥିବା ପରିସ୍ଥିତି ପ୍ରତି ମୁହୂର୍ତ୍ତରେ ନିତ୍ୟନୂତନ; ପ୍ରତି ମୁହୂର୍ତ୍ତରେ – 'ନ ଭୂତୋ ନ ଭବିଷ୍ୟତି' । ଏଣୁ ଯଦି ଅନୁଭବକୁ ଆସେ ଯେ ଅନନ୍ତକାଳ ବ୍ୟବଧାନରେ ଆମେ କାହାକୁ ପ୍ରତ୍ୟକ୍ଷ କରୁଛୁ, ସେ ଅତ୍ୟନ୍ତ ଦୁର୍ଲଭ ମନେହେବ । ସେହି ଅନୁସାରେ ପ୍ରତ୍ୟେକ ଘଟନା ଓ ବସ୍ତୁ ମଧ୍ୟ ଅନନ୍ୟ ଏବଂ ମହାର୍ଘ ମନେହେବ । ଏଣୁ ଆମର ଦୃଷ୍ଟିଭଙ୍ଗୀ, ମନୋଭାବ ଓ ସଚେତନତା ସେହି ପରିମାଣରେ ବଦଳି ଯିବାକୁ ବାଧ୍ୟ ହେବେ । ଏଇ ଥରେ ମାତ୍ର ମୁଁ ତାଙ୍କୁ ଏପରି ଦେଖୁଛି, ଆଉ ଏପରି ପାଇବି ନାହିଁ । ଏ ଭାବ ଆସିବା ମାତ୍ରେ ସେ ମୋତେ ଅତ୍ୟନ୍ତ ମୂଲ୍ୟବାନ୍ ମନେ ହେବେ । ତେବେ ଯେ ଏପରି ଆସିଛି ସେ ଅବଶ୍ୟ ଚାଲି ଯିବାକୁହିଁ ଆସିଛି । ଯଦି ସେ ଏତେ ପ୍ରିୟ ଓ ଦୁର୍ଲଭ ତାକୁ ହରାଇବା ମଧ୍ୟ ସେହି ଅନୁପାତରେ ଘୋର ପୀଡ଼ାଦାୟକ । ତେବେ ଯଦି ଗୋଟିଏ ଦୃଷ୍ଟିରୁ ଦିଶେ ଯେ କଥା ସରିସରି ଯାଏ, ଆଉ ଗୋଟିଏ ଦୃଷ୍ଟିରୁ ଦେଖିଲେ ମୋଟେ କିଛି ସରେ ନାହିଁ । ଯାହା ଏବେ ଘଟିଗଲା ତାହା ଅତୀତ ହୋଇଗଲା ସତ କିନ୍ତୁ ଆମ ଚେତନାରେ ଯଥାବତ୍ ଗଚ୍ଛିତ ରହିଲା । ଜୀବନର ଯେଉଁ କେତୋଟି ମୁହୂର୍ତ୍ତକୁ ସେ ଆଚ୍ଛନ୍ନ କରି ରଖିଥିଲା ସେହି ମୁହୂର୍ତ୍ତଗୁଡ଼ିକୁ ଚିରକାଳ ସେ ଆଚ୍ଛନ୍ନ କରି ରହିଥିବ ଏବଂ ସେହି ମୁହୂର୍ତ୍ତଗୁଡ଼ିକୁ ଜୀବନରୁ ଯେପରି ବିଚ୍ଛିନ୍ନ କରିବା ସମ୍ଭବ ନୁହେଁ, ଏହି ଘଟନାରୁ ମଧ୍ୟ ବିଚ୍ଛିନ୍ନ ହେବା ସମ୍ଭବ ନୁହେଁ । ଘଟନାଟି କେବଳ ବର୍ତ୍ତମାନରୁ ଅବର୍ତ୍ତମାନତାକୁ ଅପସରି ଗଲା । ସ୍ଥୂଳ, ଅସ୍ଥିର ଦେଶକାଳରୁ ସୂକ୍ଷ୍ମ, ସ୍ଥିର ଦେଶ କାଳକୁ ଅତିକ୍ରମ କରିଗଲା – ସ୍ମୃତିପଟରେ ତାହା ସ୍ପଷ୍ଟ ଅଙ୍କିତ ହୋଇ ରହିଲା । ଏଣୁ ସମଗ୍ର ଅତୀତକୁ, ତା'ର ମୁହୂର୍ତ୍ତ ମୁହୂର୍ତ୍ତର ପ୍ରତ୍ୟେକ ଅନୁଭବକୁ, ଘଟନା ଓ ଚିତ୍ରାବଳୀକୁ ଆମେ ସ୍ମୃତି ମାଧ୍ୟମରେ ଆମ ଚେତନାରେହିଁ ଧାରଣ କରିଥାଉ । ସେହିପରି ଅନାଗତ ଅନନ୍ତ ଭବିତବ୍ୟର ମୁହୂର୍ତ୍ତ ମୁହୂର୍ତ୍ତର ସମ୍ଭାବନାରାଜିକୁ ମଧ୍ୟ ଆହୁରି ଏକ ସୂକ୍ଷ୍ମ ବୀଜ ରୂପରେ ଧାରଣ କରିଥାଉ । କଢ଼ର ପାଖୁଡ଼ା ମେଲିଗଲା ପରି ଭବିଷ୍ୟତ୍ କେବଳ ମୁକୁଳି ଯାଏ, ତାହା କୌଣସି ଆକସ୍ମିକତା ନୁହେଁ । ତାହା ପ୍ରବାହ-ପରମ୍ପରାର ଅନିବାର୍ଯ୍ୟ ପରିଣତି । ଏହି ଯୁକ୍ତି ଅନୁସାରେ ପୃଥିବୀରେ ଜୀବସୃଷ୍ଟି ହେବା ଦିନଠାରୁ ଯେଉଁ ଯେଉଁ ଅକଳନୀୟ ସ୍ତର ଦେଇ ବିବର୍ତ୍ତନର ଧାରା ବିକଶିତ ହୋଇ ଆସିଛି ସେ ସମସ୍ତଙ୍କୁ ଆମେ ଆମ ଚେତନାରେ ଧାରଣ କରୁ । ସମସ୍ତ ଉଦ୍ଭିଦ, ସମସ୍ତ ପ୍ରାଣୀ, ଦ୍ୱିପଦ, ଚତୁଷ୍ପଦ, ସରୀସୃପାଦି ଆମର ଅତୀତ ହୋଇ ଥିବାରୁ ଆମର ଗଭୀର ସ୍ମୃତିରେ ସେସବୁ ଅଦ୍ୟାପି ବିଦ୍ୟମାନ । ତା'ହେଲେ ତ ଉତ୍ତରଣ ବା ଅତିକ୍ରମଣ (Transcendence) ଆଦୌ ସମ୍ଭବ ନୁହେଁ । ସେପରି ହତାଶାର କୌଣସି କାରଣ ନାହିଁ । ଏଠି କେବଳ ବୁଝାମଣାର ଟିକିଏ ପାର୍ଥକ୍ୟ ରହିଯାଉଛି । ଯଦି ଆମେ ଭାବୁ ଯେ କାଚ ଗୋଟାଳିଟି ଭୂମିରେ ଗଡ଼ାଇ ଦେଲେ ତାହା ଯେମିତି ସମସ୍ତ ପୂର୍ବାବସ୍ଥାକୁ ପଛରେ ପକାଇ, ଅର୍ଥାତ୍ ତ୍ୟାଗ କରି ସେଥିରୁ ମୁକ୍ତ ହୋଇ ନୂତନ ଅବସ୍ଥାରେ ପହଞ୍ଚେ, ସେହିପରି ଆମେ ବିଗତ ଅବସ୍ଥାକୁ ଅତିକ୍ରମ କରିଚାଲିଛୁ – ତାହା ସମ୍ପୂର୍ଣ୍ଣ ଠିକ୍ ନୁହେଁ । ବରଂ ଯଦି ଗୋଟିଏ ମାପ-ଫିତାକୁ ଫିଟାଇ ଦିଆଯାଏ ଏବଂ ତାହା ଶହେ ଫୁଟକୁ ଫିଟିଗଲେ ମଧ୍ୟ ଏକ ଫୁଟକୁ ବି ଧାରଣ କରିଥାଏ ସେହିପରି ଏକ ବିସ୍ତୃତିହିଁ ଅତିକ୍ରମଣ ଉତ୍ତରଣର ଗୋଟିଏ ଅର୍ଥ ବ୍ୟାପନ ବା ବିସ୍ତାର । ମାପ ଫିତାଟି ଯଦି ଶହେଫୁଟ ପାଖରେ ନ ରହି ଦୁଇଶହ କୋଟି ମାଇଲ ପର୍ଯ୍ୟନ୍ତ ବିସ୍ତୃତ ହୋଇଯାଏ ତା'ହେଲେ ଏକ ବା ଦୁଇଫୁଟ ପାଖର ଅବସ୍ଥା ଏତେ ସୂକ୍ଷ୍ମ ଏବଂ କ୍ଷୁଦ୍ରାତିକ୍ଷୁଦ୍ର ହୋଇଯାଏ ଯେ ତାହା ନ ଥିଲା ପରି ବୋଧହୁଏ । କେବଳ ବିସ୍ତାର ବା ବ୍ୟାପନ ଦେଶକାଳର ଅନନ୍ତ ବ୍ୟାପ୍ତି ଭିତରେହିଁ ହୁଏ । କିନ୍ତୁ ଆଉ ବେଳେବେଳେ ଏକ ସମ୍ପୂର୍ଣ୍ଣ ଭିନ୍ନ ପରିସ୍ଥିତିରେ ଚେତନା ଏକ ନୂତନ ଉପାଦାନକୁ ଧାରଣ କରେ । ଧରାଯାଉ ଯଦି ମାପ-ଫିତାଟି ଧାତୁନିର୍ମିତ ହୋଇଥାଏ ଏବଂ ତାହା ବଢ଼ି ବଢ଼ି ସୂର୍ଯ୍ୟଙ୍କ

ପାଖରେ ପହଞ୍ଚିଯାଏ ତା'ର ବ୍ୟାପନ ସହିତ ଆଉ ଏକ କ୍ରିୟା ହୁଏ, ତାହା ହେଲା ଦୀପନ । ସେ ସୂର୍ଯ୍ୟର ପ୍ରଚଣ୍ଡ ତାପରେ ନିଜେ ସେହିପରି ଉତ୍ତପ୍ତ ଓ ତେଜୋଦ୍ଦୀପ୍ତ ହୁଏ ଏବଂ ଏହା ଏକ ଫୁଟ ପାଖରେ ଥିବା ଅବସ୍ଥାକୁ ମଧ୍ୟ ରୂପାନ୍ତରିତ କରେ । ସବୁ ହୁଏତ ତରଳି ଯାଇପାରେ । ସମଗ୍ର ବିସ୍ତାର ଏକ ଅଗ୍ନିଶିଖାରରେ ପରିଣତ ହୋଇଯାଇପାରେ । ଏହି ବ୍ୟାପନର ଘଟନା ପରମ୍ପରାରେ ଏକ ନୂତନ ସଂଘାତ ଦେଖାଦିଏ, ତା'ହେଲା ଦିବ୍ୟାବତରଣ । ସେହି ସ୍ପର୍ଶରେ ଆପାଦଶୀର୍ଷ ଚେତନା ରୂପାନ୍ତରିତ ହୋଇ ଯାଇପାରେ । ଯେଉଁ ମୂଳ ପ୍ରକୃତିର ଜଡ଼ତାକୁ ଆମେ ଅଦ୍ୟାବଧି ଧାରଣ କରିଛୁ ତା'ର ମଧ୍ୟ ରୂପାନ୍ତରଣ ହୋଇ ଯାଇପାରେ । ଅବଶ୍ୟ ଏ କ୍ଷେତ୍ରରେ ଧାରଣା ହୋଇପାରେ ଯେ ଦିବ୍ୟ ଚେତନା କୌଣସି ଦୂରସ୍ଥ ଜ୍ୟୋତିଃସ୍ତମ୍ଭ, ଯେଉଁଠି ପହଞ୍ଚିବାକୁ ଆମକୁ ବହୁଦୂର ଅଦିବ୍ୟ ପନ୍ଥା ଅତିକ୍ରମ କରିବାକୁ ହୁଏ । ପ୍ରକୃତରେ କିନ୍ତୁ ତାହା ନୁହେଁ । ପଦ୍ମର ପାଖୁଡ଼ା ମେଲିବା ଏକ ସମୟାନୁସାରୀ କ୍ରିୟା । କିନ୍ତୁ ଯେତେବେଳେ ତା'ର ସହସ୍ରଦଳ ଉନ୍ମୁକ୍ତ ହୋଇଯାଏ ଅନନ୍ତ କାଳରୁ ଅପେକ୍ଷା କରି ରହିଥିବା ସୂର୍ଯ୍ୟାଲୋକ ତା'ର କେଶରକୁ ସ୍ପର୍ଶ କରି ତାକୁ ବୀଜବନ୍ତ କରିଦିଏ; ରୂପାନ୍ତରିତ କରିଦିଏ । ସେହିପରି Divine କହିଲେ ଯାହା ବୁଝାଯାଏ ତାହାହେଲା ସେ ଚିରବର୍ତ୍ତମାନ ଅନନ୍ତ ଚେତନାର ସମୁଦ୍ର, ଯାହା ବ୍ୟତିରେକେ ଅନ୍ୟ କିଛି ନାହିଁ ।

''ପୁରୁଷ ଏବେଦଂ ସର୍ବଂ ଯଦ୍‌ଭୂତଂ ଯଚ୍ଚ ଭାବ୍ୟମ୍ ।''

(ଋଗ୍‌ବେଦ)

ଅର୍ଥାତ୍, '''ଯାହା ଥିଲା, ଯାହା ଅଛି ଏବଂ ଯାହା ହେବାକୁ ଅଛି – ଏ ସମସ୍ତଙ୍କୁ ଆଚ୍ଛନ୍ନ କରି ସେହିଁ ବିଦ୍ୟମାନ ।''

ମାନବଚେତନାର ବ୍ୟାପନ କ୍ରିୟାରେ ଏହି ଦିବ୍ୟ-ରୂପାନ୍ତର କହିଲେ ପ୍ରକୃତ ଉତ୍ତରଣ ବା ଅତିକ୍ରମଣ ବୋଲି ମନେହୁଏ । ❖

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ଜୀବକୋଷର ଯୋଗ

## ମମତା ଦାଶ

ଶ୍ରୀଅରବିନ୍ଦଙ୍କର ମହାପ୍ରୟାଣ ପରେ, ୧୯୫୦ ମସିହାଠାରୁ ୧୯୭୩ ପର୍ଯ୍ୟନ୍ତ ଶ୍ରୀମା ଶରୀରଗତ ଚେତନାର ରୂପାନ୍ତର ନିମିତ୍ତ ପ୍ରଗାଢ଼ ସାଧନା କରୁଥିଲେ । ଶରୀର ରୂପାନ୍ତର ହେଉଛି ପୂର୍ଣ୍ଣଯୋଗର ଶେଷ ପର୍ଯ୍ୟାୟ । ଅତିମାନସିକ ସତ୍ତା ପ୍ରତ୍ୟକ୍ଷ ଭାବରେ ପୃଥିବୀପୃଷ୍ଠରେ ଏକ ନୂତନ ଶରୀର ଧରି ବିଚରଣ ନକରିବା ପର୍ଯ୍ୟନ୍ତ ପୂର୍ଣ୍ଣଯୋଗ ଶେଷ ହୋଇ ନାହିଁ ବୋଲି ବୁଝିବାକୁ ହେବ । ଶ୍ରୀମା ଦୀର୍ଘ ୨୩ ବର୍ଷ ଧରି ନିଜର ଶରୀରର ଜୀବକୋଷମାନଙ୍କର ରୂପାନ୍ତର ନିମିତ୍ତ ସାଧନାର ବିବରଣୀ ଭିତରେ ସେ ତାଙ୍କର ଅନେକ ଅଦ୍ଭୁତ ଅଭିଜ୍ଞତାର କଥା ବର୍ଣ୍ଣନା କରିଛନ୍ତି ।

ଗୋଟିଏ ବିଶୁଦ୍ଧ ଜୀବକୋଷ ଭିତରେହିଁ ପରମ-ଚେତନାଙ୍କର ସ୍ଫୁଲିଙ୍ଗ ନିହିତ ରହିଛି, କାରଣ ପରମଚେତନା ନିଜକୁ ଶାରୀରିକ ଭାବରେ ଅଭିବ୍ୟକ୍ତ କରିଛନ୍ତି । ତେଣୁ ଶରୀର ଗୋଟିଏ ବର୍ଜ୍ୟ ବସ୍ତୁ ନୁହେଁ । ଏହାର ଅଣୁ-ପରମାଣୁରେ ପରମଚେତନା ଅନ୍ତର୍ଲୀନ ରହିଛନ୍ତି । କିନ୍ତୁ ଶରୀର ନିଜେ ଏ ସମ୍ବନ୍ଧରେ ସଚେତନ ନୁହେଁ । ମଣିଷର ବର୍ତ୍ତମାନର ଶରୀର, ମନ ଓ ପ୍ରାଣର ଦାସ ଭଳି କ୍ରିୟା କରେ । କାରଣ ଜୀବକୋଷ ଉପରେ ମନର କେତେଗୁଡ଼ିଏ ସ୍ତର ଜଡ଼ିତ ହୋଇ ମଣିଷ ଶରୀରର ଉପାଦାନରେ ପରିଣତ ହୋଇଛି । ଶ୍ରୀମା କହିଥିଲେ, ଶରୀରର ଜୀବକୋଷକୁ ଲାଗି କରି ରହିଥିବା ସ୍ତରଟି ଜୀବକୋଷଗତ ମନ (cellular mind); ତା'ପରେ ଭୌତିକ ମାନସ (physical mind); ତା'ପରେ ପ୍ରବୃତ୍ତିଗତ ମନ (sensory mind); ତା'ପରେ ଆବେଗଗତ ମନ (emotional mind) ଓ ଶେଷରେ ବୌଦ୍ଧିକ ମନ (Intellectual mind)ର ସ୍ତର ରହିଛି ଏବଂ ଏହା ଦ୍ୱାରାହିଁ ମଣିଷ ଶରୀରର ଉପାଦାନ ଗଠିତ ହୋଇଛି ।

ଶରୀର ରୂପାନ୍ତର ସମୟରେ ଆମକୁ ଏହି ଜୀବକୋଷମାନଙ୍କ ଉପରେ କିଭଳି କର୍ମ କରିବାକୁ ପଡ଼ିବ, ଏକଥା ଶ୍ରୀମା ଅନେକ ଥର କହିଛନ୍ତି । ବୌଦ୍ଧିକ ମନ, ଆବେଗଗତ ମନ, ପ୍ରବୃତ୍ତିଗତ ମନକୁ ସମ୍ପୂର୍ଣ୍ଣ ନୀରବ କରିବା ଅପେକ୍ଷାକୃତ ସହଜ । କିନ୍ତୁ ଭୌତିକ ମାନସ ଓ ଜଡ଼ଗତ ମନ(material mind)କୁ ରୂପାନ୍ତର କରିବା ଅତ୍ୟନ୍ତ କଷ୍ଟକର, ପ୍ରାୟ ଅସମ୍ଭବ ବୋଲି ଶ୍ରୀଅରବିନ୍ଦ କହିଥିଲେ । ଏହାକୁ ସମ୍ପୂର୍ଣ୍ଣ ଭାବରେ ବିଲୋପ କରିବାକୁ ହେବ ।

ଏଠାରେ ଶ୍ରୀମା'ଙ୍କର ଜୁଲାଇ ୨୧, ୧୯୬୫ର କେତୋଟି ଅଭିଜ୍ଞତାର କଥା ଉଲ୍ଲେଖ କରୁଛି । ସେତେବେଳକୁ ଶରୀର ସାଧନାର ପ୍ରଗାଢ଼ତା ହେତୁ ଶ୍ରୀମା ପ୍ରାୟ ସୁସ୍ଥ ରହୁ ନଥିଲେ । ମା' ସେଦିନ ରାତ୍ରି ଭୋଜନ କଲାବେଳେ ତାଙ୍କର ଦେହ ଆଦୌ ଭଲ ଲାଗୁ ନଥିଲା, ତାଙ୍କୁ କ୍ଳାନ୍ତ ଲାଗୁଥିଲା । ସେ ବସିଥିଲେ, ହଠାତ୍ ତାଙ୍କର ଶରୀର ସିଧା ହୋଇଗଲା, ସତେ କି ତାଙ୍କର ଶରୀର ଗୋଟିଏ ଅଗ୍ନିଶିଖା । ଏତିକି ବେଳେ ଜୀବକୋଷଗତ ମନ ହଠାତ୍ ପ୍ରାର୍ଥନା କରିବାକୁ ଆରମ୍ଭ କଲା । ଏହା ଆଶାତୀତ ଥିଲା । ସେ କହିଲା, ''ମୁଁ ମୋର ଅଯୋଗ୍ୟତାକୁ ନେଇ କ୍ଳାନ୍ତ ହୋଇ ପଡ଼ିଛି । କିନ୍ତୁ ମୁଁ ବିଶ୍ରାମ ଚାହୁଁ ନାହିଁ ।'' ଏହା ସାରା ଶରୀରର ଜୀବକୋଷମାନଙ୍କ ଭିତରେ ଅନୁଭୂତ ହେଲା । ସେ କହି ଚାଲିଲା, ''ଏହି ଶରୀର ବିଶ୍ରାମ ଚାହୁଁ ନାହିଁ । ଏହା ତୁମର (ଭଗବାନଙ୍କର) ଚେତନାର ମହିମା, ତୁମର ଆଲୋକର ମହିମା, ତୁମର ଶକ୍ତିର ମହିମା, ଏବଂ...'' ଏ ପ୍ରାର୍ଥନା ପ୍ରଗାଢ଼ତର ହେଲା, ସେ କହିଲା, ''ଏବଂ ତୁମର ସର୍ବଶକ୍ତିମାନ୍ ଶାଶ୍ୱତ ପ୍ରେମର ମହିମା, ... ଏସବୁକୁ ଚାହୁଁଛି ।'' ମା' ଏସବୁ ଲେଖି ରଖିଲେ । ପୁଣି ସ୍ନାନ କରି ସାରି ଆସିଲେ । ମା' ପୁଣି ଲେଖିଲେ, ''ଓଁ ପରମପ୍ରଭୁ, କୃପା ଓ ଦୟାର ଈଶ୍ୱର, ହେ ପରମପ୍ରଭୁ ପ୍ରେମ ଓ ସୌନ୍ଦର୍ଯ୍ୟର ଈଶ୍ୱର ।'' ''ସୌନ୍ଦର୍ଯ୍ୟ'' ବୋଲି ଲେଖିବା ବେଳେ ମା'ଙ୍କର ଶରୀରର ସମସ୍ତ ଜୀବକୋଷ ଫୁଲି ଉଠିଲେ । ତା'ପରେ ସେ ପ୍ରାର୍ଥନା କଲା, ''ମୁଁ ମୋ ଦୁର୍ବଳତାକୁ ନେଇ କ୍ଳାନ୍ତ । କିନ୍ତୁ ଏ ଶରୀର ବିଶ୍ରାମ ଚାହୁଁ ନାହିଁ, ଏହା ତୁମର ଚେତନାର ପ୍ରାଚୁର୍ଯ୍ୟ ଚାହୁଁଛି । ଏହା ତୁମ ଆଲୋକର ତେଜ ନିମିତ୍ତ ଆସ୍ପୃହା କରୁଛି । ଏହା ତୁମ ଶକ୍ତିର ଚମତ୍କାରିତା ନିମିତ୍ତ ଅଭୀପ୍ସା କରୁଛି । ଏହା ତୁମର ସର୍ବଶକ୍ତିମାନ୍ ଓ ଶାଶ୍ୱତ ପ୍ରେମ ନିମିତ୍ତ ଅଭୀପ୍ସା କରୁଛି ।'' ଏସବୁ ପ୍ରାର୍ଥନାକୁ ଶ୍ରୀମା ଲେଖି ରଖିଲେ ଏବଂ ପରଦିନ ଏସବୁ ଉପଲବ୍ଧିରେ ପରିଣତ ହୋଇଗଲା ।

ତା'ପରେ ଶ୍ରୀମା ପୁଣି ଲେଖିଲେ, ''ଏହି ସତ୍ତାର ଅନ୍ୟାନ୍ୟ ସ୍ତରସବୁ ...'' ଜୀବକୋଷର ମନ ଖୁବ୍ ବିରକ୍ତିର ସହିତ କହିଲା, ''ସତ୍ତାର ଅନ୍ୟାନ୍ୟ ସ୍ତର, ପ୍ରାଣ ଓ ମନ ଏ ସବୁକିଛି ମଧ୍ୟବର୍ତ୍ତୀ ସଂଯୋଗକୁ ଉପଭୋଗ କରି ପାରନ୍ତି ...'' ମଧ୍ୟବର୍ତ୍ତୀ ସତ୍ତା ଅର୍ଥ ଦେବତା ଓ ଅନ୍ୟାନ୍ୟ ଗୂଢ଼ ସତ୍ତା । ଏହା ଖୁବ୍ ମର୍ଯ୍ୟାଦାବୋଧ ଓ ଶକ୍ତିର ସହିତ କହିଲା, ''ମୋତେ କେବଳ ପରମପ୍ରଭୁହିଁ ସନ୍ତୋଷ ଦେଇ ପାରିବେ ।''

ଶରୀରର ଜଡ଼ଗତ ମନର ଏହି ପ୍ରାର୍ଥନା ଏକ ବିରକ୍ତିରୁ ଆରମ୍ଭ ହେଲା । ଶରୀରର ଦୁର୍ବଳତା, କ୍ଳାନ୍ତି, ଅସହଜତା, ଅସହାୟତା, ପଚିଶଢ଼ି ଯିବାର ଭାବ, ଏତେସବୁ ସଂଘର୍ଷ ପ୍ରତି ଶରୀରର ଏକ ପ୍ରକାର ଘୃଣା ଓ ବିରକ୍ତି ଭାବ ଆସିଲା । ଏବଂ ମନ, ପ୍ରାଣର ଅଧିମାନସ ଓ ଗୁହ୍ୟ ଜଗତର ସତ୍ତାମାନଙ୍କୁ ଧରି ରହିଥିବାର ସନ୍ତୋଷ ମଧ୍ୟ ତାକୁ ଭଲ ଲାଗିଲା ନାହିଁ । ତେଣୁ ଶରୀରହିଁ ପ୍ରାର୍ଥନା କଲା ପରମପ୍ରଭୁଙ୍କୁ, ''ମୋତେ କେବଳ ତୁମେହିଁ ସନ୍ତୋଷ ଦେଇ ପାରିବ । ମୁଁ ଆଉ କିଛି ଚାହେଁ ନାହିଁ । ମୁଁ ତୁମ ଚେତନାର ଭବ୍ୟତା ଚାହେଁ ।'' ଏହାପରେ ମା'ଙ୍କ ଭିତରେ ଏକ ନୀରବ ଅବିଚଳିତ ଭାବ ପ୍ରତିଷ୍ଠିତ ହେଲା । ତା'ପରେ ଶ୍ରୀମା ଅନୁଭବ କଲେ ଯେ, ଏକ ନୂଆ କଥା ନିଶ୍ଚୟ ଘଟିବ । ଶ୍ରୀଅରବିନ୍ଦ କହିଥିଲେ ଏହି ଭୌତିକମାନସ ଏକେବାରେ ଅନାବଶ୍ୟକ । ଏହା ରୂପାନ୍ତରିତ ହେବ ନାହିଁ । ଏଥିରୁ ମୁକ୍ତ ହେବାକୁ ପଡ଼ିବ, କିନ୍ତୁ ଯେହେତୁ ଏହା ଜୀବକୋଷ ସହିତ ଏକେବାରେ ଲାଖି ରହିଥାଏ, ଏଥିରୁ ମୁକ୍ତ ହେବା କଷ୍ଟକର । ମା' କହିଥିଲେ, ''ମୋର ମନେ ହେଉଛି ଏହା ସଚେତନ ଭାବରେ ସହଯୋଗ କରୁଛି । ହୁଏତ ଏହା ବଦଳି ଯିବ । ବହୁ ବର୍ଷ ତଳେ ମୁଁ 'ଧ୍ୟାନ ଓ ପ୍ରାର୍ଥନା' ଲେଖିଥିଲି, ସେସବୁ ମାନସିକ ଥିଲା, ସେସବୁ ଆଲୋକିତ ଓ ଆନନ୍ଦଦାୟକ ଥିଲା, କିନ୍ତୁ ମୋତେ ଏବେ ସେସବୁ ଶୁଷ୍କ ଓ ମାନ୍ଦା ମନେ ହେଉଛି । କିନ୍ତୁ ଜୀବକୋଷଗତ ମନର ଏହି ପ୍ରାର୍ଥନାରେ ଅସାଧାରଣ ଶକ୍ତି ଓ ଉପଲବ୍ଧି ରହିଛି ।'' ଯଦି ଏହା ଶୃଙ୍ଖଳିତ ହୋଇ ପାରିବ, ତେବେ ରୂପାନ୍ତରିତ ହୋଇପାରେ ବୋଲି ମା' କହିଥିଲେ ।

କିନ୍ତୁ ଏହି ଭୌତିକମାନସ କ'ଣ କରେ, କି ପ୍ରକାରର ବାଧା ସୃଷ୍ଟି କରେ ? ଶ୍ରୀମା କହିଥିଲେ, ଏହି ଭୌତିକମାନସ ପରାସ୍ତବାଦୀ, ହତାଶାବାଦୀ, ସର୍ବଦା ଅଭିଯୋଗ କରୁଥାଏ, ଏହା ବିଶ୍ୱାସହୀନ, ଏପରିକି ତୁମେ ଯଦି ଟିକିଏ ଆନନ୍ଦ ଅନୁଭବ କର, ସେ କେଉଁଠାରୁ ଆସିଯାଏ ଓ କହେ, ''ଏହା ବନ୍ଦ କର, ନହେଲେ ପୁଣି ଆଘାତ ପାଇବ ।'' କିନ୍ତୁ ମା'ଙ୍କର ସେଦିନର ଅଭିଜ୍ଞତାରେ ସେହି ଭୌତିକ ମାନସର ଏହି ଅଭ୍ୟାସଗତ, ରୁଟିନ୍‌ରେ ବନ୍ଧା କାର୍ଯ୍ୟକଳାପ ନିମିତ୍ତ ବିତୃଷ୍ଣା ଆସିଲା ଓ ସେ ସଚେତନ ଭାବରେ ପରମପ୍ରଭୁଙ୍କୁ ପ୍ରାର୍ଥନା କରିଥିଲା । ଯେତେବେଳେ ଭୌତିକମାନସ ନିଜର ହତାଶା ଓ ପରାସ୍ତବାଦୀ ମନୋବୃତ୍ତି ସହିତ ଆକ୍ରମଣ ଆରମ୍ଭ କରେ, ମା' ପ୍ରଥମେ ମନ୍ତ୍ର ଜପ କରିଥା'ନ୍ତି । ତା'ପରେ ଯାହାକିଛି ଅଗ୍ରଗତିକୁ ପ୍ରତିହତ କରେ ସେସବୁକୁ ଅସ୍ୱୀକାର କରିବାକୁ ହୁଏ । ତା'ପରେ ସବୁକିଛିକୁ ପରିବର୍ତ୍ତିତ କରିବାର ଅଭୀପ୍ସାକୁ ପରମପ୍ରଭୁଙ୍କୁ ସମର୍ପଣ କରିବାକୁ ହୁଏ । ଏହା ଏକ ଦୀର୍ଘ ପ୍ରକ୍ରିୟା ।

''ଭୌତିକମାନସର ପ୍ରକୃତିକୁ ବଦଳାଇବା ନିମିତ୍ତ ମୁଁ ଏହାହିଁ କରି ପାରିବି । ନୀରବ ରହିବାର ସାମର୍ଥ୍ୟ ହାସଲ କରିବାକୁ ହେବ, ଯେପରିକି ଊର୍ଦ୍ଧ୍ୱରୁ ଆସୁଥିବା ପ୍ରେରଣାକୁ ହସ୍ତକ୍ଷେପ କରିବାକୁ ଅନୁମତି ଦେବା । ଶ୍ରୀଅରବିନ୍ଦ କହିଥିଲେ, ଏହି ମନକୁ ସମ୍ପୂର୍ଣ୍ଣ ଭାବରେ କାଢ଼ି ଦେବାକୁ ହେବ । କିନ୍ତୁ ମୁଁ ଏବେ ଦେଖୁଛି, ଏହା ଧୀରେ ଧୀରେ ରୂପାନ୍ତରିତ ହେଉଛି । ଏହା ଆରମ୍ଭ ମାତ୍ର, ପ୍ରଥମ ପଦକ୍ଷେପ । ସ୍ୱୟଂକ୍ରିୟ କାର୍ଯ୍ୟ-କଳାପକୁ ବନ୍ଦ କରି ଦେବାକୁ ହେବ । ଏହା ପ୍ରଚଣ୍ଡ ଶକ୍ତି ଦିଏ । ଯେତେବେଳେ ଭୌତିକ ମାନସ ରୂପାନ୍ତରିତ ହେବ ସେତେବେଳେ ପ୍ରେମର ସ୍ପନ୍ଦନ ପ୍ରଚୁର ଭାବରେ ଅନୁଭୂତ ହେବ ।''

(ଜୁଲାଇ ୨୧, ୧୯୬୫)

ଶ୍ରୀମା ଭୌତିକ ମାନସର କ୍ରିୟାକଳାପ ସମ୍ବନ୍ଧରେ ପୁଣି ବିସ୍ତୃତ ଭାବରେ ବୁଝାଇ ଥିଲେ ଯେ, ଭୌତିକ ମାନସର ସବୁଠାରୁ ବେଶୀ ଅଚେତନ ଅଂଶଟି ଜଡ଼ ପଦାର୍ଥ (matter) ସହିତ ସଂଯୁକ୍ତ ହୋଇଥାଏ । ଏହାହିଁ ସବୁଠାରୁ ବେଶୀ ପରାସ୍ତବାଦୀ, ଭୟାକୁଳ ହୋଇଥାଏ ଓ ଗୋଟିଏ କଥାକୁ ବାରଂବାର ପୁନରାବୃତ୍ତି କରୁଥାଏ । ଏହାକୁ ଜୀବକୋଷଗତ ମନ (corporeal mind) ବୋଲି କହି ପାରିବା, ଏହା ପଶୁମାନଙ୍କ ଭିତରେ ଥାଏ, ଜୀବନ ଅଭିବ୍ୟକ୍ତ ହେବା ମାତ୍ରେ ଏହା ଆରମ୍ଭ ହୋଇଛି । ଭୌତିକମାନସ କେବଳ ମଣିଷଠାରୁ ଆରମ୍ଭ ହୋଇଛି । ପୂର୍ଣ୍ଣଯୋଗ ଆରମ୍ଭ କରିବା ମାତ୍ରେ ଆମକୁ ଭୌତିକମାନସ ସହିତ କାରବାର କରିବାକୁ ହୁଏ । କିନ୍ତୁ ଏହି ଜୀବକୋଷଗତ ମନ ସମ୍ପୂର୍ଣ୍ଣ ଭାବରେ ନୂଆ । ଏହା ବଡ଼ ବିଶୃଙ୍ଖଳିତ ଭାବରେ ରହିଛି, ଯାହାକି ଏକ ନିରବଚ୍ଛିନ୍ନ କମ୍ପନ ।

କିନ୍ତୁ ଧୀରେ ଧୀରେ ମା' ଦେଖୁଥିଲେ ଯେ ଏହା ଉପରେ ରୂପାନ୍ତରକାରୀ ଶକ୍ତି କାମ କଲାବେଳେ ଏହା ନୀରବ ହୋଇ ଯାଇଛି ।

ପରବର୍ତ୍ତୀକାଳରେ ଶ୍ରୀମା ଜୀବକୋଷଗତ ମନ ଉପରେ ଅନେକ କିଛି କହିଛନ୍ତି, କାରଣ, ଜୀବକୋଷମାନଙ୍କ ସମ୍ବନ୍ଧରେ ଆମେମାନେ ନଜାଣିଲେ, ସଚେତନ ନହେଲେ ପୂର୍ଣ୍ଣଯୋଗର ଶେଷ ସିଦ୍ଧି ଆସି ପାରିବ ନାହିଁ । କିନ୍ତୁ ଏଥିପାଇଁ ତରବର ହେବାର ନାହିଁ । ଯେତେବେଳେ ଆମ ଜୀବନରେ, ଆମର ଯୋଗପଥରେ ଏ ସମୟ ଆସିବ, ଶ୍ରୀମା ଓ ଶ୍ରୀଅରବିନ୍ଦ ଆମର ମାର୍ଗଦର୍ଶନ କରିବେ — ଏହା ନିଃସନ୍ଦେହ । ❖

କାମ କରିବା ଏତେ ସହଜ କଥା ନୁହେଁ । ଭାବ ନାହିଁ ଯେ ଯେନତେନ-ପ୍ରକାରେଣ ବାହ୍ୟତଃ କର୍ମଟିକୁ ଶେଷ କରିଦେବା ହେଉଛି କର୍ମର ଯଥାର୍ଥ ଆଚରଣ । ସାଧାରଣଭାବେ 'ସାଧନା' କହିଲେ ଯାହା ବୁଝାଯାଏ, ତା' ଅପେକ୍ଷା କର୍ମ କରିବା ଅନେକ ଅଧିକ କଷ୍ଟସାଧ୍ୟ । ଧ୍ୟାନରେ ତୁମର ଚେତନା ଉଚ୍ଚକୁ ଉଠିଯାଏ ଏବଂ ସେଠାରେ ଏକ ଆଲୋକ ଓ ଶାନ୍ତିର ଅବସ୍ଥା ଭିତରେ ରହେ । କିନ୍ତୁ ଯଥାର୍ଥ କର୍ମରେ ତୁମକୁ ତାହା ମଧ୍ୟ କରିବାକୁ ହେବ ଏବଂ ତହିଁ ସଙ୍ଗେ ସଙ୍ଗେ ତା' ଅପେକ୍ଷା ଅନେକ ଅଧିକ କିଛି କରିବାକୁ ହେବ । ଜଣେ ଯୋଗୀକୁ ଯାହା କରିବାକୁ ହୁଏ ତୁମକୁ ସେସବୁ କରିବାକୁ ହେବ, ତୁମକୁ ସର୍ବୋଚ୍ଚ ଶିଖରରେ ପହଞ୍ଚିବାକୁ ହେବ ଏବଂ ସେହି ଚେତନା, ଆଲୋକ ଓ ଶାନ୍ତିକୁ ଓହ୍ଲାଇ ଆଣି ସେଗୁଡ଼ିକୁ ତୁମର ଦୈନନ୍ଦିନ କର୍ମରେ ଅଭିବ୍ୟକ୍ତ କରିବାକୁ ହେବ । ତୁମ ପାଇଁ କୌଣସି କର୍ମ ତାତ୍ପର୍ଯ୍ୟହୀନ ବା ନଗଣ୍ୟ ନୁହେଁ ।

*

ତୁମ କର୍ମରେ ଶୃଙ୍ଖଳା ଓ ସୁସଂଗତି ରହିବା ଉଚିତ । ଯଦି ତୁମ କର୍ମରେ ଏପରିକି ସାମାନ୍ୟତମ ଅସଂଗତି, ବିଶୃଙ୍ଖଳା ଏବଂ ବିଭ୍ରାନ୍ତି ଦେଖାଦିଏ, ତାହା ହେଲେ ମହାସରସ୍ୱତୀ ତୁମ କାର୍ଯ୍ୟରେ ଆଦୌ ସନ୍ତୁଷ୍ଟ ହୋଇ ପାରିବେ ନାହିଁ । ଏପରିକି ଆପାତତଃ ଯାହା ନଗଣ୍ୟ ଜିନିଷ ବୋଲି ମନେ ହୁଏ, ତାହାକୁ ତ୍ରୁଟିହୀନ ପୂର୍ଣ୍ଣତା ସହ ପରିଚ୍ଛନ୍ନତା, ସୌନ୍ଦର୍ଯ୍ୟ, ସଂଗତି ଓ ଶୃଙ୍ଖଳାର ବୋଧ ନେଇ ସମ୍ପନ୍ନ କରିବାକୁ ହେବ । ଉଦାହରଣ ସ୍ୱରୂପ ଏପରିକି ଯେତେବେଳେ ଘରଟିଏ ଓଳାଉ ଥାଅ ତୁମେ ତାହାକୁ ପ୍ରଥମ ଶ୍ରେଣୀର ଅସ୍ତ୍ରପୋଚାର ଗୃହ ପରି ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଚେଷ୍ଟା କରିବା ଉଚିତ ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା ୧୬୭ - ୬୮) — ଶ୍ରୀମା

# ଜୀବନ-ଜିଜ୍ଞାସା

(ଶ୍ରୀଅରବିନ୍ଦଙ୍କ ''**The Life Divine**'' ଗ୍ରନ୍ଥକୁ ଭିତ୍ତିକରି ଲିଖିତ)


## ଶ୍ରୀ ଅନିର୍ବାଣ


ପ୍ରକୃତି ପରିଚାଳିତ ମନୁଷ୍ୟର ଜୀବନ ଅତିବାହିତ ହେଉଛି ସତେ ଯେପରି ଏକ ଘୋର ସ୍ୱପ୍ନ ମଧ୍ୟରେ – ଏକ ଅନ୍ଧଶକ୍ତିର ତାଡ଼ନାରେ । ସେହି ଜୀବନର ବି ଗୋଟାଏ ଆପାତ-ଲକ୍ଷ୍ୟ ଅଛି; କିନ୍ତୁ ତାହା ଗଭୀର କିଂବା ଦୂରଦର୍ଶୀ ନୁହେଁ । ଅଧିକାଂଶଙ୍କର ଜୀବନଧାରା ଠିକ୍ ଏହିପରି; କିନ୍ତୁ ଏହାରି ମଧ୍ୟରେ କାହାରି କାହାରି ନିଦ୍ରାର ଗଭୀରତା ଫିକା ହୋଇ ଆସେ – ଏକପ୍ରକାର ନୂତନ ଧରଣର ଜୀବନ-ଜିଜ୍ଞାସା ଜାଗିଉଠେ । ମନେହୁଏ ଯାହା ପାଇଛି, ତାହାହିଁ ଚରମ ନୁହେଁ; ଦେହର ଦାବି, ପ୍ରାଣର ଆକୂତି, ମନର କଳ୍ପନାକୁ ଛାଡ଼ି ଅନ୍ୟକିଛି ଗୋଟାଏ ଅଛି ଯାହାକୁ ନ ପାଇଲେ ଜୀବନର ଅପୂର୍ଣ୍ଣତା କୌଣସି କିଛି ଦ୍ୱାରା ପୂରଣ ହୋଇପାରେ ନାହିଁ । ଏଇ ଅତୃପ୍ତିର ବେଦନାହିଁ ମନୁଷ୍ୟର ଚିତ୍ତକୁ ଲୋକୋତ୍ତରର ଅଭିଯାତ୍ରୀ କରେ,– ଅପୂର୍ଣ୍ଣ ଜୀବନର ପୂର୍ଣ୍ଣତାକୁ ସେ ଖୋଜେ ଅନ୍ତରର ଗଭୀରତାରୁ ଉତ୍ସାରିତ ଉଷାର ଆଲୋକରେ, ଆତ୍ମାର ବନ୍ଧନହୀନ ସ୍ୱତନ୍ତ୍ରତାରେ, ମୃତ୍ୟୁହୀନ ପ୍ରାଣ ଉଲ୍ଲାସରେ । ମନୁଷ୍ୟ ଚାହେଁ ଭୂମାକୁ । ଏହି ଚାହିଦା ଲୋକାୟତ୍ତ ନ ହେଲେ ବି ଏହା ଚିରନ୍ତନ ।

ଏହି ଚାହିଦାର ଏକ ଅଖଣ୍ଡ ରୂପ ଅଛି । ତା'ର ପରିଚୟ ମିଳେ – ଏଇ ମର୍ତ୍ତ୍ୟ ଆଧାରକୁହିଁ ଅମୃତରେ ପୂର୍ଣ୍ଣ କରିବାର, ଏଇ ପାର୍ଥିବ ଜଗତରେହିଁ ଦିବ୍ୟଜୀବନର ଆବିର୍ଭାବ ଘଟାଇବାର ଆକୂତିରେ । ସମଷ୍ଟି-ଚେତନାରେ ବର୍ତ୍ତମାନ ମଧ୍ୟ ଏ ଆକୂତି ସ୍ପଷ୍ଟ ନୁହେଁ । ବାଧା ଆସିଛି ମନୁଷ୍ୟର ଏକପାଖିଆ ମତୁଆଲ (dogmatic) ବୁଦ୍ଧିରୁ । ପରମ ସତ୍ୟ ଜଡ଼ ନା ଚୈତନ୍ୟ – ଏହି ପ୍ରଶ୍ନର ମୀମାଂସା ସେ ସମଗ୍ର ଦୃଷ୍ଟିର ଔଦାର୍ଯ୍ୟ ନେଇ କରିପାରି ନାହିଁ । ଦୁରାଗ୍ରହର ଆତିଶଯ୍ୟରେ କେତେବେଳେ ବା ସେ ଜଡ଼କୁ କରିଛି ବିଶ୍ୱର ଏକମାତ୍ର ତତ୍ତ୍ୱ, କେତେବେଳେ ବା ଚିତ୍‌କୁ; ଏଇ ଅଖଣ୍ଡ ତତ୍ତ୍ୱର ମଧ୍ୟରେହିଁ ଦୁଇଟିଯାକ ଯେ ଓତପ୍ରୋତ ହୋଇ ରହିଛି,– ଏହି ଅନୁଭବ ତା'ର ନିକଟରେ ସହଜ ହୋଇ ନାହିଁ ।

ଏହା ମଧ୍ୟରେ ଦାର୍ଶନିକ ମତ ହିସାବରେ ଜଡ଼ବାଦକୁ ସବୁରି ଉପରେ ସ୍ଥାନ ଦେବା ଖୁବ୍ ସହଜ, ଆଜିକାଲିକାର ଦସ୍ତୁର ତାହାହିଁ । ଜଡ଼ ହାତର ନିକଟରେ ଅଛି । ଜଡ଼ ନିରାଟ, ଜଡ଼ ମଧ୍ୟରୁହିଁ ଜୀବନର ଆରମ୍ଭ,– ତାହାକୁ ଏଡ଼ାଇ ଯିବାର କୌଣସି ଉପାୟ ନାହିଁ; ତେଣୁ ତାକୁ ବିଶ୍ୱର ଭିତ୍ତିମୂଳ ବୋଲି ମାନି ନେବାକୁ ପ୍ରାକୃତ ବୁଦ୍ଧିର କୌଣସି ଆପତ୍ତି ନାହିଁ । ଜଡ଼ବାଦୀର ଜଗତ୍-ବ୍ୟାଖ୍ୟା ସହଜ, କିନ୍ତୁ ସମ୍ପୂର୍ଣ୍ଣ ନୁହେଁ; ଅନେକ ରହସ୍ୟରହିଁ ମୀମାଂସା ତା'ର କ୍ଷେତ୍ର ମଧ୍ୟରେ ଆସେ ନାହିଁ । ତା'ର ସବୁଠାରୁ ବଡ଼ ବାଧା ହେଉଛି ଇନ୍ଦ୍ରିୟର ଗଣ୍ଡିକୁ କୌଣସି ପ୍ରକାରେ ସେ ଛାଡ଼ି ଯିବାକୁ ଭରସା ପାଏ ନାହିଁ । ତେବେ ତତ୍ତ୍ୱାନ୍ୱେଷଣର ନାମରେ ମନୁଷ୍ୟର ଅବୁଝା କଳ୍ପନାର ଉଦ୍ଦାମତାକୁ ତାହା ଯେ ଅନେକ ପରିମାଣରେ ସଂଯତ କରିଛି – ଜଡ଼ବାଦର ଏହି କୃତିତ୍ୱ ଅନସ୍ୱୀକାର୍ଯ୍ୟ ।

ଜଡ଼ବାଦର ବିପରୀତ ପାଖହିଁ ହେଲା ଚିଦ୍‌ବାଦ । ତାହାର ମତରେ ଏକମାତ୍ର ଚିତ୍‌ହିଁ ସତ୍ୟ,– ଜଡ଼ ମିଥ୍ୟା, ଜଗତ୍ ଏକ ବିଭ୍ରମ । ଜଡ଼ବାଦ ଯେପରି ଇନ୍ଦ୍ରିୟ ଉପରେ ନିର୍ଭର କରେ, ଏହା ସେପରି ନିର୍ଭର କରେ ଅତୀନ୍ଦ୍ରିୟ ଅନୁଭବର ଉପରେ । ଅନୁଭବର ସତ୍ୟତାକୁ ଅସ୍ୱୀକାର କରିବାର ଉପାୟ ନାହିଁ; କିନ୍ତୁ ତା'ର ସମଗ୍ରତା ସମ୍ପର୍କରେ ପ୍ରଶ୍ନ ଉଠାଇବା ନିଶ୍ଚୟ ଅଯୌକ୍ତିକ ନୁହେଁ । ଜଡ଼ବାଦୀ ବୈଜ୍ଞାନିକର ନାସ୍ତିକ୍ୟ ଏବଂ ଚିଦ୍‌ବାଦୀ ବୈରାଗୀର ନେତିମନ୍ତ୍ର – ଏହି ଦୁଇଟି ମଧ୍ୟରୁ କୌଣସିଟିରେହିଁ ମନୁଷ୍ୟର ସହଜବୁଦ୍ଧି ତୃପ୍ତ ହୁଏ ନାହିଁ । ଆକାଶକୁ ବାଦ୍ ଦେଇ କେବଳ ମାଟିକୁ କାମୁଡ଼ି ପଡ଼ି ରହିବାରେ ଯେପରି ଏକପାଖିଆ ହୋଇପଡ଼େ, ସେହିପରି ମାଟିର ଦାବିକୁ ଅସ୍ୱୀକାର କରି ଆକାଶରେ ମିଶିଯିବାର ଉତ୍କଟ ଆଗ୍ରହକୁ ମଧ୍ୟ ଜୀବନଧର୍ମର ସୁସ୍ଥ ପରିଚୟ ବୋଲି ସେ ମନେ କରିପାରେ ନାହିଁ । ଅବର୍ଣ୍ଣ ଆକାଶ ତା'ର ଅନୁପମ ବର୍ଣ୍ଣୈଶ୍ୱର୍ଯ୍ୟର ଗୋପନ ସଞ୍ଚୟକୁ ମାଟି ଉପରେ ଫୁଲ-ଫସଲରେ ଉଜାଡ଼ କରିଦେଉ,– ଏହାହିଁ ତା'ର ଅନ୍ତଃପ୍ରକୃତିର ଗଭୀର ଆକୂତି ।

ସମସ୍ୟାର ସମାଧାନ ହୋଇପାରେ ଦୃଷ୍ଟିର ପ୍ରସାରତା ଓ ଗଭୀରତା ଦ୍ୱାରା, ସମନ୍ୱୟ-ବୁଦ୍ଧିର ଔଦାର୍ଯ୍ୟ ଦ୍ୱାରା । ଦ୍ୱନ୍ଦ୍ୱବୁଦ୍ଧି ମନୁଷ୍ୟର ସ୍ୱାଭାବିକ, କିନ୍ତୁ ତାହା ବୋଲି ଦ୍ୱନ୍ଦ୍ୱ କୌଣସି ଗୋଟିଏ କୋଟିକୁ ଏକାନ୍ତ କରି ଧରିବା ସମ୍ୟକ୍ ଦର୍ଶନର ଅନୁକୂଳ ନୁହେଁ । ଇନ୍ଦ୍ରିୟଗ୍ରାହ୍ୟ ଜଡ଼ ଜଗତର ଏକ ଲକ୍ଷ୍ୟ ଏବଂ ଦାବି ଅଛି – ଏହା ଯେପରି ସତ୍ୟ, ସେହିପରି ଅତୀନ୍ଦ୍ରିୟ ଚିତ୍‌ଜଗତର ମଧ୍ୟ ଏକ ତାତ୍ପର୍ଯ୍ୟ ଓ ବୈଶିଷ୍ଟ୍ୟ ଅଛି – ଏହା ମଧ୍ୟ ସମାନଭାବେ ସତ୍ୟ । ଜଡ଼ ଏବଂ ଚିତ୍ ଏହି ଦୁଇଟିର ସଙ୍ଗମ ତୀର୍ଥ ବିଶ୍ୱଚେତନାରେ । ଏକ ଦିଗରେ ମହାକାଶର ଏକାନ୍ତ ନୈଃଶବ୍ଦ ମଧ୍ୟରେ ଚେତନାର ପରମ ମୁକ୍ତି, ଅନ୍ୟ ଏକ ଦିଗରେ ବ୍ୟାବହାରିକ ଜୀବନର କ୍ଷେତ୍ରରେ ଅପ୍ରବୁଦ୍ଧ ପ୍ରାଣଧର୍ମର କୋଳାହଳ – ଦୁଇଟି ମଧ୍ୟରେ ବିଶ୍ୱଚେତନାର ଏହି ଉଦାରଲୋକ । ଏଇ ବିଜ୍ଞାନ ଭୂମିରେ ବୁଦ୍ଧି ଇନ୍ଦ୍ରିୟର ବନ୍ଧନରୁ ମୁକ୍ତି ପାଏ ବୋଲି ଜଡ଼ ଏବଂ ଚିତ୍‌ର ମଧ୍ୟରେ କୌଣସି ବିରୋଧ ଦେଖାଯାଏ ନାହିଁ । ଅନ୍ତର୍ମୁଖ ବାସ୍ତବ ଅନୁଭବରେ ଚେତନା ଭାବମୟ, ଜଡ଼ ରୂପମୟ । ଭାବ ଏବଂ ରୂପ ଓତପ୍ରୋତ; ଭାବର ଗଭୀରରେ ରୂପର ଆକୃତି, ରୂପର ବକ୍ଷରେ ଭାବର ବ୍ୟଞ୍ଜନା । ଜଡ଼ ଚିତ୍‌ର ଘନବିଗ୍ରହ, ଚିତ୍ ଜଡ଼ର ସ୍ୱରୂପ ସତ୍ୟ ।

'ନେତି – ନେତି – ସେ ଏହା ନୁହନ୍ତି, ସେ ତାହା ନୁହନ୍ତି' – ଏହି ଅନୁଭବ ଯେପରି ସତ୍ୟ, ସେହିପରି 'ସେ ସବୁକିଛି ହୋଇଛନ୍ତି'– ଏହି ଅନୁଭବ ତ ମିଥ୍ୟା ନୁହେଁ । ଦୁଇଟିଯାକ ଅନୁଭୂତିକୁ ମିଳାଇ ଆମେ ଏହି ସିଦ୍ଧାନ୍ତରେ ପହଞ୍ଚିପାରୁ ଯେ ସେ ଆମ୍ଭମାନଙ୍କ ବୁଦ୍ଧିରଚିତ 'ଇତି' ବା 'ନେତି'ର କଳ୍ପନାର ବହିର୍ଭୂତ – ସେ ଅନିର୍ବଚନୀୟ । ତାଙ୍କ ସମ୍ପର୍କରେ ନେତିବାଦ ଆଣେ ଆତ୍ମାର ସ୍ୱାତନ୍ତ୍ର୍ୟ; ପୁନଶ୍ଚ ସେଇ ଭୂମିକାରେ ଇତିବାଦ ଫୁଟାଇ ତୋଳେ ତାଙ୍କର ଈଶ୍ୱରଯୋଗ ଦ୍ୱାରା ଅନୁପ୍ରାଣିତ ଯୋଗସ୍ଥ କର୍ମର ବୀର୍ଯ୍ୟ ଏବଂ ଉଲ୍ଲାସ । ଅପକ୍ଷପାତୀ ଅନୁଭୂତିରୁ ଜାଣିହେବ : ଉଭୟ ଅନୁଭୂତିହିଁ ସତ୍ୟ,– କାରଣ ଦୁଇଟିଯାକହିଁ ତାଙ୍କର ସ୍ୱରୂପର ଗୋଟିଏ ଗୋଟିଏ ଦିଗ ଅଥଚ ଏହା ମଧ୍ୟ ତାଙ୍କର ନିଃଶେଷ ପରିଚୟ ନୁହେଁ ।

ତାଙ୍କୁ ପାଇବାକୁ ହେବ, ଏହାହିଁ ହେଲା ଜୀବର ନିୟତି । ତାଙ୍କୁ ପାଇବା ଏବଂ ନିଜକୁ ପାଇବା ଏକହିଁ କଥା – କାରଣ ମୋ ମଧ୍ୟରେହିଁ ତାଙ୍କର ପ୍ରକାଶ । ସେହି ପ୍ରକାଶରେ ବୈଚିତ୍ର୍ୟ ଅଛି, ସ୍ତରେ ସ୍ତରେ ଉଠିଯିବା ଅଛି । ତାଙ୍କୁ ପାଇବାକୁ ହେଲେ ସବୁସ୍ତରକୁହିଁ ଅତିକ୍ରମ କରିଯିବାକୁ ହେବ । ଏହା ଯେପରି ଫୁଲର ପାଖୁଡ଼ା ମେଲିବା ପରି । ଫୁଲ ଛୋଟ ହେଉ, ବଡ଼ ହେଉ – ଫୁଟିବାର ନିୟମ ସବୁଗୁଡ଼ିକରହିଁ ଏକ । ଫୁଟିବାକୁ ହେବ – ଏହାହିଁ ହେଲା ଅସଲ କଥା । ତାହାହିଁ ଆତ୍ମାର ମୁକ୍ତି । ତାଙ୍କୁ କେନ୍ଦ୍ର କରିହିଁ ଚାଲିଛି ବିଶ୍ୱଶକ୍ତିର ପ୍ରତି ଢେଉରେ ପ୍ରକାଶିତ ହେବା । ସେ ଯାହା, ଆମ୍ଭମାନଙ୍କୁ ଠିକ୍ ତାହାହିଁ ହେବାକୁ ହେବ । ହେବାକୁ ହେବ ପୂରାପୂରି,– କୌଣସି ଦିଗଟିକୁ ଏଡ଼ାଇ ଦେଇ ନୁହେଁ ବା ଫୋପାଡ଼ି ଦେଇ ନୁହେଁ । ତାଙ୍କର ଅନ୍ତରରେ ସ୍ୱାତନ୍ତ୍ର୍ୟର ସ୍ତବ୍ଧତା, ଅଥଚ ବାହାରେ ଅଫୁରନ୍ତ ବିଭୂତିର ଉଲ୍ଲାସ । ଆମ୍ଭମାନଙ୍କ ଜୀବନର ଦିବ୍ୟ ନିୟତି ମଧ୍ୟ ଠିକ୍ ତାହାହିଁ । ଅବିଦ୍ୟାର ବୈଚିତ୍ର୍ୟ ମଧ୍ୟ ଦେଇ ଆମ୍ଭମାନଙ୍କର ପଥ; ତାକୁ ଧରିହିଁ ପହଞ୍ଚିବାକୁ ହେବ ବିଦ୍ୟାର କୂଳରେ, ଅନେକ ମୃତ୍ୟୁକୁ ପାରହୋଇହିଁ ଯିବାକୁ ହେବ ଅମୃତତ୍ୱର ସାଗର-ସଙ୍ଗମକୁ ।

କେବଳ ଜୀବ ନୁହେଁ, ବିଶ୍ୱ ମଧ୍ୟ ତାଙ୍କର ପ୍ରକାଶର ଅନ୍ୟ ଏକ ଦିଗ । ଜୀବ ଓ ଜଗତ୍ – ଏହି ଦୁଇଟିହିଁ ତାଙ୍କ ସ୍ୱରୂପର ସତ୍ୟ ବିଭୂତି । ଉଭୟର ଅତୀତ ହୋଇହିଁ ଉଭୟର ମଧ୍ୟରେ ସେ ଓହ୍ଲାଇ ଆସିଛନ୍ତି । ତାଙ୍କ ମଧ୍ୟରେ ଅଛି ବୋଲିହିଁ ଜୀବ ଓ ବିଶ୍ୱ ପରସ୍ପରକୁ ଜଡ଼ାଇ ରହିଛି । ଜୀବ ଓ ଜଗତ୍ ମିଥ୍ୟା ବି ନୁହେଁ, ନିଃସମ୍ପର୍କ ମଧ୍ୟ ନୁହେଁ । ଜଗତ୍ ଜୀବର ସାଧନାର କ୍ଷେତ୍ର; ଜଗତକୁ ଧରିହିଁ ତାକୁ ତାଙ୍କ ନିକଟକୁ ଉଠିଯିବାକୁ ହୁଏ । ବାହାରର ଜଗତ୍ ହୁଏତ ଭିତରେ ଆବର୍ତ୍ତିତ ହୋଇ ଆସେ – କିନ୍ତୁ ତଥାପି ତାହା ରହିଥାଏ; କାରଣ ଯଥାର୍ଥରେ ଜଗତହିଁ ଶକ୍ତିର ଲୀଳା,– ଶକ୍ତି ବ୍ୟତୀତ ସାଧନା ତ ସମ୍ଭବ ନୁହେଁ । ବିଶ୍ୱରୂପରେ ଯେଉଁ ଶକ୍ତିକୁ ସେ ବାହାରେ ପ୍ରକାଶିତ କରିଛନ୍ତି, ସେହି ଶକ୍ତିକୁହିଁ ପୁଣି ଆବର୍ତ୍ତିତ କରି ଆଣିଛନ୍ତି ଜୀବ ମଧ୍ୟରେ । ଜୀବ ତାଙ୍କରି ବିଶ୍ୱଶକ୍ତିର କେନ୍ଦ୍ର; ଅନ୍ଧ ଜଗତ୍ ଯେପରି ଜୀବ ମଧ୍ୟରେ ଚକ୍ଷୁ ଖୋଲିଛି । ତେଣୁ ଜୀବକୁ ଧରିହିଁ ପୁଣି ଜଗତ୍ ଆଗେଇଯାଏ ଆତ୍ମ-ସଚେତନ ପ୍ରଗତିର ପଥରେ । ଜୀବ ଓ ଜଗତ୍ ପରସ୍ପର ନିର୍ଭରଶୀଳ; ଏବଂ ଏହି ଉଭୟରହିଁ ସେ ହେଉଛନ୍ତି ଆଶ୍ରୟ ।

ପ୍ରଶ୍ନ ହେବ : ସେ ଯଦି ସବୁକିଛି ତେବେ ଜଗତରେ ଦୁଃଖ କାହିଁକି ? ଦୁଃଖ ଯେ ଅଛି, ତାହା ସ୍ୱୀକାର କରିବାକୁ ହେବ । କିନ୍ତୁ ଏହା ବି ସ୍ୱୀକାର କରିବାକୁ ହେବ ଯେ ଜୀବର ଚେତନା ତାକୁ ଚିରନ୍ତନ ବୋଲି ସ୍ୱୀକାର କରେ ନାହିଁ । ଦୁଃଖ

ଅଛି — ଏହା ଯେପରି ସତ୍ୟ, ସେପରି ବିଜ୍ଞାନ ଦ୍ୱାରା ହେଉ ବା ଦର୍ଶନ ଦ୍ୱାରା ହେଉ, ଜୀବ ଯେ ତାହାକୁ ଅତିକ୍ରମ କରି ଅଗ୍ରସର ହେବାକୁ ଚେଷ୍ଟା କରୁଛି,— ଏହା ମଧ୍ୟ ସତ୍ୟ । ସୁତରାଂ ଦୁଃଖ ଯଦି ଥାଏ, ତଥାପି ଦୁଃଖାଭାବ ମଧ୍ୟ ଅଛି, ଏବଂ ସେଠାରେ ପହଞ୍ଚିବାର ଉପାୟ ଓ ସାଧନା ମଧ୍ୟ ଅଛି । ସୁଖ-ଦୁଃଖର ଦ୍ୱନ୍ଦ୍ୱ ଆପେକ୍ଷିକ,— ଜୀବନର ତାହା ପ୍ରଥମରେ ସତ୍ୟ ହେଲେ ବି ଅନ୍ତିମ ସତ୍ୟ ନୁହେଁ । ଏହି ଦ୍ୱନ୍ଦ୍ୱ ସଂକୀର୍ଣ୍ଣ ଅହଂର ନିକଟରେ, କିନ୍ତୁ ଭୂମାର ନିକଟରେ ନୁହେଁ । ଜୀବ ଚାଲିଛି ଭୂମାର ଦିଗରେ । ଦ୍ୱନ୍ଦ୍ୱବୋଧ ତା'ର ଅହଂକାରର ଚାଲିବା ପଥର ସୃଷ୍ଟି । ଚେତନାର ବିଲୋପରେ ସେସବୁର ବିଲୋପ ଘଟାଯାଇ ପାରେ ଅବଶ୍ୟ,— କିନ୍ତୁ ତାହାହେଲା ସର୍ବନାଶର ସାଧନା । ଚେତନାର ପ୍ରସାରରେ ଏବଂ ରୂପାନ୍ତରରେ ମଧ୍ୟ ସେସବୁର ରୂପାନ୍ତର ଘଟାଇବା ସମ୍ଭବ; ତାହାହିଁ ଆମ୍ଭମାନଙ୍କର କାମ୍ୟ ।

(ଶ୍ରୀ ଅନିର୍ବାଣଙ୍କର 'ଦିବ୍ୟ-ଜୀବନ-ପ୍ରସଙ୍ଗ' ଗ୍ରନ୍ଥରୁ ଅନୂଦିତ ।)

ଅନୁବାଦ : ଶ୍ରୀପତି ଦାସ

The closer you come to the Divine, the more you live under a shower of overwhelming evidence of His immeasurable Grace.
(CWM Vol. 14, p. 89) — The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

ସାଧନା-ପରମ୍ପରା :

# ଯୋଗବାଶିଷ୍ଠ ରାମାୟଣ

## (୩)

[ସଂସ୍କୃତ ଭାଷାରେ ବତିଶ ହଜାର ଶ୍ଳୋକ ବା ଚଉଷଠି ହଜାର ପଂକ୍ତି ସମ୍ବଳିତ ଏହି 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥଟି ବେଦାନ୍ତ ଦର୍ଶନ ଉପରେ ଆଧାରିତ । ବିଷୟବସ୍ତୁକୁ ଏହିପରି ଏକ ଆଖ୍ୟାନ ଅବଲମ୍ବନରେ ଉପସ୍ଥାପିତ କରାଯାଇଛି : ଯୁବରାଜ ରାମଚନ୍ଦ୍ରଙ୍କର ବୈରାଗ୍ୟ ଉଦୟ ଫଳରେ ଯେତେବେଳେ ସେ ରାଜକାର୍ଯ୍ୟ ଓ ସଂସାରର ଅନ୍ୟାନ୍ୟ କର୍ମ, ଭୋଗ, ସମ୍ପଦ ଓ ଐଶ୍ୱର୍ଯ୍ୟ ଆଦି ପ୍ରତି ଉଦାସୀନ ଓ ବୀତଶ୍ରଦ୍ଧ ହୋଇ ବିମର୍ଷ ହୋଇ ପଡ଼ିଲେ ସେତେବେଳେ ମହାରାଜା ଦଶରଥଙ୍କ ଅନୁରୋଧ କ୍ରମେ ମହର୍ଷି ବଶିଷ୍ଠ ତାଙ୍କ ଭିତରେ ବିମର୍ଷତା ଦୂର କରି ସବୁକିଛି ସମ୍ପର୍କରେ ଯଥାର୍ଥ ମନୋଭାବ ଓ ସତ୍ୟଦୃଷ୍ଟି ଆଣି ଦେବା ପାଇଁ ତାଙ୍କ ଆଗରେ ଅଜସ୍ର ଉପଦେଶ, ଗଳ୍ପ, ଆଖ୍ୟାୟିକା ଓ ତାତ୍ତ୍ୱିକ ବ୍ୟାଖ୍ୟା ଆଦି ବାଢ଼ି ଆତ୍ମଜ୍ଞାନ ଓ ନିର୍ବାଣ ବା ମୁକ୍ତିକୁ ଜୀବନର ଲକ୍ଷ୍ୟ ରୂପେ ଉପସ୍ଥାପିତ କଲେ ଓ ଯଥାର୍ଥ ସତ୍ୟଦୃଷ୍ଟି ଥିଲେ ଏହି ଲକ୍ଷ୍ୟ ଲାଭରେ ସଂସାରର କୌଣସି କର୍ମ ବାଧାସ୍ୱରୂପ ହୁଏ ନାହିଁ ବୋଲି ବୁଝାଇ ଦେଲେ ।

ଏହି ଗ୍ରନ୍ଥଟି 'ମହାରାମାୟଣ', 'ଆର୍ଷ ରାମାୟଣ', 'ଜ୍ଞାନବାଶିଷ୍ଠ', 'ବାଶିଷ୍ଠ ରାମାୟଣ' ବା କେବଳ 'ବାଶିଷ୍ଠ' ନାମରେ ମଧ୍ୟ ପରିଚିତ । ଏହାର ରଚନାକାଳ ସମ୍ପର୍କରେ ନାନା ମତପାର୍ଥକ୍ୟ ରହିଥିଲେ ମଧ୍ୟ ଏହା ଆନୁମାନିକ ଷଷ୍ଠ ଖ୍ରୀଷ୍ଟାବ୍ଦରେ ରଚିତ ବୋଲି ଅନେକଙ୍କର ମତ ।]

### ପ୍ରହ୍ଲାଦଙ୍କର ଆତ୍ମଜ୍ଞାନଲାଭ

ବଶିଷ୍ଠ କହିଲେ – ହେ ରାମ ! ଏକ୍ଷଣି ତୁମ ନିକଟରେ ଦୈତ୍ୟପତି ପ୍ରହ୍ଲାଦଙ୍କ ଆତ୍ମଜ୍ଞାନଲାଭ ବିଷୟକ ବୃତ୍ତାନ୍ତ କହୁଅଛି, ଶ୍ରବଣ କର । ପାତାଳ ଦେଶରେ ହିରଣ୍ୟକଶିପୁ ନାମକ ଏକ ଦୈତ୍ୟରାଜ ବାସ କରୁଥିଲେ । ସେ ଇନ୍ଦ୍ରଙ୍କ ନିକଟରୁ ଏହି ତ୍ରୈଲୋକ୍ୟ ରାଜ୍ୟ ଜୟ କରି ପ୍ରବଳ ପ୍ରତାପ ସହିତ ରାଜତ୍ୱ କରୁଥିଲେ । କାଳକ୍ରମେ ତାଙ୍କର କତିପୟ ପୁତ୍ର ଜନ୍ମଗ୍ରହଣ କଲେ; ତନ୍ମଧ୍ୟରେ ପ୍ରହ୍ଲାଦ ହେଲେ ପ୍ରଧାନ । ସେହି ପ୍ରହ୍ଲାଦଙ୍କୁ ସହାୟରୂପେ ପ୍ରାପ୍ତ ହୋଇ ହିରଣ୍ୟକଶିପୁ ମଦସ୍ରାବୀ ଗଜରାଜ ପରି ମଦମତ୍ତ ହୋଇଥିଲେ । ପ୍ରହ୍ଲାଦଙ୍କ ବିକ୍ରମ-ସଂଯୁକ୍ତ ହିରଣ୍ୟକଶିପୁଙ୍କ ପ୍ରତାପରେ ଉତ୍ତେଜିତ ହୋଇ ଦେବଗଣ ସେତେବେଳେ ପୁରୁଷୋତ୍ତମ ନାରାୟଣଙ୍କ ନିକଟରେ ତାଙ୍କ ବଧ ପାଇଁ ପ୍ରାର୍ଥନା କରିବାରୁ, ସେ ନରସିଂହମୂର୍ତ୍ତି ଧାରଣପୂର୍ବକ ସେହି ମହାଦୈତ୍ୟକୁ ବଧ କଲେ । ହିରଣ୍ୟକଶିପୁ ନିହତ ହେବାରୁ ନରସିଂହରୂପୀ ବିଷ୍ଣୁଙ୍କ ନେତ୍ରରୁ ବହ୍ନି ନିର୍ଗତ ହେବାକୁ ଲାଗିଲା । ସେହି ବହ୍ନିଜ୍ୱାଳାରେ ପୁରବାସୀ ଦୈତ୍ୟଗଣ ଦଗ୍ଧ ହୋଇ ପ୍ରାଣତ୍ୟାଗ କଲେ ଏବଂ ହତାବଶିଷ୍ଟ ଦାନବଗଣ ଭୟରେ ଇତସ୍ତତଃ ପଳାୟନ କଲେ । ନୃସିଂହଦେବ ଏପରି ଦୈତ୍ୟଗଣଙ୍କୁ ଧ୍ୱଂସ କରିବାରୁ ଦେବଗଣ ଆସି ଭକ୍ତିଯୁକ୍ତ ଚିତ୍ତରେ ତାଙ୍କର ପୂଜାକଲେ ଏବଂ ଦେବଗଣଙ୍କର ପୂଜା ଗ୍ରହଣ କରି ସେମାନଙ୍କୁ ଆଶ୍ୱାସ ପ୍ରଦାନପୂର୍ବକ ସେ ଅନ୍ତର୍ହିତ ହେଲେ । ହତାବଶିଷ୍ଟ ଦାନବଗଣଙ୍କ ସହିତ ପ୍ରହ୍ଲାଦ ସେହି ଦଗ୍ଧ ଅସୁରପୁରୀରେ ପ୍ରବେଶ କଲେ । ତା'ପରେ ନିହତ ଦାନବଗଣଙ୍କର ଔର୍ଦ୍ଧ୍ୱଦୈହିକ କ୍ରିୟା ସମ୍ପନ୍ନ କରି ପ୍ରହ୍ଲାଦଙ୍କ ସହିତ ସମସ୍ତେ ବିଷଣ୍ଣ ଓ ଉଦ୍‌ବିଗ୍ନ ଚିତ୍ତରେ ସେଠାରେ ଅବସ୍ଥାନ କଲେ ।

ବଶିଷ୍ଠ କହିଲେ – ଅନନ୍ତର ପ୍ରହ୍ଲାଦ ଦୁଃଖାକୁଳ ଚିତ୍ତରେ ମୌନାବଲମ୍ବନ କରି ଭାବିବାକୁ ଲାଗିଲେ ଯେ – ବର୍ତ୍ତମାନ ଆମ୍ଭମାନଙ୍କର ଉପାୟ କ'ଣ ? ଅସୁରକୁଳରେ ଯେତେବେଳେ ଯେଉଁ ବ୍ୟକ୍ତି ପ୍ରତାପବାନ୍ ହେବ, ଭଗବାନ୍ ହରି ତାକୁ ସେତେବେଳେ ସଂହାର କରିବେ । ଏହି ପାତାଳ ରାଜ୍ୟରେ କେତେ ପ୍ରତାପଶାଳୀ ଦୈତ୍ୟ ଜନ୍ମଗ୍ରହଣ କଲେ; କିନ୍ତୁ ହିମାଳୟ ପର୍ବତରେ ଜାତ ପଦ୍ମ ପରି କେହି ସ୍ଥାୟୀ ହେଲେ ନାହିଁ । ହାୟ ! ଆମ୍ଭମାନଙ୍କର କି ଦୁଃଖ ! ଯେଉଁ ଦେବଗଣ ମୋ ପିତାଙ୍କ ପାଦପୀଠ ମାର୍ଜିତ କରୁଥିଲେ, ସେମାନେ ଏବେ ସେହି ପିତୃଦେବଙ୍କ ରାଜ୍ୟ ଆକ୍ରମଣ କରୁଛନ୍ତି । ଆମ୍ଭମାନଙ୍କ ବାନ୍ଧବବର୍ଗ ଏବେ ହୀନବଳ ଓ ଭଗ୍ନୋତ୍ସାହ ହୋଇ ଦୀନଭାବେ ଅବସ୍ଥାନ କରୁଛନ୍ତି । ହାୟ, ବିଧାତାଙ୍କ ଅସାଧ୍ୟ କିଛି ନାହିଁ । ଏବେ ସାମାନ୍ୟ ଗୋଟିଏ ପତ୍ରର ପତନଶବ୍ଦ ଶୁଣି ଦାନବକାମିନୀଗଣ ଶତ୍ରୁ ଆଗମନ ଆଶଙ୍କା କରି ଭୀତ

ହେଉଛନ୍ତି । ପରାକ୍ରମଶାଳୀ ହରିଙ୍କ ଅପ୍ରସନ୍ନତାରେ ଆଜି ଆମ୍ଭମାନଙ୍କ ଏହି ଦୈନ୍ୟଜନିତ ବିପଦ ଉପସ୍ଥିତ ହୋଇଅଛି । ଦେବଗଣଙ୍କ ପ୍ରତି ବିଷ୍ଣୁ ପ୍ରସନ୍ନ ବୋଲି ସେମାନେ କେବେହେଲେ ସନ୍ତାପଗ୍ରସ୍ତ ହୁଅନ୍ତି ନାହିଁ । ସେହି ମଧୁସୂଦନଙ୍କୁ ଆକ୍ରମଣ କରି କେହି ପରାଭୂତ କରିପାରିବେ ନାହିଁ । ହରି ନିରସ୍ତ୍ର ଅବସ୍ଥାରେ ଥିଲେ ମଧ୍ୟ ଦୁର୍ଜେୟ । କାରଣ ଅସ୍ତ୍ର ଦ୍ୱାରା ହରିଙ୍କୁ ଛିନ୍ନ କରିହେବ ନାହିଁ । ମୁଁ ତାଙ୍କୁ ଆକ୍ରମଣ କରିବାର ଏକ ଉପାୟ ଉଦ୍ଭାବନ କରିଅଛି । ଏହାଛଡ଼ା ତାଙ୍କୁ ବଶୀଭୂତ କରିବାର ଅନ୍ୟ କୌଣସି ଉପାୟ ନାହିଁ । ଏହି ଜଗତରେ ତଦପେକ୍ଷା ପ୍ରଧାନ ଅନ୍ୟ ଆଉ କେହି ନାହାନ୍ତି । ସେହିଁ ଜଗତର ସୃଷ୍ଟି, ସ୍ଥିତି ଓ ଲୟର କାରଣ । ମୁଁ ଏହି ସମୟରୁ ସକଳ କର୍ମରେ, ସକଳ ବୁଦ୍ଧିରେ ଓ ସକଳ ବସ୍ତୁରେ ସେହି ହରିଙ୍କର ଆଶ୍ରୟ ଗ୍ରହଣ କରିବି । ଆକାଶରେ ଯେପରି ସବୁ ସମୟରେ ବାୟୁ ଅବସ୍ଥାନ କରେ, ସେହିପରି 'ନମୋ ନାରାୟଣାୟ' ଏହି ମନ୍ତ୍ର ମୋ ହୃଦୟରୁ କେବେହେଲେ ଅପଗତ ହେବ ନାହିଁ । ମୋ ନିକଟରେ ଏକ୍ଷଣି ଆକାଶ, ଦିକ୍‌ସମୂହ, ପୃଥିବୀ ଏପରିକି ଏହି ସମସ୍ତ ଜଗତହିଁ ହରି । ମୁଁ ହେଲି ସେହି ହରି ନାମକ ଅପ୍ରମେୟ ଆତ୍ମା; ଏକ୍ଷଣି ମୁଁ ହରିମୟ ହୋଇଯାଇଛି । କାରଣ, ନିଜେ ବିଷ୍ଣୁ ନହୋଇ ବିଷ୍ଣୁଙ୍କୁ ପୂଜା କଲେ ସେହି ପୂଜାରେ ଫଳଲାଭ ହୁଏନା; ସେଥିପାଇଁ ନିଜେ ବିଷ୍ଣୁ ହୋଇ ବିଷ୍ଣୁଙ୍କୁ ପୂଜା କରିବା କର୍ତ୍ତବ୍ୟ ଏବଂ ଏଥିପାଇଁ ମୁଁ ଏହିକ୍ଷଣି ବିଷ୍ଣୁ ରୂପରେ ଅବସ୍ଥାନ କରୁଛି । ଏହି ବିନତାତନୟ ଗରୁଡ଼ ମୋର ବାହନ ହୋଇଅଛନ୍ତି । କ୍ଷୀରସମୁଦ୍ରୋଦ୍ଭବା ଲକ୍ଷ୍ମୀ ଚାମର ଚାରଣପୂର୍ବକ ମୋ ନିକଟରେ ଉପବିଷ୍ଟା । ଜଗନ୍ନିର୍ମାଣ ପଟୀୟସୀ ଏହି ମୋର ମାୟାଶକ୍ତି ମଧ୍ୟ ଏକ ପାର୍ଶ୍ୱରେ ଅବସ୍ଥିତା । ଚନ୍ଦ୍ର ଓ ସୂର୍ଯ୍ୟରୂପୀ ଏହି ମୋର ନେତ୍ରଯୁଗଳ ସଂସାର ଉଦ୍ଭାସିତ କରୁଅଛନ୍ତି । ଏହି ମୋ ହସ୍ତରେ ପାଞ୍ଚଜନ୍ୟ ଶଙ୍ଖ ରହିଅଛି । ଏହି ମୋର ଅସୁରଘାତିନୀ ସ୍ୱର୍ଣ୍ଣମୟୀ ଗଦା ଓ ସୂର୍ଯ୍ୟ ସଦୃଶ ସମୁଜ୍ଜ୍ୱଳ ସୁଦର୍ଶନ ଚକ୍ର । ନନ୍ଦକ ନାମକ ଏହି ମୋର ଖଡ୍‌ଗ ସମ୍ମୁଖରେ ଅବସ୍ଥିତ । ଏହି ମୋର ଶାରଙ୍ଗଧନୁ ରହିଅଛି । ଏହି ଉଦର ମଧ୍ୟରେ ମୁଁ ଅନନ୍ତ ଜଗତ୍ ଧାରଣ କରି ରହିଅଛି । ପୃଥିବୀ ମୋର ଚରଣ, ଆକାଶ ମସ୍ତକ, ଜଗତ୍ ମୋର ଶରୀର, ଦିକ୍‌ଚକ୍ର ମୋର କୁକ୍ଷୀଦେଶ । ମୁଁ ଶଙ୍ଖ-ଚକ୍ର-ଗଦାୟୁଧ ଗରୁଡ଼ାରୂଢ଼ ସାକ୍ଷାତ୍ ବିଷ୍ଣୁ । ମୋ ସହିତ କିଏ ଯୁଦ୍ଧ କରିବ ? ଯିଏ କରିବ, ସେ ବହ୍ନି ନିପତିତ ଶଲଭ ପରି ତତ୍‌କ୍ଷଣାତ୍ ମୃତ୍ୟୁମୁଖରେ ନିପତିତ ହେବ । ମୁଁ ବିଷ୍ଣୁରୂପୀ ଈଶ୍ୱର; ବ୍ରହ୍ମା, ଶିବ, ଇନ୍ଦ୍ର, ଅଗ୍ନି ଓ ଦେବଦାନବବୃନ୍ଦ ଚତୁର୍ଦ୍ଦିଗରେ ଦଣ୍ଡାୟମାନ ଥାଇ ମୋର ସ୍ତବ କରୁଅଛନ୍ତି । ମୋ ମହିମା ଚତୁର୍ଦ୍ଦିଗରେ ବିସ୍ତୃତ । ଏବମ୍ଭୂତ ଭବଭୟହାରୀ ମୋତେ ମୁଁ ପ୍ରଣାମ କରୁଛି ।

ବଶିଷ୍ଠ କହିଲେ – ଏହିପରି ଭାବନା କରି ପ୍ରହ୍ଲାଦ ନାରାୟଣମୂର୍ତ୍ତି ଧାରଣପୂର୍ବକ ପୁନରାୟ ଚିନ୍ତା କରିବାକୁ ଲାଗିଲେ – ମୁଁ ଯେ କଳ୍ପନାବଳରେ ନିଜଠାରେ ବିଷ୍ଣୁମୂର୍ତ୍ତି ସଂସ୍ଥାପିତ କଲି, ଏହା ବ୍ୟତୀତ ବିଷ୍ଣୁଙ୍କର ଅନ୍ୟ କୌଣସି ମୂର୍ତ୍ତି ନାହିଁ । ସୁତରାଂ ମୋର ଏହି ବିଷ୍ଣୁମୂର୍ତ୍ତିକୁ ପୁଷ୍ପାଞ୍ଜଳି ଦ୍ୱାରା ଆବାହନ କରି ବାହାରେ ସଂସ୍ଥାପିତ କଲି । ମୁଁ ଅନ୍ତରରେ ବିଷ୍ଣୁମୂର୍ତ୍ତି ଧାରଣ କରି, ବାହାରେ ମଧ୍ୟ ବିଷ୍ଣୁରୂପେ ଅବସ୍ଥାନ କଲି । ମୁଁ ଏବେ ବିଷ୍ଣୁଙ୍କ ମାନସପୂଜା ସମ୍ପନ୍ନ କରି, ତାହାପରେ ଏହି ବହିଃସ୍ଥିତ ମୋ ବିଷ୍ଣୁମୂର୍ତ୍ତିଙ୍କର ପୂଜା କରିବି । ଏହିପରି ଚିନ୍ତାକରି ପ୍ରହ୍ଲାଦ ସେତେବେଳେ ମନେ ମନେ ନାନାବିଧ ଉପଚାର ଦ୍ୱାରା କମଳାପତି ବିଷ୍ଣୁଙ୍କୁ ମାନସପୂଜା କଲେ ଏବଂ ମାନସପୂଜା ସମ୍ପନ୍ନ ହେବା ପରେ ସେହି ଦେବାଗାରରେ ବସି ନାନା ବାହ୍ୟବସ୍ତୁ ଦ୍ୱାରା ବାହାରେ ସଂସ୍ଥାପିତ ବିଷ୍ଣୁଙ୍କ ପୂଜା କଲେ । ଏହିପରି ପୂଜା କରି ପ୍ରହ୍ଲାଦଙ୍କ ମନ ଅତିଶୟ ସନ୍ତୁଷ୍ଟ ହେଲା । ଏଥିପାଇଁ ସେ ତଦବଧି ପ୍ରତ୍ୟହ ଭକ୍ତିପୂର୍ବକ ପରମେଶ୍ୱର ବିଷ୍ଣୁଙ୍କ ଆରାଧନା କରିବାକୁ ଲାଗିଲେ ।

*

ବଶିଷ୍ଠ କହିଲେ – ପ୍ରହ୍ଲାଦଙ୍କ ପୂଜା ଓ ସ୍ତୁତିବାକ୍ୟରେ ସନ୍ତୁଷ୍ଟ ହୋଇ ଅସୁରନିଧନକାରୀ ଭଗବାନ୍ ହରି ସେତେବେଳେ ମେଘ-ଗମ୍ଭୀର ସ୍ୱରରେ ଦୈତ୍ୟପତି ପ୍ରହ୍ଲାଦଙ୍କୁ କହିଲେ – ହେ ଦୈତ୍ୟକୁଳଚୂଡ଼ାମଣି ପ୍ରହ୍ଲାଦ ! ତୋତେ ଆଉ ଯଦ୍ଦ୍ୱାରା ଜନ୍ମମରଣ ଦୁଃଖ ଭୋଗ କରିବାକୁ ନହେବ, ତୁ ସେହିପରି ବର ପ୍ରାର୍ଥନା କର । ପ୍ରହ୍ଲାଦ କହିଲେ – ସର୍ବାନ୍ତର୍ଯାମୀ ବିଭୋ ! ମୋ ବିଷୟରେ ଆପଣ ଯାହା ଭଲ ମନେ କରନ୍ତି ତାହାହିଁ ଆଦେଶ କରନ୍ତୁ । ଭଗବାନ୍ କହିଲେ – ହେ ଅନଘ ! ଯେତେଦିନ ତୋର ବ୍ରହ୍ମଙ୍କଠାରେ ବିଶ୍ରାମ ଲାଭ ନ ଘଟିଛି, ସେତେଦିନ ତୁ ନିରତିଶୟ ଆନନ୍ଦ ଲାଭ ପାଇଁ ବିଚାରପରାୟଣ ହୁଅ ।

ବଶିଷ୍ଠ କହିଲେ – ଭଗବାନ୍ ବିଷ୍ଣୁ ଏହି କଥା କହି ଅନ୍ତର୍ହିତ ହେବାରୁ ଦୈତ୍ୟରାଜ ପ୍ରହ୍ଲାଦ ପଦ୍ମାସନରେ ଉପବେଶନ କରି ଏହିପରି ଚିନ୍ତା କରିବାକୁ ଲାଗିଲେ – ଭଗବାନ୍ ହରି

ମୋତେ ବିଚାରପରାୟଣ ହେବାକୁ କହିଗଲେ । ସୁତରାଂ ମୁଁ ବର୍ତ୍ତମାନ ଆତ୍ମବିଚାରରେ ପ୍ରବୃତ୍ତ ହୁଏ । ଜଗତରେ ଥାଇ ମୁଁ ଏହି ଯେଉଁ ଗମନ, ଭୋଜନ, ଶୟନ ଓ ବାକ୍ୟୋଚ୍ଚାରଣ ପ୍ରଭୃତି କରୁଅଛି, ଏହି ମୁଁ କିଏ ? ଏହି ଯେଉଁ ବାହାରେ ଅବସ୍ଥିତ ଜଗତ୍, ଏହା ମୁଁ ନୁହେଁ – ତେବେ ମୁଁ କିଏ ? ଏହି ଯେଉଁ ନଶ୍ୱର ଶରୀର, ଏହା ମଧ୍ୟ ମୁଁ ତ ନୁହେଁ ? କାରଣ ଶରୀର ହେଲା ଅଚେତନ; କିନ୍ତୁ ମୁଁ ସଚେତନ । ଶବ୍ଦ, ସ୍ପର୍ଶ, ରସ, ରୂପ, ଗନ୍ଧ – ଏସବୁ ତ ମୁଁ ନୁହେଁ – କାରଣ ଏସବୁ ଅଚେତନ । ଆଉ ପଞ୍ଚ ଇନ୍ଦ୍ରିୟ ରୂପ ଭ୍ରାନ୍ତି ମଧ୍ୟ ମୋଠାରେ ନାହିଁ । ସୁତରାଂ ମୁଁ ହେଲି ମନହୀନ, ନିର୍ମଳ, ଶାନ୍ତ, ବିଶୁଦ୍ଧ ଚେତନା । ଏହି ସଦ୍‌ରୂପ ଓ ସର୍ବବ୍ୟାପୀ ଚିନ୍ମାତ୍ର ମୁଁହିଁ ସମସ୍ତ ବସ୍ତୁକୁ ପ୍ରକାଶ କରିଥାଏ । ସୂର୍ଯ୍ୟଠାରୁ ଆରମ୍ଭ କରି ଘଟପଟ ପ୍ରଭୃତି ସବୁ ବସ୍ତୁହିଁ ମୁଁ ପ୍ରକାଶ କରିଅଛି । ସୁତରାଂ ମୁଁ ସେହି ସପ୍ରକାଶ ଆତ୍ମା; ମୋ କର୍ତ୍ତୃକ ଏହି ଇନ୍ଦ୍ରିୟ ସବୁ ସ୍ଫୁରିତ ହେଉଅଛି । ଦର୍ପଣ ଯେପରି ପ୍ରତିବିମ୍ବର ବିଶ୍ରାମଭୂମି, ସେହିପରି ଆତ୍ମାହିଁ ପଦାର୍ଥସବୁର ଅନୁଭବ ଓ ବିଶ୍ରାମ ସ୍ଥାନ । ଏହି ଆତ୍ମାଙ୍କ ଅନୁଗ୍ରହରେ ଜଳର ଦ୍ରବଭାବ, ପର୍ବତର କାଠିନ୍ୟ, ଚନ୍ଦ୍ରଙ୍କ ଶୀତଳତା ଓ ସୂର୍ଯ୍ୟଙ୍କ ଉଷ୍ଣତା ସିଦ୍ଧ ହୋଇଅଛି । ଆକାଶାଦି ଏହି ପଦାର୍ଥସବୁର ଆତ୍ମାହିଁ କାରଣ । ସେ ସତ୍‌ସ୍ୱରୂପରେ ବର୍ତ୍ତମାନ ଥାଇ ସବୁ କାର୍ଯ୍ୟ ବ୍ୟାପ୍ତ କରି ରହିଛନ୍ତି । କିନ୍ତୁ ଆତ୍ମା ନିଜେ କାରଣଶୂନ୍ୟ । ସୃଷ୍ଟି, ସ୍ଥିତି ଓ ସଂହାରର କାରଣ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ଯେଉଁ ଜଗଦ୍‌ବ୍ୟବସ୍ଥା, ଏହି ପ୍ରତ୍ୟକ୍‌ରୂପୀ ଆତ୍ମାହିଁ ତାହାର କାରଣ । ଦ୍ରଷ୍ଟା, ଦୃଶ୍ୟ ପ୍ରଭୃତି ନାମବିବର୍ଜିତ । ନିତ୍ୟ ଓ ସ୍ୱୟଂପ୍ରକାଶ ସେହି ଆତ୍ମାହିଁ ମୁଁ । ସୁତରାଂ ମୁଁ ମୋତେ ନମସ୍କାର କରୁଛି । ନିର୍ବିକଳ୍ପ ଏହି ଆତ୍ମାଙ୍କଠାରେ ସମଗ୍ର ଭୂତ ଗୁଣରୂପେ ଅବସ୍ଥିତ ରହିଛନ୍ତି, ପୁଣି ଏହି ଆତ୍ମାଙ୍କଠାରେ ପ୍ରବିଷ୍ଟ ହେଉଛନ୍ତି । ଏହି ଆତ୍ମା ଅନ୍ତର୍ଯାମୀ ହୋଇ ଯାହା ସଂକଳ୍ପ କରନ୍ତି, ତାହାହିଁ ସମ୍ପନ୍ନ ହୁଏ । ନିଜ ସତ୍ତାରୁ ସତ୍ତାସମ୍ପନ୍ନ କରି ସେ ଯାହାକୁ ଯେଉଁ ଆକାରରେ ପ୍ରକାଶିତ କରନ୍ତି, ସେ ସେତେବେଳେ ସେହି ଆକାରରେ ପ୍ରକାଶ ପାଇଥାଏ । ଯାହାଠାରେ ଚିଦାତ୍ମାଙ୍କ ସତ୍ତା ନାହିଁ, ତାହା ସତ୍ ପଦାର୍ଥ ହେଲେ ମଧ୍ୟ ଅସତ୍ ହୋଇପଡ଼େ । ଦର୍ପଣରୂପୀ ଏହି ବ୍ରହ୍ମାକାଶଙ୍କଠାରେ ଯେ କେତେ ଶତସହସ୍ର ଜଗତ୍ ପ୍ରତିବିମ୍ବିତ ହେଉଅଛି, ତାହାର ସଂଖ୍ୟା ଗଣନା କରାହୋଇ ପାରେନା । ଏହି ବ୍ରହ୍ମାକାଶଙ୍କୁ ଅଜ୍ଞ ବ୍ୟକ୍ତିମାନେ ଦେଖିପାରନ୍ତି ନାହିଁ; ଚିତ୍ତ ଯେଉଁମାନଙ୍କର ବିଗଳିତ ହୋଇଅଛି, ସେହି ସାଧୁଗଣ ଏହି ଆକାଶକୁ ପ୍ରାପ୍ତ ହୋଇଥା'ନ୍ତି । ଏହି ବ୍ରହ୍ମାକାଶଙ୍କଠାରୁ ଚଞ୍ଚଳ ସଂସାର ଉଦ୍ଭୂତ ହୋଇଥାଏ । ଏହି ଚିନ୍ମୟ ଆତ୍ମା ବ୍ରହ୍ମାଙ୍କଠାରୁ ତୃଣ ପର୍ଯ୍ୟନ୍ତ ସମସ୍ତ ଆକାରରେ ପ୍ରକାଶ ପାଉଛନ୍ତି । ଅନାଦି, ଅନନ୍ତ ଓ ସର୍ବଗାମୀ ଏହି ଚିନ୍ମୟ ଆତ୍ମାହିଁ ମୁଁ । ଚରାଚର ଭୂତସମୂହର ଅନ୍ତରରେ ଜ୍ଞାନସ୍ୱରୂପ ମୁଁ ଅବସ୍ଥାନ କରୁଅଛି । ସ୍ଥାବର ଓ ଜଙ୍ଗମମୟ ଏହି ଜଗତ୍ ସେହି ଚିଦାତ୍ମାରୂପୀ ମୋରହିଁ ଶରୀର । ଏହି ଆତ୍ମା ସପ୍ରକାଶ ଅନୁଭୂତି ସ୍ୱରୂପ । ସେ ସର୍ବବିଧଦ୍ରଷ୍ଟା । ଦର୍ଶନ ଓ ଦୃଶ୍ୟ ଆକାରରେ ପ୍ରକାଶ ପାଉଛନ୍ତି; ସେଥିପାଇଁ ସେ ସହସ୍ରଲୋଚନ, ସହସ୍ରବାହୁ । ଏହି ପ୍ରତ୍ୟକ୍ଷ ଈଶ୍ୱରାତ୍ମା 'ମୁଁ' ସୂର୍ଯ୍ୟ ହୋଇ ଆକାଶରେ ବିଚରଣ କରୁଅଛି, ବାୟୁ ହୋଇ ପ୍ରବାହିତ ହେଉଅଛି । ମୋର ଏହି ନୀଳବର୍ଣ୍ଣ ଦେହ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି ପରମ ସୌଭାଗ୍ୟ ଲାଭ କରୁଅଛି ଏବଂ ମୁଁ ସମସ୍ତଙ୍କ ଊର୍ଦ୍ଧ୍ୱରେ ଅବସ୍ଥାନ କରୁଅଛି । ମୁଁ ଶଙ୍କରଙ୍କ ଦେହ ଧାରଣ କରି ପାର୍ବତୀଙ୍କ ମୁଖରୂପ ପଦ୍ମରେ ଅଳିରୂପେ ବିଚରଣ କରିଥାଏଁ ଏବଂ ପ୍ରଳୟକାଳରେ କୂର୍ମ ଅଙ୍ଗସଙ୍କୋଚନ ପରି ସମଗ୍ର ଜଗତ୍ ନିଜଠାରେ ଉପସଂହୃତ କରେ । ଇନ୍ଦ୍ରରୂପେ ମୁଁ ତ୍ରୈଲୋକ୍ୟ ପାଳନ କରୁଅଛି । ଏହି ସ୍ତ୍ରୀ, ପୁରୁଷ, ବାଳକ ଓ ବୃଦ୍ଧରୂପେ ମୁଁ ଚତୁର୍ଦ୍ଦିଗରେ ଜାତ ହୋଇଅଛି; ବୃକ୍ଷ, ଲତା, ତୃଣାଦି ମଧ୍ୟରେ ରସ ଆକାରରେ ମୁଁ ବର୍ତ୍ତମାନ ଅଛି ଏବଂ ଏହି ଚିତ୍‌କ୍ଷେତ୍ରରୁ ମୁଁ ସେମାନଙ୍କୁ ଉତ୍ପନ୍ନ କରିଅଛି । ମୁଁ ନିଜ କ୍ରୀଡ଼ା ପାଇଁ ଏହି ଜଗତ୍ ନିର୍ମିତ କରିଅଛି । ମୁଁ କାରଣ ରୂପେ ଏହି ଜଗତ୍ ବ୍ୟାପ୍ତ କରି ରହିଅଛି । ଏବଂ ମୋର ବ୍ୟାପ୍ତିବଶତଃ ଜଗତ୍ ସତ୍ତା ଲାଭ କରିଅଛି । ମୁଁ ଯଦି ଏହାକୁ ତ୍ୟାଗ କରେ, ତେବେ ଜଗତ୍ କିଛି ନୁହେଁ । ମୋଠାରେ ଯାହା ପ୍ରତିବିମ୍ବିତ ହେଉଅଛି, ପ୍ରକୃତପକ୍ଷେ ତାହାହିଁ ଅଛି; ତଦ୍‌ଭିନ୍ନ ଅନ୍ୟକିଛି ନାହିଁ ! କାରଣ, ମୋଠାରୁ ସ୍ୱତନ୍ତ୍ର କୌଣସି ବସ୍ତୁ ନାହିଁ । ପୁଷ୍ପରେ ମୁଁ ସୁଗନ୍ଧ, ନବୀନ ପତ୍ରପଲ୍ଲବରେ ମୁଁ କାନ୍ତି, କାନ୍ତିରେ ମୁଁ ରୂପ ଏବଂ ରୂପରେ ମୁଁ ଅନୁଭବ ଆକାରରେ ଅବସ୍ଥାନ କରୁଅଛି । ସର୍ବ ପଦାର୍ଥ ଅନ୍ତରରେ ଅବସ୍ଥାନ କରି ମୁଁ ନିଜେ ଇଚ୍ଛା କରି ଏହି ଚିଦ୍‌ବୈଚିତ୍ର୍ୟ ସମ୍ପାଦନ କରୁଅଛି । ଦୁଗ୍ଧରେ ଘୃତ ଓ ଜଳରେ ରସ ପରି ସର୍ବପଦାର୍ଥରେ ମୁଁ ଚିତ୍‌ଶକ୍ତି ରୂପେ ବର୍ତ୍ତମାନ ଅଛି । ଚିତ୍‌ସ୍ୱରୂପ ମୋର ଏକ ଅଂଶରେ ଏହି ଜଗତ୍ ଅବସ୍ଥିତ ଥାଏ; ସୁତରାଂ ଏଥିରେ କୌଣସି ପ୍ରକାର ଦୃଶ୍ୟ ଭାବ ନାହିଁ । ଇନ୍ଦ୍ରଙ୍କ ସହିତ ମୋତେ ଯୁଦ୍ଧ କରିବାକୁ ହେଲା ନାହିଁ, ଅପରାପର

ଅମରଗଣଙ୍କୁ ଅସ୍ତ୍ରଶସ୍ତ୍ର ଦ୍ୱାରା ବିଦଳିତ କରିବାକୁ ହେଲା ନାହିଁ, କାହା ନିକଟରେ କୌଣସି ପ୍ରକାର ପ୍ରାର୍ଥନା କରିବାକୁ ହେଲା ନାହିଁ; ମୁଁ ଅକ୍ଳେଶରେ ଏହି ବିଶାଳ ଜଗତ୍ ସାମ୍ରାଜ୍ୟ ଲାଭ କଲି । ମୋର ମନେହୁଏ, ଏପରି ସାମ୍ରାଜ୍ୟ ଅନ୍ୟ କେହି କେବେ ଲାଭ କରି ନାହିଁ ! କି ଆଶ୍ଚର୍ଯ୍ୟ ! ମୁଁ ଏକ୍ଷଣି ଆତ୍ମାହିଁ ହୋଇଗଲି । ପ୍ରଳୟକାଳରେ ସମୁଦ୍ର ଯେପରି ଜଗତ୍ ପ୍ଲାବିତ କରି ଏକାର୍ଣ୍ଣବରେ ପରିଣତ ହୁଏ, ମୋ ଆତ୍ମା ମଧ ସେହିପରି ସମଗ୍ର ଜଗତ୍ ପ୍ଲାବିତ କରିଛନ୍ତି ବୋଲି ମୁଁ ଆଉ ମୋର ପରିଣାମ ପ୍ରାପ୍ତ ହେଉ ନାହିଁ । ମୁଁ ଓ ମୋର ଦେହ, ଏପରି ଅସତ୍ୟ କଳ୍ପନା ଏତେଦିନ ମୋର କିପରି ବିଦ୍ୟମାନ ଥିଲା ? ଏପରି ସାମ୍ରାଜ୍ୟ ସମ୍ବାଦ ଅବଗତ ଥାଇ ମୋର ପିତୃପିତାମହଗଣ ଯେ ସଂସାରରେ ଆସକ୍ତ ଥିଲେ, ତଦ୍ଦ୍ୱାରା ମୋର ମନେ ହେଉଛି — ସେମାନେ ଅତୀବ ଦୀନଭାବାପନ୍ନ ଥିଲେ । କେଉଁଠି ଏହି ପରିପୂର୍ଣ୍ଣ ବ୍ରହ୍ମରୂପିଣୀ ଦୃଷ୍ଟି, ଆଉ କେଉଁଠି ଆଶାରୂପ ଭୁଜଙ୍ଗସମାକୁଳ ରାଜ୍ୟସମ୍ପଦ ? ମୁଁ ହେଉଛି ସର୍ବବିଧ ଭାବ ଅନ୍ତରରେ ବିରାଜମାନ ଦୃଶ୍ୟନିର୍ମୁକ୍ତ ଚିଦାତ୍ମା । ପ୍ରତ୍ୟକ୍ ଚେତନାରୂପୀ ମୁଁ ମୋତେ ପୁନଃପୁନଃ ନମସ୍କାର କରୁଅଛି । ଭୁକ୍ତ ଅନ୍ନକୁ ପରିପାକ କରିବା ପରି ମୁଁ ଏହି ସଂସାରକୁ ଜୀର୍ଣ୍ଣ କରିଅଛି । ମୁଁ ବର୍ତ୍ତମାନ ଜନ୍ମମୃତ୍ୟୁବିହୀନ; ସୁତରାଂ ସଂସାରରେ ମୋର ଜୟ । ଯାହାକିଛି ପ୍ରାପ୍ତବ୍ୟ, ସମସ୍ତ ପ୍ରାପ୍ତ ହୋଇ ମୁଁ ପରମ ଉତ୍କର୍ଷ ଲାଭ କରିଅଛି । ଶାଶ୍ୱତ ଏହି ବୋଧ-ସାମ୍ରାଜ୍ୟ ଛାଡ଼ି ମୁଁ ଆଉ କେବେହେଁ ପାର୍ଥିବ ରାଜ୍ୟସମ୍ପଦରେ ଅନୁରକ୍ତ ହେବି ନାହିଁ; ଯହିଁରେ ବନଦୁର୍ଗ, ଜଳଦୁର୍ଗ ଓ ଗିରିଦୁର୍ଗ ନିର୍ମାଣପୂର୍ବକ ଆତ୍ମରକ୍ଷା କରିବାକୁ ହୁଏ । ସେହି ପାର୍ଥିବ ରାଜ୍ୟ ପ୍ରତି ଯେଉଁମାନେ ଆସକ୍ତ, ସେହି ଅନାତ୍ମଜ୍ଞ ଦୈତ୍ୟଗଣଙ୍କୁ ଧିକ୍ ! ମୂର୍ଖ ବ୍ୟକ୍ତିଗଣ ଏହି ଅପରିମେୟ ପରମାନନ୍ଦ ତ୍ୟାଗ କରି ପରିମିତ ବିଷୟ ଦିଗରେ ଧାବିତ ହୁଅନ୍ତି; କିନ୍ତୁ ପଣ୍ଡିତଗଣ ସେପରି ହୁଅନ୍ତି ନାହିଁ । କେଉଁଠି ଏହି ତତ୍ତ୍ୱବୋଧ, ଆଉ କେଉଁଠି ବା ଏହି ଶରୀରର ଆତ୍ମବୁଦ୍ଧି ! ପ୍ରକୃତ ରାଜତ୍ୱର ସୁଖ ଏହି ଚିତ୍‌ତତ୍ତ୍ୱରେ ନିହିତ; ମନୁଷ୍ୟ ତାହା ଅନୁଭବ କରି ଦେଖେନା କାହିଁକି ? ବ୍ରହ୍ମାଙ୍କ ସର୍ବୋତ୍କୃଷ୍ଟତ୍ୱ, ବିଷ୍ଣୁଙ୍କ ଜୟଲକ୍ଷ୍ମୀ, ମହେଶ୍ୱରଙ୍କ ପରମପୂର୍ଣ୍ଣଭାବ, ସୂର୍ଯ୍ୟଙ୍କ ପ୍ରକାଶ ଶକ୍ତି, ଚନ୍ଦ୍ରଙ୍କ ଆହ୍ଲାଦିନୀଶକ୍ତି; ବାୟୁର ବେଗବତ୍ତା ଏବଂ ମନର ଦ୍ରୁତଗାମିତ୍ୱ ପ୍ରଭୃତି ଯେଉଁଠି ଯାହାର ଯେଉଁ କିଛି ଶକ୍ତି ଅଛି, ତତ୍ ସମସ୍ତହିଁ ଚିତ୍‌ଶକ୍ତିଙ୍କଠାରୁ ପ୍ରାଦୁର୍ଭୂତ ହେଉଅଛି । ସୂର୍ଯ୍ୟାଲୋକ ଯେପରି ବୃକ୍ଷରେ ପତିତ ହୋଇ ବୃକ୍ଷାକୃତି ଏବଂ ମନୁଷ୍ୟଠାରେ ପତିତ ହୋଇ ମନୁଷ୍ୟାକୃତି ଧାରଣ କରେ, ଚିତ୍‌ଶକ୍ତି ମଧ ସେହିପରି ଚିତ୍ତବୃତ୍ତି ବୈଚିତ୍ର୍ୟରେ ଆକୃତି-ପ୍ରାପ୍ତ ହୋଇଥା'ନ୍ତି । ମୋ ପିତୃପିତାମହଗଣ ସଂକଳ୍ପଜାଲରେ ବିଜଡ଼ିତ ଅବସ୍ଥାରେ ବିଷୟଗର୍ତ୍ତରେ ନିପତିତ ଥିଲେ; ସେଥିପାଇଁ ସେମାନେ ଅବାଧ ଆତ୍ମଦୃଷ୍ଟି ଲାଭ କରିପାରି ନାହାନ୍ତି । ଆତ୍ମଦୃଷ୍ଟି ଅଭାବରେ ସେମାନେ କିଛିଦିନ ଏହି ପୃଥିବୀରେ ଅବସ୍ଥାନ କରି ମଶକ ପରି ବିନଷ୍ଟ ହୋଇଛନ୍ତି । ସେମାନେ ଯଦି ଆତ୍ମତତ୍ତ୍ୱ ଅବଗତ ହୋଇପାରିଥା'ନ୍ତେ, ତାହାହେଲେ ଆଉ ଜନ୍ମ-ମୃତ୍ୟୁ ରୂପ ଅନ୍ଧକୂପରେ ପତିତ ହୋଇ ନଥା'ନ୍ତେ । ସତ୍ୟସ୍ୱରୂପ ଆତ୍ମାକୁ ଜାଣି ଯାହାଙ୍କର ସଂକଳ୍ପ କ୍ଷୟିତ ହୋଇଥାଏ, ସେମାନେ ଧନ୍ୟ । ମୁଁ ସେହି ଅପରିଚ୍ଛିନ୍ନ ଚିଦାତ୍ମା; ମୁଁ ମୋତେ ନମସ୍କାର କରୁଛି । ହେ ଆତ୍ମନ୍ ! ବହୁକାଳ ପରେ ଆଜି ମୁଁ ନିଜକୁ ଲାଭ କଲି, ବହୁକାଳ ପରେ ଆଜି ମୁଁ ମୋତେ ସ୍ପର୍ଶ କଲି । ବହୁକାଳ ପରେ ଆଜି ଆପଣ ମୋ ନିକଟରେ ଆପଣଙ୍କ ପାରମାର୍ଥିକ ସ୍ୱରୂପରେ ଉଦିତ ହେଲେ ଅଥବା ବହୁକାଳ ପରେ ଆଜି ମୁଁ ବିକଳ୍ପଜାଲରୁ ନିଜକୁ ଉଦ୍ଧାର କରିପାରିଲି । ଆପଣ ଯିଏ ହୁଅନ୍ତୁ, ଆପଣଙ୍କୁ ମୁଁ ନମସ୍କାର କରୁଛି । ଅନନ୍ତ ଓ ଶିବ ସ୍ୱରୂପ ଆପଣହିଁ ମୁଁ । ସୁତରାଂ ମୋତେ ମଧ ନମସ୍କାର । ହେ ଦେବାଧିଦେବ ପରମାତ୍ମନ୍ ! ଆପଣଙ୍କୁ ନମସ୍କାର କରେଁ ।

(କ୍ରମଶଃ)

(ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କ ଦ୍ୱାରା
ଅନୁବାଦିତ ''ଯୋଗବାଶିଷ୍ଠ ରାମାୟଣ''
ପୁସ୍ତକରୁ ସଂଗୃହୀତ) ❖

ଏହି ଯୋଗରେ ପ୍ରଥମ ପାଠ ହେଉଛି ଏକ ଶାନ୍ତ ନୀରବ ମନ, ଏକ ଦୃଢ଼ ସାହସ ଓ ଭଗବତ୍ ଶକ୍ତି ଉପରେ ପୂର୍ଣ୍ଣ ଆସ୍ଥା ରଖି ଜୀବନ ଓ ତା'ର ପରୀକ୍ଷାସବୁର ସମ୍ମୁଖୀନ ହେବା ।

— ଶ୍ରୀଅରବିନ୍ଦ

ଅନ୍ତରାଳ ଜଗତ୍ :

# ସୂକ୍ଷ୍ମସ୍ପନ୍ଦନସବୁକୁ ଅନୁଭବ କରିବାର ସାମର୍ଥ୍ୟ

## ଶ୍ରୀମା

... ଗୋଟିଏ ଦୃଷ୍ଟିରୁ ପ୍ରାଚୀନ ଦୀକ୍ଷା ପଦ୍ଧତିର ଏକ ଉତ୍ତମ ଦିଗ ଥିଲା, ତାହା ହେଉଛି ଗୁରୁ କେବଳ ସେଇମାନଙ୍କ ଆଗରେ ଆଧ୍ୟାତ୍ମିକ ଜ୍ଞାନର ପ୍ରକାଶ କରୁଥିଲେ ଯେଉଁମାନେ ଏପରି ଏକ ଅବସ୍ଥାରେ ପହଞ୍ଚି ସାରିଛନ୍ତି ଯେଉଁଠି କୌଣସି କଥା ଓ ଶବ୍ଦର ସାହାଯ୍ୟ ବିନା ସିଧାସଳଖ ସେହି ଜ୍ଞାନକୁ ଗ୍ରହଣ କରି ପାରିବେ । ମୋର ମନେ ହୁଏ ବର୍ତ୍ତମାନ ମଧ୍ୟ ସେହି ଅବସ୍ଥା ରହିଛି,– ଏପରିକି ଯାହାଙ୍କର ଅତିମାନସ ଜ୍ଞାନ ରହିଛି ସେ ମଧ୍ୟ ନିଜର ବକ୍ତବ୍ୟକୁ କେବେହେଲେ ଅନ୍ୟମାନଙ୍କୁ ବୁଝାଇ ଦେଇ ପାରିବେ ନାହିଁ, ଯଦି ସେହି ଲୋକମାନେ ନିଜେ ସେଇ ଜ୍ଞାନରେ ପ୍ରବେଶ କରିବାକୁ ସମର୍ଥ ନ ହୁଅନ୍ତି । ତେଣୁ ଯୁକ୍ତିସମ୍ମତ ଭାବରେ ଏହାର ଫଳ ହୋଇଥାଏ, ଲୋକମାନେ କହିବେ, ଯାହା କୁହାଯିବାର ମୁଁ ଶୁଣିଛି ଯେ, ''ଓଃ, ସାଧାରଣ ଜୀବନରେ ଯାହା ହୋଇଥାଏ, ଏଠାରେ ସବୁକିଛି ତ ସେଇଭଳି ମାମୁଲି ।'' ପ୍ରକୃତରେ ଯାହାକିଛି ସାଧାରଣ ଜୀବନର ଅନ୍ତର୍ଗତ ନୁହେଁ, ସେଗୁଡ଼ିକ ଆମ ଦୃଷ୍ଟି ବା ପ୍ରତ୍ୟକ୍ଷରେ ଧରା ପଡ଼େ ନାହିଁ । ତାହାକୁ କୌଣସି କଥା ବା ଶବ୍ଦ ଦ୍ୱାରା ମଧ୍ୟ ବୁଝାଇ ଦେଇ ହେବ ନାହିଁ ।

ଆମର ଏହି ସ୍ଥାନଟିର କଥା ଧରାଯାଉ । କେତେକ ବିଶେଷ ଶକ୍ତି ଓ ବିଶେଷ ସ୍ପନ୍ଦନର ସଞ୍ଚାରରେ ଏହା ପୂରି ରହିଛି । ଏହି ସ୍ପନ୍ଦନଗୁଡ଼ିକ ଦୃଶ୍ୟମାନ ହୁଅନ୍ତି ନାହିଁ ବା ଇନ୍ଦ୍ରିୟାନୁଭୂତିର ବୋଧଗମ୍ୟ ହୋଇ ସ୍ଥୂଳ ଭାବରେ ନିଜକୁ ପ୍ରକଟ କରନ୍ତି ନାହିଁ । ସେଗୁଡ଼ିକ ନାନା ପରିବର୍ତ୍ତନ ସୃଷ୍ଟି କରିପାରନ୍ତି କିନ୍ତୁ ସେହି ପରିବର୍ତ୍ତନସବୁ ଅନ୍ୟାନ୍ୟ ସ୍ଥୂଳ ପରିବର୍ତ୍ତନ ପରି ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଭିତରେ ହିଁ ହୋଇଥାଏ । ତେଣୁ ଗୋଟିଏ ଅବସ୍ଥାରୁ ପ୍ରାୟ ଯୁକ୍ତିଯୁକ୍ତ ପରିଣାମ ରୂପେ ତୁମେ ଅନ୍ୟ ଏକ ଅବସ୍ଥାରେ ପ୍ରବେଶ କର, ଅବସ୍ଥାର ଏହି ପରିବର୍ତ୍ତନ ପଛରେ ଏକ ଯୁକ୍ତି ରହିଥାଏ, ଏବଂ ସେହି ଯୁକ୍ତିହିଁ ତୁମକୁ ଏହା ଦେଖିବାରେ ବାଧାସୃଷ୍ଟି କରେ ଯେ ଏଠାରେ ଏପରି କିଛି ଜିନିଷ ରହିଛି ଯାହା ସାଧାରଣ ଜୀବନର ଅନ୍ତର୍ଗତ ନୁହେଁ । ଯେଉଁମାନେ ସାଧାରଣ ମନର ପ୍ରତ୍ୟକ୍ଷ ଛଡ଼ା ଆଉ କିଛି ଜାଣନ୍ତି ନାହିଁ, ଯେଉଁମାନେ ସାଧାରଣ ଜୀବନରେ ଘଟଣାଗୁଡ଼ିକ ଯେପରି ଘଟିଥାଏ ସବୁକିଛିକୁ କେବଳ ସେହି ଭାବରେହିଁ ଦେଖିବାରେ ଅଭ୍ୟସ୍ତ, ସେମାନେ ତୁମକୁ କହିବେ, ''ଓଃ, ସେହି ଘଟଣା, ତାହା ସେପରି ଘଟିବା ତ ସ୍ୱାଭାବିକ ।'' ସେମାନଙ୍କ ଭିତରେ ଯଦି ସ୍ଥୂଳ ପ୍ରତ୍ୟକ୍ଷ ଛଡ଼ା ଦେଖିବାର ଅନ୍ୟ କିଛି ସାମର୍ଥ୍ୟ ନଥାଏ, କୌଣସି ସୂକ୍ଷ୍ମ ସ୍ପନ୍ଦନର ଗୁଣଧର୍ମକୁ ଅନୁଭବ କରିବାର ଶକ୍ତି ନଥାଏ, (କେତେକ ଝାପ୍‌ସା ଭାବରେ ଏହା ଅନୁଭବ କରନ୍ତି, କିନ୍ତୁ ଏପରିକି ସେତିକିଟି ଅନୁଭବ କରିବାର କ୍ଷମତା ଯଦି ସେମାନଙ୍କର ନଥାଏ, ସେହି ସ୍ପନ୍ଦନ ସହ ମେଳଥିବା କିଛି ମଧ୍ୟ ଯଦି ସେମାନଙ୍କ ଭିତରେ ନଥାଏ ବା ଥିଲେ ମଧ୍ୟ ଯଦି ତାହା ଜାଗ୍ରତ୍ ହୋଇ ନଥାଏ) ତା'ହେଲେ ସେମାନେ ଆମର ଏଠିକାର ଜୀବନ ଦେଖି ତୁମକୁ କହିବେ, ''ଅନ୍ୟାନ୍ୟ ସାଧାରଣ ଜୀବନ ସହିତ ଏହା ପୂରାପୂରି ସମାନ, କୌଣସି ପାର୍ଥକ୍ୟ ନାହିଁ – ହୁଏତ ତୁମର ନିଜସ୍ୱ ଚିନ୍ତାଧାରା କିଛି ରହିଛି, କିନ୍ତୁ ଅନ୍ୟାନ୍ୟ ଅନେକଙ୍କର ମଧ୍ୟ ସେହିଭଳି ନିଜସ୍ୱ ଚିନ୍ତାଧାରା ରହିଛି, ତୁମେମାନେ ହୁଏତ କାର୍ଯ୍ୟଗୁଡ଼ିକୁ ଏକ ବିଶେଷ ଢଙ୍ଗରେ କରୁଛ କିନ୍ତୁ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ବିଶେଷ ଢଙ୍ଗରେ କାର୍ଯ୍ୟ କରି ଥାଆନ୍ତି । ଶେଷରେ ଦେଖାଯାଉଛି ଆମେ ବାହାରେ ଯେଉଁ ଜୀବନ ଯାପନ କରୁଛୁ ଏଠାରେ ମଧ୍ୟ ଠିକ୍ ସେହିଭଳି । କୌଣସି ପାର୍ଥକ୍ୟ ନାହିଁ ...'' ତେଣୁ ଏପରି ମଧ୍ୟ ବେଶ୍ ଘଟିପାରେ ଯେ ଏକ ନିର୍ଦ୍ଦିଷ୍ଟ ସମୟରେ ଅତିମାନସ ଶକ୍ତି ପ୍ରକଟିତ ହେଲା, ଏଠାରେ ତାହା ସଚେତ ହେଲା ଓ ଜଡ଼ ଉପରେ କ୍ରିୟା କଲା, କିନ୍ତୁ ଯେଉଁମାନେ ସଚେତ ଭାବରେ ଏହାର ସ୍ପନ୍ଦନରେ ଅଂଶ ଗ୍ରହଣ କରନ୍ତି ନାହିଁ, ସେମାନେ ତାହା ପ୍ରତ୍ୟକ୍ଷ କରିବାକୁ ଅସମର୍ଥ ହେବେ । ଲୋକମାନେ କୁହନ୍ତି, ''ଯେତେବେଳେ ଅତିମାନସ ଶକ୍ତି ଅଭିବ୍ୟକ୍ତ ହେବ, ଆମେ ତାହା ବେଶ୍ ଭଲ ଭାବରେ ଜାଣି ପାରିବୁ, ଏହା ସ୍ପଷ୍ଟ ଭାବରେ ଦେଖିହେବ ।'' କିନ୍ତୁ ଏହା ନିଶ୍ଚିତ ଭାବରେ ଯେ ଏପରି ହେବ, ତା' ନୁହେଁ । ଖୁବ୍ କମ୍ ସମ୍ବେଦନଶୀଳତା ଥିବା ଯେଉଁ ଲୋକମାନେ ଆମର ଏହି ସ୍ଥାନ ଦେଇଯାଆନ୍ତି, ଏପରିକି ଏଠାରେ ବାସ ମଧ୍ୟ କରନ୍ତି, ସେମାନେ ଯେପରି ଅନ୍ୟାନ୍ୟ ସ୍ଥାନଠାରୁ ଏହାର ପାର୍ଥକ୍ୟ, ଏହାର ବିଶେଷତ୍ୱ ଅନୁଭବ

କରିପାରନ୍ତି ନାହିଁ, ସେହିପରି ପୂର୍ବୋକ୍ତ ଲୋକମାନେ ମଧ୍ୟ ଅତିମାନସ ଅଭିବ୍ୟକ୍ତିକୁ ଅନୁଭବ କରିପାରିବେ ନାହିଁ । ତୁମ ଭିତରୁ କେଇ ଜଣ ଆମର ଏହି ସ୍ଥାନର ମହିମା ଓ ବିଶେଷତ୍ୱକୁ ଏପରି ନିର୍ଦ୍ଦିଷ୍ଟଭାବେ ଅନୁଭବ କରିପାରୁଛ ଯେ ଦୃଢ଼ତାର ସହ କହିପାରିବ ଏହା ଅନ୍ୟାନ୍ୟ ସ୍ଥାନଠାରୁ ସ୍ୱତନ୍ତ୍ର ? ତୁମେ ହୁଏତ ତୁମ ଚିନ୍ତାରେ, ତୁମ ହୃଦୟରେ କିଛିଟା ଅନୁଭବ କରିପାରୁଥିବ ଯେ ଏହି ସ୍ଥାନଟି ଅନ୍ୟାନ୍ୟ ସ୍ଥାନ ପରି ନୁହେଁ କିନ୍ତୁ ତାହାକୁ ବରଂ ଏକ ଅସ୍ପଷ୍ଟ ଅନୁଭୂତି ବୋଲି କୁହାଯିବ । ନୁହେଁ କି ? କିନ୍ତୁ ଏହି ସ୍ଥାନର ବିଶେଷତ୍ୱକୁ ନିର୍ଦ୍ଦିଷ୍ଟ ଭାବରେ ପ୍ରତ୍ୟକ୍ଷ କରିବାକୁ ହେଲେ ସେଥିପାଇଁ ସାମର୍ଥ୍ୟ ଥିବା ଆବଶ୍ୟକ । ଏ ସମ୍ପର୍କରେ ମୋର ନିଜର ଅନୁଭୂତିଟି ଶୁଣ । ମୁଁ ଜାପାନରୁ ଆସିବା ବେଳେ ଯାହା ପ୍ରତ୍ୟକ୍ଷ କରିଥିଲି । ମୁଁ ସମୁଦ୍ର ଭିତରେ ଏକ ବୋଟରେ ଥିଲି; କିଛି ଘଟିବ ବୋଲି ଆଶା କରୁ ନଥିଲି; ଅବଶ୍ୟ ମୁଁ ଆନ୍ତର ଜୀବନ ନେଇ ବ୍ୟାପୃତ ଥିଲି; କିନ୍ତୁ ସ୍ଥୂଳ ଦୈହିକ ଭାବରେ ବୋଟ ଉପରେହିଁ ରହିଥିଲି । ଯେତେବେଳେ ଆମ ବୋଟଟି ପଣ୍ଡିଚେରୀର ଦୁଇ ମାଇଲ ନିକଟବର୍ତ୍ତୀ ହୋଇଗଲା, ହଠାତ୍ ଅଚାନକ ଭାବରେ ସମଗ୍ର ବାତାବରଣ ଏପରିକି ପବନ ଆଦିର ସ୍ଥୂଳ ସ୍ପର୍ଶ ଓ ଗୁଣଧର୍ମ ମଧ୍ୟ ଏପରି ପରିବର୍ତ୍ତିତ ହୋଇଯିବାର ମୁଁ ଅନୁଭବ କଲି ଯେ ମୁଁ ଜାଣିଲି ଆମେ ଶ୍ରୀଅରବିନ୍ଦଙ୍କ ପ୍ରଭା ଭିତରେ ପ୍ରବେଶ କରୁଛୁ । ଏହା ଥିଲା ପୂରା ଏକ **ଦୈହିକ** ଅନୁଭୂତି । ଏବଂ ମୁଁ ସମସ୍ତ ନିର୍ଭରତା ଦେଇ କହିପାରେ ଯେ ଯାହା ଭିତରେ ଚେତନା ଯଥେଷ୍ଟ ଜାଗ୍ରତ୍ ହୋଇଥିବ ସେ ମଧ୍ୟ ସେଇ ସମାନ ଅନୁଭୂତି ପାଇପାରିବ ।

ଠିକ୍ ଏହାର ବିପରୀତ ଅନୁଭୂତି ମଧ୍ୟ ମୋର ହୋଇଛି, ଯେତେବେଳେ ଏଠାରେ ବହୁବର୍ଷ କଟାଇବା ପରେ ପ୍ରଥମ ଥର ପାଇଁ କାର୍ ଯୋଗେ ବାହାରକୁ ଯାଇଥିଲି । ଯେତେବେଳେ ଲେକ୍‌କୁ ଅତିକ୍ରମ କରି ଟିକେ ଆଗକୁ ଗଲି, ହଠାତ୍ ଅନୁଭବ କଲି ବାତାବରଣ ପରିବର୍ତ୍ତିତ ହୋଇଯାଉଛି; ବାତାବରଣରେ ଯେଉଁ ପ୍ରାଚୁର୍ଯ୍ୟ, ଶକ୍ତି, ଆଲୋକ ଓ ସାମର୍ଥ୍ୟ ରହିଥିଲା ତାହା ଯେପରି ହ୍ରାସ ପାଇବାକୁ ଲାଗିଲା ଏବଂ ଶେଷରେ ଆଉ କିଛି ବି ରହିଲା ନାହିଁ । ମୁଁ ସେତେବେଳେ ମନ ବା ପ୍ରାଣର ଚେତନାରେ ନଥିଲି, ରହିଥିଲି ପୂରା ଦୈହିକ ଚେତନାରେ । ଯେଉଁମାନେ ନିଜର ଦୈହିକ ଚେତନାରେ ସମ୍ବେଦନଶୀଳ ଥିବେ ସେମାନେ ଏହା ଖୁବ୍ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ଅନୁଭବ କରି ପାରିବେ । ଏବଂ ମୁଁ ତୁମକୁ ଏହି ନିଶ୍ଚିତତା ଦେଇ କହିପାରେ ଯେ ଯେଉଁ ସ୍ଥାନ ବା ଅଞ୍ଚଳଟିକୁ ଆମେ 'ଆଶ୍ରମ' ବୋଲି କହୁଛେ ତହିଁରେ ଶକ୍ତି ଏପରି ଜମାଟ ଓ ଘନୀଭୂତ ହୋଇ ରହିଛି ଯେ ସହରରେ ତାହା ଆଦୌ ସେଭଳି ହୋଇ ରହି ନାହିଁ ଏବଂ ଗ୍ରାମାଞ୍ଚଳରେ ତାହା ଆହୁରି କମ୍ ।

ତେଣୁ, ମୁଁ ତୁମକୁ ପଚାରୁଛି ଶକ୍ତିର ଏହି ଘନୀଭୂତ ରୂପ, ଯାହାକି ଚେତନାରେ ଏକ ବିଶେଷ ସ୍ପନ୍ଦନ ଆଣିଦିଏ, ସେସମ୍ପର୍କରେ ତୁମ ଭିତରୁ ପ୍ରକୃତରେ କିଏ ସଚେତ ? ତୁମ ଭିତରୁ ଅନେକେ ଏହା ଅସ୍ପଷ୍ଟ ଓ ଝାପ୍‌ସା ଭାବରେ ଅନୁଭବ କର, ମୁଁ ତାହା ଜାଣେ; ଏପରିକି ବାହାରୁ ଆସୁଥିବା ଲୋକମାନେ ମଧ୍ୟ ଝାପ୍‌ସା ଭାବରେ ତାହା ଅନୁଭବ କରନ୍ତି, ସେମାନଙ୍କ ମନରେ ଏକ ଛାପ ରହିଯାଏ, ସେମାନେ ଏ ସମ୍ପର୍କରେ କୁହନ୍ତି ମଧ୍ୟ; କିନ୍ତୁ ଏ ସମ୍ପର୍କରେ ଏକ ସୁନିର୍ଦ୍ଦିଷ୍ଟ ଚେତନା, ଏକ ବୈଜ୍ଞାନିକ ଚେତନା ଯାହାକି ଏହାର ଏକ ନିର୍ଭୁଲ ପରିମାପ ଦେଇପାରିବ, ସେହି ଚେତନା କାହାର ଅଛି ? ମୁଁ ନିର୍ଦ୍ଦିଷ୍ଟ ଭାବରେ କାହାକୁ ଇଙ୍ଗିତ କରୁ ନାହିଁ, ପ୍ରତ୍ୟେକେ ନିଜ ନିଜ ଭିତରକୁ ଦେଖିପାର । ଏବଂ ଏଠାରେ ଶକ୍ତିର ଏହି ଯେଉଁ ଘନୀକରଣ ହୋଇଛି ତାହା ଅତିମାନସ ଶକ୍ତିର ଏକ ସୁଦୂର ପ୍ରତିବିମ୍ବ ମାତ୍ର । ତେଣୁ ଯେତେବେଳେ ସେହି ଅତିମାନସ ଶକ୍ତି ଏଠାରେ ସୁନିର୍ଦ୍ଦିଷ୍ଟ ଭାବରେ ପ୍ରତିଷ୍ଠିତ ହେବ ସେତେବେଳେ ଏହା ଯେ ଏଠାରେ ବିଦ୍ୟମାନ ରହିଛି ତାହା ପ୍ରତ୍ୟକ୍ଷ କରିବା ପାଇଁ ଲୋକମାନଙ୍କୁ କେତେ ଦିନ ଲାଗିବ ? ଏବଂ ଏହା ସବୁକିଛି ପରିବର୍ତ୍ତନ କରିଦିଏ, ବୁଝିପାରୁଛ ତ ? ଏବଂ ମୁଁ ଯେତେବେଳେ କୁହେ ମନ କେବେହେଲେ ବିଚାର କରିବା ପାଇଁ ସମର୍ଥ ନୁହେଁ, ମୁଁ ଏହି ଧରଣର ବିଷୟଗୁଡ଼ିକ ଉପରେହିଁ ଭିତ୍ତି କରି ତାହା କୁହେ; ମନ କେବେହେଲେ ଜ୍ଞାନର ପ୍ରକୃତ ଯନ୍ତ୍ର ହୋଇ ପାରିବ ନାହିଁ, ଏହା କୌଣସି ବିଷୟକୁ ସମ୍ପୂର୍ଣ୍ଣ ଠିକ୍ ଭାବରେ ଜାଣି ପାରିବ ନାହିଁ । ଜଣେ ବୈଜ୍ଞାନିକ କୌଣସି ନିର୍ଦ୍ଦିଷ୍ଟ ବାତାବରଣକୁ ବିଶ୍ଳେଷଣ କରି ତାହା କେଉଁସବୁ ଭିନ୍ନ ଭିନ୍ନ ଉପାଦାନ ଓ ଅନୁପାତ ନେଇ ଗଠିତ ତାହା କହି ଦେଇପାରିବ । କିନ୍ତୁ ଏଠାରେ ଏହି ବାତାବରଣର ସମ୍ପୂର୍ଣ୍ଣ ଠିକ୍ ଅନୁପାତ କିଏ ଦେଇପାରିବ ? କିଏ କହିପାରିବ ଏଠାରେ ଏହିପରି ଏକ ସ୍ପନ୍ଦନ ରହିଛି, ଅମକ ସ୍ପନ୍ଦନର ଏହି ଅନୁପାତ ରହିଛି ଓ ସମକ ସ୍ପନ୍ଦନର ଏହି ଅନୁପାତ ରହିଛି, ଅତିମାନସର ଏତିକି ମାତ୍ରା ଓ ଏତିକି ଅନୁପାତ ରହିଛି ?... ମୁଁ ତୁମକୁ ଏହି ପ୍ରଶ୍ନ ପଚାରୁଛି ଯାହା ଉପରେ ତୁମେ ଚିନ୍ତା କରିପାର ।

*

(ମା'ଙ୍କୁ ଜଣେ ପ୍ରଶ୍ନ କଲେ ଯେ ଏହି ଅନୁଭୂତି ପାଇଁ, କହିବାକୁ ଗଲେ ସେ ଏକ 'ଅନୁକୂଳ' ଅବସ୍ଥାରେ ରହି ନଥିଲେ କି ? ତା'ର ଉତ୍ତରରେ ମା ନିମ୍ନୋକ୍ତ ବ୍ୟାଖ୍ୟାଟି ଦେଇଥିଲେ ।)

କେତେକ ଲୋକ ଅଛନ୍ତି ଯେଉଁମାନେ ବରାବର ଏକ ଉଚ୍ଚତର ଚେତନାରେ ବାସ କରନ୍ତି, ଯେତେବେଳେ ଅନ୍ୟମାନଙ୍କୁ ସେହି ଚେତନାରେ ପ୍ରବେଶ କରିବା ପାଇଁ ପ୍ରୟାସ କରିବାକୁ ପଡ଼େ । କିନ୍ତୁ ଏଠାରେ ବିଷୟଟି ସମ୍ପୂର୍ଣ୍ଣ ଭିନ୍ନ ଧରଣର । ମୁଁ ଯେଉଁ ଅନୁଭୂତିଟି କଥା କହୁଥିଲି, ତାହାର ସମସ୍ତ ମୂଲ୍ୟ ହେଉଛି ଏଇଥିପାଇଁ ଯେ ମୁଁ ସେହିପରି କିଛି ଅନୁଭୂତି ପାଇଁ ଆଦୌ ଆଶା କରି ନଥିଲି, ଆଦୌ ନୁହେଁ । ଯଦିଓ ମୁଁ ଏହା କହିପାରେ ଯେ ଶ୍ରୀଅରବିନ୍ଦଙ୍କ ବାତାବରଣ ବିଷୟ ମୁଁ ଖୁବ୍ ଭଲ ଭାବରେ ଜାଣିଥିଲି, ଏବଂ ଦୀର୍ଘଦିନ ଧରି କ୍ରମାଗତ ଭାବରେ ତାହା ସହିତ ଆଧ୍ୟାତ୍ମିକ ଯୋଗାଯୋଗ ଓ ସମ୍ପର୍କ ରଖୁଥିଲି, କିନ୍ତୁ ମୁଁ କେବେହେଲେ ଆଶା କରି ନଥିଲି ଯେ ସ୍ଥୂଳ ପବନ ମଧ୍ୟ ବଦଳି ଯିବ ଏବଂ ସାମାନ୍ୟତମ ଭାବରେ ମଧ୍ୟ ମୁଁ ତାହା ଆଶା କରି ନଥିଲି ଏବଂ ଏହାହିଁ ଅନୁଭୂତିଟିକୁ ସମଗ୍ର ମୂଲ୍ୟ ଦେଇଥିଲା । ହଠାତ୍ ଅଚାନକ ଭାବରେ ଏହା ଆସିଲା, ଠିକ୍ ଯେପରି ତୁମେ ଏକ ଭିନ୍ନ ତାପ ବା ଭିନ୍ନ ଉଚ୍ଚତା ବିଶିଷ୍ଟ ବାତାବରଣରେ ପ୍ରବେଶ କରିଛ ଠିକ୍ ସେହିପରି ଲାଗିଲା । ... ମୁଁ ଜାଣେନା ତୁମେ ଏହା ଲକ୍ଷ୍ୟ କରିଛ କି ନାହିଁ ଯେ ତୁମେ ଶ୍ୱାସ-ପ୍ରଶ୍ୱାସରେ ଯେଉଁ ବାୟୁ ଗ୍ରହଣ କର ତାହା ସବୁବେଳେ ସମାନ ନୁହେଁ, ଗୋଟିଏ ଦେଶର ବାୟୁର ସ୍ପନ୍ଦନ ସଙ୍ଗେ ଅନ୍ୟ ଏକ ଦେଶର ବାୟୁର ସ୍ପନ୍ଦନରେ, ଗୋଟିଏ ସ୍ଥାନର ବାୟୁର ସ୍ପନ୍ଦନ ସଙ୍ଗେ ଅନ୍ୟ ଏକ ସ୍ଥାନର ବାୟୁର ସ୍ପନ୍ଦନରେ ଅନେକ ଭିନ୍ନତା ରହିଛି । ତୁମେ ଯଦି ଏହି ସୂକ୍ଷ୍ମ ଭୌତିକର ପ୍ରତ୍ୟକ୍ଷ ଜ୍ଞାନ ସଙ୍ଗେ ପରିଚିତ ଥିବ ତେବେ ସଙ୍ଗେ ସଙ୍ଗେ କହି ଦେଇପାରିବ ଯେ ''ଆଃ ଏହା ହେଉଛି ଫ୍ରାନ୍ସର ପବନ'', ''ଏହା ହେଉଛି ଜାପାନର ପବନ ।'' ଗନ୍ଧ ବା ସ୍ୱାଦ ପରି ଏହାର ମଧ୍ୟ ସଂଜ୍ଞା ନିର୍ଣ୍ଣୟ କରାଯାଇ ପାରିବ ନାହିଁ । କିନ୍ତୁ ମୋର ସେହି ଅନୁଭୂତିଟି ଆଦୌ ଏପରି ନଥିଲା, ଏହା ଥିଲା ଅନ୍ୟ ଏକ ଇନ୍ଦ୍ରିୟାନୁଭୂତିର ପ୍ରତ୍ୟକ୍ଷ । ଏହା ଥିଲା ଏକ ଦୈହିକ ବୋଧ, ପ୍ରାଣିକ ବା ମାନସିକ ବୋଧ ନୁହେଁ; ଏହା ଥିଲା ଦୈହିକ ଜଗତରହିଁ ଏକ ଅନୁଭୂତି । କିନ୍ତୁ ସାଧାରଣତଃ ଆମର ଯେଉଁ ପଞ୍ଚେନ୍ଦ୍ରିୟର ଅନୁଭୂତି ଥାଏ ତା'ଛଡ଼ା ମଧ୍ୟ ଅନେକ ବୋଧ ଓ ଅନୁଭୂତି ରହିଛି ।

ପ୍ରକୃତରେ ଦୈହିକ ସତ୍ତାର ପୂର୍ଣ୍ଣ ବିକାଶ ପାଇଁ – ମନେରଖ ମୁଁ ଦୈହିକ ସତ୍ତା କଥା କହୁଛି – ବାରଟି ବୋଧ ବା ଇନ୍ଦ୍ରିୟାନୁଭୂତି ଦରକାର । ଏଥି ଭିତରୁ ଗୋଟିଏ ବୋଧହିଁ ମୋତେ ପୂର୍ବୋକ୍ତ ପ୍ରତ୍ୟକ୍ଷ ଅନୁଭୂତି ଆଣି ଦେଇଥିଲା । ତୁମେ କହିପାରିବ ନାହିଁ ଯେ ଏହା ଥିଲା ଏକ ସ୍ୱାଦ, ଶବ୍ଦ ବା ଶ୍ରବଣ ଇତ୍ୟାଦି, କିନ୍ତୁ ଏହା ଏପରି ଧରଣର ଏକ ଅନୁଭୂତି ଥିଲା ଯାହାକି ଅତି ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ଗୁଣଧର୍ମର ପାର୍ଥକ୍ୟକୁ ବୁଝାଇ ଦେଉଥିଲା । ଏହା ଥିଲା ଅତି ସୁନିର୍ଦ୍ଦିଷ୍ଟ, କଳା ଓ ଧଳାର ପାର୍ଥକ୍ୟ ବୁଝିପାରିଲା ଭଳି ସ୍ପଷ୍ଟ, ଯଥାର୍ଥରେ ଏହା ଥିଲା ଏକ ଇନ୍ଦ୍ରିୟାନୁଭୂତି ।

ସାଧାରଣତଃ ତୁମେ ଯେତେବେଳେ କୌଣସି ଗୁହ୍ୟବିଦ୍ୟା ଅଧ୍ୟୟନ କରିବାକୁ ଚାହଁ, ତୁମର ଗୁରୁ ଯେଉଁ କାମଟି ପ୍ରଥମେ କରନ୍ତି ତୁମକୁ ସେ ଏ ବିଷୟରେ ଆଦୌ କିଛି କହିବେ ନାହିଁ, ଆଦୌ କିଛି ବ୍ୟାଖ୍ୟା କରିବେ ନାହିଁ । ଏହାର କାରଣ ହେଉଛି ମନର ଭାବିବାର ଯେଉଁ ଏକ ହାସ୍ୟାସ୍ପଦ ସ୍ୱଭାବ ରହିଛି ତାହା ସଙ୍ଗେ ସଙ୍ଗେ ଏ ବିଷୟରେ ଭାବିବାକୁ ଆରମ୍ଭ କରେ ଏବଂ ସେହି ଭାବନା ଦ୍ୱାରା ତୁମ ପାଇଁ ଏପରିସବୁ ଅନୁଭୂତି ଆଣିଦିଏ ଯାହାର କି କୌଣସି ମୂଲ୍ୟ ନାହିଁ । ସେଗୁଡ଼ିକ କେବଳ ମନର ଗଠନ ମାତ୍ର ଏବଂ ତୁମକୁ ନେଇ ସେଗୁଡ଼ିକ ଖେଳା ଆରମ୍ଭ କରି ଦିଅନ୍ତି । ବାସ୍, କେବଳ ତାହାହିଁ, ସେଗୁଡ଼ିକର କୌଣସି ବାସ୍ତବତା ନଥାଏ ।

ତୁମକୁ ଅନୁଭୂତିର ଜଗତରେ ପ୍ରବେଶ କରିବାକୁ ହେଲେ ମନକୁ ପୂରାପୂରି ସନ୍ଦେହ କରିବାକୁ ହେବ । ମନକୁ ଟିକିଏ କେବଳ ହଲଚଲ କରି ଉଠାଇ ଦେବାକୁ ହେବ; ଯେତେବେଳେ ସେ ଦେଖିବାକୁ ଚାହିଁବ, 'ଆଃ, କ'ଣ ସବୁ ଘଟୁଛି ।' ତା'ପରେ ନାନା ଅନୁଭୂତି ଘଟିବାକୁ ଆରମ୍ଭ କରିପାରେ କିନ୍ତୁ ପ୍ରକୃତରେ ସେଗୁଡ଼ିକ ଯଥାର୍ଥ ଅନୁଭୂତି ନୁହେଁ, ମନର କଳ୍ପନା ମାତ୍ର ।

ପ୍ରଥମ ସର୍ତ୍ତ ହେଉଛି ତୁମକୁ ଜାଣିବାକୁ ହେବ କିପରି ନିରବତା ରକ୍ଷା କରାଯାଏ । କେବଳ କଥାବାର୍ତ୍ତା ବନ୍ଦ କରି ଜିଭକୁ ଚୁପ୍ ରଖିବା ଯଥେଷ୍ଟ ନୁହେଁ, ତୁମର ମନକୁ ନିରବ କରିବାକୁ ହେବ, ମସ୍ତିଷ୍କକୁ ନିରବ କରିବାକୁ ହେବ । ତୁମେ ଯଦି ଯଥାର୍ଥ ଓ ଆନ୍ତରିକ କିଛି ଅନୁଭୂତି ପାଇବାକୁ ଚାହୁଁଥାଅ, ଯାହା ଉପରେ ଯଥାର୍ଥ କିଛି ନିର୍ମାଣ କରିପାରିବ, ତେବେ

ତୁମକୁ ଜାଣିବାକୁ ହେବ କିପରି ନିରବ ହେବାକୁ ହୁଏ । ତା' ନହେଲେ କେବଳ ତୁମେ ନିଜେ ଯାହା କଳ୍ପନା କରି ଚାଲୁଥିବ ତା'ଛଡ଼ା ତୁମର ଆଉ କିଛି ରହିବ ନାହିଁ, ଯାହାର ଆଦୌ କୌଣସି ମୂଲ୍ୟ ନାହିଁ । ସେତେବେଳେ କେବଳ ଏତିକି କୁହାଯାଇ ପାରେ, ''ହାୟ, ଭଗବାନ୍, ମୋ ମନର କେତେ ନୂଆ ନୂଆ କଳ୍ପନାର ଶକ୍ତି ରହିଛି ।''

(CWM Vol 4, pp. 222 - 24, 229 - 31) ✜

ସେ ସବୁଠି ଅଛନ୍ତି । ସେ ସବୁଠି କ୍ରିୟା କରୁଛନ୍ତି ଏବଂ ସେ ନିଶ୍ଚେତନା ଭିତରେ ଆଣି ଦିଅନ୍ତି ଚେତନା । ତୁମେ ଯେତେବେଳେ ଏକ ଅନ୍ଧକାର କୋଠରିରେ ଆଲୋକ ବର୍ତ୍ତିକାଟିଏ ଜଳାଅ, ବିଦ୍ୟୁତ୍ ସଂଯୋଗଟିକୁ ଟିପି ଜଳାଇ ଦେବା ସଙ୍ଗେ ସଙ୍ଗେହିଁ ସେହି କୋଠରିରେ ଆଉ ଅନ୍ଧକାର ରୁହେ ନାହିଁ । ଯେଉଁ ମୁହୂର୍ତ୍ତରେ ତୁମେ ଚେତନାକୁ ପ୍ରବେଶ କରାଅ, ଆଉ ଅଚେତନା ରୁହେ ନାହିଁ । ସେ ତାହାହିଁ କରନ୍ତି । ସେ ଯେଉଁଠି ଯେଉଁଠି ଦେଖନ୍ତି ଅଚେତନା, ତହିଁ ଭିତରେ ପ୍ରବେଶ କରିବାକୁ ସେ ସଚେଷ୍ଟ ହୁଅନ୍ତି ।

— ଶ୍ରୀମା

A smile acts upon difficulties as the sun upon clouds – it disperses them.

(CWM. Vol. 14, p. 177) – The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

ଶେଷ ପୃଷ୍ଠା :

# ସ୍ୱଧର୍ମ ଓ ପୂର୍ଣ୍ଣଯୋଗ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଗୋଦାବରୀ ନଦୀକୂଳରେ ଶ୍ରୀଚୈତନ୍ୟ ଓ ରାୟ ରାମାନନ୍ଦଙ୍କ ଭିତରେ ଯେଉଁ ସଂଳାପ ହୋଇଥିଲା ତାହା ବିଶେଷ ମହତ୍ତ୍ୱପୂର୍ଣ୍ଣ । ଯେତେବେଳେ ଶ୍ରୀଚୈତନ୍ୟ ପଚାରିଲେ ଈଶ୍ୱର ଲାଭର ପ୍ରଶସ୍ତ ମାର୍ଗ କ'ଣ ? ତା'ର ଉତ୍ତରରେ ରାୟ ରାମାନନ୍ଦ 'ସ୍ୱଧର୍ମ ଆଚରଣ' ହିଁ ଏହି ମାର୍ଗ ବୋଲି କହିଥିଲେ । ଶ୍ରୀଚୈତନ୍ୟ କିନ୍ତୁ ଏଥିରେ ସନ୍ତୁଷ୍ଟ ନହୋଇ କହିଲେ ଏଇଟା ବାହ୍ୟ ଜିନିଷ, ଆହୁରି ଆଗକୁ ଯାଅ । ରାୟ ରାମାନନ୍ଦ ଜ୍ଞାନ, ଜ୍ଞାନପୂର୍ଣ୍ଣ ଭକ୍ତି କଥା କହିଲାରୁ ଶ୍ରୀଚୈତନ୍ୟ ଏଗୁଡ଼ିକ ମଧ୍ୟ ତଥାପି ବାହ୍ୟ ବୋଲି କହିଥିଲେ । ଏହାପରେ ତାଙ୍କଠାରୁ ଜ୍ଞାନଶୂନ୍ୟ ଭକ୍ତିର କଥା ଶୁଣି ଏହା ଏକ ଯଥାର୍ଥ ମାର୍ଗ ହୋଇପାରେ ବୋଲି ସ୍ୱୀକାର କରି ଆହୁରି ଆଗକୁ ଯିବା ପାଇଁ କହିଲାରୁ ରାୟ ରାମାନନ୍ଦ ଈଶ୍ୱରଙ୍କ ସହ ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, କାନ୍ତାଭାବ ଓ ଗୋପୀଭାବ ପ୍ରମୁଖ ପ୍ରେମଭକ୍ତିର ଉତ୍ତମ ମାର୍ଗ ବିଷୟରେ କହିଲେ ଓ ତହିଁରେ ଶ୍ରୀଚୈତନ୍ୟ ଦେବ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ । ଏଥିରୁ ବୁଝାଯାଏ ଭକ୍ତିମାର୍ଗରେ ସ୍ୱଧର୍ମାଚରଣକୁ ଏକ ବାହ୍ୟ ଜିନିଷ ବୋଲି ଗ୍ରହଣ କରାଯାଇଛି ।

ଜ୍ଞାନ ମାର୍ଗର ସାଧନାରେ ଯେଉଁଠି ବୈରାଗ୍ୟ, ସଂସାର ତ୍ୟାଗ ଓ ସନ୍ନ୍ୟାସକୁ ଏତେ ପ୍ରାଧାନ୍ୟ ଦିଆ ଯାଇଛି, ସେଠାରେ ସ୍ୱଧର୍ମାଚରଣର ପ୍ରଶ୍ନ ଉଠୁଛି କେଉଁଠୁ ? ଯେଉଁଠି ଜଗତ୍ କେବଳ ଏକ ମାୟା ବା ଭ୍ରମ, କର୍ମ ତ୍ୟାଗ ଓ ସଂସାରରୁ ମୁକ୍ତି ଯାହାର ଲକ୍ଷ୍ୟ, ସେଠାରେ ସ୍ୱଧର୍ମରେ ରହି କର୍ମ କରିବା ନୁହେଁ । ବ୍ରହ୍ମରେ ଲୟ ଓ ନିର୍ବିକଳ୍ପ ସମାଧିହିଁ ଲକ୍ଷ୍ୟ ।

କେବଳ କର୍ମଯୋଗରେ ସ୍ୱଧର୍ମରେ ରହି କର୍ମ କରିବା କଥା କୁହାଯାଇଛି ଏବଂ ଗୀତାର ଆରମ୍ଭ ଅଧ୍ୟାୟଗୁଡ଼ିକରେ ଏହା ଉପରେ ବେଶ୍ ଜୋର୍ ଦିଆଯାଇଛି । ଏପରିକି ପରଧର୍ମ ଭୟାବହ ଓ ସ୍ୱଧର୍ମରେ ରହି ମୃତ୍ୟୁବରଣ ମଧ୍ୟ ଶ୍ରେୟସ୍କର ବୋଲି କୁହାଯାଇଛି । ଗୀତାରେ ଏହି ସ୍ୱଧର୍ମ ସମ୍ପର୍କରେ ବ୍ୟାଖ୍ୟା ହେଲା, ପ୍ରତ୍ୟେକ ମନୁଷ୍ୟ ଭିତରେ ତାହାର ଏକ ନିଜସ୍ୱ ସ୍ୱଭାବ ରହିଛି ଏବଂ ସେହି ସ୍ୱଭାବ ଅନୁଯାୟୀ କର୍ମ କରିବାହିଁ ସ୍ୱଧର୍ମାଚରଣ । ଗୀତାର ଭାଷାରେ 'ସ୍ୱଭାବ ନିୟତଂ କର୍ମ' । ଶ୍ରୀଅରବିନ୍ଦ ମଧ୍ୟ ମଣିଷର ଆନ୍ତରସତ୍ତା ଓ ଅନ୍ତରର ସତ୍ୟ ସଙ୍ଗେ ସଙ୍ଗତି ରକ୍ଷା କରି ରହିଥିବା ତା'ର ସ୍ୱଭାବ ଅନୁଯାୟୀ କର୍ମ କରିବାକୁ ସ୍ୱଧର୍ମାଚରଣ ବୋଲି କହିଛନ୍ତି । ତାଙ୍କ କଥାରେ,''ବ୍ୟକ୍ତିର ସ୍ୱଭାବ ଅନୁଯାୟୀ କର୍ମହିଁ ଶ୍ରେୟସ୍କର, ଏପରିକି ଯଦି ବି ଅନ୍ୟ କୌଣସି ଦୃଷ୍ଟିକୋଣରୁ ତାହା ଦୋଷାବହ ବୋଲି ମନେ ହୋଇପାରେ । ମନୁଷ୍ୟ ଯେତେବେଳେ ସତ୍ୟ ଅଭିପ୍ରାୟ ଘେନି ନିଜର ପ୍ରକୃତିର ଧର୍ମ ଅନୁସରଣପୂର୍ବକ କାର୍ଯ୍ୟ କରେ, ସେତେବେଳେ ସେ କୌଣସି ପାପ ବା କଳଙ୍କର ଭାଗୀଦାର ହୁଏ ନାହିଁ । ... ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ତାହାର ନିଜସ୍ୱ କିଛି ରହିଛି, ତାହାର ପ୍ରକୃତିର ଗୋଟିଏ ବିଶିଷ୍ଟ ଧର୍ମ ଓ ସହଜାତ ଶକ୍ତି ରହିଛି ... କର୍ମର ମାଧ୍ୟମରେ ସେହି ଶକ୍ତିକୁ ବିକଶିତ ଓ ପରିପୂର୍ଣ୍ଣାଙ୍ଗ କରିବା, ନିଜର ସାମର୍ଥ୍ୟ, ଆଚରଣ ଓ ଜୀବନଧାରାରେ ତାହାକୁ କାର୍ଯ୍ୟକାରୀ କରିବା ପ୍ରତ୍ୟେକ ମନୁଷ୍ୟର ଯଥାର୍ଥ କର୍ମ । ... ମନୁଷ୍ୟ ଯେକୌଣସି କର୍ମ କରୁ ପଛକେ ଯଦି ତାହା ତା'ର ସତ୍ତାର ଧର୍ମ ଅନୁଯାୟୀ, ତାହାର ପ୍ରକୃତିର ସତ୍ୟ ଅନୁଯାୟୀ ଅନୁଷ୍ଠିତ ହୁଏ, ତା'ହେଲେ ସେହି କର୍ମକୁ ଭଗବତ୍ ଅଭିମୁଖୀ କରାଯାଇପାରେ ଏବଂ ତାହା ଆଧ୍ୟାତ୍ମିକ ମୁକ୍ତି ଓ ସିଦ୍ଧି ନିମିତ୍ତ ଫଳପ୍ରଦ ଉପାୟ ହୋଇପାରେ ।''

ସ୍ୱଧର୍ମ ସମ୍ପର୍କରେ ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗର ଏହିସବୁ ଦୃଷ୍ଟିକୋଣକୁ ସମସ୍ତ ସମ୍ମାନ ଦେଇ ଆମେ ଦେଖିବା ପୂର୍ଣ୍ଣଯୋଗରେ ଏହାର ସ୍ଥାନ କେଉଁଠି । ପୂର୍ଣ୍ଣଯୋଗ ଏହି ସମସ୍ତ ଯୋଗର ସମନ୍ୱୟ ହେବା ସଙ୍ଗେ ସଙ୍ଗେ ତା'ଠାରୁ ଅଧିକ କିଛି । କାରଣ ଏହା ହେଉଛି ଶ୍ରୀଅରବିନ୍ଦଙ୍କ କଥାରେ ''ଏକ ଜଗତ୍-ରୂପାନ୍ତରକାରୀ ଓ ପ୍ରକୃତି-ରୂପାନ୍ତରକାରୀ ଯୋଗ'' – "A world-changing and Nature-changing Yoga." କେବଳ ଅଦିବ୍ୟ ଏକ ଜଗତ୍, ପ୍ରକୃତି ଓ ଚେତନା ଭିତରୁ, ଏକ ଦିବ୍ୟ ଜଗତ୍, ଦିବ୍ୟ ପ୍ରକୃତି ଓ ଦିବ୍ୟ ଚେତନା ଭିତରକୁ ଉଠିଯିବା ନୁହେଁ; ସତ୍ୟ ଓ ଦିବ୍ୟତାର ଏକ ଅପ୍ରତିହତ ଶକ୍ତିକୁ ଏଠାରେ ଉତାରି ଆଣି ଏହି ପୃଥିବୀ ଓ ଜୀବନକୁ ଦିବ୍ୟତାରେ ରୂପାନ୍ତର କରିବାହିଁ ଏହାର ଲକ୍ଷ୍ୟ । ତେଣୁ ସେହି ଦୃଷ୍ଟିରୁହିଁ ଆମେ ଏହି ସ୍ୱଧର୍ମର ସତ୍ୟଟିକୁ

ଦେଖିବା । ପ୍ରତ୍ୟେକ ମନୁଷ୍ୟ ଭିତରେ ବିଶ୍ୱପ୍ରକୃତି ଏକ ସ୍ୱଧର୍ମ ରଖି ଦେଇଛି ଯାହାକୁ ଅବଲମ୍ବନ କରି ଆଗେଇ ଗଲେ ଆମେ ମନୁଷ୍ୟ ଜୀବନର ସାର୍ଥକତାରେ ପହଞ୍ଚି ପାରିବୁ । କିନ୍ତୁ ମନୁଷ୍ୟ-ଜୀବନର କୌଣସି ସାଫଲ୍ୟ ବା ସାର୍ଥକତାରେ ପୂର୍ଣ୍ଣଯୋଗର ଲକ୍ଷ୍ୟ ସୀମିତ ନୁହେଁ । ମନୁଷ୍ୟତାର ଉର୍ଦ୍ଧ୍ୱକୁ ଉଠିଯିବା, ମନୁଷ୍ୟତାକୁ ଅତିକ୍ରମ କରିବାହିଁ ଆମର ଲକ୍ଷ୍ୟ । ସାର୍ଥକ, ପୂର୍ଣ୍ଣ ଓ ଉତ୍ତମ ମଣିଷଟିଏ ହୋଇ ପାରିଲେ ଆମର ଲକ୍ଷ୍ୟ ସିଦ୍ଧ ହୋଇଯାଏ ନାହିଁ । ଶ୍ରୀଅରବିନ୍ଦ ଓ ଶ୍ରୀମା ବିବର୍ତ୍ତନର ଧାରାରେ ଯେଉଁ ଅତିମାନବ ଜାତିର ଆଗମନ କଥା କହିଛନ୍ତି, ଭଗବାନଙ୍କର ସେହି କାର୍ଯ୍ୟରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିବା ହେଉଛି ଆମ ପାଇଁ ଜୀବନର ସାର୍ଥକତା ।

ଏହା ବିବର୍ତ୍ତନର ଏକ ଘଡ଼ିସନ୍ଧି ବେଳ । ପଶୁରୁ ମଣିଷର ବିବର୍ତ୍ତନ ହେବାର ସନ୍ଧିକାଳରେ ବିଶ୍ୱପ୍ରକୃତିକୁ ଯେଉଁସବୁ ଅବସ୍ଥା ଓ ସଙ୍କଟ ଭିତର ଦେଇ ଯିବାକୁ ପଡ଼ିଥିଲା, ବର୍ତ୍ତମାନ ମାନବରୁ ଅତିମାନବର କ୍ରମବିକାଶ କ୍ଷେତ୍ରରେ ସେହିପରି ଏକ ଓଲଟପାଲଟ ଓ ଆମୂଳ ପରିବର୍ତ୍ତନର ସମୟ ଆଗତ ହୋଇଛି । ଶ୍ରୀଅରବିନ୍ଦ ଏହାକୁ ବିବର୍ତ୍ତନଗତ ସଙ୍କଟ (evolutionary crisis)ରେ ପୂର୍ଣ୍ଣ ଏକ ସମୟ ବୋଲି କହିଛନ୍ତି । କ୍ରମବିକାଶର ଧାରାରେ ମନୁଷ୍ୟର ଆବିର୍ଭାବ ପୂର୍ବରୁ ଯେପରି ମନ ସ୍ୱରୂପ ଏକ ଚେତନାର ଶକ୍ତି ଅବତରଣ କରିଥିଲା ଓ ସେହି ମନଃଶକ୍ତିକୁ ତତ୍କାଳୀନ ପୃଥିବୀରେ କ୍ରିୟାଶୀଳ ଅନ୍ୟାନ୍ୟ ଶକ୍ତିସବୁ ସହ ନାନା କ୍ରିୟା, ପ୍ରତିକ୍ରିୟା, ସଂଘର୍ଷ ଆଦିରେ ଜଡ଼ିତ ହେବାକୁ ପଡ଼ିଥିଲା ଓ ଶେଷରେ ମାନବର ଆବିର୍ଭାବ ଘଟିଲା, ସେହିପରି ବର୍ତ୍ତମାନ ଦିବ୍ୟ ଚେତନାର ଏକ ଶକ୍ତି ଅତିମାନସ ଏହି ପୃଥିବୀରେ ଅବତରଣ କରିଛି ଓ ବର୍ତ୍ତମାନର ପୃଥିବୀରେ କ୍ରିୟାଶୀଳ ଅନ୍ୟାନ୍ୟ ଶକ୍ତିଗୁଡ଼ିକ ସହ ତାହାର କ୍ରିୟା, ପ୍ରତିକ୍ରିୟା, ଆଦାନ-ପ୍ରଦାନ ଓ ସଂଘର୍ଷ ଆଦି ଚାଲିଛି । ଏହାର ଅବଶ୍ୟମ୍ଭାବୀ ପରିଣତି ରୂପେ ଏକ ଅତିମାନସ ଜାତିର ଆବିର୍ଭାବ ସୁନିଶ୍ଚିତ । ସେଥିପାଇଁ କେଇ ଶହ ବା କେଇ ହଜାର ବର୍ଷ ଲାଗିବ, ତାହା ବଡ଼ କଥା ନୁହେଁ । ମା'ଙ୍କ କଥାରେ ପଶୁରୁ ମଣିଷ ହେବା ପାଇଁ କେଇ ଲକ୍ଷ ବର୍ଷ ଲାଗିଥିଲା; ଅତିମାନବ ଜାତିର ଆବିର୍ଭାବ ପାଇଁ ତ ଅନ୍ତତଃ କେଇ ହଜାର ବର୍ଷ ଅପେକ୍ଷା କରିପାରିବା !

ପ୍ରଧାନ କଥାଟି ହେଲା ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ନେତୃତ୍ୱରେ ଏହି କାର୍ଯ୍ୟଟି ସମ୍ପନ୍ନ ହୋଇ ଚାଲିଛି ଓ ଆମକୁ ସୁଯୋଗ ଦିଆଯାଇଛି ଭଗବାନଙ୍କ ଏହି କାର୍ଯ୍ୟରେ ସଚେତ ସହଯୋଗ କରିବା ପାଇଁ । ସେହି ସହଯୋଗର ମୂଳ କଥା ହେଲା ଭଗବାନଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ ଓ ସମର୍ପଣ କରିବା । ଗୀତାର ଆରମ୍ଭରେ ଶ୍ରୀକୃଷ୍ଣ ସ୍ୱଧର୍ମର କଥା କହିଥିଲେ କିନ୍ତୁ ଶେଷରେ ସମସ୍ତ ଧର୍ମ ପରିତ୍ୟାଗ କରି ତାଙ୍କ ପାଖରେ ସମର୍ପଣ କରିବାକୁ କହିଲେ । ପୂର୍ଣ୍ଣଯୋଗର ପ୍ରକୃତ ଆରମ୍ଭ ଓ ସମସ୍ତ ସିଦ୍ଧି ଏହି ସମର୍ପଣରେହିଁ । ସେହି ଦୃଷ୍ଟିରୁ ପୂର୍ଣ୍ଣଯୋଗରେ ସ୍ୱଧର୍ମର ଅର୍ଥ ବଦଳି ଯାଇଛି । ଆମର ସ୍ୱଧର୍ମ ବୋଲି କିଛି ନାହିଁ; ଭଗବାନ୍ ଆମଠାରୁ ଯାହା ଚାହାଁନ୍ତି ତାହାହିଁ ଆମର ସ୍ୱଧର୍ମ । ଅନ୍ୟାନ୍ୟ ସାଧାରଣ ଅବସ୍ଥା ବା ପରିସ୍ଥିତିରେ ଯେପରି ନିଜର ସ୍ୱଧର୍ମକୁ ଅବଲମ୍ବନ କରି ଭଗବାନଙ୍କ ଦିଗରେ ଆଗେଇ ଯିବା କଥା କୁହାଯାଏ, ତାହା ନୁହେଁ – ଭଗବାନଙ୍କ ବିଶ୍ୱ-ବିଧାନର ଏହି ବିଶେଷ ପରିସ୍ଥିତିରେ ଭଗବାନ୍ ଆମଠାରୁ କ'ଣ ଚାହାନ୍ତି ତାହା ଉପଲବ୍ଧି କରି, ତାଙ୍କର ଏହି ବିଶେଷ କାମରେ ଅଂଶଗ୍ରହଣ କରିବାହିଁ ପୂର୍ଣ୍ଣଯୋଗ । ତେଣୁ ଆମର ସ୍ୱଧର୍ମ କ'ଣ ସେ ବିଷୟରେ ମୁଣ୍ଡ ନ ଖେଳାଇ ଆମର ସମସ୍ତ ଅଭୀପ୍ସା ଓ ଏକାଗ୍ରତା ଠୁଳ ହେବା ଆବଶ୍ୟକ ଭଗବାନଙ୍କ ଇଚ୍ଛା ଉପରେ । ଅବତାରଙ୍କ ନେତୃତ୍ୱରେ ଭଗବାନଙ୍କ କାମରେ ସଚେତ ଅଂଶଗ୍ରହଣ ଠାରୁ ଆଉ ଅଧିକ ସାର୍ଥକତା କ'ଣ ଅଛି ? ଗଭୀର ମନୋଯୋଗ ସହ ଶ୍ରୀମା'ଙ୍କର ଏହି କଥାଗୁଡ଼ିକୁ ବୁଝିବାକୁ ଚେଷ୍ଟା କଲେ ଆମେ ଆମ ସାଧନାର ମାର୍ଗଦର୍ଶନ ଓ ପଥ ନିର୍ଦ୍ଦେଶ ପାଇ ପାରିବୁ, "The true aim of life is to find the Divine's Presence deep inside oneself and to surrender to It so that It takes the lead of the life, all the feelings and all the actions of the body." (MCW, Vol 14, p. 5)

– ''ଜୀବନର ଯଥାର୍ଥ ଲକ୍ଷ୍ୟ ହେଲା ନିଜର ଗଭୀର ଭିତରେ ଭଗବାନଙ୍କର ଦିବ୍ୟ ଉପସ୍ଥିତିକୁ ପ୍ରତ୍ୟକ୍ଷ କରିବା ଏବଂ ଏହା ପାଖରେ ନିଜକୁ ସମର୍ପଣ କରିଦେବା, ଯାହା ଫଳରେ ସେ ଆମ ଜୀବନର, ଆମର ସମସ୍ତ ଅନୁଭବର ଏବଂ ଶରୀରର ସମସ୍ତ କ୍ରିୟାର ନେତୃତ୍ୱ ନେବେ ।''




ଶ୍ରୀଅରବିନ୍ଦ, ଜାନୁଆରୀ ୧୯୦୮

ଶ୍ରୀଅରବିନ୍ଦଙ୍କ କଲିକତା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ୍ୟ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।

(ଦ୍ୱିତୀୟ ପର୍ବ)

୨ ଅଗଷ୍ଟ ୧୯୦୭ରେ ଶ୍ରୀଅରବିନ୍ଦ ଜାତୀୟ ବିଶ୍ୱବିଦ୍ୟାଳୟରୁ ସ୍ୱେଚ୍ଛାକୃତ ଭାବେ ଇସ୍ତଫା ଦେବା ଅବସରରେ ସେଥିରେ ଉଲ୍ଲେଖ କରିଥିଲେ ଯେ ଶିକ୍ଷା ପରିଷଦ ଭବିଷ୍ୟତରେ ତାଙ୍କଠାରୁ ସେବା କାର୍ଯ୍ୟ ଆବଶ୍ୟକ ମନେ କଲେ ସେ ନିଶ୍ଚିତ ରୂପେ ସହାୟତା କରିବେ । 'ବନ୍ଦେ ମାତରମ୍ ମାମଲା'ରୁ ମୁକ୍ତିଲାଭ ପରେ ପରିଷଦ ତାଙ୍କୁ କଲେଜର ଅଧ୍ୟକ୍ଷ ପଦ ଗ୍ରହଣ କରିବା ସକାଶେ ଅନୁରୋଧ କରିଥିଲେ । ଶ୍ରୀଅରବିନ୍ଦ କିନ୍ତୁ ଅଧ୍ୟକ୍ଷ ପଦ ଗ୍ରହଣ ନକରି କଲେଜରେ ଇତିହାସ ଓ ରାଜନୀତି ବିଜ୍ଞାନର ଅଧ୍ୟାପକ ହୋଇଥିଲେ । ୨୬ ନଭେମ୍ବର ୧୯୦୭ରୁ ସେ ତାଙ୍କର ଅଧ୍ୟାପନା କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ୨ମେ ୧୯୦୮ରେ ପୁନର୍ବାର ଗ୍ରେପ୍ତାର ହେବା ପରେ ସେ ମେ ୨୩ ତାରିଖରେ କଲେଜରୁ ଶେଷଥର ପାଇଁ ଇସ୍ତଫା ଦେଇଥିଲେ । ତାଙ୍କ ଅନୁପସ୍ଥିତିରେ କଲେଜର ଏକ ଉନ୍ନତମାନର ଅଧ୍ୟାପନାର ପରିସମାପ୍ତି ଘଟିଥିଲା ।



ବୌ ବଜାର ଷ୍ଟ୍ରୀଟ୍‌ର ୧୬୪ ଓ ୧୬୬ ନଂ. ସଂପୃକ୍ତ ବାସଭବନ । ଏହି ଭଡ଼ାଘରକୁ ଜାତୀୟ ବିଶ୍ୱବିଦ୍ୟାଳୟ ୧୯୦୭ ଜୁନ୍ ମାସରେ ସ୍ଥାନାନ୍ତରିତ ହୋଇଥିଲା





୧୯/୩ ନଂ. ଛକୁ ଖାନ୍‌ସାମା ଲେନ୍ ବାସଭବନର ସମ୍ମୁଖଭାଗ ଓ ଅଭ୍ୟନ୍ତରର ଫଟୋଚିତ୍ର

'ବନ୍ଦେ ମାତରମ୍ ମାମଲା'ରୁ ମୁକ୍ତି ପାଇବା ପରେ ଶ୍ରୀଅରବିନ୍ଦ ସୁବୋଧ ମଲ୍ଲିକଙ୍କ ବାସଭବନରୁ ୧୯୦୭ ଅକ୍‌ଟୋବରରେ କଲିକତାର ଛକୁ ଖାନ୍‌ସାମା ଲେନ୍‌ର ଏକ ଭଡ଼ାଘରକୁ ପରିବର୍ତ୍ତନ କରି ପରିବାରବର୍ଗଙ୍କ ସହ ବସବାସ କରିବାକୁ ଆରମ୍ଭ କରିଥିଲେ ।

ଉପରୋକ୍ତ ବାସଭବନରେ ୧୯୦୭ ଡିସେମ୍ବରରେ ହେନ୍‌ରୀ ନେଭିନ୍‌ସନ୍ (ଏକାଧିକ ବ୍ରିଟିଶ ପତ୍ରପତ୍ରିକାର ଜଣେ ପ୍ରଖ୍ୟାତ ସାମ୍ବାଦିକ) ଶ୍ରୀଅରବିନ୍ଦଙ୍କୁ କ୍ରମାଗତ ଭାବରେ ଦୁଇ ଥର ସାକ୍ଷାତ୍ କରିଥିଲେ । ଏହି ସାକ୍ଷାତ୍‌କାର ସମ୍ବନ୍ଧରେ ନେଭିନ୍‌ସନ୍ ଏକ ସ୍ମରଣଯୋଗ୍ୟ ବିବରଣୀ 'Manchester Guardian' ପତ୍ରିକାରେ ପ୍ରକାଶ କରିଥିଲେ । ତନ୍ମଧ୍ୟରୁ କିଛି ଉଦ୍ଧୃତି : ''...ଶ୍ରୀଅରବିନ୍ଦ ଥିଲେ ଅବିଚଳିତ ଭାବେ ଅନ୍ତର୍ମୁଖୀ, ଭବିତବ୍ୟ ବା ମତାମତ ପ୍ରତି ବୀତସ୍ପୃହ, ଏବଂ ମୋର ଜ୍ଞାତସାରରେ ସେ ଥିଲେ ସର୍ବୋତ୍ତମ ପ୍ରଶାନ୍ତ ବ୍ୟକ୍ତି । ...''

ନେଭିନ୍‌ସନ୍‌ଙ୍କ ସହିତ ସାକ୍ଷାତ୍‌କାର ପରେ ଶ୍ରୀଅରବିନ୍ଦ ତାଙ୍କ ସମ୍ବନ୍ଧେ ଏହି ମର୍ମରେ ମନ୍ତବ୍ୟ ଦେଇଥିଲେ ଯେ ତାଙ୍କ ସ୍ୱଭାବରେ ଥିଲା ଏକ ଉଦାର ସହାନୁଭୂତି, ତୀକ୍ଷ୍ଣ ଧୀଶକ୍ତି ଏବଂ ଏକ କ୍ଷିପ୍ର ପ୍ରଗାଢ଼ତା ।



The Manchester Guardian.

SATURDAY, MAY 5, 1821.

'ମାଞ୍ଚେଷ୍ଟର୍ ଗାର୍ଡ଼ିୟାନ୍'ର ନାମପୃଷ୍ଠାର ଅବିକଳ ପ୍ରତିଲିପି




ଏଚ୍. ଡବ୍ଲ୍ୟୁ. ନେଭିନ୍‌ସନ୍ (୧୮୫୬ - ୧୯୪୧)


ଅନ୍ୟତ୍ର ନେଭିନ୍‌ସନ୍ ଆତଙ୍କର ସହିତ ମନ୍ତବ୍ୟ ଦେଇଥିଲେ : 'ଭାରତର ସର୍ବାପେକ୍ଷା ମାରାତ୍ମକ ବ୍ୟକ୍ତି ହେଉଛନ୍ତି ଅରବିନ୍ଦ ଘୋଷ ।'

୧୯୦୬ ଡିସେମ୍ବରରେ କଲିକତାରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନରେ ଶ୍ରୀଅରବିନ୍ଦ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ ଯେ ଭାରତୀୟ ରାଜନୀତିର ମୌଳିକ ଉଦ୍ଦେଶ୍ୟ ହେଉଛି 'ସ୍ୱରାଜ'; ଅର୍ଥାତ୍, 'ପରିପୂର୍ଣ୍ଣ ଓ ଚୂଡ଼ାନ୍ତ ସ୍ୱାଧୀନତା' । ଏବଂ ଏହା ହାସଲ କରିବାରେ ସ୍ୱଦେଶୀ, ବୟକଟ୍ ଏବଂ ଜାତୀୟ ଶିକ୍ଷା ହେଉଛି ଏକ କ୍ଷମତାଶାଳୀ ଫଳପ୍ରଦ ଉପାୟ । ସଭାରେ ଉପସ୍ଥିତ ଦାଦାଭାଇ ନାରୋଜି ଘୋଷଣା କରିଥିଲେ ଯେ ଆମେ 'ସ୍ୱରାଜ' ଶବ୍ଦଟିକୁ 'ଔପନିବେଶିକ ସ୍ୱାୟତ୍ତ ଶାସନ' ହିସାବରେ ଗ୍ରହଣ କରିବା ଉଚିତ । କିନ୍ତୁ ସର୍ବସମ୍ମତି କ୍ରମେ ଶ୍ରୀଅରବିନ୍ଦଙ୍କ ଘୋଷଣାକୁ ପୂର୍ଣ୍ଣ ସ୍ୱୀକୃତି ଦିଆ ଯାଇଥିଲା ।

ଯଥାର୍ଥରେ କହିବାକୁ ଗଲେ ସର୍ବଭାରତୀୟ ସ୍ତରରେ ନରମପନ୍ଥୀ ନେତାଗଣ ଉପରୋକ୍ତ ସିଦ୍ଧାନ୍ତକୁ ଶୁଦ୍ଧ ଅନ୍ତଃକରଣରେ ଗ୍ରହଣ କରିପାରି ନଥିଲେ । କାରଣ 'କଂଗ୍ରେସ' ଗଠନର ପ୍ରାରମ୍ଭରୁହିଁ ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା ସରକାରଙ୍କୁ ଆଦୌ ଅସନ୍ତୁଷ୍ଟ ନକରି ଆପୋସ ମିଳାମିଶା ଓ ଆବେଦନ-ନିବେଦନ ନୀତିରେ ଦେଶରେ ନିଜର ପ୍ରତିଷ୍ଠା ବଜାୟ ରଖିବା । ଫଳତଃ ୧୯୦୬ର ଜାତୀୟ କଂଗ୍ରେସ ଅଧିବେଶନରେହିଁ ଦୁଇଦଳଙ୍କ ଭିତରେ ବିଚ୍ଛିନ୍ନତାର ବୀଜବପନ ହୋଇଥିଲା ।



ଦାଦାଭାଇ ନାରୋଜି (୧୮୨୫ - ୧୯୧୭)



ଜନ୍ ମର୍ଲେ (୧୮୧୮ - ୧୯୨୩)
ସେକ୍ରେଟେରୀ ଅଫ୍ ଷ୍ଟେଟ୍ ଫର୍ ଇଣ୍ଡିଆ
(୧୯୦୫ - ୧୯୧୦)

ଅଧିକନ୍ତୁ ଏହି ସମୟକାଳ ମଧ୍ୟରେ ଦେଶରେ ସରକାରଙ୍କ ଦ୍ୱାରା ଭାରତରେ 'ମର୍ଲେ-ମିଣ୍ଟୋ-ଶାସନ-ସଂସ୍କାର' ପ୍ରସ୍ତାବ ଘୋଷିତ ହୋଇଥିଲା । ଶ୍ରୀଅରବିନ୍ଦ ଏହି ପ୍ରସ୍ତାବ ସମ୍ବନ୍ଧରେ 'ବନ୍ଦେ ମାତରମ୍'ରେ ବାରଂବାର ଦେଶବାସୀଙ୍କୁ ସତର୍କତାସୂଚକ ବିଜ୍ଞପ୍ତି ଦେଉଥିଲେ ଯେ ଏହି ସଂସ୍କାର ପ୍ରସ୍ତାବରେ କେବେହେଲେ ପ୍ରତାରିତ ହୁଅନ୍ତୁ ନାହିଁ । ଏହା ଏକ ଚତୁର ପ୍ରତାରଣା । ...

ପରେ ଅନ୍ୟତ୍ର ଶ୍ରୀଅରବିନ୍ଦ ତାଙ୍କର ଭାଷଣରେ ଉଲ୍ଲେଖ କରିଥିଲେ ଯେ ଜନ୍ ମର୍ଲେ ଆମମାନଙ୍କ ସମ୍ମୁଖରେ ସର୍ବଦା ଗୋଟିଏ ହସ୍ତରେ 'ଖଡ୍‌ଗ' ଓ ଅନ୍ୟ ହସ୍ତରେ 'ବରାଭୟ' ମୁଦ୍ରାରେ ଉଭା ହୋଇଛନ୍ତି । ସେ ଆରମ୍ଭରୁହିଁ ଆମକୁ ଦ୍ୱ୍ୟର୍ଥବୋଧକ କଥା ଶୁଣାଇ ଆସିଛନ୍ତି । ଗୋଟିଏ ପଟରେ ଶାସନ-ସଂସ୍କାର ଓ ଭୋଟ ପ୍ରକ୍ରିୟାରେ ନିର୍ବାଚନରେ ପ୍ରତିନିଧିତ୍ୱ କଥା ଶୁଣାଉଥିବା ବେଳେ ପକ୍ଷାନ୍ତରେ ଭାରତରେ ଚିରସ୍ଥାୟୀ ବ୍ରିଟିଶ ଆଧିପତ୍ୟ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଉଥା'ନ୍ତି ।

'ବନ୍ଦେ ମାତରମ୍'ରେ ଶ୍ରୀଅରବିନ୍ଦଙ୍କର ଚେତାବନୀକୁ ଚରମପନ୍ଥୀ ଦେଶବାସୀଗଣ ଗଭୀର ଭାବରେ ହୃଦୟଙ୍ଗମ କରୁଥିବା ବେଳେ ନରମପନ୍ଥୀ ନେତାଗଣ ଶାସନ-ସଂସ୍କାର-ସିଦ୍ଧାନ୍ତରେ ସହଯୋଗ କରିବାକୁ ସଂକଳ୍ପବଦ୍ଧ ଥିଲେ ।

ତେଣୁ ୧୯୦୭ ମସିହାର ପ୍ରାରମ୍ଭରୁହିଁ ଜାତୀୟ ସ୍ତରରେ ଚରମପନ୍ଥୀ ଓ ନରମପନ୍ଥୀଙ୍କ ଭିତରେ ପରସ୍ପର ବିରୋଧିତା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା । ଏମିତି ପରିସ୍ଥିତିରେ ୧୯୦୭ ଡିସେମ୍ବର ୭ ରୁ ୯ ତାରିଖ ପର୍ଯ୍ୟନ୍ତ ମେଦିନୀପୁରରେ ପ୍ରାଦେଶିକ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେଲା ।



ଲର୍ଡ଼ ମିଣ୍ଟୋ (୧୮୪୫ - ୧୯୧୪)
ଭାଇସ୍‌ରାୟ ଅଫ୍ ଇଣ୍ଡିଆ
(୧୯୦୫ - ୧୯୧୦)

୧୯୦୭ ଡିସେମ୍ବରର ଶେଷ ସପ୍ତାହରେ ଜାତୀୟ କଂଗ୍ରେସ ଅଧିବେଶନ ମହାରାଷ୍ଟ୍ରର ନାଗପୁରରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା । କିନ୍ତୁ ଏହି ଅଧିବେଶନର ଧାର୍ଯ୍ୟ ଦିନ ଯେତେ ଯେତେ ନିକଟତର ହୋଇ ଆସୁଥିଲା ସେତେହିଁ ସଭାପତି ମନୋନୟନ ଅଧିକାରକୁ ନେଇ ଅଭ୍ୟର୍ଥନା କମିଟି ନାଗପୁରର ନରମପନ୍ଥୀ ଓ ଚରମପନ୍ଥୀ ମଧ୍ୟରେ ଉପୁଜିଥିବା ତୀବ୍ର ବିରୋଧରେ ଲିପ୍ତ ହୋଇ ପଡ଼ିଲେ । ବୟସ୍କ ନରମପନ୍ଥୀମାନେ ଏହି ଆସନ ନିମିତ୍ତ ଭାଇସ୍‌ରାୟଙ୍କ ସହିତ ସୁପରିଚିତ କଲିକତାର ରାସବିହାରୀ ଘୋଷଙ୍କୁ ମନୋନୟନ କରିଥିଲେ । ପକ୍ଷାନ୍ତରେ ଚରମପନ୍ଥୀମାନେ ସଦ୍ୟ ମାନ୍ଦାଲୟ ଜେଲରୁ ମୁକ୍ତି ପାଇଥିବା ଲାଲା ଲାଜପତ୍ ରାୟଙ୍କୁ ଏହି ଆସନରେ ବସାଇବା ସକାଶେ ରାସବିହାରୀ ବାବୁ ସ୍ୱତଃପ୍ରବୃତ୍ତ ଭାବରେ ରାଜି ହୁଅନ୍ତୁ ବୋଲି ଚାହିଁଥିଲେ । ଏଇଟି ଥିଲା ଦୁଇ ଦଳଙ୍କ ଭିତରେ ତୀବ୍ର ବିବାଦୀୟ ବିଷୟ । ବି. ଏସ୍. ମୁଞ୍ଜେ ସଂଖ୍ୟାଲଘୁ ଅଥଚ କ୍ଷମତାଶାଳୀ ଚରମପନ୍ଥୀଙ୍କ ମୁଖ୍ୟ ଥିବାବେଳେ ଫିରୋଜସାହା ମେହେଟ୍ଟା ଥିଲେ ସଂଖ୍ୟାଗରିଷ୍ଠ ନରମପନ୍ଥୀଙ୍କର ମୁଖ୍ୟ ।


ବି. ଏସ୍. ମୁଞ୍ଜେ


ଲାଲା ଲାଜପତ୍ ରାୟ


ଫିରୋଜ ସାହା ମେହେଟ୍ଟା

ନଭେମ୍ବର ୧୦ ତାରିଖରେ ନାଗପୁରର କତିପୟ କ୍ଷମତାଶାଳୀ ନରମପନ୍ଥୀ ଏକ ପରାମର୍ଶ-ସଭାରେ ସିଦ୍ଧାନ୍ତ ନେଲେ ଯେ ଏଥର ଜାତୀୟ କଂଗ୍ରେସ ଅଧିବେଶନ ସମ୍ପୂର୍ଣ୍ଣ ରୂପେ ନରମପନ୍ଥୀମାନଙ୍କର ଏକ ପୀଠସ୍ଥାନ ଗୁଜୁରାଟର ସୁରତରେ ଅନୁଷ୍ଠିତ ହେବ ।

ମେହେଟ୍ଟାଙ୍କର ଫନ୍ଦିରୁ ଉଦ୍ଭୂତ ଏହି ପରିସ୍ଥିତିରେ ଶ୍ରୀଅରବିନ୍ଦ ପ୍ରମୁଖ ଅନ୍ୟାନ୍ୟ ବରେଣ୍ୟ ନେତା ସିଦ୍ଧାନ୍ତ ନେଲେ ଯେ ନରମପନ୍ଥୀ କଂଗ୍ରେସକୁ ବୟକଟ୍ କରି ନାଗପୁରରେହିଁ ଏକ ସ୍ୱତନ୍ତ୍ର ଜାତୀୟ କଂଗ୍ରେସ ଅଧିବେଶନ କରିବେ । ତିଳକ ଏ ଖବର ପାଇ ଶ୍ରୀଅରବିନ୍ଦଙ୍କୁ ତାରବାର୍ତ୍ତାରେ ଜଣାଇଲେ : ‘For God’s sake, no split.’ । ତିଳକ ଅବଶ୍ୟ ସ୍ୱମତ ପ୍ରକାଶ କରି ପତ୍ର ମାଧ୍ୟମରେ ଜଣାଇଥିଲେ ଯେ ସୁରତରେହିଁ ଆମ ଦଳ ଆପଣାର ଶକ୍ତି ପ୍ରଦର୍ଶନ କରିବେ । ତେଣୁ ପରିଶେଷରେ ତିଳକଙ୍କ ମତହିଁ ଗୃହୀତ ହୋଇଥିଲା ।


ରାସବିହାରୀ ଘୋଷ

ଶ୍ରୀଅରବିନ୍ଦ ୧୯୦୭ର ୬ ଡିସେମ୍ବରରେ ମୃଣାଳିନୀ ଦେବୀଙ୍କ ନିକଟକୁ ଲେଖିଥିଲେ : ‘‘ମୋର ଏଠାରେ ମୁହୂର୍ତ୍ତ ମାତ୍ର ସମୟ ନାହିଁ; ‘ବନ୍ଦେ ମାତରମ୍’ରେ ଲେଖାର ଭାର ମୋ ଉପରେ, କଂଗ୍ରେସ ସଂକ୍ରାନ୍ତ କାର୍ଯ୍ୟର ଭାର ମୋ ଉପରେ, ‘ବନ୍ଦେ ମାତରମ୍’ର ଗୋଳମାଳ ମେଣ୍ଟାଇବାର ଭାର ବି ମୋ ଉପରେ । ... ତା’ଛଡ଼ା ମୋ ନିଜ (ସାଧନା-ସଂକ୍ରାନ୍ତ)ର କାର୍ଯ୍ୟ ବି ଅଛି, ସେଇଟିକୁ ଅବଜ୍ଞା କଲେ ଚଳିବ ନାହିଁ । ... ମୁଁ ଆଜି ମେଦିନୀପୁର ଯିବି । ଫେରିଆସି ଏଠାରେ ସବୁ ବ୍ୟବସ୍ଥା କରି ସୁରତ ଯିବି ।’’



ସୁରତ <— ନାଗପୁର (ମାନଚିତ୍ର)

ଦେଶରେ ରାଜନୈତିକ ପରିସ୍ଥିତି ଏମିତି ଥିବା ବେଳେ ମେଦିନୀପୁରରେ

୭ ରୁ ୯ ଡିସେମ୍ବରରେ ପ୍ରାଦେଶିକ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହେଲା । କଲିକତାରୁ ଶ୍ରୀଅରବିନ୍ଦଙ୍କ ନେତୃତ୍ୱରେ ଚରମପନ୍ଥୀମାନେ ଏବଂ ନରମପନ୍ଥୀମାନେ ସୁରେନ୍ଦ୍ର ନାଥ ବାନାର୍ଜୀଙ୍କ ନେତୃତ୍ୱରେ ସଭାସ୍ଥଳରେ ଉପସ୍ଥିତ ହେଲେ । ଅଧିକନ୍ତୁ ସଭାସ୍ଥଳଟି ମେଦିନୀପୁରର ଗୁପ୍ତ ସମିତିର ସଂଗ୍ରାମୀ ନେତା ସତ୍ୟେନ୍ଦ୍ର ନାଥ ବସୁଙ୍କ ଦ୍ୱାରା ପରିଚାଳିତ ଚରମପନ୍ଥୀ ଜାତୀୟ ସ୍ୱେଚ୍ଛାସେବକଗଣଙ୍କ ଦ୍ୱାରା ଭରପୂର ଥିଲା । ଏହି ଅଧିବେଶନରେ ସଭାପତି ଥିଲେ ନରମପନ୍ଥୀ ବାରିଷ୍ଟର କେ. ବି. ଦତ୍ତ ।



ତଦାନୀନ୍ତନ ମେଦିନୀପୁର ସହର

ପ୍ରଥମ ଦିବସର ସଭା ଆରମ୍ଭରେ ଚରମପନ୍ଥୀମାନେ ସଭାପତିଙ୍କୁ ଆବେଦନ କଲେ 'ସ୍ୱରାଜ' ସପକ୍ଷରେ ଆମମାନଙ୍କୁ ଭାଷଣ ଦିଅନ୍ତୁ । ସଭାପତି ମହୋଦୟ ଏ ବିଷୟରେ କିଛି କହିବାକୁ ରୋକଠୋକ ଅସ୍ୱୀକାର କରିବାରୁ ସ୍ୱେଚ୍ଛାସେବକ ଦଳ ହଟ୍ଟଗୋଳ ଆରମ୍ଭ କରିଦେଲେ ଏବଂ ଦୁଇ ଦଳଙ୍କ ଭିତରେ ରୀତିମତ ବାକ୍‌ବିତଣ୍ଡା ଆରମ୍ଭ ହେଲା । ସୁରେନ୍ଦ୍ର ନାଥ ଆପ୍ରାଣ ଚେଷ୍ଟା କରି ସଭାସ୍ଥଳରେ ଶାନ୍ତି ସ୍ଥାପନାରେ ଅପାରଗ ହୋଇ ଶ୍ରୀଅରବିନ୍ଦଙ୍କ ନିକଟରେ ଆବେଦନ କଲେ । ଶ୍ରୀଅରବିନ୍ଦ କିନ୍ତୁ ନିର୍ବିକାର ଥିଲେ । ତେଣୁ ନରମପନ୍ଥୀମାନେ ପୁଲିସର ସାହାଯ୍ୟ ଲୋଡ଼ିବାକୁ ବାଧ୍ୟ ହେଲେ ।

ଅବଶେଷରେ ତା' ପରଦିନ (୮ ଡିସେମ୍ବର) ଚରମପନ୍ଥୀମାନେ ଶ୍ରୀଅରବିନ୍ଦଙ୍କ ନେତୃତ୍ୱରେ ପୃଥକ୍ ଭାବରେ ଏକ ସଭାର ଆୟୋଜନ କଲେ । ପ୍ରକାଶ୍ୟ ମଞ୍ଚରେ କେବଳ ଚରମପନ୍ଥୀଙ୍କ ସମାବେଶରେ ଏହାହିଁ ଶ୍ରୀଅରବିନ୍ଦଙ୍କର ପ୍ରଥମ ଅଭିଭାଷଣ । ତହିଁ ପରଦିନ 'ବନ୍ଦେ ମାତରମ୍'ର ଜନୈକ ବିଶିଷ୍ଟ ଲେଖକ ହେମେନ୍ଦ୍ର ପ୍ରସାଦ ଲେଖିଲେ, 'ଅନିବାର୍ଯ୍ୟ ବିଚ୍ଛେଦ ଘଟିଲା ଏବଂ ଏହା ଆରମ୍ଭ ମାତ୍ର' ।



ଶ୍ରୀଅରବିନ୍ଦ



ତାପ୍ତି ନଦୀକୂଳରେ ଅବସ୍ଥିତ ପ୍ରାଚୀନ ଓ ସମୃଦ୍ଧିଶାଳୀ ନଗର ସୁରତ (ସୂର୍ଯ୍ୟପୁର)

ଶ୍ରୀଅରବିନ୍ଦ ମେଦିନୀପୁରରୁ ଫେରିଆସିବା ପରେ ୧୯୦୭ ଡିସେମ୍ବର ୧୧ରେ ତାଙ୍କରି ନିର୍ଦ୍ଦେଶ ଓ ଉପସ୍ଥିତିରେ କଲିକତାରେ ଚରମପନ୍ଥୀଙ୍କର ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ସିଦ୍ଧାନ୍ତ ନିଆଗଲା ଯେ ସେମାନେ ପାରୁପର୍ଯ୍ୟନ୍ତ ବେଶୀ ସଂଖ୍ୟାରେ ସୁରତ କଂଗ୍ରେସରେ ଯୋଗ ଦେବେ । ୧୩ ଡିସେମ୍ବରରେ ଶ୍ରୀଅରବିନ୍ଦ 'ବନ୍ଦେ ମାତରମ୍' ପତ୍ରିକାରେ ସମଗ୍ର ଭାରତର ଜାତୀୟତାବାଦୀ (ଚରମପନ୍ଥୀ)ଙ୍କୁ ସୁରତ କଂଗ୍ରେସରେ ଯୋଗଦାନ ନିମିତ୍ତ ଆହ୍ୱାନପୂର୍ବକ ଲେଖିଲେ :

''... ବହୁଦୂର ସୁରତକୁ ଯିବାରେ ଆମମାନଙ୍କର ଉଲ୍ଲେଖଯୋଗ୍ୟ ଅସୁବିଧା ସମ୍ବନ୍ଧେ ଆମେମାନେ ବେଶ୍ ଅବଗତ ଅଛୁ, ... କିନ୍ତୁ ତଥାପି ଆମେ ନିଶ୍ଚିତ ରୂପେ ଯିବୁ । ...

''ଏବଂ ଏ ବିଷୟରେ ଆପଣମାନେ ଦୃଢ଼ନିଶ୍ଚିତ ରହିଥା'ନ୍ତୁ ଯେ ଏହି ବର୍ଷଟି ଆମମାନଙ୍କ ନିୟତିର ଏକ ସନ୍ଧିକ୍ଷଣ । ଏବଂ ଏକଥା ବି କଳ୍ପନାରେ ଆଣନ୍ତୁ ନାହିଁ ଯେ 'ସୁରତ କଂଗ୍ରେସ'ର ଅଧିବେଶନ ଅନ୍ୟାନ୍ୟ ବର୍ଷର ଅଧିବେଶନ ସଦୃଶ ହେବ । ଆମେମାନେ ନିର୍ଭୀକ ଭାବରେ ଓ ନିଶ୍ଚିତ ରୂପେ ଏଥିରେ ଉପସ୍ଥିତ ରହି ନିର୍ମିତ ହେବାକୁ ଯାଉଥିବା ଭାରତମାତାଙ୍କର ଭବିଷ୍ୟତର ନିବାସ, ତାଙ୍କ ମୁକ୍ତିର ନିବାସ, 'ସ୍ୱରାଜ' ନିବାସର ମୂଳକେନ୍ଦ୍ରରେ ଏକ ଭିତ୍ତିପ୍ରସ୍ତର ସ୍ଥାପନାର ଅପୂର୍ବ ସୁଯୋଗ ଲାଭ କରିବୁ । ଏଥିରେ ଅବହେଳା ଓ ନିରୁତ୍ସାହର ପ୍ରଶ୍ନ ଉଠୁ ନାହିଁ ।''



ତଦାନୀନ୍ତନ ଖଡ଼ଗପୁର ରେଳ ଷ୍ଟେସନ

୨୧ ଡିସେମ୍ବରରେ ହାଓଡ଼ା ଷ୍ଟେସନରୁ ଉଭୟ କଂଗ୍ରେସ ଦଳଭୁକ୍ତ ହୋଇ ସୁରତ ଅଭିମୁଖେ ଯାତ୍ରାରମ୍ଭ କଲେ । ... ସୁରତ କଂଗ୍ରେସରେ ଯୋଗ ଦେଉଥିବା ଯାତ୍ରୀମାନଙ୍କ ନିମିତ୍ତ ଚୁକ୍ତି କରି ଭଡ଼ାରେ ନିଆଯାଇଥିବା (chartered) ବମ୍ବେ ମେଲ ଖଡ଼ଗପୁର ଷ୍ଟେସନରେ ଆସି ପହଞ୍ଚିଲା । ... ମଝିରେ କୌଣସି ଏକ ଷ୍ଟେସନରୁ ଏକ ଅପୂର୍ବ ଘଟଣା ଘଟିବାକୁ ଆରମ୍ଭ କଲା । ପ୍ରତି ଷ୍ଟେସନରେ ଅସମ୍ଭବ ଭାବରେ ଲୋକାରଣ୍ୟ, 'ବନ୍ଦେ ମାତରମ୍' ଧ୍ୱନିରେ ଗଗନ ପବନ କମ୍ପି ଉଠୁଥିଲା । ଉଦ୍ଦେଶ୍ୟ – ସମ୍ପ୍ରତି ସେମାନଙ୍କର ଅତି ଆପଣାର ବରେଣ୍ୟ ନେତା ଶ୍ରୀଅରବିନ୍ଦଙ୍କୁ ପ୍ରଥମ କରି ଥରଟିଏ ଦର୍ଶନ କରିବେ । ତେଣୁ ସେମାନଙ୍କର ଏହି ବରେଣ୍ୟ ନେତା ନିଶ୍ଚିତ ରୂପେ ପ୍ରଥମ ଶ୍ରେଣୀ ଡବାରେ ଥିବେ; ନା, ପ୍ରଥମ ଶ୍ରେଣୀରେ ନାହାଁନ୍ତି, ତେବେ ଦ୍ୱିତୀୟ ଶ୍ରେଣୀରେ; ନା, ଏଥିରେ ବି ନାହାନ୍ତି; ... ଇତି ମଧ୍ୟରେ ଟ୍ରେନ୍ ଛାଡ଼ି ଦେଉଥିଲା । ... ଦର୍ଶନାର୍ଥୀମାନଙ୍କର ଆନ୍ତରିକ ଓ ଗଭୀର ହତାଶଭାବକୁ ମର୍ମେ ମର୍ମେ ଅନୁଭବ କରି ପ୍ରଥମ ଶ୍ରେଣୀରେ ଥିବା କଲିକତାର ନରମପନ୍ଥୀ ଦଳର କଂଗ୍ରେସ ସେକ୍ରେଟାରୀ ମି. ଘୋଷାଲ ଶ୍ରୀଅରବିନ୍ଦଙ୍କୁ ସବିନୟ ଅନୁରୋଧ କରି ତାଙ୍କର ପ୍ରଥମ ଶ୍ରେଣୀ ଡବାକୁ ନେଇ ଯାଇଥିଲେ । ...

୨୨ ଡିସେମ୍ବରରେ ନାଗପୁର ଷ୍ଟେସନରୁ ଚରମପନ୍ଥୀମାନେ ଶ୍ରୀଅରବିନ୍ଦଙ୍କୁ ସ୍ଥାନୀୟ ରଘୁବୀର ଥିଏଟରକୁ ପାଛୋଟି ନେଇଥିଲେ । ଶ୍ରୀଅରବିନ୍ଦ ସେଠାରେ ସମବେତ ଜନତାଙ୍କୁ ଏକ ସଂକ୍ଷିପ୍ତ ଭାଷଣ ଦେଇ ସନ୍ଧ୍ୟାବେଳକୁ ପୁଣି ସୁରତ ଅଭିମୁଖେ ଯାତ୍ରା କଲେ ।



ତଦାନୀନ୍ତନ ନାଗପୁର ରେଳ ଷ୍ଟେସନ



ତଦାନୀନ୍ତନ ସୁରତ ରେଳ ଷ୍ଟେସନ

ପରିଶେଷରେ ୨୪ ଡିସେମ୍ବରରେ ଟ୍ରେନ୍ ଆସି ସୁରତ ଷ୍ଟେସନରେ ଅଟକିଲା । ... ଷ୍ଟେସନ ପାଖରେ ନିର୍ମିତ କଂଗ୍ରେସ-କ୍ୟାମ୍ପରେ ନରମପନ୍ଥୀଙ୍କ ରହିବା ସକାଶେ ସାହେବୀ କାଏଦାରେ ସଜ୍ଜିତ ଧାଡ଼ି ପରେ ଧାଡ଼ି ଶିବିର ଏବଂ ନିକଟସ୍ଥ ବାଂଲୋରେ ଏମାନଙ୍କର ବରେଣ୍ୟ ଓ ବୟୋଜ୍ୟେଷ୍ଠ ନେତାଙ୍କ ରହିବା ସକାଶେ ସୁବନ୍ଦୋବସ୍ତ କରାଯାଇଥିଲା ।

ପକ୍ଷାନ୍ତରରେ ସୁରତ ନଗରୀର ମଧ୍ୟସ୍ଥଳରେ ଅବସ୍ଥିତ ହରିପୁରାର ଘାଞ୍ଚ୍ ୱାଡ଼ି ଏବଂ ମହିଧରପୁରାର ବଣିକ ୱାଡ଼ି (ମୋତିବାଗ)ରେ କେତେକ ଦେବ ମନ୍ଦିର ଓ ଘରଗୁଡ଼ିକୁ ଘେରି ଚରମପନ୍ଥୀମାନଙ୍କର ବିଶାଳ କ୍ୟାମ୍ପଟିଏ ଥିଲା । ଶ୍ରୀଅରବିନ୍ଦଙ୍କ ପାଇଁ ଗୋଟିଏ ମନ୍ଦିର ଓ ତିଳକଙ୍କ ପାଇଁ ଥିଲା ଅନ୍ୟ ଗୋଟିଏ ମନ୍ଦିର । ସେଠାରେ ତିଳକ ଓ ଶ୍ରୀଅରବିନ୍ଦ ଦୁହେଁ ବସି ନିଜ ଦଳର କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରୁଥିଲେ ।

ଏବେ ଶ୍ରୀଅରବିନ୍ଦଙ୍କ ବର୍ଣ୍ଣନାରୁ : ''... ସୁରତ ଯାତ୍ରା ସମୟରେ ସମସ୍ତେ ଏକ ସଙ୍ଗରେ ତୃତୀୟ ଶ୍ରେଣୀର ଯାତ୍ରୀ ହୋଇଥିଲୁ, କ୍ୟାମ୍ପରେ ନେତାମାନଙ୍କ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ନକରି ସମସ୍ତେ ଏକ ସଙ୍ଗରେ ଏକ ଭାବରେ ଗୋଟିଏ ଘରେ ଶୋଇଥିଲୁ । ଧନୀ-ଦରିଦ୍ର, ବ୍ରାହ୍ମଣ, ବୈଶ୍ୟ, ଶୂଦ୍ର, ବଙ୍ଗାଳୀ, ମରାଠୀ, ଗୁଜରାଟୀ ଆଦି ସମସ୍ତେ ଦିବ୍ୟ-ଭ୍ରାତୃତ୍ୱରେ ଏକ ସଙ୍ଗେ ରହିଥିଲୁ, ଖାଉଥିଲୁ । ମାଟି ଉପରେ ଶଯ୍ୟା, ଡାଲି-ଭାତ-ଦହିହିଁ ଆହାର । ସବୁ ବିଷୟରେ ସ୍ୱଦେଶୀ ପରାକାଷ୍ଠା ପ୍ରତିଫଳିତ ହେଉଥିଲା । କଲିକତା, ବମ୍ବେ ସହରର ବିଲାତ ଫେରନ୍ତା ଏବଂ ମାନ୍ଦ୍ରାଜର ତିଳକକଟା ବ୍ରାହ୍ମଣ ସନ୍ତାନ ଏକ ସଙ୍ଗରେ ସାଥୀ ହୋଇ ଯାଇଥିଲୁ ।''



ସୁରତ ନଗରୀର ମଧ୍ୟସ୍ଥଳରେ ଅବସ୍ଥିତ (ଖୁବ୍ ସମ୍ଭବତଃ) ଏହି ଇଲାକାରେ ଚରମପନ୍ଥୀଙ୍କ କ୍ୟାମ୍ପ୍ ଥିଲା ।



ସୁରତର ଫ୍ରେଞ୍ଚ୍ ଗାର୍ଡ଼େନ୍ ମଇଦାନରେ ଅନୁଷ୍ଠିତ କଂଗ୍ରେସର ଐତିହାସିକ ଅଧିବେଶନର ମୂକ ସାକ୍ଷୀ ରୂପେ ସମ୍ମୁଖରେ ଥିବା ଏହି ପୁରାତନ ସୌଧଟି ଦଣ୍ଡାୟମାନ

୨୩ତମ 'ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନ'ର ସଭାସ୍ଥଳଟି ସୁରତର ବିଶାଳ ଫ୍ରେଞ୍ଚ୍ ଗାର୍ଡ଼େନ୍ ମଇଦାନରେ ଥିଲା । ଏହି ମଇଦାନରେ ୨୧୦ x ୨୧୦ ଫୁଟ ଏକ ବୃହତ୍ ପଟ୍ଟମଣ୍ଡପ ନିର୍ମାଣ କରାଯାଇଥିଲା । ଏହି ସଭାମଣ୍ଡପରେ ୧୯୦୭ର ଡିସେମ୍ବର ୨୬, ୨୭ ଓ ୨୮ ତାରିଖରେ ଅଧିବେଶନ ହେବାର ଥିଲା ।...

ଡିସେମ୍ବର ୧୯୦୭ର ମଧ୍ୟଭାଗରେ ଗୋଖଲେଙ୍କୁ ସୁରେନ୍ଦ୍ରନାଥ ଲେଖିଥିଲେ, 'ମୋର ଆଶଙ୍କା ହେଉଛି ସୁରତରେ ହେବାକୁ ଯାଉଥିବା ଅଧିବେଶନରେ ତିଳକ ତଥା ତାଙ୍କ ଦଳ ସଭାପତି-ନିର୍ବାଚନ ବ୍ୟାପାରରେ ହାଙ୍ଗାମା କରିପାରନ୍ତି ।'...



ହରିପୁରାର ଘାଞ୍ଚ୍ ୱାଡ଼ିରେ ଅନୁଷ୍ଠିତ ସଭାସ୍ଥଳର ଏକ ପାର୍ଶ୍ୱ ଦୃଶ୍ୟ


ଡିସେମ୍ବର ୨୪ ତାରିଖରେ ସୁରତର ହରିପୁରାର ଘାଞ୍ଚ୍ ୱାଡ଼ିରେ ଆୟୋଜିତ ୫୦୦ରୁ ଊର୍ଦ୍ଧ୍ୱ ଚରମପନ୍ଥୀ ପ୍ରତିନିଧିଗଣଙ୍କ ସମାବେଶରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା । ଏଥିରେ ଶ୍ରୀଅରବିନ୍ଦ ଥିଲେ ସଭାପତି । ଏହି ସଭାରେ ତିଳକ ଏକ ନାତିଦୀର୍ଘ ଭାଷଣ ଦେଇଥିଲେ ଏବଂ ଡିସେମ୍ବର ୨୫ରେ ଆୟୋଜିତ ସଭାରେ ତିଳକ ଥିଲେ ସଭାପତି ଏବଂ ଶ୍ରୀଅରବିନ୍ଦଙ୍କର ଏକ ସଂକ୍ଷିପ୍ତ ଭାଷଣ ଥିଲା । — ଏହି ଦୁଇ ଆଲୋଚନା ସଭାରେ ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ନିଆଗଲା ଯେ ଯଦି ଏହି ଅଧିବେଶନରେ ସ୍ୱରାଜ, ସ୍ୱଦେଶୀ, ବୟକଟ୍ ଓ ଜାତୀୟ ଶିକ୍ଷା ସପକ୍ଷରେ ଯଥାର୍ଥ ଆଲୋଚନା କରାହେବ ତେବେ ଆମେ ସଭାପତି ନିର୍ବାଚନରେ କୌଣସି ହାଙ୍ଗାମା ସୃଷ୍ଟି କରିବୁ ନାହିଁ । ...



୨୪ ଡିସେମ୍ବରରେ ଅନୁଷ୍ଠିତ ଚରମପନ୍ଥୀଙ୍କର ଆଲୋଚନା ସଭାର ଏକ ଦୃଶ୍ୟ

ଏଥି ନିମିତ୍ତ ତିଳକ, ଶ୍ରୀଅରବିନ୍ଦ ଓ ଖପାର୍ଦେଙ୍କୁ ନେଇ ଏକ 'ଚୁକ୍ତିପୂର୍ବ-ଆଲୋଚନା କମିଟି' ଗଠନ କରାଗଲା । ଏମାନେ ସୁରେନ୍ଦ୍ର ନାଥ ପ୍ରଭୃତି ନରମପନ୍ଥୀ ନେତା ତଥା ଚେୟାରମ୍ୟାନ୍‌ଙ୍କ ସହିତ ଆଲୋଚନା କରିବେ । କହିବା ବାହୁଲ୍ୟ ଏହି କମିଟି ବାର ବାର ଉପରୋକ୍ତ ବ୍ୟକ୍ତିଙ୍କ ସହିତ ସାକ୍ଷାତ୍ କରିବାକୁ ଯାଇ କେବଳ ବିଫଳ ମନୋରଥ ହୋଇ ନଥିଲେ, ଉପରନ୍ତୁ ହେୟଜ୍ଞାନର ପାତ୍ର ବି ହୋଇ ଉଠିଥିଲେ । ...

ଡିସେମ୍ବର ୨୬ ତାରିଖ; ଅପରାହ୍ଣ ୨ଟା ବେଳେ ଦଶ ହଜାରରୁ ଊର୍ଦ୍ଧ୍ୱ ଜନସମାବେଶରେ ଅଧିବେଶନର ଶୁଭାରମ୍ଭ ହେଲା । ଏଥିରେ ନରମପନ୍ଥୀଙ୍କ ପ୍ରତିନିଧିଗଣ ୧୩୦୦ ଥିବାବେଳେ ଚରମପନ୍ଥୀଙ୍କର ଥିଲେ ୧୧୦୦ରୁ କିଛି ଅଧିକ । ଚିରାଗତ ଭାବରେ ଅଧିବେଶନର ଶୁଭାରମ୍ଭ ପରେ ସ୍ୱଭାବତଃ ସଭାପତିଙ୍କ ଆସନରେ ରାସବିହାରୀଙ୍କ ନାମ ମନୋନୟନ ମୁହୂର୍ତ୍ତରେ ସଭାସ୍ଥଳରେ ଉପସ୍ଥିତ ପ୍ରତିନିଧିଗଣଙ୍କର ଅନୁଚ୍ଚ ସ୍ୱରରେ ପ୍ରତିକ୍ରିୟା ଆରମ୍ଭ ହେଲା । କିନ୍ତୁ ତାଙ୍କୁ ଅନୁମୋଦନ କରିବା ନିମିତ୍ତ ସୁରେନ୍ଦ୍ର ନାଥ ଉଠିବା ମାତ୍ରେ ଆରମ୍ଭ ହେଲା ପ୍ରବଳ ହଟ୍ଟଗୋଳ, ପରିବେଶ କ୍ରମେ ଅନାୟତ୍ତ ହେବାରୁ ଚେୟାରମ୍ୟାନ୍ ମହୋଦୟ 'ସଭା ସ୍ଥଗିତ ରହିଲା' ବୋଲି ଘୋଷଣା କଲେ ।



ଫ୍ରେଞ୍ଚ ଗାର୍ଡେନ୍ ମଇଦାନରେ ନିର୍ମିତ ପଟ୍ଟମଣ୍ଡପ ଭିତରକୁ ପ୍ରବେଶ କରିବାର ମୁଖ୍ୟ ଦ୍ୱାର

ଡିସେମ୍ବର ୨୭ ତାରିଖ; ପୂର୍ବାହ୍ଣ ୧୦ଟାରେ ଅଧିବେଶନ ଆରମ୍ଭ ହେବା ମୁହୂର୍ତ୍ତରେ ତିଳକ ମଞ୍ଚ ଉପରକୁ ଉଠି 'ସଭାପତି ନିର୍ବାଚନରେ ମୋର କିଛି କହିବାର ଅଛି' ବୋଲି ଦାବି କଲେ । ... ହଟ୍ଟଗୋଳ ଭିତରେ ଯେତେବେଳେ ରାସବିହାରୀ ସମ୍ମୁଖକୁ ଆସି ଉତ୍ତେଜିତ କଣ୍ଠରେ ତିଳକଙ୍କୁ 'ନିୟମ ବହିର୍ଭୂତ' ବୋଲି ଘୋଷଣା କଲେ ଏବଂ ତିଳକଙ୍କୁ ଅପମାନିତ କରି କିଛି କହିଲେ, ଠିକ୍ ସେହି ମୁହୂର୍ତ୍ତରେ ତୀବ୍ର କୋଳାହଳରେ ସଭାସ୍ଥଳ ଉଚ୍ଛୁଳି ପଡ଼ିଲା ଏବଂ ଶ୍ରୀଅରବିନ୍ଦଙ୍କର ଗୋପନ ଇଙ୍ଗିତରେ କଳ୍ପନାତୀତ ଭାବରେ 'ଦକ୍ଷ ଯଜ୍ଞ' ସୃଷ୍ଟି ହେଲା । ... 'ଭାରତୀୟ ଜାତୀୟ କଂଗ୍ରେସ'ର ପୁରାତନ 'ଇମାରତ୍' ଧ୍ୱଂସ ହୋଇଗଲା ।

ଡିସେମ୍ବର ୨୮ ତାରିଖ । ନରମପନ୍ଥୀ ନେତାଗଣ ଏକ ସଭାର ଆୟୋଜନ ସକାଶେ ନୋଟିସ ଦେଲେ ଏବଂ ଏହି ସଭାର ଉଦ୍ଦେଶ୍ୟ ଥିଲା – କଂଗ୍ରେସ ସମ୍ବିଧାନରେ ନରମପନ୍ଥୀମାନେ ପ୍ରବର୍ତ୍ତନ କରିବାକୁ ଚାହୁଁଥିବା ପରିବର୍ତ୍ତନରେ ସ୍ୱୀକୃତି ପ୍ରଦାନକାରୀ ପ୍ରତିନିଧିଗଣଙ୍କର ସଭା । ... ଶ୍ରୀଅରବିନ୍ଦଙ୍କ ତୀବ୍ର ଆପତ୍ତିରେ ତିଳକ ପ୍ରଭୃତି ବରେଣ୍ୟ ନେତାଗଣ ଉପରୋକ୍ତ ସଭାରେ ଯୋଗ ଦେଇ ନଥିଲେ । ଅପରିବର୍ତ୍ତନୀୟ ଭାବେ କଂଗ୍ରେସର ସ୍ଥାୟୀ ବିଭାଜନ ଘଟିଲା ।


ଏହି ୨୮ ତାରିଖର ସନ୍ଧ୍ୟାରେ ଚରମପନ୍ଥୀମାନେ ସ୍ୱତନ୍ତ୍ର ଭାବରେ ଏକ ପ୍ରଶସ୍ତ ପ୍ରାଙ୍ଗଣରେ (ଖୁବ୍ ସମ୍ଭବତଃ ହରିପୁରାରେ) ସଭା କାର୍ଯ୍ୟ ଆରମ୍ଭ କଲେ । ନେଭିନ୍ସନ୍‌ଙ୍କ ବିବରଣୀରୁ ଉଦ୍ଧୃତି :

''ସେମାନେ ନୀରବରେ ଦଳ ଦଳ ହୋଇ ଆସି ଏକତ୍ରିତ ହେଲେ । ଗମ୍ଭୀର ଏବଂ ନୀରବ – ମୋର ମନେହୁଏ ଗୋଟିଏ ଶବ୍ଦ ଉଚ୍ଚାରଣ ବିନା – ମିଷ୍ଟର ଘୋଷ (ଶ୍ରୀଅରବିନ୍ଦ) ସଭାପତିର ଆସନ ଗ୍ରହଣ କଲେ ଏବଂ ନିଶ୍ଚଳ ଭାବରେ ବସି ରହିଲେ, ଦୃଷ୍ଟି ତାଙ୍କର ଦୂର ଦିଗନ୍ତରେ ଯେମିତି ଭବିଷ୍ୟତ୍ ଉପରେ ନିବଦ୍ଧ ! ତିଳକ ସ୍ପଷ୍ଟ ଓ ଛୋଟ ଛୋଟ ବାକ୍ୟରେ, ବିନା ବାଗ୍ମିତା ଓ ବିନା ଭାବାବେଗରେ କହି ଚାଲିଥା'ନ୍ତି । ଆକାଶରେ ନକ୍ଷତ୍ରଗଣ ଦେଖା ଦେଲେ; କେହି ଜଣେ ତାଙ୍କ ପାର୍ଶ୍ୱରେ ଲଣ୍ଠନଟିଏ ଆଣି ଥୋଇ ଦେଲେ ।''



ସମ୍ମୁଖରେ ବସିଛନ୍ତି (ବାମରୁ ଡାହାଣ : ଗଣେଶ ଶ୍ରୀକୃଷ୍ଣ ଖପାର୍ଦେ, ଅଶ୍ୱିନୀ କୁମାର ଦତ୍ତ; ମଧ୍ୟସ୍ଥଳରେ ବସିଛନ୍ତି : ସର୍ଦାର ଅଜିତ ସିଂ, ଶ୍ରୀଅରବିନ୍ଦ, ତିଳକ, ସୟଦ ହାଇଦର ରେଜା; ଦଣ୍ଡାୟମାନ ହୋଇଛନ୍ତି : ଡଃ. ମୁଞ୍ଜେ, ରାମସ୍ୱାମୀ, କେ. କୋଭାରଜି ଦେଶାଇ

୨୯ ଡିସେମ୍ବରେ । ଶ୍ରୀଅରବିନ୍ଦଙ୍କ ପ୍ରସ୍ତାବ ଅନୁଯାୟୀ ନରମପନ୍ଥୀଙ୍କ ପ୍ରତିଦ୍ୱନ୍ଦ୍ୱୀ ସ୍ୱରୂପ ଏକ ପୃଥକ୍ ଚରମପନ୍ଥୀ ସଙ୍ଗଠନ ନିମିତ୍ତ ଆଲୋଚନା ସଭା ଅନୁଷ୍ଠିତ ହେଲା । ୧୯୦୭ର ଅନ୍ତିମ ଦିବସରେ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ନବଯୁଗର ଅୟମାରମ୍ଭ ହେଲା ।



ବିଷ୍ଣୁ ଭାସ୍କର ଲେଲେ
(୧୮୭୬ - ୧୯୩୮) :
ଅମରାବତୀର ଏକ ଶ୍ମଶାନଘାଟରେ ବାସ କରୁଥିବା ଜଣେ ସନ୍ନ୍ୟାସୀଙ୍କ ଠାରୁ 'ଚିତ୍ତବୃତ୍ତିନିରୋଧ'ର ସାଧନାରେ ସିଦ୍ଧି ଲାଭ କରିଥିଲେ । 'ମାଉଣ୍ଟ୍ ଆବୁ'ର ଗିର୍‌ନାର୍ ପାହାଡ଼ରେ ସେ ସାଧନାରତ ଥିବାବସ୍ଥାରେ ଦତ୍ତାତ୍ରେୟ (ମୁନି) ତାଙ୍କୁ ଦର୍ଶନ ଦେଇଥିଲେ ।

'ସୁରତ କଂଗ୍ରେସ'ର ସମାବେଶ ପୂର୍ବରୁ ବାରୀନ୍ ୧୯୦୭ ସେପ୍‌ଟେମ୍ବରରେ ଲେଲେଙ୍କ ସଂସ୍ପର୍ଶରେ ଆସି ବେଶ୍ ପ୍ରଭାବିତ ହୋଇଥିଲେ ଏବଂ ଏ ସମ୍ବନ୍ଧେ ସେ ଶ୍ରୀଅରବିନ୍ଦଙ୍କୁ ଜଣାଇଥିଲେ । ଶ୍ରୀଅରବିନ୍ଦ ସେତେବେଳେ ବାରୀନ୍‌ଙ୍କୁ କହିଥିଲେ, ସୁବିଧା ହେଲେ ତାଙ୍କୁ ଲେଲେଙ୍କ ସହିତ ସାକ୍ଷାତ୍ କରାଇ ଦେବେ । ... ଏବେ ୧୯୦୭ର ଅନ୍ତିମ ଦିବସରେ ଶ୍ରୀଅରବିନ୍ଦ ବାରୀନ୍‌ଙ୍କୁ ପଚାରିଥିଲେ – ଯଦି ସେ ଏମିତି କୌଣସି ଯୋଗୀଙ୍କୁ ଜାଣିଥା'ନ୍ତି ଯିଏକି ତାଙ୍କୁ ଅଧିକ ସୁବ୍ୟବସ୍ଥିତ ଭାବରେ ଯୋଗ-ସାଧନାରେ ପ୍ରବୃତ୍ତ କରିବାରେ ସାହାଯ୍ୟ କରିପାରିବେ । ... ତତ୍‌କ୍ଷଣାତ୍ ବାରୀନ୍‌ଙ୍କର ସ୍ମରଣରେ ଆସିଲା ଲେଲେଙ୍କ କଥା । ତେଣୁ ସେ ତୁରନ୍ତ ଖବର ନେଲେ ଯେ ଲେଲେ ସଂପ୍ରତି ଗୋୟାଲିଅର୍‌ରେ ଅଛନ୍ତି । ସେ କାଳବିଳମ୍ବ ନକରି ଲେଲେଙ୍କୁ ତାରବାର୍ତ୍ତାରେ ଏହି ମର୍ମରେ ଉଲ୍ଲେଖ କଲେ ଯେ ଶ୍ରୀଅରବିନ୍ଦ ତାଙ୍କର ଦର୍ଶନାଭିଳାଷୀ । ସେ ବରୋଦାକୁ ଆସି ପାରିଲେ ସାକ୍ଷାତ୍ ହେବ । ତାରବାର୍ତ୍ତାଟି ହାତରେ ପାଇବା ମାତ୍ରେ ଲେଲେ ନିଜ ସଂବୋଧିରୁ ଜାଣିପାରିଲେ ଯେ ତାଙ୍କୁ ଜଣେ ଉଚ୍ଚକୋଟୀର ମହାନ୍ ଆତ୍ମାଙ୍କୁ ଯୋଗମାର୍ଗରେ ସାହାଯ୍ୟ କରିବାକୁ ହେବ । ... ଲେଲେ ବରୋଦା ଅଭିମୁଖେ ଯାତ୍ରାରମ୍ଭ କଲେ ।



ବରୋଦାର ସଦର ରାସ୍ତା ଉପରେ ଥିବା ବରୋଦା କଲେଜ

୩୧ ଡିସେମ୍ବରରେ ତିଳକ ଓ ନିଜ ଦଳର ପ୍ରତିନିଧିଗଣଙ୍କ ସହିତ ଶ୍ରୀଅରବିନ୍ଦ ଏକ ରିଜର୍ଭ ଟ୍ରେନ୍‌ରେ ବରୋଦା ଅଭିମୁଖେ ଯାତ୍ରାରମ୍ଭ କଲେ । ନେଭିନ୍‌ସନ୍‌ଙ୍କ ବିବରଣୀ ଏହି ପ୍ରକାରର ଥିଲା – ପ୍ରତ୍ୟେକଟି ଷ୍ଟେସନରେ ଜନସମାବେଶରୁ ତିଳକ ଓ ଶ୍ରୀଅରବିନ୍ଦଙ୍କୁ ନବଯୁଗର ବାର୍ତ୍ତାବହ ରୂପେ ବିପୁଳ ସମ୍ବର୍ଦ୍ଧନା ମିଳୁଥିଲା । ... ଶ୍ରୀଅରବିନ୍ଦଙ୍କ ପଦସ୍ପର୍ଶ କରୁଥିବା ପ୍ରତିଟି ସ୍ଥାନରେ ତାଙ୍କୁ ଯେପରି ସମାଦର ଓ ଅଭ୍ୟର୍ଥନା ମିଳୁଥିଲା – ଏହା କଂଗ୍ରେସ ଇତିହାସରେ କୌଣସି ନେତା ପାଇଥିଲେ ବୋଲି ମନେ ହୁଏ ନାହିଁ । ...



ଦାଣ୍ଡିଆ ବଜାରସ୍ଥ ଖାସେରାଓଙ୍କର ବାସଭବନ

ପହିଲା ଜାନୁଆରୀରେ ଟ୍ରେନ୍ ବରୋଦା ଷ୍ଟେସନରେ ପହଞ୍ଚିଲା । ଶ୍ରୀଅରବିନ୍ଦଙ୍କ ଘୋଡ଼ାଗାଡ଼ି ଷ୍ଟେସନରୁ ସଦର ରାସ୍ତା ଦେଇ ବରୋଦା କଲେଜର ଗେଟ୍ ଅବଧି ଆସିବା ମାତ୍ରେ କଲେଜ ଭିତରୁ ସମସ୍ତ ଛାତ୍ର ପ୍ରିନ୍‌ସିପାଲଙ୍କର କଡ଼ା ଆଦେଶ ଅମାନ୍ୟ କରି ଏକ ସଙ୍ଗେ ଉଚ୍ଚ ସ୍ୱରରେ 'ବନ୍ଦେ ମାତରମ୍' ଧ୍ୱନି ଦେଇ ଘୋଡ଼ାଗାଡ଼ି ନିକଟକୁ ଛୁଟି ଆସିଲେ ଏବଂ ଗାଡ଼ିରୁ ଘୋଡ଼ାକୁ ଖୋଲି ନିଜେ ଗାଡ଼ିଟିକୁ ସଦର ରାସ୍ତାରେ ଟାଣି ଟାଣି ଦାଣ୍ଡିଆ ବଜାରସ୍ଥ ଖାସେରାଓଙ୍କ ବାସଭବନରେ ପହଞ୍ଚିଲେ । ସମଗ୍ର ରାସ୍ତା 'ବନ୍ଦେ ମାତରମ୍' ଧ୍ୱନିରେ ପ୍ରକମ୍ପିତ ହୋଇ ଉଠୁଥିଲା ।

୧୯୦୮ ଜାନୁଆରୀ ପହିଲାରେ ବରୋଦାର ବାଁକାନୀର୍ ଥିଏଟରରେ ଆୟୋଜିତ ଏକ ସାଧାରଣ ସଭାରେ ଶ୍ରୀଅରବିନ୍ଦ ତାଙ୍କ ଭାଷଣରେ ଏହି ମର୍ମରେ କହିଥିଲେ ଯେ ଜଣେ ସ୍ୱଦେଶପ୍ରେମୀ ହେଉଛନ୍ତି ଯଥାର୍ଥରେ ଭଗବତ୍ ଭକ୍ତ; ଯିଏକି ନିଜର ଆଦର୍ଶ (ଲକ୍ଷ୍ୟ) ସହିତ ସମ୍ପୂର୍ଣ୍ଣ ଏକାତ୍ମ ହୋଇଉଠିବା ସକାଶେ ଭଗବାନଙ୍କ ଠାରେ ତୀବ୍ର ଆସ୍ପୃହା ରଖିଥା'ନ୍ତି ।

ଜାନୁଆରୀ ୨ ତାରିଖରେ ଶ୍ରୀଅରବିନ୍ଦ ସେହି ସମାନ ସ୍ଥାନରେ ତିନି, ଚାରି ହଜାର ଶ୍ରୋତାଙ୍କ ସମାବେଶରେ ସୁରତ କଂଗ୍ରେସରେ ଘଟିଥିବା ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଦେଇଥିଲେ ।

ତୃତୀୟ ସଭା (ଖୁବ୍ ସମ୍ଭବତଃ ୩ ଜାନୁଆରୀରେ) ଆୟୋଜିତ ହୋଇଥିଲା ମାଣିକ ରାଓଙ୍କର ବ୍ୟାୟାମଶାଳାରେ । ଛାତ୍ରମାନଙ୍କ ଦ୍ୱାରା ଭରପୂର ବ୍ୟାୟାମଶାଳାଟିର ପ୍ରାଙ୍ଗଣରେ ଶ୍ରୀଅରବିନ୍ଦ ତଦାନୀନ୍ତନ ପରିସ୍ଥିତିରେ ଛାତ୍ରମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧେ ଆଲୋକପାତ କରିଥିଲେ ।


ମାଣିକ ରାଓ ବ୍ୟାୟାମଶାଳାରେ ଶ୍ରୀଅରବିନ୍ଦ

ଏହିଠାରେ ଶ୍ରୀଅରବିନ୍ଦଙ୍କ ପୁରାତନ ବରୋଦା ଛାତ୍ର ସରଦାର ମଜୁମ୍ଦାର ତାଙ୍କୁ ଏକ ପଶ୍ମିନା ଶାଲ ଉପହାର ଦେଇଥିଲେ । ସେତେବେଳେ ବରୋଦାରେ ପ୍ରଚଣ୍ଡ ଶୀତ । ଶ୍ରୀଅରବିନ୍ଦଙ୍କର ପୋଷାକ ଥିଲା କେବଳ ଧୋତି ଓ ପଞ୍ଜାବି । ରେଳଯାତ୍ରାରେ ସେ ବିଛଣାପତ୍ର ନେଉ ନଥିଲେ ! ତୃତୀୟ ଶ୍ରେଣୀର ବସିବା ବେଞ୍ଚରେ ସେ ଶୋଉଥିଲେ ।

ଏହାର ଠିକ୍ ପରେ ପରେ, ୧୯୦୮ ଜାନୁଆରୀର ପ୍ରଥମ ସପ୍ତାହର କୌଣସି ଏକ ଦିନ, ସକାଳ ଆଠଟା କି ନ'ଟା ସମୟରେ ଶ୍ରୀଅରବିନ୍ଦ ଖାସେରାଓଙ୍କ ବାସଭବନରେ ପ୍ରଥମ କରି ଲେଲେଙ୍କୁ ଭେଟିଥିଲେ ।


ସର୍ଦାର ଦତ୍ତାତ୍ରେୟ ଚିନ୍ତାମଣି ମଜୁମ୍ଦାର ଥିଲେ ବରୋଦା କଲେଜରେ ଶ୍ରୀଅରବିନ୍ଦଙ୍କ ଛାତ୍ର । ପଢ଼ା ଶେଷ କରି ସେ ମହାରାଜାଙ୍କର ଷ୍ଟେଟ୍ ସର୍ଭିସରେ ନିଯୁକ୍ତ ଥିଲେ ଏବଂ ପରବର୍ତ୍ତୀ କାଳରେ ବରୋଦା ରାଜ୍ୟର ଆକାଉଣ୍ଟାଣ୍ଟ୍ ଜେନେରାଲ ଥିଲେ ।



ଖାସେରାଓଙ୍କ ବାସଭବନ ଠାରୁ ପ୍ରାୟ ଗୋଟିଏ ଫର୍ଲଙ୍ଗ୍ ଦୂରରେ ଥିବା ରାଓପୁରା ଇଲାକାରେ ଅବସ୍ଥିତ ସର୍ଦାର ମଜୁମ୍‌ଦାରଙ୍କର ବାସଭବନ

ଖାସେରାଓଙ୍କର ବାସଭବନରେ ଶ୍ରୀଅରବିନ୍ଦ ଓ ଲେଲେଙ୍କ ମଧ୍ୟରେ ଏକାନ୍ତରେ ଅଧଘଣ୍ଟାଏ ଧରି ଆଳାପ ହେଲା । ... ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ତାଙ୍କ (ଲେଲେଙ୍କ) ପଶ୍ଚାତରେ ଶାନ୍ତି ବିଦ୍ୟମାନ ଥିବାର ଦେଖି ମୁଁ ତାଙ୍କ ନିକଟରୁ ସହାୟତା ଗ୍ରହଣ କରିବାର ମନସ୍ଥ କରି ସମ୍ପୂର୍ଣ୍ଣରୂପେ ନିଜକୁ ତାଙ୍କରି ହସ୍ତରେ ଅର୍ପଣ କଲି ଏବଂ ଏକ ସ୍ୱୟଂଚାଳିତ ଯନ୍ତ୍ର ପରି ତାଙ୍କରି ନିର୍ଦ୍ଦେଶକୁ ଅନୁସରଣ କଲି । ''

ଶ୍ରୀଅରବିନ୍ଦ ଲେଲେଙ୍କୁ ତାଙ୍କର ପ୍ରଥମ କଥୋପକଥନରେ କହିଥିଲେ ମୁକ୍ତି ନିମିତ୍ତ ସେ ଆଗ୍ରହୀ ନୁହନ୍ତି, କିନ୍ତୁ ସେ ତାଙ୍କର କର୍ମ ସମ୍ପାଦନାର୍ଥେ ଆଧ୍ୟାତ୍ମିକ ଶକ୍ତି ଲାଭ ନିମିତ୍ତ ଯୋଗ-ସାଧନା କରିବାକୁ ଚାହାନ୍ତି । ଲେଲେ ଶ୍ରୀଅରବିନ୍ଦଙ୍କୁ କହିଥିଲେ, ସେ ଜଣେ କବି ହୋଇଥିବାରୁ ତାଙ୍କ ପକ୍ଷରେ ଏହା କଷ୍ଟକର ନୁହେଁ । ...

ଲେଲେଙ୍କର ଶ୍ରୀଅରବିନ୍ଦଙ୍କ ପ୍ରତି ପ୍ରଥମ ନିର୍ଦ୍ଦେଶ ଥିଲା : ''ମୁଁ ଆପଣଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ, କିନ୍ତୁ ଅନ୍ତତଃ କିଛି ଦିନ ସକାଶେ ଆପଣଙ୍କର ସମସ୍ତ ରାଜନୈତିକ କ୍ରିୟାକଳାପକୁ ବନ୍ଦ ରଖିବାକୁ ହେବ, ନିଜକୁ ସମ୍ପୂର୍ଣ୍ଣରୂପେ ଯୋଗ ନିମିତ୍ତ ଉତ୍ସର୍ଗ କରିବାକୁ ହେବ ଏବଂ ମୋ ସହିତ ଏକାନ୍ତରେ ରହିବାକୁ ହେବ ।'' ଶ୍ରୀଅରବିନ୍ଦ ଏଥିରେ ପୂର୍ଣ୍ଣ ସମ୍ମତି ଦେଲେ ।

ବାରୀନ୍‌ଙ୍କର ସ୍ମୃତିକଥାରୁ : ସର୍ଦାର ମଜୁମ୍‌ଦାରଙ୍କ ଓ୍ୱାଡ଼ାରେ ଲେଲେଙ୍କ ସ୍ତ୍ରୀ ରନ୍ଧାରନ୍ଧି କରୁଥିଲେ । ଲେଲେ, ଶ୍ରୀଅରବିନ୍ଦ ଏବଂ ବାରୀନ୍ ଏକ ସଙ୍ଗେ ଭୋଜନ କରୁଥିଲେ । ... ଏହି ବାସଭବନର ଏକେବାରେ ଉପର ମହଲାର ଏକ ଛୋଟ ଘରେ ଲେଲେ ଏବଂ ଶ୍ରୀଅରବିନ୍ଦ (ଚଟାଣରେ, ଗାଲିଚା ଉପରେ) ଦିବାରାତ୍ର ମୁହାଁମୁହିଁ ହୋଇ ଧ୍ୟାନରେ ବସୁଥିଲେ । ... ଶ୍ରୀଅରବିନ୍ଦ ସ୍ୱଭାବ-ଯୋଗୀ ଓ ଧୀର ପ୍ରକୃତିର; ଅଳ୍ପ କେତୋଟି ଦିନରେ ଲେଲେଙ୍କର ସମସ୍ତ ସାଧନା ତାଙ୍କ ଭିତରେ ସଞ୍ଚାରିତ ହୋଇଗଲା ।

ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''... (ଲେଲେଙ୍କ ସହିତ ଧ୍ୟାନ-ଧାରଣାର) ଏହାର ଶେଷ ପରିଣାମ ଏପରି ହେଲା ଯେ ସେ ତାଙ୍କ ଅନ୍ତରର 'ବାଣୀ' ମଧ୍ୟରୁ ଏକ ନିର୍ଦ୍ଦେଶ ପାଇ ମୋତେ ମୋର ଅନ୍ତରସ୍ଥ ଭଗବାନଙ୍କ ହସ୍ତରେ ଅର୍ପଣ କଲେ ଏବଂ ତାଙ୍କରି ଇଚ୍ଛା ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିବା ପାଇଁ ଆଦେଶ ଦେଲେ; ଏହା ଥିଲା ଏକ ସିଦ୍ଧାନ୍ତ ବରଂ ଏକ ବୀଜ-ଶକ୍ତି ଯାହାକୁ ମୁଁ ଅଟଳ ଭାବରେ ଅଧିକରୁ ଅଧିକ ଧରି ରଖିଥିଲି; ଏହା ମୋତେ ... ଏକ ଅପରିମେୟ ଯୌଗିକ ବିକାଶ ମଧ୍ୟଦେଇ ସେଠାକୁ ନେଇ ଆସିଥିଲା ଯେଉଁଠି ମୁଁ ବର୍ତ୍ତମାନ ଅଛି ଓ ଯାହା ହୋଇଛି ଏବଂ ଭବିଷ୍ୟତରେ ଯାହା ହେବି ।...''

(ମେ, ୧୯୩୨)

ଶ୍ରୀଅରବିନ୍ଦଙ୍କର ପ୍ରଥମ ସଂସ୍ପର୍ଶରେ ଆସି ଲେଲେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧେ କହିଥିଲେ, ଇତିପୂର୍ବରୁ ସେ ଏଭଳି ବ୍ୟକ୍ତିଙ୍କୁ ଭେଟି ନଥିଲେ ଯିଏକି ନିଜର ମାର୍ଗ-ପ୍ରଦର୍ଶକଙ୍କର ଚାଳନା ନିକଟରେ ସମ୍ପୂର୍ଣ୍ଣ ଭାବରେ, ନିଃଶେଷରେ, ବିନା ପ୍ରଶ୍ନରେ ନିଜକୁ ସମର୍ପଣ କରିଦେଇ ପାରିଥିଲେ । ...



ମଜୁମ୍‌ଦାରଙ୍କ ତିନିମହଲା ବିଶିଷ୍ଟ ବାସଭବନର ଏକେବାରେ ଉପରେ ଥିବା ଛୋଟ କକ୍ଷ

1961

This wonderful world of delight
waiting at our gates for our call,
to come down upon earth...

1961

This wonderful world of delight waiting at our gates for our call, to come down upon earth...

The Mother

୧୯୬୧

ଆନନ୍ଦ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏହି ଚମତ୍କାର ପୃଥିବୀଟି ଧରାପୃଷ୍ଠକୁ ଓହ୍ଲାଇ ଆସିବ ବୋଲି ଆମର ଦ୍ୱାରଦେଶରେ ଆମରି ଆବାହନକୁ ଅପେକ୍ଷା କରି ରହିଛି ...

ଶ୍ରୀମା




Vol. LXVI, No. 4, NAVAJYOTI – 24 November, 2023, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One and Two) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପୂର୍ବାର୍ଦ୍ଧ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୪୫୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : ଟ. ୫୦୦/- ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**